ନାରୀ ଜନ୍ମ

ଡକ୍ଟର ପ୍ରତିଭା ଶତପଥୀ

ମନୋରମା ପବ୍ଲିଶର୍ସ

Digitized by PPRACHIN, SOA

ନାରୀଜନ୍ମ

ଲେଖିକା
ଡକ୍ଟର ପ୍ରତିଭା ଶତପଥୀ

ପ୍ରକାଶକ :
ମନୋରମା ପବ୍ଲିଶର୍ସ

Digitized by PPRACHIN, SOA

ନାରୀଜନ୍ମ

ପ୍ରକାଶକ :
ମନୋରମା ପବ୍ଲିଶର୍ସ
ଅନନ୍ତ ଭବନ, ଗଣେଶଘାଟ ରୋଡ୍
ବାଲୁବଜାର, କଟକ-୭୫୩ ୦୦୨
ଫୋନ୍ : ୦୬୭୧-୨୩୬୮୭୭୦

ପ୍ରଥମ ସଂସ୍କରଣ :
ଜନ୍ମାଷ୍ଟମୀ, ୨୦୧୫

ମୁଦ୍ରାକର :
ଗ୍ରାଫିକ୍ସ ସୁପ୍ରିୟା ଓ ସଙ୍ଗୀତା ପ୍ରିଣ୍ଟର୍ସ, କଟକ

ପ୍ରଚ୍ଛଦପଟ୍ଟ :
ଶ୍ରୀ ଶଶିକାନ୍ତ ରାଉତ

ମୂଲ୍ୟ : ₹ ୧୦୦.୦୦ ମାତ୍ର

NĀRIJANMA

By :
Dr. Prativa Satapathy
Publisher :
Manorama Publishers
Ananta Bhawan, Ganeshghat Road
Balubazar, Cuttack-753 002
Ph. : 0671-2368770
First Edition, September, 2015
Printers :
Graphics Supriya & Sangeeta Printers, Cuttack
Cover designed by :
Sri Sashikant Rout
Price : ₹ 100.00 only

Digitized by PPRACHIN, SOA

ନାରୀ ଭିତରେ ଈଶ୍ୱର...

"ନାରୀ ଭିତରେ ଈଶ୍ୱର ଅଛନ୍ତି । ମାଟିରୁ ଶସ୍ୟ ଉତାରି ଆଣିଲା ଭଳି, ନାରୀ ଭିତରୁ ଈଶ୍ୱରଙ୍କୁ କାଢ଼ି ଆଣିବାକୁ ହବ ।" ଏହି 'ଈଶ୍ୱର' ଅନ୍ୟ କେହି ନୁହନ୍ତି, ନବପିଢ଼ିର ଦେବୋପମ ମନୁଷ୍ୟ । ଜଣେ ମହାମନୀଷୀଙ୍କର ଏହା ଏକ ବାଣୀ । ଆଜି ନାରୀଜନ୍ମକୁ ଗୁରୁତ୍ୱ ଦେଲାବେଳକୁ, ବିଭିନ୍ନ ଘଟଣା-ଦୁର୍ଘଟଣାମାନଙ୍କ ମଧ୍ୟଦେଇ ନାରୀଜନ୍ମର ଅପରିହାର୍ଯ୍ୟତା ଓ ଅନିଭୋଗ ଗୁଡ଼ିକ ଦିଶିଯାଉଛନ୍ତି । ଏହି ପୁସ୍ତକରେ କେତେଗୁଡ଼ିଏ ସତ୍ୟଘଟଣାକୁ ଗଳ୍ପରୂପ ଦିଆଯାଇଛି । ତେଣୁ ବାସ୍ତବତଃ ଏଗୁଡ଼ିକ ଗଳ୍ପ ହିଁ । ସତ୍ୟର ଶେଷ କେଉଁଠି ? ଗଳ୍ପର ବା ଆରମ୍ଭ କେଉଁଠାରୁ ? ଗଳ୍ପ ମଧ୍ୟ ସତ୍ୟଠାରୁ ଅଧିକ ଚିତ୍ତାକର୍ଷକ ହୋଇପାରେ । ସତ୍ୟ ବି ଗଳ୍ପଠାରୁ ଅଧିକ ରହସ୍ୟମୟ ହୋଇପାରେ ।

ସେଥିପାଇଁ ଏଠାରେ ଉପସ୍ଥାପିତ କେତୋଟି ଘଟଣାଧର୍ମୀ କଳା-ଲିପିକୁ ଗଳ୍ପ କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ଶରୀରର ଗଠନ ଭେଦରେ ନାରୀ ପୁରୁଷ ଭିନ୍ନ ନିଶ୍ଚୟ । ମାତ୍ର ସେଇଥିପାଇଁ ନାରୀର କେତେବେଶି ଯନ୍ତ୍ରଣା ଓ ଅସହାୟତା ! କେଉଁଠାରେ ଏହା ପ୍ରକଟିତ ହେଉଛି ତ କେଉଁଠାରେ ଅପ୍ରକଟିତ ରହୁଛି । ଗର୍ଭବତୀ ହେବା, ଗର୍ଭ ବେଦନା ସହି ସନ୍ତାନଟିକୁ ଜନ୍ମଦେବା, ଲାଳନ କରିବା ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏଇତକ ସମୟ ମଧ୍ୟରେ ନାରୀଟି ବଡ଼ ଅସହାୟ ହୋଇପଡ଼େ । ଏଇଥିପାଇଁ ସେ ଆବଶ୍ୟକ କରେ ସାହାଯ୍ୟ, ସହାନୁଭୂତି ଓ ଆଶ୍ରୟ । ପରିବାର ଭିନ୍ନ ଆଉ କିଏ ବା ଏଥିରେ ତାକୁ ସାହାଯ୍ୟ ଦେଇପାରିବ ? ଅଥଚ, ଏହାକୁ ଉପଜୀବ୍ୟକରି ପରିବାର ଓ ସମାଜ ନାରୀକୁ କମ୍ ଶୋଷଣ କରିନାହାନ୍ତି ଓ କରୁନାହାନ୍ତି ମଧ୍ୟ ।

କନ୍ୟାକୁ ଭୃଣାବସ୍ଥାରେ ହତ୍ୟା କରିବା ତଥା ଲାଳନପାଳନ ବେଳେ ପାତର ଅନ୍ତର କରିବା——ଏସବୁ ତ ଚିରାଚରିତ ହୋଇ ରହିଛି । ବିଭିନ୍ନ ବୟସ ଅନୁପାତରେ

Digitized by PPRACHIN, SOA

ତାଙ୍କୁ ନିର୍ଯାତନା ଦିଆଚାଲିଛି, ନିତାନ୍ତ ପୈଶାଚିକ ଉପାୟରେ — ଏହା କାହାକୁ ବା ଅଗୋଚର ? ସେ ସବୁ ଘଟଣାବଳୀ, କେବଳ ନାରୀ କାହିଁକି, ମଣିଷ ହୃଦୟଧାରୀ ପୁରୁଷଟିଏ ମଧ୍ୟ ସହ୍ୟ କରିବା କଷ୍ଟକର । ବିଗତ ଦଶକରେ ୟୁ.ଜି.ସି. କର୍ତ୍ତୃକ ଏକ ଫେଲୋସିପ୍ ପ୍ରାପ୍ତ ହୋଇ ମୁଁ ଗୋଟିଏ ବିଷୟବସ୍ତୁକୁ ନେଇ ଅନୁସନ୍ଧାନ କରିଥିଲି । ତାହା ଥିଲା- "ନାରୀ ଅସ୍ତିତ୍ୱର ବାସ୍ତବତା..." ଏବଂ ଏହି ପୁସ୍ତକଟି ୨୦୦୯ ମସିହାରେ ପ୍ରକାଶପାଇ ଆଦର ଲାଭ କରିଛି । କାରଣ ସେ ଯାବତ୍ ନାରୀ ଅସ୍ତିତ୍ୱକୁ ଆଧାର କରି ଓଡ଼ିଆ ଭାଷାରେ ପ୍ରାୟ କିଛି ପୁସ୍ତକ ରଚିତ ହୋଇ ନ ଥିଲା । ନାରୀ ଜନ୍ମର ଭିତିରି କଥା ଯଥେଷ୍ଟ ଭାବେ ପ୍ରକଟିତ ହୋଇ ନଥିଲା । କେବଳ ବିଗତ ଶତାବ୍ଦୀରେ ତୃତୀୟ ଦଶକ ବେଳକୁ ବିଶିଷ୍ଟ ଓଡ଼ିଆଣୀ ସ୍ୱର୍ଗତା ସରଳାଦେବୀଙ୍କ 'ନାରୀର ଦାବୀ' ପୁସ୍ତକଟି ପ୍ରକାଶିତ ହୋଇଥିଲା ।

ତେବେ, ଏହି ଘଟଣାଗୁଡ଼ିକୁ ଗଳ୍ପ ରୂପ ପ୍ରଦାନ କଲା କାଳରେ ମଣିଷର ବିବେକ ଓ ବିଚାରକୁ କିଛି ପ୍ରଶ୍ନର ସମ୍ମୁଖୀନ କରାଇବାର ଲକ୍ଷ୍ୟ ମୁଁ ନିର୍ଦ୍ଦିଷ୍ଟ କରିଛି । ଜାଣିଛି, ଏହି ସାମାଜିକ ତଥା ପାରିବାରିକ ବ୍ୟବସ୍ଥା ବହୁଦିନରୁ ପ୍ରଚଳିତ ଏବଂ ହଠାତ୍ ଏହାର କିଛି ବିରାଟ ପରିବର୍ତ୍ତନ ସଂଘଟିତ ହେବା ସମ୍ଭବ ହୋଇ ନପାରେ । ତଥାପି, ଆଜିର ସମାଜରେ ନାରୀ ତା'ର କିଛିଟା ମର୍ଯ୍ୟାଦା ହାସଲ କରିପାରିଛି । ହେଲେ ବି, ତାହା ଯଥେଷ୍ଟ ନୁହେଁ । ଆଲୋକିତ ଅଂଶଠାରୁ ଅନ୍ଧକାରାଚ୍ଛନ୍ନ ଅଂଶ ଅଧିକ ପରିମାଣରେ ବ୍ୟାପି ରହିଛି । ଭାରତର ଗୌରବ, ବ୍ୟାଡ଼୍‌ମିଣ୍ଟନ୍ ଖେଳରାଣୀ ସାଇନା ନେହ୍‌ୱାଲ୍ ବହୁବର୍ଷ ତଳେ ଥରେ ଏକ ବିଶିଷ୍ଟ ଇଂରାଜୀ ଦୈନିକରେ କହିଥିଲେ ଯେ, ତାଙ୍କ ସାଆନ୍ତମାଆ ସେ ଜନ୍ମ ହେଲାପରେ, ସେ ଝିଅଟିଏ ହୋଇଥିବାରୁ, ସେଇ ଦୁଃଖରେ, ଏକାଘରେ ଥାଇ ସୁଦ୍ଧା, ତାଙ୍କ ବଖରା ଭିତରକୁ ଆସି ନଥିଲେ କି ଏକ ମାସ ଯାଏଁ ତାଙ୍କୁ ଦେଖିଲେ ନାହିଁ । ଏଭଳି ଅନେକ ମର୍ମନ୍ତୁଦ ବିଚାର ଆମମାନଙ୍କର ରହିଛି ।

ତଥାପି, ନାରୀମାନେ ସବୁକ୍ଷେତ୍ରରେ ଆଗୁସାର । ସେମାନଙ୍କ କୃତିତ୍ୱ ଆମ୍ଭମାନଙ୍କୁ ବିସ୍ମୟାଭିଭୂତ କରି ପକାଉଛି । ଏହା ସତ୍ତ୍ୱେ ଯାହା ଅନ୍ଧକାରାଚ୍ଛନ୍ନ ରହୁଛି, ଆମେ ସମସ୍ତେ ସେଥିପାଇଁ ପ୍ରକାରାନ୍ତରେ ଦାୟୀ । ପ୍ରତ୍ୟେକ ମାଆ ବାପା ତାଙ୍କ ପୁତ୍ର ସନ୍ତାନକୁ ଶୈଶବ କାଳରୁ କନ୍ୟାସନ୍ତାନ ବିଷୟରେ, ଝିଅଟିଏ

Digitized by PPRACHIN, SOA

ସଂପର୍କରେ ସଚେତନ ଓ ଶ୍ରଦ୍ଧାଶୀଳ ହେବାପାଇଁ ପରାମର୍ଶ ଦେବା ଉଚିତ । ତେବେ, ମୋର ଏହି କାହାଣରଗୁଡ଼ିକର ମର୍ମଭେଦୀ ଦହନ ପାଠକମାନଙ୍କୁ ଅଧିକ ସଚେତନ ଓ ଅନ୍ତର୍ମୁଖୀ କରିବ ଏବଂ ଏହି ଆଶାରଖି ମୁଁ ଏଗୁଡ଼ିକୁ ଲିପିବଦ୍ଧ କରିବାର ପ୍ରୟାସ କରିଛି । 'ରୁନୁ' ବୋଲି ଯେଉଁ ଚରିତ୍ରଟି ସହ ମୋର କଥୋପକଥନ ଓ ଯୁକ୍ତିର ଚିତ୍ର ଦେଲି, ସେ ଏହି ଲେଖିକାର ଏକ ମର୍ମରୂପ ଭିନ୍ନ ଅନ୍ୟ କେହି ନୁହେଁ । ପାଠକଗଣଙ୍କୁ ହୃଦୟର ଓ ଅନ୍ତର୍ମନର ନିକଟବର୍ତ୍ତୀ କରାଇ, ସେମାନଙ୍କ କାନ୍ଧରେ ସସ୍ନେହ ହାତରଖି, ସେମାନଙ୍କ ସହାନୁଭବ ଅପେକ୍ଷାରେ ରହିଛି ମୁଁ, ସେମାନଙ୍କ ସହିତ ମୋର ଏହି ରଚନାଗୁଡ଼ିକର ଅନ୍ତର୍ଜଗତକୁ ପ୍ରବେଶ କରିବାର ଆଗ୍ରହ ଜାରି ରଖିବାକୁ ଚାହିଁଛି । ପାଠକେ, ଆପଣମାନଙ୍କ ହୃଦୟତନ୍ତ୍ରୀରେ 'ନାରୀଜନ୍ମ'ର କୁହାଅକୁହା କାହାଣୀ ଗୁଡ଼ିକ ଝଙ୍କାର ତୋଳିବ ବୋଲି ମୁଁ ସ୍ପର୍ଦ୍ଧା କରିବି ନାହିଁ ନିଶ୍ଚୟ, ମାତ୍ର ବିନମ୍ର ଅଭିଳାଷ ପୋଷଣ କରିବି ।

ଏହି ପୁସ୍ତକଟିକୁ ପ୍ରକାଶ କରିବା ନିମନ୍ତେ ସାଗ୍ରହ ସମ୍ମତି ଦେଇଥିବା ହେତୁ ବିଶିଷ୍ଟ ପ୍ରକାଶକ ମନୋରମ ପବ୍ଲିଶର୍ସଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

— ପ୍ରତିଭା ଶତପଥୀ

୨୦୧୫

Digitized by PPRACHIN, SOA

Digitized by PPRACHIN, SOA

ବିଷୟ ସୂଚୀ

କ୍ର. ନଂ.	ବିଷୟ	ପୃଷ୍ଠା
୧.	ବେଶ୍ କଲି, ଫିଙ୍ଗିଦେଲି ଝିଅକୁ...	୯
୨.	ମୂଲୁ ମାଇଲେ...	୧୩
୩.	ଏ ଯୁଗର ଗାର୍ଗୀ	୧୬
୪,	ପାପୀ ଜନ୍ମ	୧୯
୫.	ମରିବେ ସିନା ସରିବେ ନାହିଁ	୨୩
୬.	ଦ୍ୱାରକାର ଅନ୍ଧାର	୨୬
୭.	ନକ୍ଷତ୍ର ଅରୁନ୍ଧତୀ	୩୧
୮.	ମୁଁ ଇନ୍ଦ୍ରାଣୀ କହୁଛି...	୩୬
୯.	କିଶୋରୀ ଟିଲ୍‌ଟ୍‌ମାନ୍	୪୦
୧୦.	ରୂପର ଆରାଧନା	୪୪
୧୧.	ତା'ର କୈଫିୟତ୍	୪୯
୧୨.	ବନ୍ଧୁତା ଓ ପ୍ରେମ କ'ଣ କେବଳ ଅଭିଧାନରେ	୫୩
୧୩.	ଦେହଜୀବିକାର ପର୍ଦ୍ଦାତଳେ	୬୦
୧୪.	ସୁଖରୂପେ ଯାହା...	୬୪
୧୫.	ଭିନ୍ନ ଏକ ଦାମ୍ପତ୍ୟ	୬୮
୧୬.	ନକଲି ରୂପ	୭୩
୧୭.	ମରିଯାଅ ପଛକେ...	୭୯
୧୮.	ଜ୍ୟୋତିଷ୍ମତୀ ନିର୍ଭୟା	୮୩
୧୯.	ସୂର୍ଯ୍ୟନେଲ୍ଲିର କିଶୋରୀ	୮୬
୨୦.	ଇତିଶ୍ରୀର ଇତିବୃତ୍ତ	୮୯
୨୧.	ଈଶ୍ୱରଙ୍କୁ ଲାଜ	୯୨

Digitized by PPRACHIN, SOA

୨୨.	ଅମଣିଷ, ବର୍ବର	୯୫
୨୩.	ସମ୍ଭାବନାର ଅସ୍ୱୀକାର	୯୯
୨୪.	ଭଙ୍ଗାଘରର ଭିତିରି କଥା	୧୦୨
୨୫.	ନୂତନ ଶତାବ୍ଦୀ ଓ ଯଶୋଧାରା	୧୦୬
୨୬.	ଲାଜ କାହିଁକି, ଝିଅ ?	୧୧୧
୨୭.	ଅଲିଭା ସ୍ୱାକ୍ଷର	୧୧୪
୨୮.	ନାରୀ ଅସ୍ତିତ୍ୱର ବାସ୍ତବତା ଓ ନୂତନ ନାରୀତ୍ୱର ଉଦ୍‌ବର୍ତ୍ତନ	୧୧୮
୨୯.	କବି ଡକ୍ଟର ପ୍ରତିଭା ଶତପଥୀଙ୍କ କୃତି ଓ କୃତିତ୍ୱ	୧୨୬

●

Digitized by PPRACHIN, SOA

ବେଶ୍ କଲି, ଫିଙ୍ଗିଦେଲି ଝିଅକୁ...

(ଏକ ସତ୍ୟ ଘଟଣା ଉପରେ ଆଧାରିତ)

"ତୋ ମୁହଁ ଚାହିଁଲେ ଦଚ୍ଛ ନାହିଁ-ଝିଅପେଟିଟା, ଖାଲି ଝିଅଜନ୍ମ କରୁଛି । ଏଣିକି ମୁହଁ ଚାହିଁବି ନାହିଁ, ମୋ ବାଟ ମୁଁ କରିବି ।" ନଅମାସ ଗର୍ଭରେ ପନିକି ଉପରେ ବସି ପରିବା କାଟୁଥିଲାବେଳେ ସଚଳା ପିଠିରେ ଆଣ୍ଠୁଆମାରି ତା' ସ୍ୱାମୀ ଝିଁଗାସି ଗଲା । "ଓଷାବାର କରନ୍ତାନି- ତିନିବେଳା ତିନି କଂସା ଗିଳି ଦଉଚି-ଅଲକ୍ଷଣୀ, ପୁଅଟିଏ ମାନସିକ କରନ୍ତାନି, ପର୍ହେଇ ପଡ଼ନ୍ତାନି ?" ଶାଶୂର ଯାଉଣୁ ଆସୁଣୁ ଗରଗର । ସାନଯାଆର ବର୍ଷକର ପୁଅ, ସେରନ୍ତା ହେଇଚି । ପୁଅର ମାଆସେ-ସଚଳାକୁ ଦେଖେଇ ଦେଖେଇ ଦିଅରର ଓ ଶାଶୂଙ୍କର ଗେହ୍ଲାଳିଆ କଥା । ଛୁରୀ ଭଳି ଗଳିଯାଏ ଦିହରେ । ତେଣିକି ୫ବର୍ଷ ଝିଲି, ୩ବର୍ଷର ରିଲି ଅବୋଧ ଛୁଆ । ଖେଳୁ ଖେଳୁ ପୁଅକୁ ଟିକେ ଝିଙ୍କି ଦେଲେ, ପୁଅ ରଡ଼ିଛାଡ଼େ- ଯାଆ ଚଦିଉଠେ-ତୁମେ ଝିଅଗେହ୍ଲା ହେଲେ, ଯେ ପରା ପୁଅଟା,-ତା' ଦିହରେ ହାତ ଦଉଚ, କମ୍ ସାହସତ ନୁହଁ ତୁମର !" ଶଶୁର ବି ନାତିପାଇଁ କେତେବେଳେ ଖେଳଣାଟେ କିଣିଆଣିବେ । ଝିଲି ରିଲି କାନ୍ଦି ଗଡ଼ିଯିବେ ସିନା, ତାଙ୍କ ପାଇଁ କିଛି ନାହିଁ ।

ଗତଥରକ ସବୁଠୁଁ ବେଶି ହୀନିମାନ, ଅଦଉତି-ରିଲି ଜନ୍ମପରେ ଆଠଦିନ ସ୍ୱାମୀ ଓ ଶାଶୂ ମୁହଁକୁ ଚାହିଁଲେ ନାହିଁ । ଶାଶୂତ ଖାଇବାକୁ ବଖତେ ଲେଖାଏଁ ଦେଲେ ମାସେ କାଳ ଯାଏ । "ଛି', ଛି, ଗୁଣ୍ଡାବଳୁଚି ଲାଜ ନାହିଁ, ଲାଜ ନାହିଁ ଝିଅ ଜନ୍ମ କରୁଚି । କୋଉ କୁଳକୁ ହବ ନାହିଁ ।" ସଚଳା ବସିବସି କାନ୍ଦେ । ପୁଅ ଆଶାରେ ବାରବ୍ରତକରେ । ଶାଶୂ ଦେଖେଇ ଶୁଣେଇ କହିଥିଲା, "ଏଥର ଝିଅହେଲେ ସିଆଡ଼େ-ଘରମୁହଁ ଦେଖିବୁ ନାହିଁ ଯେମିତି ।" ସଚଳା ଗପି ଚାଲିଥିଲା ବାୟାଣୀପରି । ଆଉ କରିଥାଆନ୍ତି କ'ଣ ? ମତେ ତ ଏମାନେ ଭୋକଉପାସ ମାଡ଼ଗାଳିରେ ସାରି ଦେଇଥାନ୍ତେ । କେତେ ହୀନସ୍ତା ହେଇଥାନ୍ତି, ଝିଅଗୁଡ଼ାଙ୍କୁ ବି ହୀନିମାନ କରିଥାନ୍ତି । ଠାକୁରଙ୍କୁ ଡାକିଲି ପୁଅ ଯଦି ନହବ, ନ ବାହାରନ୍ତା କି ଯେ ଛୁଆ- କୁଆଡ଼େ ଉଭାନ୍ ହେଇଯାନ୍ତା, ମୁଁ ରକ୍ଷା ପାଇଯାଆନ୍ତି ।

ମହିଳା ପୁଲିସ୍ ସବ୍ଇନ୍ସ୍ପେକ୍ଟର ଜେରା ଲଗେଇଥାଏ- "ହଇଲୋ, ଯା' କାହିଁକି କଲୁ ? ତୁ ମାଆ ନାଁ ରାକ୍ଷସୀ ? ତୋ ହାତ ଚଳିଲା କେମିତି, ଆଯଁ ?

Digitized by PPRACHIN, SOA

ବର୍ଷର ଯୁଆନ୍ ଟୋକୀ, କେମିତି ପିଲାଟାକୁ ମାରିଦେବାକୁ ଗଲୁ ? ଝିଅ ହେଲାତ କ'ଣ ହେଲା ? ଜନ୍ମକଲା ମାଆ ମାରିଦେଇ ପାରେ ?"

ସହର ସାରା ହୈ ଚୈ । ସହରର ମୁଖ୍ୟ ପ୍ରସୂତୀ ଭବନର ୩ ମହଲା ଛାତରୁ ଗୋଟିଏ ମାଆ ତାର ସଦ୍ୟଜାତ ଝିଅକୁ ଫିଙ୍ଗିଦେଇଚି ତଳକୁ । ଛୁଆଟା ଛତୁ ହେଇଯାଇଚି । ରୁନୁ ମୋତେ ଖବରଟା ଦେଲା "ଦେଖିଲୁ ଯେ କାମ ସେ କେମିତି କଲା ? ପାଗଳୀଟାଏ ବୋଧେ ।" ହଁ, ସଚଳା ଏଇମିତି କରିଥିବ । ହତାଦର, କ୍ରୋଧ ସହିସହି, ସ୍ୱାମୀର ଧିକ୍କାର ଓ ଧମକ ହେଜିହେଜି ଛାତିକୁ ପଥର କରିଦେଇଥିବ । ସାରାଦିନ କଷ୍ଟ ପାଇପାଇ ରାତି ଏଗାରଟା ବେଳକୁ ପିଲାଟା ଜନ୍ମହେଲା । କ୍ଲାନ୍ତ, ଅବସନ୍ନ କାନଯୋଡ଼ିକ ଠିଆ ରହିଲା-ଶୁଣିବାକୁ । କାହାପାଟିରୁ କେଜାଣି ବାହାରିଥିଲା "ଝିଅଟାଏ ପୁଣି, ଛେଃ"- "କ'ଣ ହେଲା ମାଉସୀ, ଝିଅ କ'ଣ ଖରାପ ?" ଗେହ୍ଲେଇହେବା ସ୍ୱର ବୋଧେ ନର୍ସ୍‌ର ।

କୋଉ ଅତଳ ଅନ୍ଧାରରେ ବୁଡ଼ି ଯାଇଥିଲା ସଚଳା । ଚେତା ଆସିଲାପରେ ଲେବର୍‌ରୁମ୍‌ରୁ ୱାର୍ଡ଼କୁ ଆସିଥିଲା । ବେଡ୍ ଉପରକୁ ପାଖ ଦୋଳିରେ ଛୁଆ ଶୋଇଚି । ସଚଳା ଚାରିଆଡ଼କୁ ଚାହିଁଲା । ପାଖଆଖରେ କେହିନାହିଁ । ଘରଲୋକ ତ ନାହାନ୍ତି । ନର୍ସ, ବେହେରାଣୀ, ସୁଇପର୍ ଦେଖାଯାଉ ନାହାନ୍ତି । ଖାଲି କୋଉ କୋଉ ଦୋଳିରୁ କେଁ କାଁ ଶବ୍ଦ ଶୁଭୁଛି-କଅଁଳା ଛୁଆର ରଡ଼ି ପୁଣି ଘୁମେଇ ପଡ଼ିବାର ଶବ୍ଦ । ସାରାୱାର୍ଡଟା କ୍ଲାନ୍ତ, ଅବସନ୍ନ । ନିଃସଂଗ କନକନିଆ ଥଣ୍ଡା ତାକୁ ଜାବୁଡ଼ି ଧରିଲା । ସେ ନିଜକୁ ଘୋଷାରି ଘୋଷାରି ବାରଣ୍ଡାକୁ ଆସିଲା । କିଛି ଖାଇନାହିଁ ଦିନସାରା । ତୃତୀୟ ଝିଅ ଜନ୍ମହେବା ଶୁଣି ଘରଲୋକ ପଳେଇଛନ୍ତି । ଶୋଷ କରୁଛି ସେ ଡ୍ୟୁଟିରୁମ୍ କଳରୁ ପାଣି ପିଇଲା । ରାତିଡ୍ୟୁଟି ନର୍ସ ଟେବୁଲ ଉପରେ ମୁଣ୍ଡଥୋଇ ଶୋଇ ଯାଇଛି । ଧୀରେ ବାରଣ୍ଡାକୁ ଆସିଲା ସେ ପାରାପେଟ୍ ଉପରେ ନଇଁପଡି ବାହାରକୁ ଅନାଇଁଲା । କେତେ ଦୂରରେ ଜହ୍ନ, କେତେ ରାତି ହବଣି- କି ତିଥି ଆଜି ? ଜହ୍ନ ଡେଇଁ ଡେଇଁ ଚାଲୁଚି- କେତେ ବେପରୱା-ଥଣ୍ଡା ପବନ କ'ଣ ଚୁପ୍‌ଚୁପ୍ କହିବ କହିବ ହଉଚି ଯେ, ସଚଳା ଶୁଣିପାରୁ ନାହିଁ । ପେଟ ଭିତର ମନ୍ଥି ହେଇ ଯାଉଛି । ହାୟରେ, ସକାଳକୁ କାହାକୁ ମୁହଁ ଦେଖାଇବ ସେ ! କିଏ ବା ଆସିବ ତାର ମୁହଁ ଦେଖିବାକୁ । ଅଭାବୀ ବାପଘର । ଶାଶୂଘର କ'ଣ ସତେରେ ନେବେ ନାହିଁ ? ଝିଲିର ବାପ କ'ଣ ଆଉ ଗୋଟେ

Digitized by PPRACHIN, SOA

ବାହାହେବ ? ଯାହା ସେ ବାରବାର ନକହି ନକହି କହିଯାଇଛି, ଅହନ୍ତାରେ ? ସତରେ କ'ଣ ସେ ସେଇଆ କରିବ ?

ଚିରା ଲୁଗାର ବ୍ୟାଗ୍‌ଟା ବେଡ୍‌ର ମୁଣ୍ଡ ଉପରକୁ ଥୁଆ ହୋଇଛି । ସଚଳା ଲୁଗାଖଣ୍ଡେ କାଢ଼ିଲା । ଦୋଳିଭିତରୁ ହଲ୍‌ଚଲ୍ କୁଁ କୁଁ ଶୁଭୁଛି । ବୋଧେ ନିଦ ଭାଙ୍ଗିଛି ଝିଅର । ଅଣ୍ଡାଳି ଟେକି ଆଣିଲା ଛୁଆକୁ । ଆଖି ପାଖରେ ରଖି ଭଲକରି ଦେଖିଲା-ଝିଅ ଭିଡ଼ିମୋଡ଼ି ହେଉଚି । ଗୁଡ଼େଇ ଧରିଲା ଲୁଗାରେ । ଉଠିଆଣୀ ପିଲା କାନ୍ଦ ଆରମ୍ଭ କଲା । ବେଡ଼ର ମୁଣ୍ଡ ଉପରକୁ ଝରକା, କାଚ ଝରକା, ପ୍ରଶସ୍ତ, ଖୋଲା ରହିଛି । ବଡ଼ ବଡ଼ ଫର୍ଚ୍ଚା ଗ୍ରୀଲ୍-ତିନିମହଲା ଉପରର ଝରକା । ସଚଳାର ଦିହ ବରଡ଼ାପତ୍ରପରି ଥରୁଥିଲା । ପ୍ରଶସ୍ତ ଗ୍ରିଲ୍‌ରେ ହାତ ଗଳାଇଲା ସେ । କନାରେ ଗୁଡ଼ା ହେଇଥିବା ସେଇ ଛୋଟଛୁଆକୁ ନିଃଶ୍ୱାସବନ୍ଦ କରି ଫିଙ୍ଗିଦେଲା ତଳକୁ । ହେଲେ, ସହିପାରିଲା ନାହିଁ ଏଇ କଠୋରତା । ଭୁଷ୍ କରି କଚାଡ଼ି ପଡ଼ିଲା ଚଟାଣ ଉପରେ ।

"କ'ଣ ଆଉ କରିଥାନ୍ତି ? କେମିତି ବଂଚି ଥାଆନ୍ତା ସେ ବଢ଼ିଥାଆନ୍ତା ସେ-ବଢ଼ିଥାଆନ୍ତା, ଏତେ ଘୃଣା, ହତାଦର ଆକ୍ରୋଶ ଭିତରେ କ'ଣ ଆଉ କରିଥାନ୍ତି ଦିଦି, ଫିଙ୍ଗିଦେଇ ନଥିଲେ କେମିତି ଫେରିଥାନ୍ତି, ଯାଇ ଥାଆନ୍ତି ବି କୋଉଠିକୁ ନହେଲେ ?" ନାରୀ ସୁରକ୍ଷା ସମିତିର ଅଳକାସେନ୍ ବୁଝାଉଥିଲେ- "ସଚଳା ଯାହା କଲ, ଏବେ ଜେଲ୍‌କୁ ତ ଯିବ ?" "କାହିଁକି ସେମାନଙ୍କୁ ଜେଲ୍ ଦେଉନାହାନ୍ତି-ଝିଲିର ବାପାକୁ ତା' ସାଆନ୍ତ ବାପା, ସାଆନ୍ତ ମାଆଙ୍କୁ ଜେଲ୍‌ରେ ପୂରାଉ ନାହାନ୍ତି, ମତେ କାହିଁକି ନେବେ ? ବେଶ୍ କଲି, ମୋ ଛୁଆ ତାକୁ ଜନ୍ମଦେବା, ତା' ପାଇଁ ଦୁଃଖ ଭୋଗିବା ମୋର ହକ୍-ମୁଁ ତାକୁ ମାରି ଦେଇ ପାରିବି । ବେଶ୍ କଲି ମାରିଦେଲି । ଯେ ସଂସାରେ ସେ ନ ରହୁ । ତା'ରକ୍ତ ସଂପର୍କମାନେ ତା' ମୁହଁ ନ ଦେଖନ୍ତୁ । ସେୟା ସେମାନେ ଚାହାନ୍ତି । ସେ ଯାଉ"- ପାଗଳୀ ଭଳି ବିଡ଼ିବିଡି ହେଇ ଲୁହ ଝରାଉଥିଲା ସଚଳା । "ନିଅ ମତେ ଜେଲ୍‌କୁ- ଝିଲି ରିଲିଙ୍କୁ ବି ନେଇ ଆସ । ଆମେ ଏକାଠି ରହିବୁ । ହେଲେ ଦିଦି, ଝିଅ ଜନ୍ମ ବନ୍ଦକରି ଦିଅନ୍ତନି । ଝିଅ ଜନ୍ମ ନ ହୁଅନ୍ତେ, ଜନ୍ମହେଲେ ବଞ୍ଚି ନ ରହନ୍ତେ..."

ଅଳକା ସେନ୍ ଭାବୁଥିଲେ, ହଉ, ଏଇ ଉତ୍ପାତ ଯୋଗୁ ତ ଝିଅ ସଂଖ୍ୟା କମି ଯାଉଛନ୍ତି । ଏଣିକି ପୁଅଙ୍କୁ ଆଉ ସ୍ତ୍ରୀ ମିଳିବ ନାହିଁ — ଜଣେ ସ୍ତ୍ରୀକୁ ପାଞ୍ଚ ଜଣ ପୁରୁଷ

Digitized by PPRACHIN, SOA

ବିଭା ହେବେ । ଦ୍ରୌପଦୀ ଭଳି । ଝିଅର ମହତ୍ତ୍ୱ ବଢ଼ିବ । ଗୁରୁତ୍ୱ ବି ବଢ଼ିବ । ତାହା ହିଁ ହେଉ । ଯେ ଯୁଗର ମଣିଷରୂପୀ ସଇତାନ୍‌ମାନେ ତେବେ ଯାଇଁ ବୁଝିବେ, ଗର୍ଭ ନାଶିବେ, ଜନ୍ମହେଲେ ହତାଦର କରିବେ, ବଢ଼ିଲେ ଧର୍ଷଣ କରିବେ । ଜୀବନରୁ ମାରିବେ ନହେଲେ ମାରଧର କରିବେ । ଝିଅଜନ୍ମ କଲେ ଅନିଭୋଗ ଦେବେ । କାହିଁକି ଭଲା ଜନ୍ମନେବେ ଝିଅମାନେ ?

ଏ ସମ୍ବାଦ ପଢ଼ି ମୁଁ ଅନ୍ୟମନସ୍କ ହୋଇ ପଡ଼ିଲି । ମନ ଭିତରେ କହି ଉଠିଲି, "ସଚଳା, ସଚଳା, ଏବେ କ'ଣ ତୁ ନିସ୍ତାର ପାଇଯିବୁ ? ଝିଅପରେ ଝିଅ ଜନ୍ମ କରୁଥିଲୁ ବୋଲି ଯେଉଁମାନେ ତୋତେ କୋଳେଇ କୁଟେଇ ଖାଉଥିଲେ, ଖେଞ୍ଚି ଖେଞ୍ଚି ଲହୁଲୁହାଣ କରୁଥିଲେ, ସେମାନେ କ'ଣ ଏବେ "ଛୁଆଖାଇ ଡାହାଣୀ" ବୋଲି କହିବେ ନାହିଁ ? ସ୍ୱାମୀ ଝିଂଗାସିବ ନାହିଁ ଆହୁରି ? ତାକୁ ତ ସୁବିଧା ମିଳିଯିବ, ତୋତେ 'ପାଗଳୀ' କହି ତଡ଼ିଦେଇ ପାରିବ । ତୁ ଯେଉଁ ଭୟଙ୍କର କାମଟି କରି ବସିଲୁ, ତାର ଫଳାଫଳ କେତେ ବିପଜ୍ଜନକ, ଭାବିଲୁ ନାହିଁ ? ସାରା ଜୀବନ ଏଇ ଅପବାଦ ତୋତେ ଲାଗି ରହିବ ଓ ବିବେକ ସାମ୍ନାରେ ତୁ ମୁଣ୍ଡପୋତି ବସି ରହିବୁ । ତୋ ନିର୍ଯାତନାର ସମାଧାନ ପଥ କ'ଣ ଏଇଆ ? ତୋର ନିସ୍ତାର ନାହିଁ । ତଥାପି ତୁ ମାଆ । ତୁ ସାହସ କରି ତୃତୀୟ ଝିଅଟିକୁ ବଢ଼ାଇ ଥାଆନ୍ତୁ । ହୃଦୟହୀନ ମଣିଷ ହୁଏତ ବଦଳି ନଥାନ୍ତେ, ହେଲେ ତୁ ମାଟି ପରି ସହିଥାଆନ୍ତୁ । ତା' ପାରିଲୁ ନାହିଁ । ଆଦର୍ଶର କଥା କହିଦେବା ଯେତିକି ସହଜ, ଆଚରିପାରିବା ସେତିକି କଷ୍ଟକର । ଯାହାହେଲେ ବି ଛୁଆଟିକୁ କଦାପି ମାରିଦେଇ ନ ଥାନ୍ତୁ । ଯଦିଓ ଆଦର ସମ୍ମାନ ସହ ବଂଚିରହିବାର ନିଶ୍ଚିତ ଉପାୟଟି ମୁଁ ତୋତେ ବତାଇ ପାରୁନାହିଁ-ତା'ର କାରଣ, ସେ କଥା ମୁଁ ନିଜେ ବି ଜାଣେନା । ଜଣେ ଭଲ ସ୍ତ୍ରୀଲୋକ ନିଷ୍ଠୁର ସମାଜ ଓ ପରିବାର ଭିତରେ କିପରି ମର୍ଯ୍ୟାଦା ସହକାରେ ବଂଚି ପାରିବ ? ପାଠକେ, ଏହାର ଉତ୍ତର ଆପଣମାନେ ଦିଅନ୍ତୁ-ସଚଳା ଭୁଲ କଲା, କିନ୍ତୁ ଏ ଭୁଲ୍‌ର ସମାଧାନ କେଉଁଠି ?

●

Digitized by PPRACHIN, SOA

ମୂଲ୍ଯ ମାଇଲେ...

(କନ୍ୟା ଭ୍ରୂଣ ସଂପର୍କରେ)

ଭାରତୀୟ ନାରୀର ପରମ୍ପରା ବଳିଷ୍ଠ, ଅତୀତ ମଧ୍ୟ ସମୃଦ୍ଧ । କେବେ ସେ ବେଦର ସୂକ୍ତ ରଚନା କରିଥିଲା- କେବେ ବୀର ବେଶରେ ରଣ ଭୂମିରେ ଅବତୀର୍ଣ୍ଣ ହୋଇଥିଲା । ମାତ୍ର ଆଜି ତା'ର ଅବସ୍ଥାରେ ଭୟଙ୍କର ପରିବର୍ତ୍ତନ ଆସିଛି । ସମାଜ ବ୍ୟବସ୍ଥାର ପରିପ୍ରେକ୍ଷୀରେ ସେ ଆଜି ପଦାକୁ ବାହାରିଛି । ପୁରୁଷ ସହ ପ୍ରତିଯୋଗିତାରେ ସମାନ ଯୋଗ୍ୟତା, ସ୍ଥଳବିଶେଷରେ ଅଧିକ ଯୋଗ୍ୟତା ମଧ୍ୟ ପ୍ରଦର୍ଶନ କରିଛି । ଦେଶ ଶାସନଠାରୁ, ଉଡ଼ାଜାହାଜ ଚାଳନା, ପୋଲିସ ଅଫିସର, ବିଦେଶ ସଚିବ ସବୁ ସ୍ତରରେ ସେ ନିଜର ସାମର୍ଥ୍ୟ ପ୍ରତିପାଦନ କରିପାରୁଛି । ମାତ୍ର, ଭାରତୀୟ ସମାଜ ବ୍ୟବସ୍ଥାରେ ତାର ଆଲୋକ ଯେତିକି ଦୀପ୍ତ, ଛାୟା ତା'ଠାରୁ ଅଧିକ ପ୍ରଶସ୍ତ । ବରଂ ଆଲୋକଠାରୁ ଛାୟା ସୁଦୂରପ୍ରସାରୀ ଓ ମର୍ମାନ୍ତିକ । ଏହାର କେତେଗୁଡ଼ିଏ କାରଣ ମଧ୍ୟରୁ ଭାରତର ଅର୍ଥନୀତିକ ବ୍ୟବସ୍ଥା କେତେକାଂଶରେ ଦାୟୀ ଓ ଅନ୍ୟ କାରଣ ମଧ୍ୟରେ ମଣିଷର ଅର୍ଥଲୋଭ ଓ କାମୁକତା ମଧ୍ୟ ବିଦ୍ୟମାନ ।

ବିଂଶ ଶତକର ଶେଷପାଦରେ ମଣିଷ ଏତେ ବସ୍ତୁସର୍ବସ୍ୱ ହୋଇଛି ଯେ, ମାନବିକତାର ଗଳାରେ କୁଠାର ଚଳାଇବାକୁ ସେ ଦ୍ୱିଧାଗ୍ରସ୍ତ ହେଉନାହିଁ । ଅତୀତରେ ଭାରତ ଅର୍ଥ ଅପେକ୍ଷା ଅଧ୍ୟାତ୍ମଚେତନାକୁ ଅଧିକ ପ୍ରାଧାନ୍ୟ ଦେଇଥିଲା । ବର୍ତ୍ତମାନ ଯୁଗରେ ଅର୍ଥ ହେଉଛି ମୁଖ୍ୟ । ଏପରିସ୍ଥଳେ ଯୌତୁକ ରାକ୍ଷସର ଲେଲିହାନ ଜିହ୍ୱା ଲମ୍ୱି ଚାଲିଛି ଓ କାମୁକତା ତଥା ପାଶବିକତାର ଅନ୍ତ ନାହିଁ । ଅଳ୍ପଦିନ ତଳେ ଏପରି ଗୋଟିଏ ସମ୍ବାଦ ପ୍ରକାଶ ପାଇଥିଲା ଓ ଅନୁସନ୍ଧାନଦ୍ୱାରା ସତ୍ୟ ବୋଲି ପ୍ରମାଣିତ ହୋଇଥିଲା । ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ବୃଦ୍ଧ ହରିବଲ୍ଲଭ ପାରିଖ ଅନାଥାଶ୍ରମର ଅନ୍ତେବାସିନୀମାନଙ୍କୁ ଯୌନନିର୍ଯାତନା ଦେଉଥିଲେ । ଏପରି ଘଟଣା ଆମ ବିଶ୍ୱାସମୂଳରେ ନିର୍ମମ କୁଠାରଘାତ ଭିନ୍ନ ଅନ୍ୟ କିଛି ନୁହେଁ ।

ଭାରତୀୟ ନାରୀ ଆପଣାର ଧୈର୍ଯ୍ୟ, ସାହସ, ଅଧ୍ୟବସାୟ ଓ ସାଧନାବଳରେ ଅନେକ କିଛି କୃତିତ୍ୱର ଅଧିକାରିଣୀ ହୋଇପାରିଛି, ମାତ୍ର ସମାଜର ଅର୍ଥଲାଳସା ଓ କାମଲାଳସାର ଶିକାର ହେବାକୁ ସେ ବାଧ୍ୟ ହେଉଛି ।

Digitized by PPRACHIN, SOA

ଗତକାଲି ସାହିତ୍ୟ ପତ୍ରିକା "ସାବିତ୍ରୀ"ର ଉନ୍ମୋଚନ ଉତ୍ସବରେ କେତେକ ବକ୍ତା ନାରୀର ବିକାଶ ସମ୍ପର୍କରେ ଉତ୍ସାହୋଦ୍ଦୀପକ ବକ୍ତବ୍ୟ ପ୍ରଦାନ କଲେ । 'ସାବିତ୍ରୀ' ହେଉଛନ୍ତି ଆଦର୍ଶ-ସେ ନିଜ ସାମର୍ଥ୍ୟବଳରେ ସୁବର୍ଣ୍ଣଦ୍ୱାର ଖୋଲି ଦେଇଛନ୍ତି-ନାରୀ ନିରହଙ୍କାର ହେଲେ ଓ ସ୍ୱାଭିମାନ ବଜାୟ ରଖିଲେ ଅନେକ ମର୍ଯ୍ୟାଦାର ଅଧିକାରିଣୀ ହୋଇପାରିବ । ଏ ସବୁ କଥା ସତ । ହେଲେ ବି, କାହିଁକି ସେତିକି ବେଳେ ମୋର ମନେପଡ଼ିଗଲା ଅନୁପମା କଥା । ଲାଗିଲା, ନାରୀହେବାର ଅସହାୟତାର ନମୁନା ହେଇପାରେ ଅନୁପମା ।

ଆମ ସାହିର ନିମ୍ନବିତ୍ତ ସ୍ତ୍ରୀଲୋକଟିଏ ସେ-ତା'ର ତିନୋଟି ଝିଅ । ତା' ସ୍ୱାମୀ ତାକୁ ଓ ଝିଅଙ୍କୁ ମାଡ଼ମାରି ନିକାଲି ଦେଇଛି ଘରୁ । "ଖାଲି ଝିଅ ଜନ୍ମକରୁଛି, ଯେ ସ୍ତ୍ରୀ ମୋର ଲୋଡ଼ା ନାହିଁ ।" ଏହାର ପୃଷ୍ଠପଟରେ ଅଛି ସ୍ୱାମୀର ମଦ୍ୟପାନ ଓ ଅନ୍ୟନାରୀ ସଂସର୍ଗ । ଅନୁପମା କରିବ କ'ଣ ? ଦୁଇବର୍ଷ ତଳେ ଥରେ ଏମିତି ତଡ଼ା ଖାଇଥିଲା । କେତେ ନେହୁରାହୋଇ ଘରକୁ ସ୍ୱାମୀପାଖକୁ ଫେରିଥିଲା । ଏବେ, ତା' ଆତ୍ମାକୁ ଭାରି ବାଧିଚି, ସ୍ୱାମୀ ପାଖକୁ ଫେରିବାର ଇଚ୍ଛା ନାହିଁ, ମାତ୍ର ତିନୋଟି ଝିଅ ସହିତ ଆଶ୍ରୟ ନେବ କେଉଁଠି ? ବାପଘରେ ସେପରି ସାମର୍ଥ୍ୟ ନାହିଁ ବା ଆଗ୍ରହ ନାହିଁ ।

ଅନୁପମା ଯଦି ଝିଅ ତିନୋଟିକୁ ଛାଡ଼ିଦେଇ ପାରନ୍ତା, ହୁଏତ ବଞ୍ଚିଯିବା ପାଇଁ ଖୋରାକ ମିଳିବା ଅଭାବ ହୁଅନ୍ତା ନାହିଁ । ବୟସ ଅଛି, ଖାଇଲେ ପିଇଲେ ଦେହରେ ଜ୍ରୁ' ବି ଆସିବ । କିନ୍ତୁ ୧୦।୭।୩ ବର୍ଷର ତିନିଗୋଟି ଝିଅ କୋଉଠି ରହିବେ-କାମ କରି ପେଟ ପୋଷିବା ଭଳି ତ ହେଇନାହାନ୍ତି ସେମାନେ, ରହିବେ ବି କାହା ପାଖରେ ? ସେ ମା-ଭାରତୀୟ ମା' ସନ୍ତାନ ପାଇଁ ଆତ୍ମବଳି ଦେବା ତାର ଧର୍ମ । ଏଥର ବି ହୁଏତ ସ୍ୱାମୀର ଗୋଡ଼ହାତ ଧରି ରହିବା ଛଡ଼ା ଅନ୍ୟ ଗତି ମିଳିବ ନାହିଁ ତାକୁ । ମାତ୍ର ପୁଣି ଯଦି କଥାକଥାକେ ସ୍ୱାମୀ ତଡ଼ିଦିଏ ? ମାଡ଼ମାରି ନିକାଲି ଦିଏ ? ଚାକିରିପାଇଁ ତାର ଯୋଗ୍ୟତା ନାହିଁ, ଆଜିକାଲି ଚାକିରିର ସୁଯୋଗ ବି ନାହିଁ । ତା' ସମସ୍ୟାର ସମାଧାନ କେଉଁଠି ? କେତେ କେଜାଣି ଅନୁପମା, ଦୁଃଖ ଅପମାନରେ ଛଟପଟ ହୋଇ ରହିଛନ୍ତି । ନାରୀ ସଶକ୍ତିକରଣ ସମ୍ବତ୍ସରରେ, ନାରୀଜାତିର ବିକାଶର ବିଜ୍ଞାପନରେ ଅନୁପମାର ଦୀର୍ଘଶ୍ୱାସର ହିସାବ ରଖୁଚି କିଏ ?

ଏବେ ଖବର କାଗଜରେ ବାହାରିଛି, ସହରାଞ୍ଚଳରେ ଝିଅଜନ୍ମ ହେଉଛନ୍ତି, ତୁଳନାତ୍ମକ ଭାବେ କମ୍ । ବଡ଼ ଚିନ୍ତାର ବିଷୟ । ସହରର ଶିକ୍ଷିତ ବାପାମାଆ ଡାକ୍ତରୀ

Digitized by PPRACHIN, SOA

ପରୀକ୍ଷା କରି କନ୍ୟାଭ୍ରୂଣ ହତ୍ୟା କରିଦେଉଛନ୍ତି । ଏହାର କିଛି ପ୍ରତିକାର ହେବା ଜରୁରୀ ଦରକାର । ଏ ସମ୍ବାଦ ପଢ଼ି ମୁଁ ରୁନୁକୁ କହୁଥିଲି, "ଏତେ କୁମ୍ଭୀରକାନ୍ଦଣା କାହିଁକି ? କ'ଣ ପାଇଁ ଝିଅ ଜନ୍ମ ହେବେ ? ମାଆ ନହେଲେ ବାପ ବା ଦୁହେଁ ଯାକ ଯେତେବେଳେ ଅନିଚ୍ଛୁକ, ଆଜିକାଲି ସେମାନେ ଝିଅକୁ ପ୍ରାଣରେ ମାରିଦେବାର ଖବର ମଧ୍ୟ ମିଳୁଛି । ଝିଅ କ'ଣ ଜନ୍ମ ହେବେ ଧର୍ଷିତା ହେବାକୁ, ନିର୍ଯାତିତା ହେବାକୁ? କେତେଜଣ ଛାତିରେ ହାତଦେଇ କହିପାରିବେ ଯେ, ସେମାନେ ତାଙ୍କ ସ୍ତ୍ରୀମାନଙ୍କୁ ଆଦର ସମ୍ମାନ କରନ୍ତି ? ସ୍ତ୍ରୀ ନ ହେଲେ ନ ଚଳେ, ଏଇଟା ସତ, ତଥାପି ସାମାନ୍ୟ ଭୁଲ ତ୍ରୁଟି, ଯୌତୁକ ଦାବି, ଏଥିରେ କେତେ ନିର୍ଯାତନା ଭୋଗିବ ଝିଅଟି ? ଭଲ ହୋଇଛି, ଝିଅ ନ ଜନ୍ମନ୍ତୁ । ଏ ନିଷ୍ଠୁର ବ୍ୟଭିଚାରୀ ପୁରୁଷଙ୍କୁ ସ୍ତ୍ରୀଟିଏ ନ ମିଳୁ ।"

ରୁନୁ ଆଶ୍ଚର୍ଯ୍ୟ ହେଇ ଅନାଇଛି ମୋ ମୁହଁକୁ । "ଯେ କି କ୍ରୋଧ ତୋର, ମୁହଁ ଲାଲ୍ ପଡ଼ିଗଲାଣି, ଆଖି ଛଳ ଛଳ ! ସତରେ ମୋତେ ବି ବଡ଼ ଦୁଃଖ ଲାଗୁଛି । ନାରୀ ସହିଛି ବୋଲିସିନା ଯେ ସୃଷ୍ଟି ରହିଛି । ଜଣେ ବିଖ୍ୟାତ ଲେଖକ କହିଥିଲେ "ନାରୀ ହିଁ ଦେବତାଙ୍କୁ ଜନ୍ମ ଦିଏ" ଦେଖ୍, ସତକଥା, ଝିଅ କେବେ ସରିବେ ନାହିଁକି, ମରିବେ ନାହିଁ । ସହରରେ ନହେଲେ ଗାଁରେ ଜନ୍ମ ହେବେ, ଦୁଃଖ ନିର୍ଯାତନା ଭୋଗିବେ । ମଣିଷ ଜାତିର ଅପ୍ରତିହତ ଜୀବନଧାରାକୁ ଆଗକୁ ବଢ଼ାଇନେବା ପାଇଁ ଆଉ ଯେ ଅନ୍ୟ ଉପାୟ ନାହିଁ ।

●

Digitized by PPRACHIN, SOA

ଏ ଯୁଗର ଗାଙ୍ଗୀ

"ଆଲୋ ଗାଙ୍ଗୀ' ! ଚିତ୍କାର କରି ଉଠିଥିଲେ ସେଦିନ ମର୍ମାହତ ଶାନ୍ତନୁ । ଦୁଇ ଦୁଇଟି ଶିଶୁ ସନ୍ତାନଙ୍କୁ ପନିକିରେ ବେକକାଟି ହତ୍ୟା କଲାପରେ ଗାଙ୍ଗୀ କାଟି ବସୁଥିଲେ ତୃତୀୟ ସନ୍ତାନ ଦେବବ୍ରତ (ଭୀଷ୍ମ)ଙ୍କୁ ।

ଏ ଯୁଗର ଗାଙ୍ଗୀ କିନ୍ତୁ ସ୍ୱାମୀଙ୍କ କ୍ରୋଧର ଶିକାର ହୋଇନାହାନ୍ତି । ବରଂ ସ୍ୱାମୀ ତାଙ୍କୁ ସୁରକ୍ଷା ଦେଇଛନ୍ତି ।

ସେ ହେଉଛନ୍ତି ଦୀପ୍ତି ପଟେଲ । ୩୫ ବର୍ଷର ଦୀପ୍ତି ଅଭିଯୁକ୍ତ ହୁଅନ୍ତି- ସନ୍ତାନ ହତ୍ୟା ଦୋଷରେ । ଭଲ ରୋଜଗାର ତାଙ୍କର । ତାଙ୍କ ସ୍ୱାମୀ ଜୟନ୍ତଙ୍କର ବାସସ୍ଥାନ ଇଂଲଣ୍ଡ । ସ୍ୱାମୀଙ୍କ ସହ ବେଶ୍ ସୁଖରେ ଦିନ କାଟୁଥିଲେ ସେ । ଏହା ସତ୍ତ୍ୱେ ଚାରିବର୍ଷ ଭିତରେ ତାଙ୍କର ତିନିଟି ସନ୍ତାନଙ୍କର ମୃତ୍ୟୁ ହୋଇଥିଲା । ସମସ୍ତେ ମରିଥିଲେ ଉଡିଆଣି ପିଲା ଅବସ୍ଥାରେ । ବଡ଼ପୁଅ ଅମର ଏକ ସପ୍ତାହରେ, ଦ୍ୱିତୀୟ ପୁଅ ଜିତୁ ତେର ଦିନରେ ଓ ତୃତୀୟ କନ୍ୟା ରୀତା ମାତ୍ର ବାଇଶି ଦିନରେ । କିନ୍ତୁ ଏହି ମୃତ୍ୟୁଗୁଡ଼ିକ ଯେ ଏଇ ଦମ୍ପତିଙ୍କୁ ବିପଦରେ ପକାଇବ, ଏହା ସେମାନଙ୍କର ଧାରଣାର ବାହାରେ ଥିଲା ।

ମାତ୍ର ଇଂଲଣ୍ଡର ଶିଶୁ ବିଶାରଦ ଡାକ୍ତର ମିଡୋ ଓ ନିଦାନବିଭାଗ ଡାକ୍ତର ଜନ୍‌ଙ୍କର ସନ୍ଦେହ ହେଲା ଦୀପ୍ତିଙ୍କ ଉପରେ । "ଗୋଟିଏ, ଖଟରେ ଶୋଇଲା ପିଲା"ର ମୃତ୍ୟୁ ଦୁଃଖଦାୟକ । ଦୁଇଟି ମୃତ୍ୟୁ ହେଲେ ସନ୍ଦେହଜନକ ଓ ତିନିଟିର ହେଲେ ଏହା ହତ୍ୟାକାଣ୍ଡ ।" କିନ୍ତୁ ସ୍ୱାମୀ ଦୀପ୍ତିଙ୍କ ପକ୍ଷ ସମର୍ଥନ କଲେ । କହିଲେ, "ମୋ ସ୍ତ୍ରୀ ଜଣେ ସୁକୁମାରୀ ମାଆ ଭାବରେ ଭାରି ଯତ୍ନଶୀଳା ଓ ସ୍ନେହୀ-ସେ କଦାପି ଏପରି କରିପାରିବ ନାହିଁ ।" କେଶ୍ ଚାଲିଲା । ପଚରାଗଲା, 'ତୁମେ ଅମରକୁ ଜୀବନ ଓ ମୃତ୍ୟୁର ସୀମାଯାଏଁ ଟାଣି ନେଇଥିଲ କି ? ସତ କୁହ ?" ଦୀପ୍ତିର ଉତ୍ତର, "ନା" । ପୁଣି ପ୍ରଶ୍ନ, "ଦ୍ୱିତୀୟ ପୁଅ ବି ଠିକ୍ ପ୍ରଥମଟି ପରି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁମୁଖରେ ପଡ଼ିଲା ଯେ । ତୁମେ ଯଦି ଗାଧୋଇଗଲ, ପୁଅକୁ ଜଗିବାକୁ ପାଖରେ ଥିବା ତୁମ ବାପାଙ୍କୁ କହିଗଲ ନାହିଁ କାହିଁକି ? ଯେତେବେଳେ ପ୍ରଥମ ସନ୍ତାନଟି ଏପରି ଅବସ୍ଥାରେ ମରିଥିଲା, ଦ୍ୱିତୀୟ ପିଲାଟିକୁ ଏକା ଛାଡ଼ିଗଲ କାହିଁକି ?" ଏ ପ୍ରଶ୍ନର ଯଥେଷ୍ଟ ଉତ୍ତର ଦୀପ୍ତି ପାଖରେ ନଥିଲା ।

ଆଉ ଜଣେ ଓକିଲଙ୍କ ପ୍ରଶ୍ନ- "ତୁମର ଦ୍ୱିତୀୟ ପୁଅ ଜିତୁର ଜନ୍ମ ପରେ ତୁମେ ଜଣେ ନର୍ସକୁ କହିଥିଲ, ଯେତେଦିନ ଅନ୍ତତଃ ପିଲାଟି ଆମ ପାଖରେ ଅଛି, ଆମେ ତାକୁ

Digitized by PPRACHIN, SOA

ନେଇ ମଜା କରିବା । ଏ କଥା ତୁମର ମନେପଡୁଛି ?" ଦୀପ୍ତି ଉତ୍ତର ଦେଇଥିଲା- "ଆମର ଡର ଥିଲା ଅମ୍ବରର ମୃତ୍ୟୁ ପରେ ଜିତୁକୁ ଆମେ ପାଖରେ ପାଇବା ତ ! ଆଉ କିଛି ବିଘ୍ନ ଘଟିବ ନାହିଁ ତ ! ତେଣୁ...।"

ତୃତୀୟ କନ୍ୟା ରୀତାର ବି ବାଇଶି ଦିନରେ ଖଟ ଉପରେ ମୃତ୍ୟୁ ହୋଇଥିଲା । ତାର ପଞ୍ଜରାହାଡ଼କୁ ଖୁବ୍ ଜୋର୍‌ରେ ଚିପି ଦିଆଯାଇଥିବାରୁ ସେଗୁଡ଼ିକ ଭାଙ୍ଗିଯାଇଥିଲା ଓ ତା'ର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିଲା । ପୂର୍ବ ଦୁଇଟିଯାକ ମୃତ୍ୟୁ ଶେଯରେ ଶୋଇଥିବା ପିଲାର ଶ୍ୱାସରୁଦ୍ଧଜନିତ ମୃତ୍ୟୁ । ତେଣୁ ଡ଼ାକ୍ତର ନିଦାନବିଭାଗ, ଶିଶୁ ଚିକିତ୍ସକ ଏବଂ ଓକିଲ ସମସ୍ତଙ୍କର ଗୋଟିଏ ମତ ଯେ ଦୀପ୍ତି ହିଁ ପିଲା ତିନିଟିଙ୍କର ହତ୍ୟାକାରିଣୀ । ଅତି ନିଜର କେହି ସମ୍ପୃକ୍ତ ନଥିଲେ ଶୋଇଥିବା ପିଲାଟିଏର ଶ୍ୱାସରୁଦ୍ଧଜନିତ ମୃତ୍ୟୁ ସହଜ ନୁହେଁ ।

ମହାଭାରତର ଗଙ୍ଗାଙ୍କ ଉପାଖ୍ୟାନ ଆମକୁ ଆଶ୍ଚର୍ଯ୍ୟ କରେ । ଯେହେତୁ ତାହା ପୁରାଣ-ପୁରାଣରେ ଅନେକ କାଳ୍ପନିକ ବା ଅଲୌକିକ ଘଟଣାକୁ ଆମେ ଗ୍ରହଣ କରିନେଉ । ତେଣୁ ଗଙ୍ଗାଙ୍କର ଏତାଦୃଶ ମାତୃତ୍ୱକୁ ଆମେ ଗ୍ରହଣ କରୁ । ତାର କାରଣ, ଗଙ୍ଗା ରାଜା ଶାନ୍ତନୁଙ୍କୁ ବିବାହ କରିବାକୁ ଅନିଚ୍ଛୁକ ଥିଲେ । ଘଟଣାକ୍ରମେ ବିବାହ କଲେ । ସର୍ତ୍ତଥିଲା, ଯେଉଁଦିନ ରାଜା ଶାନ୍ତନୁ ରାଗିକରି ତାଙ୍କୁ 'ଗାଙ୍ଗୀ' ବୋଲି କହିବେ, ସେ ରାଜାଙ୍କୁ ପରିତ୍ୟାଗ କରି ଚାଲିଯିବେ । ଶାନ୍ତନୁ ଗଙ୍ଗାଙ୍କ ପ୍ରତି ଆସକ୍ତ ଥାନ୍ତି-ତେଣୁ ତାଙ୍କୁ ଜଗିରଖି ଚଳନ୍ତି, କଅଁଳ କଥା କହନ୍ତି ।

କିନ୍ତୁ ତାଙ୍କୁ ଉତ୍ୟକ୍ତ କରିବା ଉଦ୍ଦେଶ୍ୟରେ ଗଙ୍ଗା ଅଭାବିତ କାଣ୍ଡ କରିବସିଲେ । ଶାନ୍ତନୁ ବା ଆଉ କେତେ ସହନ୍ତେ ସଦ୍ୟଜାତ ସନ୍ତାନଙ୍କର ବୀଭତ୍ସ ମୃତ୍ୟୁ ? ସେ ହୁଏତ ନିଃସନ୍ତାନ ହୋଇରହିବେ । ତେଣୁ ତୃତୀୟ ସନ୍ତାନଟିର ହତ୍ୟା ପୂର୍ବରୁ ସେ ଚିତ୍କାର କରି ଉଠିଥିଲେ । ବାସ୍ ଗଙ୍ଗାଙ୍କ ମନୋରଥ ପୂର୍ଣ୍ଣ । ସେ ଶାନ୍ତନଙ୍କୁ ପରିତ୍ୟାଗ କଲେ ।

ତେବେ ପୁରାଣରେ ଗଙ୍ଗାଦେବୀ ଏକାଧାରରେ ନଦୀ ପୁଣି ନାରୀ ଏବଂ ମହାଦେବ ଶିବ ତାଙ୍କୁ ମସ୍ତକରେ ଧାରଣ କରିଥିଲେ । ତେଣୁ ତାଙ୍କ ଚରିତ୍ର ଲୌକିକତାର ଊର୍ଦ୍ଧ୍ୱରେ ହୋଇପାରେ । କାଳ୍ପନିକ ହୋଇଥାଇପାରେ । ମାତ୍ର ଏକବିଂଶ ଶତାବ୍ଦୀର ପାଦଦେଶରେ, ୨୦୦୧ ମସିହାରେ ପାଶ୍ଚାତ୍ୟ ଦେଶରେ ବାସକରୁଥିବା ପ୍ରାଚ୍ୟ ଦେଶର ଏକ ଧନାଢ଼୍ୟ ବ୍ୟକ୍ତିଙ୍କ ପରିବାରରେ ଜଣେ ନାରୀ ଏପରି ସନ୍ତାନ ହତ୍ୟା କରିପାରେ ତାହା ବାସ୍ତବିକ ଭୟଙ୍କର ଓ କଳ୍ପନାତୀତ । ତା' ସାଙ୍ଗକୁ ପୁଣି ତାଙ୍କୁ ପତିଙ୍କର ସୁରକ୍ଷା- "ମୋ ସ୍ତ୍ରୀ ଭାରି ଭଲ, ଏପରି ଜଘନ୍ୟ କାଣ୍ଡ ସେ କରିନପାରନ୍ତି"- ଖୁବ୍ ବିସ୍ମୟକର ।

Digitized by PPRACHIN, SOA

ପ୍ରଚୁର ଅର୍ଥ ଶ୍ରାଦ୍ଧ ହେଲା । ନାନା ଦିଗରୁ ବିଭିନ୍ନ ସାକ୍ଷ୍ୟପ୍ରମାଣ ଯୋଗାଡ଼ କରାଗଲା । କାଳେ ଏସବୁ ଦୀପ୍ତିଙ୍କ ସପକ୍ଷରେ ଯାଇପାରେ !

ଆଖି ଫିଟି ନଥିବା ମଣିଷ ଛୁଆକୁ ମାଆ ହୋଇ ଯିଏ ଛାତି ଚିପି, ନାକ ଚିପି ହତ୍ୟା କରିପାରେ ସେ ଯଦି ଜଣେ ନାରୀ, ତେବେ ସେ ନିଶ୍ଚୟ ବିକୃତ ମସ୍ତିଷ୍କ, ପାଗଳୀ । ଛୋଟ ପିଲାଙ୍କୁ ଅତି ଯତ୍ନରେ ଧରି ତାକୁ କଲ୍‌ବଲ କରି ମାରିଦେବାର ପୈଶାଚିକ ଉଲ୍ଲାସ ତା'ର ରହିଛି । ଥରକୁ ଥର ସେ ଏହି କାର୍ଯ୍ୟ କରିଚାଲିଛି । ଏଥିପାଇଁ ତାର ଦ୍ୱିଧା ନାହିଁ, ଭୟ ନାହିଁ, ଦୁଃଖ ନାହିଁ, ଅନ୍ତର୍ଦାହ ନାହିଁ । ଅଥଚ ଏସବୁ ସତ୍ତ୍ୱେ ସେ ପିଲାମାନଙ୍କୁ ଜନ୍ମ ବି କରି ଚାଲିଛି ।

ଆଧୁନିକା ମାଆର ଏପରି ବିକୃତି କେଉଁ କାରଣରୁ ହେଉଛି, ତାହାର ନିର୍ଣ୍ଣୟ କଷ୍ଟକର । ଖଟରେ ଶୋଇଥିବା ଛୁଆଙ୍କର ହତ୍ୟା ଅତି ନିକଟତମ ଲୋକ ଦ୍ୱାରା ହିଁ ସମ୍ଭବ । ମୋକଦ୍ଦମାର ଆରମ୍ଭରେ ଡାକ୍ତର ରିସ୍‌ତନ୍ କହିଲେ, "ଏପରି ପଞ୍ଜରାହାଡ଼ ଭାଙ୍ଗି ମୃତ୍ୟୁ ହେବା କୌଣସି ପ୍ରକାର ରୋଗର ଲକ୍ଷଣ ନୁହେଁ । ଏହା କେବଳ ସଜ୍ଞାନରେ ହତ୍ୟା ।"

ଦୀପ୍ତି ପରି ମାଆଙ୍କର ଏ ପ୍ରକାର ସନ୍ତାନ ହତ୍ୟା ଇଂଲଣ୍ଡରେ ନୂଆ ନୁହେଁ । ମାଆମାନେ ଏପରି କରିବାର ଦୃଷ୍ଟାନ୍ତ ରହିଛି । ଅବଶ୍ୟ ରୀତାର ଶବକୁ ପରୀକ୍ଷା କରିଥିବା ଡାକ୍ତର ମିତୋଙ୍କ ମତାମତକୁ ଗୁରୁତ୍ୱ ନଦେଇ ନ୍ୟାୟାଳୟ ଦୀପ୍ତିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଦେଲେ । ମାତ୍ର 'ଏପରି ପୈଶାଚିକ ପ୍ରବୃତ୍ତି ନାରୀଠାରେ ଯେ ଅସମ୍ଭବ ଏହା କହିହେବ ନାହିଁ' ବୋଲି ତାଙ୍କ ରାୟରେ ମତ ଦେଲେ ।

ଆମ ପୁରାଣରେ ଯଦିଓ ଜଣେ ଦେବୀ, ଜଣେ ରାଜରାଣୀ ଏହା କରିଥିଲେ, ସେ ଯେ କ୍ରୋଧୀ ଏବଂ ପ୍ରଚଣ୍ଡ କ୍ରୋଧ ଯେ ମସ୍ତିଷ୍କ ବିକୃତିର ଅନ୍ୟ ଏକ ପରିଭାଷା, ଏହା କିଏ ନଜାଣେ ?

କିନ୍ତୁ ଗଣମାଧ୍ୟମରେ ହସହସ ଦୀପ୍ତି ଦମ୍ପତିଙ୍କ ଫଟୋ ବାହାରିଲା । ତେବେ "ତାଙ୍କର ଚତୁର୍ଥ ସନ୍ତାନ (ଏକମାତ୍ର ଜୀବିତ ଛୋଟ ଶିଶୁ)କୁ ଦୀପ୍ତି ନିଜେ ଧରିପାରିବେ ନାହିଁ, ତାର ଯତ୍ନ ନେଇ ପାରିବେ ନାହିଁ, ସେ କେବଳ ସନ୍ତାଟିକୁ କୋଳରେ ଧାରଣ କରିପାରିବେ-ଯଦି ସମାଜସେବୀ ଅନୁଷ୍ଠାନର କେହି ସଦସ୍ୟା ତାଙ୍କ ପାଖରେ ଥାଆନ୍ତି" ବୋଲି ଜଜ୍ ସାହେବ ରାୟ ଦେଇଥିଲେ । ଏହା ପ୍ରକାରାନ୍ତରେ ତାଙ୍କ କୃତକର୍ମ ନିମିତ୍ତ ଦଣ୍ଡ । ଯାହା ସତ୍ୟ ତାହାର ନିଷ୍ଠୁରତା କେତେ ତାହା କେବଳ ଦୀପ୍ତି ହିଁ ଜାଣନ୍ତି । ବିକାରଗ୍ରସ୍ତ ମାତୃତ୍ୱର ଏକ ଦୃଷ୍ଟାନ୍ତ ହିଁ ସେ ।

●

Digitized by PPRACHIN, SOA

ପାପୀ ଜନ୍ମ

(ସତ୍ୟ ଘଟଣା ଉପରେ ଆଧାରିତ)

ସୀତା ସେଦିନ ସକେଇ କାନ୍ଦୁକାନ୍ଦୁ ବୟାନ କରି ଚାଲିଥିଲା- ସୀତା ସହରତଳି ଅଞ୍ଚଳର ଧାଇଟିଏ । ମୁଖ୍ୟତଃ ମଫସଲରେ ତାର କାରବାର । ପୋଖତୀଙ୍କ ସେବା ତା'ର ଜୀବିକା । ସେଇଁଥିରେ ପରିଶ୍ରମ ତ ଅଧିକ-ରାତି ଅଧହେଲେ ବି ଶୀତ କାକର, ମୁଷଳ ବର୍ଷାକୁ ନ ମାନି ଘରୁ ବାହାରିବାକୁ ପଡ଼ିବ । ଜ୍ୟେଷ୍ଠମାସିଆ ମୁଣ୍ଡଫଟା ଦି' ପହରରେ ବି । ପୋଖତୀଙ୍କର କଣ ବେଳକାଳ ଥାଏ ? ଧାଇ ବିଚାରୀଟିକୁ କୋଉ ବେଳଟା ସୁବିଧା ହେବ, ସେ ବୁଝେ ? ନୂଆ ଜୀବନଟିଏ ଯେତେବେଳେ ପୋଖତ ହୋଇ ଆଲୁଅ ଦେଖିବାକୁ ମୁଣ୍ଡଟେକେ, ଠେଲାମାରେ, ପୋଖତୀ କଇଁ କଇଁ ହୋଇ କାନ୍ଦେ । ଖୋଜାପଡ଼େ ଧାଇକୁ, ଯାଅ, ସୀତାକୁ ଡାକି ଆଣ । ସୀତା ଅବଶ୍ୟ ଆଗରୁ ଜାଣିଥାଏ ଯେ ଅମୁକ ଘର ବୋହୂ ଅମୁକ ମାସରେ ଡାକରାଦବ । ହେଲେ ତିଥିବାର ବେଳକାଳ ଅଚାନକ ଆସେ ।

ସୀତା କେତେ ନୂଆ ମଣିଷଙ୍କୁ ଆଲୋକ ଦେଖାଇଛି । କେତେ ରକ୍ତ, ଲୁହ, ଲାଳରେ ଭିଜିଥିବା ପୋଖତୀଙ୍କୁ ସାଷ୍ଟମ କରିଛି । ହଁ, ପାପ ଆଉ କ'ଣ ? ପାପୀ ଜନ୍ମରୁ କେତେକଙ୍କୁ ଉଦ୍ଧାର କରିଛି । ହେଲେ ଆଜିକାଲି କାହିଁକି ମନଟା ପଛେଇ ଯାଉଛି ?

ଏଇ ଅଳ୍ପଦିନ ତଳେ ମାର୍ଗଶୀର ମାସ ରାତି ଅଧରେ ଶ୍ୟାମ ସିଂଙ୍କ ବଡ଼ବୋହୂର ଡାକରା ଆସିଲା । ଦୁଇ ଜଣ ଲୋକ ପହଞ୍ଚି ସୀତାକୁ ଡାକିନେଲେ । ବ୍ୟବସାୟୀ ଘର, ଭଲ ଦବାନବା କରିବେ, ଅଭାବୀ ତ ନୁହନ୍ତି । ସୀତା ଯାଇ କାମରେ ଲାଗିଗଲା । କିନ୍ତୁ କି ଯେ ବିଡ଼ମ୍ବନା ! ରାତି ପାହାପାହା ହେଉଛି, ବୋହୂଟି ଲାଗ ଲାଗ ଦୁଇଟି ଛୁଆ ଜନ୍ମକଲା । ଗୋରା ତକ୍ ତକ୍ ଛୁଆ ଦୁଇଟି । ଦୁଇଟି ଯାକ ଝିଅ । ହଲଚଲ ହେଉଥାନ୍ତି-ଆଙ୍ଗୁଠିକୁ ପାଟିରେ ଭରିବାର ଚେଷ୍ଟାରେ ଥାଆନ୍ତି । ବୋହୂଟି ତାର ନିସ୍ତେଜ ମୁହଁରେ ଲୁଗା ଘୋଡ଼ାଇ କାନ୍ଦିବାକୁ ଲାଗିଲା । ସିଂଙ୍କ ବୁଢ଼ୀ ସୀତା ହାତଧରି ତୁନିକି ଡାକିନେଲେ- କଣ କରିବା ? ଦି' ଦି'ଟା ଝିଅ । ମା'ଲୋ-ରାତି ପାହିଯିବ-ବାହାରକୁ ତ ନେଇ ହବନି-ସୀତାକୁ ନେହୁରା ହେଲେ, ନେ', ଯୁରିଆ ସାର ପୁଡ଼ାଏ ଗୁଞ୍ଜିଦେଲେ ସୀତା ହାତରେ । କାମ ସାରିଦେ, ଯାଆ"-ସିଂ ଘରବୁଢ଼ୀଙ୍କ କଣ୍ଠରେ ଅନୁନୟ । ହାତଗୋଡ଼

Digitized by PPRACHIN, SOA

ଥରିଲା ଅବସ୍ଥାରେ ସୀତା ଛୁଆ ଦୁଇଟାଙ୍କ ପାଖେ ପହଞ୍ଚିଲା । ନାହିନାଡ଼ କଟା ସରିଥାଏ । ଗାଧୋଇ ନଥାନ୍ତି । ଦୁଇ ପିଲାଙ୍କ ପାଟିରେ ସାର ମୁଠାକ ମାଡ଼ିଦେଲା । ଦି'ଥର କେଁ କେଁ ଶବ୍ଦଟିକେ ଶୁଭିଲା । ତାପରେ ସବୁ ଚୁପ୍ ! ଯାଆନ୍ତୁ, ପାପୀ ଜନ୍ମରୁ ତ୍ରାହି ପାଇଯାଆନ୍ତୁ । ସୀତା ମୁହଁ ବୁଲାଇ ପୋଖତୀ ଘରୁ ବାହାରି ଆସିଲା । ତଳକୁ ମୁହଁ ପୋତିଥାଏ ସେ । ବୁଢ଼ୀ କନାପୁଡ଼ିଆରେ ଚାଉଳ ଡାଲି ବାନ୍ଧି ଟଙ୍କା କେଇଟା ତା ହାତରେ ଧରାଇ ଦେଲେ । ସିନ୍ଦୂରା ଫାଟି ଆସୁଥାଏ । ଆକାଶର ମୁହଁ ନାଲି ପଡି ଯାଇଥାଏ ଲାଜରେ । ଚଢ଼େଇଗୁଡ଼ା ସତେ କି କାନ୍ଦିଉଠି ହାଉଳି ଖାଉ ଥାଆନ୍ତି । ଗଛରୁ ଲୁହ ଝରୁଥାଏ ଟପ୍ ଟପ୍ । ସୀତା ତଳକୁ ମୁହଁ ପୋତି ଘରମୁହାଁ ଚାଲିଥାଏ । ସେ କିଛି ଜାଣେନା । ତାର ୫୦/୫୫ ବର୍ଷର ଜୀବନ ଭିତରେ ଅନ୍ତତଃ କୋଡ଼ିଏଟି ଯାଏ ପୋଖତୀ ଘରେ ସେ ଏଇ କାମ ହିଁ କରିଛି ।

ଆଉ ଦିନେ ଦୀନବନ୍ଧୁ ମିସ୍ତ୍ରୀର ଭାରିଜାର ପୋଖତୀ ଘରେ ଏମିତି ତାକୁ ଅଘଟଣ ଘଟାଇବାକୁ ପଡିଥିଲା । ବିଚରା ମିସ୍ତ୍ରୀ ଖଟିଖିଆ-ସେତେବେଳକୁ ୨ଟି ପୁଅ ପରେ ସ୍ତ୍ରୀର ତୃତୀୟଗର୍ଭ । ଝିଅଟିଏ ଜନ୍ମହେଲା । ମିସ୍ତ୍ରୀ ଦୋଷକାରୀ ଭଳି ସୀତା ଆଗରେ ଠିଆହେଲା । କହିଲା, "ମାଉସୀ, ମତେ ଏ ବୋଝରୁ ଉଦ୍ଧାର କର । ତୋ ଗୋଡ଼ତଳେ ପଡୁଛି । ମତେ ବାଟ ବତା ।" ସୀତା ରୋଷଘରୁ ମୁଠାଏ ଲୁଣ ଆଣି ଆସିଲା । ସଦ୍ୟଜାତ କନ୍ୟା ସନ୍ତାନଟି ଆଖି ଭଲକି ଖୋଲି ନଥାଏ-ହାତଗୋଡ଼ ଖେଳାଉ ଥାଏ, ପାଟି ପାକୁପାକୁ କରୁଥାଏ । ସୀତା ମେଞ୍ଚେ ଲୁଣ ତା ପାଟି ଭିତରେ ଖୁନ୍ଦିଦେଲା । କୁଁ କିନା ଶବ୍ଦ ବି ହେଲାନି । ଜ୍ୟେଷ୍ଠ ମାସ ଦି'ପହର । ମିସ୍ତ୍ରୀଘର ଢ଼ିଙ୍କିଶାଳରେ ଦି'ଘଡ଼ି ଗଡ଼ିପିଡ଼ିଲା ସୀତା । ମିସ୍ତ୍ରୀ କିଛି ବିଦାକୀ ଦେଇଥିଲା ।

ଏକା ତା'ରି ଜୀବନରେ ସେ କୋଡ଼ିଏଟି ଯାଏ ଶିଶୁହତ୍ୟା କରିଛି । ଉତିଆଣୀ ପିଲାକୁ ଭୂଇଁରେ ପକାଇ ତା' ପାଟିରେ ଲୁଣ ବା ୟୁରିଆ ସାର ଭର୍ତ୍ତି କରିଛି । ମୁଣ୍ଡ ତଳକୁ କରି ଘରକୁ ଫେରିଛି ।

ସୀତାର ଏ ବୟାନ କ'ଣ କାହାଣୀ କି ? ମୁଁ ରୁନୁକୁ ବୋଧଦେଉଥାଏ "ଆଲୋ, ଏମିତି କେତେକେତେ ଏପରି ନିଷ୍ଠୁର କାମ କରନ୍ତି । ଝିଅହେଲା, ତାକୁ ମାରି ପକାଅ । ଆଧୁନିକ, ଧନୀ, ସହରୀ ବାପା ମା' ତ ଗର୍ଭାବସ୍ଥାରେ ଝିଅଭ୍ରୁଣକୁ ନଷ୍ଟକରି ଦଉଛନ୍ତି । ତାଠାରୁ ବଳି ଜଘନ୍ୟ ଯେ ଶିଶୁକନ୍ୟା ହତ୍ୟା । ଅଥଚ, ଉଭୟର ଉଦ୍ଦେଶ୍ୟ ଓ ପରିଣତି ତ ଏକା ।"

Digitized by PPRACHIN, SOA

ଆଜି ଏକବିଂଶ ଶତକର ଆଦ୍ୟ ପାଦରେ ନାରୀଜାଗରଣ, ନାରୀ ପ୍ରଗତିର ସ୍ଲୋଗାନ ଭିତରେ କନ୍ୟା ସନ୍ତାନ ପ୍ରତି ଯେ ଘୃଣା, ଆକ୍ରୋଶ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବାହାରକୁ ଦୃଶ୍ୟ ନ ହେଉଥିଲେ ବି ବାସ୍ତବତା ଅତ୍ୟନ୍ତ ଭୟାବହ । ଝିଅର ତୁଚ୍ଛ ଜୀବନକୁ ନେଇ ବାପା ମା' ଘାଣ୍ଟି ହେବେ ନାହିଁ । ତା'ର ଜୀବନ ନିରର୍ଥକ । ବୋଝ । ତାକୁ ରାସ୍ତାରୁ ହଟାଇବାକୁ ପଡ଼ିବ । ନିତାନ୍ତ ଅବିବେକୀ, କ୍ରୂର ମଣିଷ, ବାପହେଇବି, ମା' ହେଇବି ଏ କାମ କରିବାକୁ ଆଗଭର ହୁଏ । ମା' ଚାହେଁ ଝିଅ ମୋ ପରି ହନ୍ତସନ୍ତ ହେଇ କଷ୍ଟ ନ ଭୋଗୁ । ସମସ୍ତଙ୍କୁ ହତାଶ ନ କରୁ-ମରିଯାଉ । ଆମେ ସ୍ୱୀକାର ନ କରିବାର ଉପାୟ ନାହିଁ ଯେ, ଏହା ହିଁ ହେଉଛି ନଗ୍ନସତ୍ୟ ।

ରୁନୁ କହେ, "ଖାଲି କ'ଣ ସେତିକି ? ଗରିବ, ଅଶିକ୍ଷିତ ଲୋକଙ୍କ କଥା ଛାଡ଼, ସମାଜରେ ଯେଉଁମାନେ ସମ୍ମାନାସ୍ପଦ, ବୁଦ୍ଧିମାନ ଲୋକ, ସେମାନେ ବି ଝିଅପୁଅରେ ବିଭେଦ ଦେଖନ୍ତି । ରୁନୁ ତା ପରେ ତାର ଜଣେ ପଡ଼ୋଶୀ ପ୍ରଫେସରଙ୍କ ସ୍ତ୍ରୀଙ୍କ କଥା କହିଲା ସେ ସ୍ୱଳ୍ପ ଶିକ୍ଷିତା । ତାଙ୍କର ଦୁଇଟି ଝିଅ, ଦୁଇଟି ପୁଅ । ଖାଇବା, ପିନ୍ଧିବା ଓ ପଢ଼ିବା-ଏଥିରେ ସେ ସ୍ପଷ୍ଟ ପାତର ଅନ୍ତର କରନ୍ତି । ଝିଅମାନଙ୍କୁ କ୍ୱଚିତ୍ ଦୁଧ, ଅଣ୍ଡା ଦିଆଯାଏ-ପୁଅମାନଙ୍କୁ ପ୍ରତ୍ୟେକ ଦିନ । ଝିଅଙ୍କୁ ପଢ଼ିବାକୁ ଯଥେଷ୍ଟ ସମୟ ଦିଆଯାଏ ନାହିଁ-ଘରର ସବୁ କାମ ସେ ଦୁହେଁ କରିବେ । ପିନ୍ଧିବେ ବି ଯାହିତାହି । ତାଙ୍କର କହିବା କଥା-ଯାନିଯୌତୁକ ଦେଇତ ବିଭା କରିବାକୁ ହେବ । ଯାହିତାହି ପଢ଼ନ୍ତୁ, ଯାହାତାହି ଚଳନ୍ତୁ । ନିଜେ ନାରୀ ଜନ୍ମ ପାଇ ମଧ୍ୟ ମା' ଓ ଶାଶୂ ଝିଅକୁ, ବୋହୂକୁ ନ୍ୟୂନ ଦୃଷ୍ଟିରେ ଦେଖନ୍ତି । ଏପରି ଚଳଣି ଅନେକଙ୍କର ଘରେ ଚଳେ ।" ରୁନୁଠୁଁ ଏକଥା ଶୁଣି ମୋର ମନେପଡ଼ିଯାଏ ଜଣେ ସହକର୍ମିଣୀ ଅଧ୍ୟାପିକାଙ୍କ କଥା । ଦିନେ ସେ ଏକାନ୍ତରେ କହୁ କହୁ କାନ୍ଦି ପକାଇଥିଲେ । ସେ ମୋର ଅନ୍ତରଙ୍ଗ ଅବଶ୍ୟ, ମାତ୍ର ଏପରି ଭାବେ ଆକୁଳ ହୋଇ ଭାଙ୍ଗି ପଡ଼ିବାର ମୁଁ କେବେ ଜାଣିନଥିଲି । ତାଙ୍କ ଝିଅ ଜଣେ ପ୍ରଶାସନିକ ଅଫିସର । ଜ୍ୱାଇଁ ମଧ୍ୟ ଅନୁରୂପ ବୃତ୍ତିର ଅଧିକାରୀ । ଗୋଟିଏ ବଡ଼ ସହରରେ ଶାଶୂ ଶ୍ୱଶୁରଙ୍କ ପାଖରେ ପୁଅବୋହୂ ରହନ୍ତି । ଏକମାତ୍ର ପୁଅ ଓ ବୋହୂ; ଅଥଚ ନବବିବାହିତା ବୋହୂଟିକୁ ଶାଶୂ ଘରର ଅନେକ କାମ କରାନ୍ତି । ଅଫିସ୍‌ରୁ ଫେରି ସେ ଆଦୌ ବିଶ୍ରାମ ପାଏନାହିଁ । ସେ ଘରେ ଗାଉନ ପିନ୍ଧିବ ନାହିଁ, ଶାଢ଼ୀ ପିନ୍ଧିବ । ପୁଣି ଭଲମନ୍ଦ ଖାଇବା ଜିନିଷଟିକେ ଶାଶୂ ଯଦି କେତେବେଳେ କରନ୍ତି, ସ୍ୱାମୀ ଓ ପୁଅକୁ ସବୁତକ ବାଢ଼ି ଦିଅନ୍ତି । ବୋହୂକୁ ଦିଅନ୍ତି ନାହିଁ । ବୋହୂ ଅଫିସ୍‌କୁ ତାର ମଧ୍ୟାହ୍ନ ଭୋଜନ ଭାତ,

Digitized by PPRACHIN, SOA

ଡାଲି, ତରକାରଟିଏ ନେଇକି ଯାଏ । ପୁଅ ଦି'ପ୍ରହରେ ଘରକୁ ଆସେ । ମା', ବାପ, ପୁଅ ବସାଦହି, ସାଲାଡ଼, ଭଜା, ଶାଗ ଇତ୍ୟାଦି କରି ଖାଆନ୍ତି । ବୋହୂ ପାଇଁ ରଖନ୍ତି ନାହିଁ । ବୋହୂ ଯେ ଗୋଟେ ବଡ଼ ଚାକିରି କରି ଟଙ୍କା ଗୁଡ଼ାଏ ଘରକୁ ଆଣୁଛି, ଶାଶୂ ସେଥିରେ କିଛି ଗୁରୁତ୍ୱ ଦିଅନ୍ତି ନାହିଁ । ମନ ପୋଡ଼ିଗଲେ କିଏ ଜାଣିବ ? ବାପା ମା' ଝିଅଟିକୁ ପୁଅଙ୍କ ସହ ସମାନ ସୁବିଧା ସୁଯୋଗ ଦେଇ ବଢ଼ାଇଲେ, ପଢ଼ାଇ ଯୋଗ୍ୟ କଲେ- ବଡ଼ଘରେ ଝିଅଟିକୁ ବିଭା ଦେଲେ । ଅଥଚ, ଖାଇବା ଗଣ୍ଡାକରେ ବି ପାତର ଅନ୍ତର-ଏକଥା ସହିବାକୁ ଝିଅଟିକୁ କଷ୍ଟ ହୁଏ-ସେ ତା' ମା' ଆଗରେ କହିଛି । କେତେଦିନ ସେ ଏସବୁ ସହିକି ରହିବ ? କହିବ ବା କାହାକୁ ?

ଝିଅ ଜନ୍ମ ସତରେ ଏମିତି ହୀନିମାନ । ଆମ ଭାରତ ଦେଶରେ ପ୍ରଚୁର ଦାରିଦ୍ର୍ୟ ରହିଛି ସତ, କିନ୍ତୁ କେବଳ ଦାରିଦ୍ର୍ୟ ଯୋଗୁଁ ନୁହେଁ, ହେୟ ଭାବ ଯୋଗୁଁ, ଅଶ୍ରଦ୍ଧା ଯୋଗୁଁ, ଅବିଚାର ଯୋଗୁଁ ଝିଅଟିଏ କେତେ କେତେ ଅନିଭୋଗ ନ ସହେ ? ସାମାଜିକ, ପାରିବାରିକ ବ୍ୟବସ୍ଥାରେ ତାର ସ୍ଥାନ ସବୁବେଳେ ତଳେ । ତା'ର ରୂପ, ଗୁଣ, ବିଚାର ବୁଦ୍ଧି ସବୁକିଛି ଯଦି ଉଚ୍ଚତର ବି ହୋଇଥାଏ ସେ ତଥାପି ନ୍ୟୂନ । ଏ କଥା ଅନେକ ଝିଅ ଅଙ୍ଗେ ନିଭାନ୍ତି । ମାତ୍ର ତା'ର ଅନୁପାତ ସର୍ବୋଚ୍ଚରେ ପହଞ୍ଚେ, ଯେବେ ନବଜାତ ଝିଅଟିଏ ପାଟିରେ ଲୁଣ କିମ୍ଵା ୟୁରିଆ ଭର୍ତ୍ତି କରାଯାଏ ।

ୟେ କ'ଣ କାହାଣୀ ? ପାଠକେ, ୟେ କାହାଣୀ ନୁହେଁ, ଶୁଣିବାକୁ ଯେତେ ବୀଭତ୍ସ ଲାଗିଲେ ବି ଏହା ମଣିଷର ସୁଚିନ୍ତିତ ଆଚରଣ, ଯୋଜନାବଦ୍ଧ କାର୍ଯ୍ୟକଳାପ । ଏହା ଆମ ଭାରତବର୍ଷର ସବୁ ରାଜ୍ୟରେ ଊଣାଅଧିକେ ଘଟୁଛି । କେତେକ ରାଜ୍ୟରେ ଚରମକୁ ପହଞ୍ଚିଛି । ଝିଅଟିଏ ବଞ୍ଚିରହିବାର ଅଧିକାର ନାହିଁ । ଗାଈ, ଛେଳିର ମାଈ ଛୁଆଟିଏ ହେଲେ ଲୋକେ ଖୁସି ହେଉଛନ୍ତି, କିନ୍ତୁ ମଣିଷର ଝିଅଟିଏ ହେଲେ ବିଷାଦ ଛାଇ ଯାଉଛି । ତାକୁ ସହଜ ଉପାୟରେ ମାରି ଦିଆଯାଉଛି । ଏ ବିଷୟରେ ଭାବାନ୍ତର ଆସିବାର ସମୟ କ'ଣ ହୋଇନାହିଁ ? ଯେଉଁ ନାରୀର ପଣତ ତଳେ ମୁହୂର୍ତ୍ତେ ବିଶ୍ରାମ ନେଇ ବୀର ପୁରୁଷ ଜୀବନର ଜ୍ୱାଳା ଭୁଲିଯାଏ, ସେହି ନାରୀଜୀବନକୁ ଏପରି ନିରର୍ଥକ କରି ଦିଆଯାଉଛି କାହିଁକି ? ନାରୀ ନ ଥିଲେ ପୁରୁଷ ନାହିଁ, ସମାଜ ନାହିଁ, ସୃଷ୍ଟି ନାହିଁ; ଅଥଚ ତା' ପ୍ରତି ଦୃଷ୍ଟିକୋଣ ବଦଳିବ କେବେ ? କେବେ ତା' ପ୍ରତି ମାନବସୁଲଭ ଆଚରଣ କରାଯିବ ?

●

Digitized by PPRACHIN, SOA

ମରିବେ ସିନା ସରିବେ ନାହିଁ

ଚାଞ୍ଚଲ୍ୟକର ଖବର ସବୁ । ପଞ୍ଜାବରେ ଝିଅଙ୍କର ଅନୁପାତ କମି କମି ଯାଉଛି । ଓଡ଼ିଶାର ସହରାଞ୍ଚଳରେ ମଫସଲ ତୁଳନାରେ କନ୍ୟାସନ୍ତାନଙ୍କ ସଂଖ୍ୟା ତଳକୁ ତଳକୁ ଯାଉଛି । ଭାରତର ସମସ୍ତ ବଡ଼ ସହରରେ ଝିଅ ଜନ୍ମ ଅନୁପାତ ହ୍ରାସ ପାଉଛି । ଏହା ଖୁବ୍ ଉଦ୍‌ବେଗଜନକ । କିନ୍ତୁ ଏହାର ହେତୁ କଂଅଣ ? ସଜ୍ଞାନ ସଚେତନ ଭାବେ କନ୍ୟାଜନ୍ମ ହ୍ରାସ କରାଯାଉଛି । କନ୍ୟା ଭୃଣ ହତ୍ୟା ଯୋଗୁ ଏପରି ହେଉଛି । ମୁଁ ଓ ମୋର କେତେକ ଅଧ୍ୟାପିକା ବାନ୍ଧବୀ ଏ ସଂପର୍କରେ କଥା ହେଉଥିଲୁ ।

କି କଥା ଯେ ? ଭାଲେଣି ପଡ଼ିଛି ଏତେ କାହିଁକି ? ମାନବ ସମ୍ବଳ ବିକାଶ ବିଭାଗ, ଅନ୍ୟାନ୍ୟ ସରକାରୀ, ବେସରକାରୀ ଅନୁଷ୍ଠାନର ଏତେ ମୁଣ୍ଡବ୍ୟଥା କ'ଣ ପାଇଁ, ଏତେ ଦରଦ ? ଗୋଟିଏ ଦିଗରେ ଭୃଣହତ୍ୟା କରାଯାଉଛି । "ଅନ୍ୟଦିଗରେ ମରିଗଲା, ସରିଗଲା ବଞ୍ଚାଅ ବଞ୍ଚାଅ" ହୁରିପଡ଼ିଛି । କୋର୍ଟ ରାୟ ଦେଲେ ବିବାହିତ ଝିଅ ବାପଘରର ପରିବାରର ସଦସ୍ୟ ରୂପେ ଗଣାଯିବ ନାହିଁ । ସବୁ କାଳେ ଝିଅଟିଏ ଥିଲା "ଦୁଇକୁଳକୁ ହିତା-ଦୁହିତା" । ଦୁଇକୁଳ ମଧ୍ୟରେ ସେ ଥିଲା ଆତ୍ମିକ ଯୋଗସୂତ୍ରଟିଏ । ଗୋଟିଏ କୁଳରୁ ଯଦି ତା' ସଦସ୍ୟପଣ କଟିଯାଏ, ସେ ଅସହାୟ ହୋଇଯିବ କି ନାହିଁ ? ଝିଅଙ୍କର ପିତୃସମ୍ପତ୍ତିରେ ଅଧିକାର ସାବ୍ୟସ୍ତ କରିବା, ଏ ଦେଶରେ ଗୋଟିଏ ସ୍ୱାଗତଯୋଗ୍ୟ ଆଇନ । କିନ୍ତୁ ଅଧିକାର ସାବ୍ୟସ୍ତ କରିବା ପାଇଁ ଝିଅଟିଏ ତା' ଶାଶୂଘରର ବା ସ୍ଥଳ ବିଶେଷରେ ବାପଘରର ସାହାଯ୍ୟ ସହାନୁଭୂତି ତ ଲୋଡ଼ିବ । ଆଜିକାଲି ଝିଅମାନେ ପ୍ରାୟତଃ ୨୫ବର୍ଷ ପରେ ହିଁ ବିବାହ କରୁଛନ୍ତି । ୨୫ବର୍ଷ ଯାଏ ଝିଅଟି ବାପଘରେ ରହି, ଘର ପ୍ରତି ତା'ର ପ୍ରଗାଢ଼ ମମତା ବାଣ୍ଟି ଦେଉଛି । ଘର ସଜାଇବା, ମାଆ ସହିତ ଘରକାମ କରିବା, ବାପଭାଇଙ୍କ ଖବର ବୁଝିବା ତାହାର ଦୈନନ୍ଦିନ କାର୍ଯ୍ୟ । ଶାଶୂଘରେ ଏଣେ ଲୋକଙ୍କ ଅର୍ଥଲୋଭ ବୋହୂକୁ ଅସହାୟ କରି ପକାଉଛି । ତେଣୁ ଝିଅ ଜନ୍ମ ଯେ କେତେ ବେଶି ବିଡ଼ମ୍ବିତ, ତାହା ବୁଝି ହେଉଛି । ଶରୀରଗତ କାରଣରୁ ଝିଅଟି ଉପରେ ଦାଉ ସାଧନ୍ତି ସମସ୍ତେ । ପିଲାଟିଏ ଜନ୍ମକଲା ପରେ ସେ ପିଲାଟି ସହ ବାନ୍ଧି ହେଇପଡ଼େ । ତା'ର ଲାଳନ ପାଳନରେ ଅଧିକାଂଶ ଶକ୍ତି ଓ ସମୟ

Digitized by PPRACHIN, SOA

ଖଟାଏ । ଆଜିଯାଏ ଭାରତୀୟ ମାଆଟିଏ ସନ୍ତାନକୁ ଅବହେଳା କରି ନିଜ ସ୍ୱାଚ୍ଛନ୍ଦ୍ୟ ଖୋଜିବାକୁ ଯାଇନାହିଁ । ଅଥଚ, କେବଳ ଏହି କାରଣରୁ ସ୍ତ୍ରୀଲୋକଟି ଉପରେ ଅକସ ସାଧନ୍ତି ସ୍ୱାମୀ, ପରିବାର ଓ ସମାଜ ।

୧୨/୧୪ ବର୍ଷ ବେଳକୁ ବୟଃପ୍ରାପ୍ତ ହୋଇ ଝିଅଟି ଖୁବ୍ ସନ୍ତର୍ପଣରେ ଚଳେ । ତା'ର ଦୋଷ ଥାଉ, ନଥାଉ, ତାକୁ ନାନା ଦୁର୍ଭୋଗ ମିଳିଥାଏ । ପ୍ରକୃତି ତାକୁ ମାତୃତ୍ୱର ଅଧିକାର ଦେଇଛି, ନାରୀଟିଏ ନିଜ ରକ୍ତକୁ ପାଣିକରି ପିଲାଟିକୁ ସ୍ତନ୍ୟଦାନ କରେ । ଏହା ଜଣେ ସ୍ତ୍ରୀଲୋକର ଚରମଦାନ । କିନ୍ତୁ ଏହି ଦାନକୁ ସ୍ୱୀକାର କରନ୍ତି କେହି ? ଯୌତୁକ ନିର୍ଯାତନା ରୂପକ ଯୂପରେ ବଳି ପଡୁଛନ୍ତି କେତେ ସ୍ତ୍ରୀଲୋକ, ଏଇ ଭାରତ ଭୂଇଁରେ । ତା'ର କ'ଣ ସତରେ ହିସାବ ଅଛି ? ଟିକେ ଆଦର, ସାମାନ୍ୟ ମର୍ଯ୍ୟାଦା ନ ପାଇ କେତେ ସ୍ତ୍ରୀଲୋକ ଆତ୍ମହତ୍ୟା କରୁଛନ୍ତି । ଏଇସବୁ କଥାବାର୍ତ୍ତା ଭିତରେ ରୁନୁ କହିଲା, "ତା'ହେଲେ ଏତେ ହୁଲସ୍ଥୁଲ କାହିଁକି ? ଝିଅଙ୍କ ସଂଖ୍ୟା ଯଦି କମୁଛି, ପୃଥ୍ୱୀର ଯନ୍ତ୍ରଣାର ଭାର ଲାଘବ ହେଉଛି, ଏଥିପାଇଁ ଶୋଚନାର କାରଣ କ'ଣ ? ଏଥକୁ ଉପାୟ ଖୋଜିବାର ଆବଶ୍ୟକତା ବା କୋଉଠି ?" ମୁଁ ଯୋଗ କଲି, "ଶୋଚନା ଏଇଥିପାଇଁ ଯେ, ସ୍ତ୍ରୀଲୋକଟିଏ, ଝିଅଟିଏ ନହେଲେ ଯେ ନ ଚଳେ । ପୁରୁଷର ଶଯ୍ୟାସଂଗିନୀ ଦରକାର । ଭବିଷ୍ୟତର ବଂଶଧର ବି ଦରକାର ।"

ରୁନୁ କଥା ଫୋପାଡ଼େ, ଖାଲି ସେତିକି, ଏଇ ଯେଉଁ 'ପ୍ରେମ', 'ଭାଲୋବାସା', 'ପ୍ୟାର' ବୋଲି ହୁରି ପଡ଼ିଛି, ସେଥିରେ ଅନ୍ତରର ସଂପୃକ୍ତି ଥାଉ କି ନଥାଉ, ସେଥିପାଇଁତ ଝିଅଟିଏ ଦରକାର । ତା'ହେଲେ ? ଭାଳେଣି ପଡ଼ିବ ନାହିଁ? ଯୁଗ ଯୁଗ ଧରି ଅବହେଳା, ଅତ୍ୟାଚାର ସହୁଥିବା ସମାଜର ଅଧେ ଲୋକ (ସ୍ତ୍ରୀଲୋକ) ଯେ ଦିନେ ରହିବେ ନାହିଁ, ସେମାନଙ୍କ ସଂଖ୍ୟା ଶୂନ ହେଇଯିବ, ସେଇ ଆତଙ୍କ ଖାଇଯାଉଛି । ଯାଉ, ନ ରହନ୍ତୁ ସେମାନେ, କାହାର କ'ଣ ଭାସିଯାଉଛି ଯେ! ବଳ ପ୍ରୟୋଗ କରିବେ, ଧର୍ଷଣ କରିବେ, ଏସିଡ଼ି ପକାଇ ଅଧାପୋଡ଼ି କଲବଲ କରିବେ, ସୁନ୍ଦର ମୁହଁକୁ ଭୂତ ପ୍ରେତ ପରି ବିକୃତ କରିପକାଇବେ ନରକର କୀଟଗଣ । ତାଙ୍କରି ବୀଭତ୍ସ ମନୋବୃତ୍ତିର ଶିକାର ହେବ ଝିଅମାନେ । ଯଦି ଏଇ ଏସିଡ଼ ଫିଙ୍ଗାର ଘଟଣାରେ ଦୋଷୀକୁ ତା'ର ହସ୍ତଛେଦନ ଦଣ୍ଡ ଦିଆଯାଇପାରନ୍ତା, ତେବେ ହୁଏତ ପରିସ୍ଥିତି ସୁଧୁରନ୍ତା । ତତ୍‌କ୍ଷଣାତ୍ ଦଣ୍ଡବ୍ୟବସ୍ଥା ହୁଅନ୍ତା । ତା'ତ ନାହିଁ । କାହିଁକି ଜନ୍ମ ହେବେ

Digitized by PPRACHIN, SOA

ଝିଅମାନେ ? ଯେ ସମାଜ କେବେ ମୂଲ୍ୟ ଦେଇଛି ନାରୀମାନଙ୍କ ମଧୁରତା, କୋମଳତା ଓ ଆତ୍ମତ୍ୟାଗର କଷଣକୁ ? ପରିବାର ବି ସ୍ତ୍ରୀଲୋକର ସ୍ଥିତିକୁ କେତେ ଗୁରୁତ୍ୱ ଦେଇଛି ? ନ ହେଲେ ନ ଚଳେ ବୋଲି, ବ୍ୟବହାର୍ଯ୍ୟ ପଦାର୍ଥଟେ ଭଳି ଅଧିକାଂଶ ପରିବାରରେ ସ୍ତ୍ରୀ ଲୋକ ସ୍ୱୀକୃତି ପାଏ । 'ଭଲ ହୋଇଛି, ଝିଅ ସଂଖ୍ୟା ହ୍ରାସ ପାଉ-ଭୃଣ କାଳରୁ ତାଙ୍କୁ ମାରିଦିଅ ।' 'ମୂଳୁ ମାଇଲେ ଯିବ ସରି'-ଏ ପୃଥ୍ୱୀର ସବୁତକ ଯନ୍ତ୍ରଣା, ନିଷ୍ଠୁରତାକୁ, ଅସୁର ପଣିଆଁକୁ ଭୋଗିବାକୁ, ଲୁହରକ୍ତ କାନ୍ଦିବାକୁ କାହିଁକି ସେମାନେ ଜନ୍ମ ନେବେ ? ସରି ଯାଆନ୍ତୁ, ଶୂନ୍ୟ ହୋଇଯାଆନ୍ତୁ । ରୁନୁ ମୁହଁ ଲାଲ୍ ପଡ଼ିଯାଇଥାଏ ସେତେବେଳକୁ ।

ମୁଁ କିନ୍ତୁ ଠିକ୍ ଜାଣିଥିଲି ଯେ, ସ୍ତ୍ରୀ ଲୋକମାନେ କଦାପି ସରିଯିବେ ନାହିଁ । ବାରବାର ମରିବେ, ସମାଜର, ପରିବାରର, ବ୍ୟକ୍ତିର ଚୋଟ ସହିବେ, ପଦାଘାତ ସହିବେ, ତଥାପି ବଞ୍ଚି ରହିବେ, ଜନ୍ମହେବେ, ଜନ୍ମ ଦେବେ, କଷ୍ଟ ଭୋଗିବେ । ପୃଥ୍ୱୀ ରହିଥିବା ଯାଏ, ସେମାନେ ରହିବେ । ଜଣେ ବିଶ୍ୱବିଖ୍ୟାତ ଲେଖକ କହିଛନ୍ତ "Woman is a fountain of immortal water" ମୃତ୍ୟୁହୀନ ଜଳରାଶିର ଏକ ଝରଣା ହେଉଛି ନାରୀ । ଏ କଥା ନିଶ୍ଚିତ ସତ, ଝିଅମାନେ ବହୁ ଭାବରେ ମରିବେ ସିନା, ବିଶ୍ୱାସକର ରୁନୁ, କଦାପି ସରିଯିବେ ନାହିଁ ।"

●

Digitized by PPRACHIN, SOA

ଦ୍ୱାରକାର ଅନ୍ଧାର

ଏଇ ଦଶହରାକୁ ବର୍ଷେ ହେବ ଦ୍ୱାରକାଦର୍ଶନ ଯୋଗ ପଡ଼ିଥିଲା । ଖୁବ୍ ଭଲ ଲାଗିଥିଲା ଦ୍ୱାରକାନାଥଜୀଙ୍କ ମନ୍ଦିର-ତତ୍‌ସଂଲଗ୍ନ ସମୁଦ୍ରତଟସ୍ଥ ଶିବ ମନ୍ଦିର । କେ.ଏମ.ମୁନ୍‌ସିଙ୍କ 'ଜୟସୋମନାଥ' ପଢ଼ି ସୋମନାଥ ମନ୍ଦିର ପ୍ରତି ମଧ୍ୟ କେମିତି ଗୋଟେ ମାୟା ଆସିଯାଇଥିଲା । ଗାନ୍ଧିଜୀଙ୍କ ଜନ୍ମସ୍ଥାନ ପୋରବନ୍ଦର । ତାଙ୍କ ବାସଗୃହ ଦେଖୁଦେଖୁ ମୁଁ ନିଜକୁ ଭୁଲିଯାଇଥିଲି-ଅତି ଅଣଓସାର ସେ କାବାଗାନ୍ଧିଙ୍କ ଘର, ଛୋଟ ବଖରା, ଛୋଟ ଝରକା, ସେଥିରେ ପୁତୁଲୀବାଈଙ୍କ ସେଇ ଐତିହାସିକ ପ୍ରସୂତୀଗୃହ-ସବୁ ଅପୂର୍ବ ଲାଗୁଥିଲା । ସହଯାତ୍ରୀ ଥିଲେ ଓଡ଼ିଶାର ପ୍ରବୀଣ ସାହିତ୍ୟିକ ଓ ସଂସ୍କୃତିବିତ୍ ମହାପାତ୍ର ନୀଳମଣି ସାହୁ ଓ ହୃଦାନନ୍ଦ ରାୟ । ସତରେ ଗୁଜୁରାଟ-ତା'ଭିତରେ ଜୁନାଗଡ଼-ପ୍ରଚୁର ପ୍ରାକୃତିକ ସମ୍ପଦରେ ଭରପୂର । ଗିର୍ ଜଙ୍ଗଲର ଅନତିଦୂରରେ ସେଇ ଶିବମନ୍ଦିର, ପୁରୁଣା ଦୁର୍ଗ, ସେଠାରେ ଥିବା ଏକ ବିରାଟ କୁଅ ବା ବାମ୍ପୀ-ସେ ପାତାଳଫୁଟା କୁଅକୁ ଯିବାପାଇଁ ଗୋଟିଏ ପାର୍ଶ୍ୱରେ ଭିତରକୁ ଲମ୍ବିଯାଇଛି ପାହାଚ- ପାଣି ପର୍ଯ୍ୟନ୍ତ-ସବୁକିଛି ଉଲ୍ଲାସକର, ସ୍ୱପ୍ନମୟ ଲାଗୁଥାଏ ।

ପ୍ରକୃତପକ୍ଷେ ଆମେ ସେଇ ଜୁନାଗଡ଼ର କଲେକ୍ଟରଙ୍କ ଘରେ ଅତିଥି ହୋଇଥାଉ-କଲେକ୍ଟର ଗୁରୁପ୍ରସାଦ ନୀଳମଣିବାବୁଙ୍କ ସାନପୁଅ । ତାଙ୍କ ବାସଗୃହ ଅତି ସୁନ୍ଦର ଦର୍ଶନୀୟ ପରିପାଟିରେ ପୂର୍ଣ୍ଣ । ତାହା ଜୁନାଗଡ଼ର ପୂର୍ବତନ ଦେବାନ ଶ୍ରୀ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କ ପିତାଙ୍କର ବାସଭବନ ଥିଲା । ଆଶ୍ୱିନମାସ- ସାରା ଭାରତରେ ଦଶହରା ପର୍ବ । ଗୁଜୁରାଟରେ ଏହିପରି ସ୍ୱତନ୍ତ-ନବରାତ୍ର ପୂଜା ଏଠାରେ ୯ ଦିନ ଧରି ଚାଲିଥାଏ । ସାରାରାତି ଦଳଦଳ ଝିଅ ଛୋଟ ବାଡ଼ି ଦୁଇ ଖଣ୍ଡ ଲେଖାଁ ହାତରେ ଧରି ନାଚନ୍ତି । ନେପଥ୍ୟରୁ ସଂଗୀତ ଗାନ କରାଯାଇଥାଏ । ବଛା ବଛା ଗାୟକ ଗାୟିକା ବାଦ୍ୟଯନ୍ତ ସହିତ ଗୀତ ଗାଆନ୍ତି । ଗୋଟିଏ ଖୋଲାମଞ୍ଚରେ ନାଚ ହୁଏ । ଗୋଟିଏ ଦଳ ୧/୨ ଘଣ୍ଟା ନାଚିଲାପରେ ଅପସରି ଯାଆନ୍ତି । ନୂଆ ଦଳଟିଏ ନାଚ ଆରମ୍ଭ କରନ୍ତି । ମୁଖ୍ୟତଃ ଯୁବତୀ ଓ କିଶୋରୀମାନଙ୍କର ସମବୟସୀ ଦଳରେ ଥାଆନ୍ତି । ଗୋଟିଏ କିଶୋରୀମାନଙ୍କ ଦଳରେ ୧୫/୨୦ ଜଣ କିଶୋରୀ ଥାଆନ୍ତି ଓ ସେମିତି ଯୁବତୀ ଦଳରେ ବି ଥାଆନ୍ତି । ବିଭିନ୍ନ ବେଶଭୂଷା ସହିତ ଫୁଲରେ ମଧ୍ୟ ଭୂଷିତ ହୋଇଥାଆନ୍ତି । ନାଚ ମଣ୍ଡପକୁ

Digitized by PPRACHIN, SOA

କଲେକ୍ଟରଙ୍କୁ ନିମନ୍ତ୍ରଣ ଆସେ । କଟକ, ଭୁବନେଶ୍ୱର ଦୁର୍ଗା ମଣ୍ଡପ ଭଳି, ସହରର ବିଭିନ୍ନ, ଅଞ୍ଚଳର, ସାହିର ମଣ୍ଡପସବୁ ଥାଏ । ରାତି ୧୦ଟାପରେ ଖିଆପିଆ ସାରି ଆମେ ଗୁରୁପ୍ରସାଦଙ୍କ ସହିତ ନାଚମଣ୍ଡପକୁ ଯାଉ । ଯିବା ଓ ଫେରିବା ବାଟରେ ଦେଖୁ ଯେ ଦଳଦଳ ଝିଅ ସଜବାଜ ହୋଇ ରାସ୍ତାରେ ଚାଲିଥାଆନ୍ତି- କିଏ ନାଚିବାକୁ କିଏ ବା ଦେଖିବାକୁ, କିଏ ବା ନୃତ୍ୟମଣ୍ଡପରୁ ଲେଉଟାଣି ଘରକୁ ।

ଆମେ କଥାବାର୍ତ୍ତା ହଉ । ମୋ ସାଙ୍ଗରେ ଥାଆନ୍ତି ପାପାନାନୀ-କହନ୍ତି, "ଦେଖିଲ, ଆମ କଟକ ଭୁବନେଶ୍ୱରରେ ଏମିତି ହୋଇପାରନ୍ତା ? ଏତେ ରାତିରେ କେବଳ ଝିଅମାନେ ଯିବାଆସିବା କରିପାରନ୍ତେ ?" ମୁଁ ଯୋଡ଼ିଦିଏ- "କୋଉଠି କାହିଁ ତ ଗୋଟିଏ ପୁଅପିଲା କି ଯୁବକ କି ମଧ୍ୟ ବୟସ୍କ ଦିଶୁନାହାନ୍ତି, ଅଶ୍ଳୀଳ ମନ୍ତବ୍ୟକାରୀମାନେ ଗଲେ କୁଆଡ଼େ ? ଆମର ସେଠି ତ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଡର ।" ଯା'ହଉ, ଗୁଜୁରାଟର ଅବସ୍ଥା ବହୁତ ଭଲ । ଏଠି ମଦ୍ୟ ନିଷେଧ ହୋଇଚି । କେହି ମଦଖାଇ ପାରିବେ ନାହିଁ । ମଦଦୋକାନ ତ ନାହିଁ । ଆମେ ଗଲାବେଳେ ଜଣେ ଯାତ୍ରୀ ଟ୍ରେନରେ ଗୋଟେ ହ୍ୱିସ୍କି ବୋତଲରେ ପିଇବା ପାଣି ନେଇଥିଲେ । ମଦ ବୋତଲ ପାଣି ବୋତଲ ରୂପେ ବ୍ୟବହାର କରାଯାଇଥାଏ । ରେଲୱେ ପୋଲିସ୍ କମ୍ପାଟମେଣ୍ଟ୍‌ରେ ପଶି, ସେ ଭଦ୍ର ବ୍ୟକ୍ତିଙ୍କୁ ବାଧ୍ୟ କଲେ ବୋତଲଟି ଫିଙ୍ଗି ଦବାକୁ । ମଦ୍ୟ ନଥାଉ, ଏ ବୋତଲ ବ୍ୟବହାର ବି ନିଷିଦ୍ଧ । ଯା'ହେଉ, ନିଶା ନିବାରଣର ପ୍ରକୃତ ସଫଳତା ଏଠାରେ ଦେଖିବାକୁ ମିଳିଲା । ଆମର ଏଠି ଯେପରି ଛକଜାଗାମାନଙ୍କରେ, ପାନ ଦୋକାନରେ ଭେରେସାଟୋକାଙ୍କ ଭିଡ଼, ଅର୍ଥପୂର୍ଣ୍ଣ ହସ, ଅଶୋଭନୀୟ ଇଂଗିତ, କଥାବାର୍ତ୍ତା ଚାଲେ, ସେଠାରେ ଏତେ ରାତିରେ ବି ସେମିତି କୋଉଠି ଦେଖାଯାଏ ନାହିଁ ।

ଏପରିକି ଫେରିବା ବାଟରେ, ଆମେ ଜୁନାଗଡ଼ରୁ ଅହମଦାବାଦ କ୍ୟାଣ୍ଟରରେ ଆସୁଥାଉ । ରାତି ଅଧରେ ବିଭିନ୍ନ ଷ୍ଟପେଜ୍‌ରେ ସ୍ତ୍ରୀଲୋକମାନେ, ଝିଅମାନେ ବାହାରକୁ ଅନ୍ଧାର ଜାଗାକୁ ପରିସ୍ରା କରି ଯାଉଥାଆନ୍ତି । ସଙ୍ଗରେ ପୁରୁଷଲୋକ ନ ନେଇ । ଏ ସବୁ ଦେଖି ଗୁଜୁରାଟର ଜନସାଧାରଣଙ୍କ ପ୍ରତି ଓ ଶାସନ ବ୍ୟବସ୍ଥା ପ୍ରତି ବହୁତ ସଂଭ୍ରମ ଆସିଥିଲା । ଏମିତି ଗୋଟିଏ ରାଜ୍ୟ, ଯେଉଁଠି ଅଧରାତିରେ ଝିଅମାନେ ନିର୍ଭୟରେ ରାସ୍ତାରେ ଯିବା ଆସିବା କରିପାରୁଛନ୍ତି । ଆମେ ସ୍ଥିରକଲୁ ଯେ ଏ ସବୁ ସେଇ ମଦନିବାରଣର ଫଳ । ମଦ୍ୟପାନ କରି ବ୍ୟକ୍ତି ହିତାହିତ ଜ୍ଞାନଶୂନ୍ୟ ହୋଇପଡ଼େ ଓ କୁକାର୍ଯ୍ୟ କରେ । ତା' ନଥିବାରୁ ଏଠାରେ ରାସ୍ତାଘାଟର ଜୀବନ ବେଶ୍ ସୁଶୃଙ୍ଖଳ । ଆଜି

Digitized by PPRACHIN, SOA

ଯେତେବେଳେ ସମ୍ବାଦପତ୍ରରୁ ବାବା କେଶବାନନ୍ଦଙ୍କ ଆଶ୍ରମ ସଂପର୍କରେ ପଢ଼ିଲି ସେଠାକାର କୁକାର୍ଯ୍ୟ ଓ ଜଘନ୍ୟଲୀଳାର ବିବରଣୀ ଜାଣିବାକୁ ପାଇଲି, ବିଗତବର୍ଷମାନଙ୍କର ମୋର ସେଇ ମଧୁର ଆଶ୍ୱାସ ଉପରେ କିଏ ଯେମିତି ଟଷ୍ଟୁନିଆଁ ଗଦାଏ ଅଜାଡ଼ିଦେଲା । ଦ୍ୱାରକା ଧାମରେ ମନ୍ଦିରର ଅତି ନିକଟରେ ଏଇ ଆଶ୍ରମ । ଆଶ୍ରମର ମଠାଧୀଶ ପୁଣି ସାଧାରଣରେ ସମ୍ମାନିତ-ଅନେକ ଲୋକ ହିତକର କାର୍ଯ୍ୟର କର୍ତ୍ତା ସିଏ । ଅନାଥାଶ୍ରମ ପରି ସେ ମହିଳାମାନଙ୍କ ବାସ ସଂସ୍ଥାନ କରିଛନ୍ତି-ଯେଉଁଠି ନିରାଶ୍ରୟ କିଶୋରୀ ଓ ମହିଳାମାନେ ବସବାସ କରନ୍ତି । ସେମାନଙ୍କ ପାଇଁ ଶିକ୍ଷା ଓ କର୍ମସଂସ୍ଥାନ ବ୍ୟବସ୍ଥା ମଧ୍ୟ ତାଙ୍କ କାର୍ଯ୍ୟର ଅନ୍ତର୍ଗତ । ବାବା ଏତେ ବଡ଼ ଅନୁଷ୍ଠାନ ଓ ମହତକର୍ମ ପାଇଁ କ୍ଷମତାଶାଳୀ ଧନୀଲୋକଙ୍କ ଅନୁଦାନ ଓ ଅନୁକମ୍ପା ଲାଭ କରିଥିଲେ । କ୍ଷମତାପନ୍ନ ଲୋକେ ବାବାଙ୍କର ଅତି ଆପଣାର ହୋଇଥିବେ, ଫଳତଃ ସେଠାରେ ଏଇ ଅସହାୟ କିଶୋରୀମାନେ ବାବାଙ୍କ ସମେତ କ୍ଷମତାପନ୍ନ ଲୋକଙ୍କ ଯୌନଲାଳସାର ଶିକାର ହୋଇଥିବେ ।

ଅସହାୟା କିଶୋରୀଗୁଡ଼ିକ ଜୀବନକୁ ଚିହ୍ନୁ ନ ଚିହ୍ନୁଣୁ, ଯୌବନର ଯାଦୁକୁ ଶରୀରରେ ଅନୁଭବ କରୁ ନ କରୁଣୁ ଏଇ କୁତ୍ସିତ ଯୌନପିପାସୁଙ୍କର ବଳାତ୍କାର ଭୋଗିଥିବେ ଓ ମାତୃତ୍ୱ କ'ଣ ବୁଝିବା ଆଗରୁ ଅବାଞ୍ଛିତ ମାତୃତ୍ୱ ଲାଭ କରିଥିବେ ଓ ଗର୍ଭପାତ କରାଇଥିବେ । ଆଦ୍ୟ ଯୌବନରେ ମଣିଷର କୁତ୍ସିତ ଲାଳସା ଦ୍ୱାରା ଦଳିତ ଓ ଶୋଷିତ ହୋଇ ଏମାନେ ସାରା ଜୀବନ ଅସହାୟତା ଓ ତିକ୍ତତା ଭିତରେ କଟାଇଥିବେ । ବାବାଙ୍କ ଆଶ୍ରମର ସବୁ ଲୋକହିତକର କାର୍ଯ୍ୟର ଅନ୍ତରାଳରେ ଏହି ଯୌନଲୀଳାର ବୀଭତ୍ସତା ଚାଲିଥିବ । ସୁରାର ବ୍ୟବହାର ବାହାରକୁ ଦୃଶ୍ୟହେଉ ନଥିଲେ ବି ସୁରାଠାରୁ ବହୁଗୁଣରେ ବିକଟ ଏକ ପିପାସା । ମଣିଷର ଧର୍ମକୁ, ଶାସନକୁ, ଭକ୍ତିଭାବକୁ ଓ ମାନବିକ ସଂପର୍କକୁ ବିକୃତ ଓ ଅନ୍ତଃସାର ଶୂନ୍ୟ କରିଚାଲିଥିବ ।

ଘଟଣାକ୍ରମେ କିଶୋରୀଟିଏ ଗର୍ଭପାତ କରି ମୃତ୍ୟୁବରଣ କଲା, ତା'ର ବାପା ମା' ପୋଲିସରେ ଖବର ଦେଲେ- ଅଭିଯୋଗ କଲେ । ନଚେତ୍ ଅସହାୟା ଝିଅମାନେ କ'ଣ ବା କରିପାରନ୍ତେ ?ଏହି ତଥାକଥିତ ମାନ୍ୟଗଣ୍ୟ ଲୋକଙ୍କ କୁତ୍ସିତ ନଗ୍ନତାକୁ ସେ କାହା ସାମ୍ନାରେ ପ୍ରକାଶ କରନ୍ତେ ? କିଏ ବା ବିଶ୍ୱାସ କରନ୍ତା ଏଇ ଦରିଦ୍ର, ଅନାଥାମାନଙ୍କ ନିର୍ଯାତନାର ବାସ୍ତବ କାହାଣୀକୁ ? ଆଉ ଯେଉଁ ଭକ୍ତାମାନେ ଆଶ୍ରମକୁ ଆସନ୍ତି ଓ ଏହି ଲାଳସାର ଶିକାର ହୁଅନ୍ତି, ସେମାନଙ୍କ ଭିତରୁ କେହି ହୁଏତ ପ୍ରତିବାଦ କରିପାରିଥାଆନ୍ତେ-

Digitized by PPRACHIN, SOA

ମାତ୍ର ସେମାନଙ୍କର ନଗ୍ନଚିତ୍ର ନିଆଯାଇ ତାଙ୍କୁ ବ୍ଲାକମେଲ କରାଇବାର ଧମକ ଦିଆଯାଇଥିବ । ପୁଣି ମୁଖଲଜ୍ଜା ତ ଅଛି । ବାହାରେ ପ୍ରକାଶ କଲେ ମାନଇଜ୍ଜତ ଦି'କଡ଼ାରେ ହୋଇଯିବ, ଏଥିପାଇଁ ଏହି ନାରକୀୟ ଲୀଳା ଧର୍ମ ଓ ଲୋକସେବା ନାମରେ ଜୟପତାକା ତଳେ ନିଃସଂକୋଚରେ ପ୍ରସାରିତ ହୋଇଚାଲିଥିବ ।

ଯେଉଁ ଭୂମିରେ ସେଦିନ ଦଳ ଦଳ ଝିଅ ବେଶଭୂଷା ଆଡ଼ମ୍ବରରେ ରାତି ବାରଟା ଗୋଟାକରେ ସହର ରାସ୍ତାରେ ଯିବା ଆସିବା କରୁଥିଲେ, ସେଇ ଭୂମିରେ, ବିଳାସକକ୍ଷରେ କିଶୋରୀଟିଏ ଲୁଣ୍ଠିତା ହେଉଥିଲା, ତା'ର ଆତ୍ମା ହାହାକାର କରୁଥିଲା ! ଲୁଣ୍ଠନକାରୀ ସମାଜର ବଡ଼ପଣ୍ଡା, ପିତୃପ୍ରତିମ ଭଦ୍ରଲୋକଙ୍କର ଯୌନବୁଭୁକ୍ଷା ଚରିତାର୍ଥ କରିବା ବ୍ୟତୀତ କିଶୋରୀଟିର ଅନ୍ୟକିଛି ଦାୟ ନଥିଲା । ଗୋଟିଏ ନୁହଁ, ଶହ ଶହ କିଶୋରୀ ଲୁଣ୍ଠିତା ହଉଥିଲେ । ଯୋଜନାବଦ୍ଧ ଭାବରେ ଏକ ଲୁଣ୍ଠନ ଚାଲିଥିଲା । କିଏ ଜାଣେ, ଯାହା ତଥ୍ୟ ପ୍ରକାଶ ପାଇଛି, ସତ୍ୟ ତା'ଠାରୁ ଆହୁରି କେତେ ବୀଭତ୍ସ ଓ ଭୟଙ୍କର ହେଇ ନଥିବ !

ନିରାଶ୍ରୟା ଝିଅମାନଙ୍କ କଥା ଛାଡନ୍ତୁ । ସଂଭ୍ରାନ୍ତ ଝିଅମାନେ, ଝିଅଙ୍କ ଅଭିଭାବକମାନେ କାହିଁକି ଏପରି ଘଟଣାକୁ ସହିଯାଆନ୍ତି ? କେଉଁ ତଥାକଥିତ ସମ୍ମାନର ଲୋଭରେ ଅସମ୍ମାନକୁ ହଜମ କରିଦିଅନ୍ତି ? ଫଳତଃ ଏକ ବୃହତ୍ତର, ଘୃଣ୍ୟ ଶୋଷଣକୁ ରାସ୍ତା ଛାଡ଼ି ଦିଅନ୍ତି ? ଝିଅମାନେ ଯଦି ସ୍ୱଚ୍ଛ ଓ ନିର୍ଭୀକ ହୁଅନ୍ତେ, ଧର୍ମାନ୍ଧତା ଓ ଅର୍ଥଲୋଭକୁ ଘୃଣା କରିଅନ୍ତେ, ତେବେ ଏଇ ତଥାକଥିତ ଭଦ୍ରଲୋକଙ୍କ ଅନ୍ତରାଳରେ ଥିବା ପଶୁତ୍ୱକୁ ସଂହାର କରିପାରନ୍ତେ । ଜୀବଜଗତରେ ତ ଅନ୍ୟ କୌଣସି ପ୍ରାଣୀ ଭଣ୍ଡତା ଜାଣେନା- କେବଳ ମଣିଷ ହିଁ ଭଣ୍ଡତାର ଅଧିକାରୀ । ଏକ ଦିଗରେ ତା'ଠାରେ ପିଶୁତ୍ୱ ଓ ଅନ୍ୟ ଏକ ଦିଗରେ ତା'ଠାରେ ଭଣ୍ଡତା ! ଆଜିର ସମାଜ ଏଭଳି ଭଦ୍ର ଓ ସାଧୁ ବୋଲାଉଥିବା ଭଣ୍ଡମାନଙ୍କୁ ନେଇ କେତେ ରୁଗ୍ଣ, କେତେ ନୀତିହୀନ ହୋଇନପଡ଼ିଛି !

ଲୁଣ୍ଠିତା ଝିଅମାନେ ନିଜକୁ ମର୍ଯ୍ୟାଦାର ଚିରାଓଢ଼ଣତଳେ ନ ଢାଙ୍କି ଏହି ରୋଗର ନିରାକରଣ ପାଇଁ ଆଗେଇ ଆସିବା ଛଡ଼ା ଅନ୍ୟ ପନ୍ଥା ନାହିଁ । ଶିକ୍ଷିତା ସଂଭ୍ରାନ୍ତ ଝିଅମାନେ ଏଭଳି କୁତ୍ସିତ ବ୍ୟକ୍ତିତ୍ୱର ଅସଲ ରୂପକୁ ପ୍ରକାଶ କରିବାରେ କୁଣ୍ଠବୋଧ କରିବା ହେତୁ ଆଜି ଏକବିଂଶ ଶତକର ପ୍ରାକ୍‌କାଳରେ ହିଁ ସେମାନେ ବିଳାସର ସାମଗ୍ରୀ ରୂପେ ବ୍ୟବହୃତ ହେଉଛନ୍ତି ।

Digitized by PPRACHIN, SOA

ଦ୍ୱାରକା ରାଜା ମର୍ଯ୍ୟାଦାବନ୍ତପୁରୁଷ ଶ୍ରୀକୃଷ୍ଣ ନାହାନ୍ତି । ଉପଯୁକ୍ତ ବିଚାର ଓ ନ୍ୟାୟ ପ୍ରତିଷ୍ଠା କରିବାର ପ୍ରତିଭୂଗଣ ନିଜେ ରୁଗ୍ଣ ଓ ଦୁର୍ବଳ । କିଏ ଆଜି ଦ୍ୱାରକାର ଦାୟିତ୍ୱ ନବ ? ଯଥାର୍ଥରେ ଜନସେବା, ଅସହାୟାଙ୍କ ମଙ୍ଗଳକର ଥଇଥାନ ପାଇଁ କିଏ ଆଗେଇ ଆସିବ ? ଗଣତନ୍ତ୍ରର ଯୁଗରେ ରାଜା ପ୍ରକୃତପକ୍ଷେ ଅନେକ । ବାହାରକୁ 'ଏକ' ଦେଖାଗଲେ ବି ସେହି 'ଏକ' ଅନେକଙ୍କ ନିକଟରେ ଉତ୍ତରଦାୟୀ । ଅଥଚ, ରାଜତନ୍ତ୍ରଠାରୁ ଏଇ ଗଣତନ୍ତ୍ରର ବୀଭତ୍ସତା କୌଣସି ପରିମାଣରେ କମ୍ ନୁହେଁ । ଆଜି ଖାଲି ଏଇ ନାରକୀୟକାଣ୍ଡ ବିଲୋପ ପାଇଁ ପ୍ରାର୍ଥନାକରିବା ଯଥେଷ୍ଟ ନୁହେଁ ଏହାର ନିରାକରଣ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି । ଗୋଟିଏ ଦ୍ୱାରକାରେ ଗୋଟିଏ ଆଶ୍ରମରେ ନୁହେଁ, ଭାରତର ଅନେକତ୍ର ଏଇ ଜଘନ୍ୟକାଣ୍ଡ ଘଟିଚାଲିଛି । ଜରାଥୁଷ୍ଟ୍ର କହିଥିଲେ, "The hands that act is greater than the hands that pray."

କେଉଁ ଦିବ୍ୟପୁରୁଷ ଧରାବତରଣ କରିବ, କେବେ ଏହି ଗଣ ନାରକୀୟତାର ବିଲୋପହେବ ? ଭାରତ ଭୂମିର ଅନ୍ୟତମ ପବିତ୍ରପୀଠ ଦ୍ୱାରାବତୀପୁରର ଏଇ କୁତ୍ସିତ କାର୍ଯ୍ୟ, ଆଜି, ସଚେତନ, ବିଚାରଶୀଳ ମଣିଷକୁ ବିବ୍ରତ କରି ପକାଉଛି । ଧର୍ମ, ସମାଜସେବା ମହତ୍‌ବାଣୀର ଅନ୍ତରାଳରେ ସଇତାନ ଯେ ଅଟ୍ଟହାସ କରୁଛି– ଏ ସନ୍ଦେହ ଅମୂଳକ ହୋଇରହି ନାହିଁ ।

●

Digitized by PPRACHIN, SOA

ନକ୍ଷତ୍ର ଅରୁନ୍ଧତୀ

ବଶିଷ୍ଠଙ୍କ ପତ୍ନୀ ସେ । ଆପଣା ଚରିତ୍ରର ଐକାନ୍ତିକତା, ପାତିବ୍ରତ୍ୟ ଓ ଦୃଢ଼ତା ନିମିତ୍ତ ସେ ଚିରନ୍ତନୀ-ନକ୍ଷତ୍ର ହୋଇ ବିରାଜିଛନ୍ତି ନଭୋମଣ୍ଡଳରେ । ତା' ନାଁ ବି ଥିଲା ଅରୁନ୍ଧତୀ । ଅରୁନ୍ଧତୀ ନାଁ ଚିତ୍ରା ନାଁ ସ୍ୱାତୀ ? ମନେକରନ୍ତୁ, ନାଁଟି ତା'ର ଚିତ୍ରା । ସେ ନକ୍ଷତ୍ର ନୁହେଁ, ଏଇ ମାଟିର କନ୍ୟା । ଆମରି ଏଇ ଅଜବ ସହରର ଝିଅ । ସେ ସୁନ୍ଦରୀ, ବୁଦ୍ଧିମତୀ, ମେଧାବିନୀ ପୁଣି ସଂଭ୍ରାନ୍ତ ବଂଶଜା– ୨ ୨/୨୩ ବର୍ଷର ଛାତ୍ରୀ, ଗବେଷିକା । ଅଜବ ସହରଠାରୁ ୪୮ଘଣ୍ଟାର ରାସ୍ତା ତାକୁ ଟ୍ରେନ୍‌ରେ ଯିବାକୁ ପଡ଼େ– ସେଠାରେ ସେହି ଏକ ପୁଷ୍ପିତ ସହର । ସେଠାରେ ସେ ଗବେଷଣା କରୁଥିଲା । ଅତଏବ ତାକୁ ୪୮ ଘଣ୍ଟା ଟ୍ରେନ୍‌ରେ ଯା'ଆସ କରିବାକୁ ପଡୁଥିଲା– ଅନ୍ତତଃ ବର୍ଷକୁ ୩ /୪ଥର ।

ସେଥର ସେମିତି ଗୋଟାଏ ଅଶୁଭ ସକାଳ । ସକାଳ କେବେ ଅଶୁଭ ହୋଇପାରେନା– ସେଇ ସକାଳରେ ସବୁ ସକାଳ ପରି କୁଆ, କୋଇଲି ଡାକିଥିଲେ– ତାରା ମଉଳି ଯାଇ ଝଡ଼ିପଡ଼ିଥିଲା ଆକାଶ କୋଣରୁ, ଅନ୍ଧାର ଫାଟି ଫାଟି ଆସୁଥିଲା– ସୂର୍ଯ୍ୟ ମୁହଁ ଦେଖାଇବାକୁ ତଥାପି କିଛି ବିଳମ୍ବ ଥିଲା । ଚୈତ୍ର ପାହାନ୍ତିର ସୁଲୁସୁଲୁ ପବନ ଦେହଛୁଇଁ ଚମକାଇ ଦେଇଯାଉଥିଲା । ଟ୍ରେନ୍‌ର ୨ୟ ଶ୍ରେଣୀ ବଗିରେ ରିଜର୍ଭ ସିଟରେ ଉଠିପଡ଼ିଲା ଚିତ୍ରା । ବାପା ତାକୁ ବିଦାୟ ଦେଇ ଷ୍ଟେସନରୁ ଫେରିଗଲେ । ସେତେବେଳକୁ ଅଜବ ସହରର ରେଳ ଷ୍ଟେସନ ନିଛାଟିଆ କାଁ ଭାଁ ଜଣେ ଅଧେ ଯାତ୍ରୀଙ୍କ ଗତାଗତ । ବିଜୁଳିବତିଗୁଡ଼ିକ ଫିକା ନିଷ୍ପ୍ରଭ । ପୂର୍ବ ରାତିରୁ ଶୋଇଥିବା ଯାତ୍ରୀଙ୍କର ତଥାପି ନିଦ ଭାଙ୍ଗି ନଥାଏ-ବର୍ଥରୁ ଘୁଙ୍ଗୁଡ଼ି ଶବ୍ଦ ଆସୁଥାଏ । କେହି ହୁଏତ ସୁଖସ୍ୱପ୍ନରେ ମଜ୍ଜି ଯାଇଥାନ୍ତି । ପାହାନ୍ତି ସ୍ୱପ୍ନ । କିନ୍ତୁ ସେଇ ରେଳଡ଼ବା ଭିତରେ ଏକ ବୀଭତ୍ସ, ନାରକୀୟ ସ୍ୱପ୍ନ ଘୁଷୁରି ଘୁଷୁରି ମାଡ଼ି ଚାଲିଥାଏ ତା'ରି ଆଡ଼କୁ—ଚିତ୍ରା ଆଡ଼କୁ । ତାର ସୁନ୍ଦର କୋମଳ ପାଦ ଦୁଇଟିକୁ ଛନ୍ଦି ସେହି ନାରକୀୟ ସ୍ୱପ୍ନ ବାସ୍ତବ ହେବାକୁ ଷଡ଼ଯନ୍ତ୍ର କରୁଥାଏ । ଚିତ୍ରା ଜାଣନ୍ତା କେମିତି ? ନିଜ ସିଟରେ ବସିପଡ଼ି ସେ ଆଶ୍ୱସ୍ତ ହେଲା । ବାପା, ମା, ଭାଇ ଭଉଣୀଙ୍କୁ ଛାଡ଼ି ଦୂର ଜାଗାକୁ ଯିବାର କେମିତି ଗୋଟେ ଆକୁଳ ନାହିଁ ନାହିଁ ପଣ ତାକୁ କାବୁକରି ଆସୁଥିଲା । ଖୋଲା ଝର୍କା ଦେଇ ସେ ଅନେଇଲା ବାହାରକୁ । ଅଜବ ସହର ପଛରେ ପଡ଼ିଯାଉଥିଲା କ୍ରମଶଃ ।

Digitized by PPRACHIN, SOA

ଘଟଣାଟି ଏମିତି ଘଟିଥିବ ନିଶ୍ଚୟ । ହଁ ପ୍ରାୟ ଏମିତି । ଚିତ୍ରା ଦେଖିଥିବ ତା' ସହ ଉଠିଛନ୍ତି ଏକ ଯୁବଦମ୍ପତି । ଉଭୟେ ସୁଶ୍ରୀ । ମାର୍ଜିତ ସ୍ୱାମୀ ଜଣକ ଖୁବ୍‌ଭଲ ଇଂରାଜୀ କହିପାରନ୍ତି । କ୍ରମଶଃ ସ୍ତ୍ରୀ ଜଣକ ଘୁଞ୍ଚି ଆସିଥିଲା ଚିତ୍ରା ପାଖକୁ । ସଲ୍ଲଜ ଭାବେ ଇଂରାଜୀ, ହିନ୍ଦୀ ମିଶା ବାକ୍ୟାଳାପ କରିଥିଲା । ସେମାନେ ଉତ୍ତର ଭାରତୀୟ-ବାଙ୍ଗାଲୋର ଯାଉଛନ୍ତି-ସ୍ୱାମୀ ଜଣେ ପଦସ୍ଥ ଅଫିସର ଓ ସେ ମଧ୍ୟ ଜଣେ ବଡ଼ ଘରର ଶିକ୍ଷିତା ଝିଅ । ଚିତ୍ରା କିଛି ମନ ଲଗାଇ, ଆଉ କିଛି ଅନ୍ୟମନସ୍କ ଭାବେ ଶୁଣୁଥିବ-ମଣିଷର ସୌଜନ୍ୟ ବୋଲି ତ କିଛି ଗୋଟାଏ ଅଛି । ତା'ପରେ ଅତିକ୍ରାନ୍ତ ପ୍ଲାଟଫର୍ମରୁ ଖବରକାଗଜ ଖଣ୍ଡିଏ କିଣି ଦେଖୁଥିବ ଚିତ୍ରା । ମଝିରେ ମଝିରେ ଯୁବକଟି ଚିତ୍ରା ସହ କଥା ଆରମ୍ଭ କରିଥିବ, ଅତିଶୟ ବିନୟ ଓ ଭଦ୍ରତା ସହକାରେ । ସ୍ୱାମୀ ସ୍ତ୍ରୀ ମଧ୍ୟ ପରସ୍ପର ଖୁବ୍ କମ କଥା ହେଉଥିବେ ନବଦମ୍ପତ୍ତି, ସ୍ୱାଭାବିକ ସଲ୍ଲଜ । ଚୈତ୍ର ମାସ ହେଲେ ବି ଭାରତର ଦକ୍ଷିଣାପଥରେ ଗ୍ରୀଷ୍ମର ଅନୁଭବ ବେଶ୍ ଗୁରୁତର ହେଇ ଆସିଥିବ । ଯୁବକଟି ଚିତ୍ରାର ପଢ଼ାପଢ଼ି ଓ ଗନ୍ତବ୍ୟ ବିଷୟରେ ସବୁକିଛି ପଚାରି ବୁଝିନେଇ ସାରିଥିବ ଓ ତା'ର ପତ୍ନୀ ବେଶ୍ ଆତ୍ମୀୟତା ସ୍ଥାପନ କରି ସାରିଥିବ । ସେମାନେ ପ୍ୟାଣ୍ଟ୍ରିକାର୍‌ରୁ ଖାଇବା ମଗାଇ ଖାଇ ନେଇଥିବେ । ଚିତ୍ରା ଖାଇଥିବ ତା ମାଆଙ୍କ ହାତ ତିଆରି ଜଳଖିଆ । କେତେ ରାତିରୁ ଉଠି ମା' ତା' ପାଇଁ ଜଳଖିଆ ତିଆରି କରିଛନ୍ତି । ନହେଲେ ଟ୍ରେନରେ ଦୀର୍ଘ ଦେଢ଼ଦିନ ସେ ଖାଆନ୍ତା କ'ଣ ? ବାହାରେ ଗରମ ପବନ ବେଶ ଝାଁ ଝାଁ କରୁଥିବ, କମ୍ପାଇ ଦଉଥିବ ରେଳଡ଼ବାକୁ ।

ସ୍ତ୍ରୀଲୋକ ଜଣକ ପାଚିଲା କଦଳୀ ଦୁଇଟି ବଢ଼ାଇ ଦେଇଥିବ ଚିତ୍ରା ଆଡ଼କୁ । ସେ ବିନୟର ସହ ପ୍ରତ୍ୟାଖ୍ୟାନ କରିଥିବ ଯେ ସେ କିଛି ଖାଇପାରିବ ନାହିଁ ଏଇଲେ । କ୍ରମଶଃ ଚିତ୍ରାର ଆଖି ବୁଜିହେଇ ଆସୁଥିବ-ଟ୍ରେନ୍ ଧରିବ ବୋଲି ଗତକାଲି ରାତିଅଧରୁ ଉଠିପଡ଼ିଚି ସେ, କେବଳ ସେ ନୁହେଁ, ଘରସାରା ସମସ୍ତେ । ଆହୁରି ଆଗକୁ ଦୀର୍ଘ ସମୟ–ସାରାରାତି ଏଇଠି ବିତେଇବାକୁ ପଡ଼ିବ । ତେବେ ଏଇ ଯୁବଦମ୍ପତି ଭଲ ସହଯାତ୍ରୀ ହେଲାଭଳି ମନେ ହେଉଛନ୍ତି ।

ଚିତ୍ରା ହାଇ ମାରିଲା । ଅଳସ ଭାଙ୍ଗି ବ୍ୟାଗରୁ କାଢ଼ିଲା ବିଜ୍ଞାନ ପତ୍ରିକାଟିଏ । କିଛି ପଢ଼ିବାରେ ମନୋନିବେଶ କରୁଥିଲା । ଦିନ ଗୋଟାଏ ବାଜିଗଲାଣି । ଅଳ୍ପ ସମୟ ଭିତରେ ଟ୍ରେନ୍ ପହଞ୍ଚିବ ଏକ ବିରାଟ ଜଙ୍କସନରେ । ପାଖାପାଖି ଅଧଘଣ୍ଟାଏ ସେଠି । ପହଞ୍ଚିବାର ୧୫ ମିନିଟ ପୂର୍ବରୁ ତା ଗାଡ଼ିଟା ଛିଡ଼ାହେଲା । ଏଇ ଖରାଦିନେ ଟ୍ରେନ

Digitized by PPRACHIN, SOA

ହଠାତ୍ ଶୁଣିଥିବ ଅତ୍ୟନ୍ତ ନମ୍ର ଓ ସ୍ନେହବୋଳା କଣ୍ଠସ୍ୱର ଯୁବକଟି ଥଣ୍ଡା ପାନୀୟଟିଏ ନିଜ ହାତରେ ଧରିଚି ଓ ବିକ୍ରେତାକୁ ମୂଲ୍ୟ ଦଉଚି । ସ୍ତ୍ରୀ ହାତକୁ ଦୁଇଟି ଥଣ୍ଡା ପାନୀୟ ଦେଇ ସାରିଚି । ଉଭୟଙ୍କ ସସ୍ନେହ ଅନୁରୋଧ, ଅନୁରୋଧ ତ ନୁହେଁ ସାନୁନୟ ବାଧ୍ୟବାଧକତା–ଗୋଟିଏ ପାନୀୟ ଚିତ୍ରାକୁ ବଢ଼ାଇ ଦେଉଚି ସ୍ତ୍ରୀ ଲୋକଟି–ସ୍ୱାମୀ ଓ ସ୍ତ୍ରୀ ସତେ କି ଉଭୟେ କୃତାର୍ଥ ହେବେ । ଚିତ୍ରା କିଛି ଭାବିପାରିବା ପୂର୍ବରୁ ପାନୀୟଟିକୁ ହାତରେ ଧରିଥିବ । ବାଟରେ କାହାଠୁଁ କିଛି ଖାଇବାକୁ କିନ୍ତୁ ମାଆ ବାରମ୍ବାର ବାରଣ କରିଛି । ହେଲେ ଏମାନେ-ସ୍ୱାମୀ ସ୍ତ୍ରୀ ଅପେକ୍ଷା କରିଛନ୍ତି । ଚିତ୍ରା ପିଇଲେ ସେମାନେ ବି ପିଇବା ଆରମ୍ଭ କଲେ । ଭୀଷଣ ଗରମ ! ପାନୀୟଟି ଭଲ ଲାଗୁଛି ।

କଥାଟି ଅଧା ରହିଲା ଏଇଠି–ରୁନୁ ଜିଦ୍‌କଲା–ଏତିକିରେ ଅଟକିଗଲୁ କାହିଁକି ? ଅସଲ କଥା କହିଦେଲୁ ନାହିଁ–ଘଟଣା ତ ଏହିପରି ଘଟିଥିବ-ଏହିପରି ସମ୍ଭବି ଥିବ ସେ ନାରକୀୟତାର ବାସ୍ତବ ରୂପ । ନାଁ, ମୁଁ ଆଉ ପାରିବି ନାହିଁ, ଯାହା ବର୍ଣ୍ଣିବା ଅସମ୍ଭବ-ଭାଷା ବି ସ୍ତବ୍ଧ ହେଇ ଅଟକିଯିବ ଯୋଉଠି–ଥାଉ ।

ଏଥରକ ରୁନୁ ଲେଖିବ । ରୁନୁ ମୋର ବାନ୍ଧବୀ ଓ ମୋର ପାଠିକା ରୁନୁ ପୁଣି 'ବ୍ୟକ୍ତି ସତ୍ତାର ପ୍ରଶ୍ନମନସ୍କା ରୂପାନ୍ତର' । ଛାଡ଼ନ୍ତୁ, ରୁନୁ ବୟାନରୁ ବାକୀତକ ଶୁଣନ୍ତୁ । ପାଠକେ, ସତମିଛ ପଚାରନ୍ତୁ ନାହିଁ–ସଚରାଚର ଯାହା ଘଟେ–ମଣିଷ ମଣିଷ ଭିତରେ ଯେଉଁ ବିଶ୍ୱାସ, ସ୍ନେହ ସୌହାର୍ଦ୍ଦ୍ୟ କେବେ ବି ମରେନା, ଛଳନା ଓ ସନ୍ଦେହର ଉର୍ଦ୍ଧ୍ୱରେ, ତାହା ତ ଏହିପରି ପ୍ରତିଷ୍ଠିତ ହୁଏ । ଏବେ ଆଗକୁ ଆଉ ଯାହା କୁହାଯିବ-ତାହା ଭୟଙ୍କର ଓ ଅସ୍ୱାଭାବିକ । ତଥାପି ଅନୁଭବୀ ମଣିଷର କଳ୍ପନାର ବିଚାରରେ ତାହା ଏହିପରି–

ଚିତ୍ରା ବିଷ ପ୍ରକ୍ରିୟାରେ ଢ଼ଳିପଡ଼େ ତତ୍‌କ୍ଷଣାତ୍ । ସହଯାତ୍ରୀମାନେ ଜାଣିସାରିଥା'ନ୍ତି ଯେ, ଏଇ ଯୁବଦମ୍ପତ୍ତି ଚିତ୍ରାର ପରମଆତ୍ମୀୟ, ବନ୍ଧୁ, ସ୍ତ୍ରୀ ଲୋକଟି କର୍ତ୍ତବ୍ୟପରାୟଣତାର ଚରମ ନିଦର୍ଶନ ରୂପେ କୋଳେଇ ନେଇଥିବ ଚିତ୍ରାକୁ । ଟ୍ରେନ ପହଞ୍ଚି ଯାଇଥିବ ଜଙ୍କସନରେ । ଯୁବଦମ୍ପତିଟି ସନ୍ତର୍ପଣରେ ଚିତ୍ରାକୁ ଧରି ବାହାରି ଆସଥିବେ ଟ୍ରେନ୍‌ରୁ । ଜଣେ ଅଧେ ଜିଜ୍ଞାସୁ ସହଯାତ୍ରୀଙ୍କୁ ସନ୍ତୁଷ୍ଟ କରିଥିବେ "ତାଙ୍କ ଦେହ ଭଲ ନାହିଁ ।"

ଟ୍ରେନ୍‌ରୁ ଓହ୍ଲାଇ ସାରି ପତ୍ନୀ ଜଣକ ଭିନ୍ନବାଟ ଧରିଥିବ । ତା'ର କପଟପତି ଚିତ୍ରାକୁ କାନ୍ଧରେ ଆଉଜାଇ ପ୍ରାୟ ଗୋଟିଏ ହାତରେ ଧରି, ଅପର ହାତରେ ଆଟାଚିଟା

Digitized by PPRACHIN, SOA

ଧରି ଆଗେଇଥିବ । ସେ ଖୁବ୍ ଚିନ୍ତିତ ବିବ୍ରତ । ରିଟାୟାରିଂ ରୁମ୍ ସାମ୍ନାରେ ଅଚେତନ ପ୍ରାୟ ଚିତ୍ରାକୁ ଧରି ଯୁବକ ଜଣକ ବିଷଣ୍ଣ ଭାବେ, ବିପନ୍ନ ଭାବେ କହୁଥିବ "ମାଇଁ ୱାଇଫ-ସି ଇଜ ସିକ୍"–ପରିଚାରିକା ତଫାତ୍ ହୋଇ ଯାଇଥିବ । ସେ ରୁମ୍‌ଟି କପଟ ଦମ୍ପତିଙ୍କ ନାମରେ ରିଜର୍ଭ କରାଯାଇଥିବ ଦିନଟି ପାଇଁ । ସେତେବେଳକୁ ମାର୍ଚ୍ଚ ମାସର ମଧ୍ୟାହ୍ନ -ଦିନ ୨ଟା । ରୁମ୍ ଭିତରେ ପଶି, ଚିତ୍ରାକୁ ବେଡ୍ ଉପରେ ଶୁଆଇ ଦେଇ କ୍ଷିପ୍ରଗତିରେ ଦରଜା ବନ୍ଦ କରି ଦେଇଥିବ । ତା' ପରେ ମୂର୍ଚ୍ଛାହତା ଚିତ୍ରାକୁ ନେଇ ସେ କରିଥିବ କ'ଣ ? ପାଠକେ, ପଥର ବି ତରଳି ଯାଆନ୍ତା ଯା'ପରେ । ଅସୁର ବି ଏପରି କର୍ମକାଣ୍ଡର କର୍ତ୍ତା ହୋଇପାରନ୍ତା ନାହିଁ । ଯୁବକଟି ସୁନ୍ଦରୀ ମେଧାବିନୀ ଚିତ୍ରାର ଶରୀରକୁ ଧର୍ଷଣ କରେ । ସେତିକିରେ ସେ ପରିତୃପ୍ତ ହୁଏ ନାହିଁ । ତାର କଠିନ ଦୃଢ଼ ପୈଶାଚିକ ଆଙ୍ଗୁଳିଗୁଡ଼ିକୁ ଚିତ୍ରାର କୋମଳ ଗଳାକୁ ଚାପି ଶ୍ୱାସରୁଦ୍ଧ କରିଦିଏ । ଅଚେତନ, ମୁମୂର୍ଷୁ ଚିତ୍ରା ଏଥର ମୃତ୍ୟୁର ଅଭୟଦାୟିନୀ କୋଳରେ ନିଦ୍ରାଯାଏ । ତା'ର ସାମାନ୍ୟ ଅଳଙ୍କାର, ସରୁ ଚେନ୍‌ଟିଏ, ମୁଦି, କାନଫୁଲ ହଳେ ଧରି ଯୁବକ ଜଣକ ପ୍ରସ୍ଥାନ ପାଇଁ ପ୍ରସ୍ତୁତ ହୁଏ । ଚିତ୍ରାର ଶବ ଉପରେ କମ୍ବଳ ଘୋଡ଼ାଇ ଦିଏ । ସତେ କି ପାଣିଗ୍ଲାସେ ପିଇଲା ପରି ସମୁଦାୟ ନାରକୀୟକାଣ୍ଡଟିକୁ ସେ ଅନାୟାସରେ ସମ୍ପାଦନ କରେ । ପ୍ରାୟ ସନ୍ଧ୍ୟା ୬ଟା ବେଳକୁ ନରପିଶାଚ ରୁମ୍‌ରୁ ବାହାରିଯାଏ । କବାଟ ଆଉଜାଇ ଆଣେ । ପରିଚାରିକାର ପ୍ରଶ୍ନିଳ ଆଖି ଆଡ଼କୁ ଉତ୍ତରଟାଏ ଫୋପାଡ଼େ— "ସ୍ତ୍ରୀ ବେମାର, ଔଷଧ ଆଣିବାକୁ ଯାଉଛି ।" ଯଥାସମ୍ଭବ ସ୍ୱାଭାବିକ ବିଷଣ୍ଣ କଣ୍ଠସ୍ୱର ।

ରୁନୁ ଆଉ ନ କହୁ । ଏ ଲୋମହର୍ଷକ ଘଟଣାର ପରିଣତି ଆମେ ସମସ୍ତେ ଜାଣିଛେ । କାହିଁକି ଏପରି ଘଟିଲା ? ଯାରି ଉତ୍ତର କାହା ପାଖରେ ନାହିଁ । "କୋଉ ଦୋଷରୁ ଝିଅଟି ଏମିତି ଶାସ୍ତି ଭୋଗିଲା ?" ମୋର ଏହି ପ୍ରଶ୍ନରେ ରୁନୁର ଉତ୍ତର– "କୋଉ ଦୋଷରୁ କିଶୋରୀ ଗୀତା ଚୋପ୍ରା ଓ କିଶୋର ସଞ୍ଜୟ ବିଲା ଓ ରାଙ୍ଗାଙ୍କ ଭଳି ଜଘନ୍ୟ ଆତତାୟୀଙ୍କ କବଳରେ ପଡ଼ିଲେ ?" କିଏ କେଉଁ ଉତ୍ତର ଦବ ? ମଣିଷର ଭାଗ୍ୟ ଲିପିକାର ଏହି ଅଘଟଣ ପାଇଁ ସନ୍ତୋଷଜନକ ଉତ୍ତରଟିଏ କିଏ କେବେ ଦେଇପାରିଛି ନା ପାଇପାରିଛି ? ଅବିଚାରା ଈଶ୍ୱର ସମ୍ଭବତଃ ନିଜେ ମୂକ ପାଲଟି ଯାଇଥିବେ । ନିଜର ପ୍ରତିରୂପ କରି ମଣିଷକୁ ଗଢ଼ିବାକୁ ଯାଉ ଯାଉ ଦୈବାତ୍ ସେ ଯେ ଏମିତି କେତେକ ପିଶାଚଙ୍କୁ ଗଢ଼ି ପକାଇଛନ୍ତି । ତାଙ୍କର ଏଇ ମାରାତ୍ମକ ଭୁଲପାଇଁ ପ୍ରାୟଶ୍ଚିତ କରୁଛି ମଣିଷ ।

Digitized by PPRACHIN, SOA

ଗୁନୁ ଓ ମୁଁ ଶୋଇପାରିନୁ ରାତିରେ ଦିନ ଦିନ ଆଚ୍ଛନ୍ନ ରହିଚୁ । କ'ଣ ଦୋଷ ଥିଲା ବିଚାରୀର ? ତା'ର ଅସାଧାରଣ ରୂପଶ୍ରୀ ଓ ବିଦ୍‌ବତ୍ତା ତା'ର ବିପଦର କାରଣ ହେଲା ନାହିଁ ତ ? ଈଶ୍ୱର ଏଡ଼େ ସୁନ୍ଦର ଫୁଲଟିକୁ ଏପରି ଛିନ୍ନ ଭିନ୍ନ କରି ଭୂଲୁଣ୍ଠିତ କରାଇ ଦେଲେ କାହିଁକି ? ସେ ଏଡ଼େ ନିଷ୍ଠୁର ! ତାଙ୍କର ଏଇ ନିଷ୍ଠୁରତାକୁ ବାରମ୍ବାର ଦେଖିଲେ ମନରେ ସନ୍ଦେହ ଆସେ—ଈଶ୍ୱର କ'ଣ ତେବେ ଏଇ ହତ୍ୟା ଧର୍ଷଣର ସପକ୍ଷରେ ଥାଆନ୍ତି ?

ବିଦ୍ରୋହ ଆସେ ମନରେ । କେହି ନା କେହି ନର ପିଶାଚ ପୃଥିବୀର କୌଣସି କୋଣରେ ଏଇ ମୁହୂର୍ତ୍ତରେ ବି ଏପରି ଲୋମହର୍ଷକ କାଣ୍ଡ ଘଟାଇବାରେ ବ୍ୟାପୃତ ରହିଥିବ । ମଣିଷ ସମାଜପାଇଁ, ମଣିଷର ମଣିଷପଣପାଇଁ ଏ ପ୍ରକାର କାଣ୍ଡ କେଡ଼େ ଲଜ୍ଜାକର, କେଡ଼େ ବିପଜ୍ଜନକ ! କେଉଁ ବିଶ୍ୱାସ ନେଇ ଆମେ ବଞ୍ଚିବା ତାହେଲେ ? ଝିଅଟିଏ କୋଉ ସାହସରେ ଘରୁ ଗୋଡ଼ କାଢ଼ି ବାହାରିବ ?

ମଣିଷର ବିକୃତି-ତାକୁ ପଶୁଠାରୁ ହୀନ, ବର୍ବର କରି ରଖିଛି । ଏପରି ଘଟଣାର ନାୟକ ଏହି ଯୁବକ କେତେ କେଜାଣି ହତ୍ୟା ଧର୍ଷଣ, ଲୁଟତରାଜର ନାୟକ ହୋଇ ସାରିଛି । ବର୍ତ୍ତମାନ, ସମାଜରୁ ତାହାର ଅପସାରଣ ଜରୁରୀ । ମାତ୍ର, ତାହା ଆଇନଗତ ବିଚାର ସାପେକ୍ଷ ।

ଫଳରେ ଆମେ ଅସହାୟ ଦେଖଣାହାରି ବା ଶ୍ରୋତା କ'ଣ କରିପାରିବା ? ହଁ ଆମେ ପ୍ରାର୍ଥନା କରିପାରିବା, ଏହିପରି ନରପିଶାଚ ଆଉ ପୃଥିବୀରେ ଜନ୍ମ ନ ଲଭୁ ! କୌଣସି ଝିଅ ଚିତ୍ରା ଭଳି, ଗୀତା ଭଳି ଦୁର୍ଭୋଗର ଶିକାର ନ ହୁଅନ୍ତୁ । ଯେତ ହେଲା ହୃଦୟର ପ୍ରାର୍ଥନା । ମାତ୍ର ଏତିକି ଯଥେଷ୍ଟ ନୁହେଁ । ଶରୀରର ପ୍ରାର୍ଥନା ମଧ୍ୟ ଆବଶ୍ୟକ । ସେ ପ୍ରାର୍ଥନା ଏହିପରି ହେବ-ଆମେ ସ୍ୱର ଉତ୍ତୋଳନ କରିବା ଯେ ଆମର ଶାସନ ଓ ଆଇନ ଏହିଭଳି ଅପକର୍ମକୁ ଦୃଢ଼ ଓ କଠୋର ଭାବେ ଦମନ କରନ୍ତୁ ଏବଂ ପୃଥିବୀରେ ନରପିଶାଚ ଆଉ ମୁହୂର୍ତ୍ତେ ନିଃଶ୍ୱାସ ନ ନେଉ ।

ଆମେ ଏହିପରି ପ୍ରାର୍ଥନା କରୁଥିଲାବେଳେ, ଈଶ୍ୱର ବୋଲି କେହି ଯଦି ଦ୍ରଷ୍ଟା ଜଣେ ଥାଆନ୍ତି, ସେ ନିଶ୍ଚୟ ଅସ୍ଫୁଟ କଣ୍ଠରେ କହିଚାଲିଥିବେ-ଆହା ! ଚିତ୍ରା !! ଆହା !

●

Digitized by PPRACHIN, SOA

ମୁଁ ଇନ୍ଦ୍ରାଣୀ କହୁଛି...

କେଜାଣି କେତେ ମାସ ବିତିଗଲାଣି-କେତେ ଥର ସୂର୍ଯ୍ୟଚନ୍ଦ୍ର ଉଇଁଲେଣି ବୁଡ଼ିଲେଣି, ମେଘ ଘୋଟି ବର୍ଷିଗଲାଣି, କେତେଥର ଅର୍ଥହୀନ କୋଳାହଳରେ ଆକାଶ କମ୍ପାଇ ପକ୍ଷୀମାନେ ବାହୁଡ଼ି ଗଲେଣି ବସାକୁ । କେତେ ଥର ପବନ ଲୁଚୁକାଳି ଖେଳିଲାଣି ମୋ ବଗିଚାରେ, ରାଗରେ ଡେଇଁକୁଦି ତାଳପତ୍ର ବି ଭାଙ୍ଗି ଦେଲାଣି କେତେ ଥର-ତଥାପି ମୁଁ କହିବି କହିବି ବୋଲି ଅଟକି ଯାଇଛି । କିନ୍ତୁ ମତେ ଅଟକି ଯିବାକୁ ଦବନାହିଁ ସେ-ମୋ ଚାରିକଡ଼ରେ ଘୂରି ମୋ ଛାତିର ସରୋବରରୁ ମୁଣ୍ଡ ଟେକି ସେ ଅନାଇଁ ରହିବ ଏଇମିତି, ପଚାରିବ– "କ'ଣ ମୋ କଥା କିଛି କହିବ ନାହିଁ କାହାରିକୁ ? ମୋ' ନିଃଶ୍ୱାସ ଏମିତି ମିଳେଇ ଯିବ ଶୂନ୍ୟରେ ?"

ଇନ୍ଦ୍ରାଣୀ, ତୋତେ କି ଉତ୍ତର ଦେବି ମୁଁ ବୁଝିପାରେନା, କେତେ ପ୍ରଶ୍ନ ଛିଡ଼ା ହୋଇଯାଏ ସାମ୍ନାରେ । ଝିଅ ହେଇ ଜନ୍ମ ହେବା କ'ଣ ପାପ ? ପୁଣି ଗରିବ ଘରେ ? ସୁନ୍ଦର ଝିଅଟିଏ ହବା କ'ଣ ଅହିନର୍କରେ ପଡ଼ିବା ସାଙ୍ଗେ ସମାନ ? ତୋର ଯେ ବାପା ମାଆ ନଥିଲେ । ତୋ ତଳେ ଥିଲେ ଆହୁରି ତିନି ଭଉଣୀ, ତୁ ଥିଲୁ ସବାବଡ଼ । ଆଜିର ଏଇ ସ୍ୱାର୍ଥସର୍ବସ୍ୱ ଦୁନିଆରେ ପର ବୋଝକୁ କିଏ ଭଲା ବୁହନ୍ତା ? ତଥାପି ତୋର ମାମୁଁଘର ତୁମକୁ ଆଦରି ଥିଲେ । ଘରେ ପଛେ ନଥାଉ ଖାଇବାକୁ, ନିଃସ୍ୱ ଝିଅ ଚାରୋଟି ଯିବେ କୁଆଡ଼େ ? ଇନ୍ଦ୍ରାଣି ପାଠ ପଢ଼ିବ, ଚାକିରି କରିବ ଓ ଭାଙ୍ଗି ପଡ଼ିଥିବା ପରିବାରକୁ ସଜାଡ଼ି ନେବାକୁ ଚେଷ୍ଟା କରିବ ।

ରୁନୁର ମୋର କଥା ହେଇଥିଲୁ । ଖବର କାଗଜରୁ ତା' ଫଟୋଟି ଦେଖି ଆମ ଦୁଇ ବାନ୍ଧବୀଙ୍କର ମନ କେମିତି ଓଦା ଓଦା ହୋଇଯାଇଥିଲା । ରୁନୁ କହୁଥିଲା, "ହଁ, ସେ ସୁନ୍ଦରୀ, ଖୁବ୍ ସୁନ୍ଦରୀ ।" ହେଲେ ବି ସୁନ୍ଦରୀ ଝିଅ କ'ଣ ଆଉ ନାହାନ୍ତି ? ତା'ଠାରୁ ଅଧିକ ସୁନ୍ଦରୀ ବି ତ ଅଛନ୍ତି । କାହା ଭାଗ୍ୟରେ ଏମିତି କାହିଁକି ଘଟୁନାହିଁ ! ଇନ୍ଦ୍ରାଣୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲା କାହିଁକି ? କାହିଁକି ହେଲା ପ୍ରବଞ୍ଚିତା ? କେଉଁ ଡ଼ାକ୍ତର ତାକୁ ଭଲ ପାଇବାର ଭରସା ଦେଇ ବିଶ୍ୱାସଘାତକତା କଲା !

ମୁଁ ବୁଝିପାରୁଥିଲି ଇନ୍ଦ୍ରାଣୀର ଅସହାୟତା । ହାଇସ୍କୁଲ ପାସ୍ କରିବା ପରେ ଇନ୍ଦ୍ରାଣୀ ଆଉ ପଢ଼ିପାରି ନଥିବ । ଏ.ଏନ୍.ଏମ୍. ଟ୍ରେନିଂ ଯିବାଛଡ଼ା ଆଉ ତ କିଛି

Digitized by PPRACHIN, SOA

ରୋଜଗାରର ଉପାୟ ନଥିବ । ମଫସଲ ଅଞ୍ଚଳରେ ପ୍ରସୂତି ସହାୟିକା ଭାବେ ଚାକିରି କରିଥିବ । ଅଭିଭାବକହୀନା, ଧନହୀନା ସୁନ୍ଦରୀ ଯୁବତୀ ଇନ୍ଦ୍ରାଣୀ ଲେଙ୍କା-ମଝି ଦରିଆରେ ବୋଝେଇ ଡଙ୍ଗାଟିଏ ଯେମିତି କାତ କି ଆହୁଲାଟିଏ ନଥାଇ ପଡ଼ିଯାଇଛି । ଏ ସଂସାର ତ ସହଜେ ବିକ୍ଷୁବ୍ଧ-ଝଡ଼ ବାତ୍ୟା ବିକ୍ଷୋଭିତ ସମୁଦ୍ରଠାରୁ ଆହୁରି ଭୀଷଣ, ମାଡ଼ିଆସିଥବ ଘରିଆଡୁ । ଲୁଚି ଯାଇଥିବେ ଚନ୍ଦ୍ର ସୂର୍ଯ୍ୟ, ଲିଭିଯାଇଥିବ ଆଲୋକ, ବାଟ ଦିଶିନଥିବ । ଇନ୍ଦ୍ରାଣୀ-ଭାଗ୍ୟ ହାତର କ୍ରୀଡ଼ନକ ଝିଅଟି, ତା'ର ଆଗାମୀ ପାଇଁ କିଛି ପତିଆରା ନଥିବ–ନଥିବ ଥଳକୂଳ ।

ଏମିତିରେ ଇନ୍ଦ୍ରାଣୀ ଉପରେ ତା'ର ତିନୋଟି ସାନ ଭଉଣୀଙ୍କ ଦ୍ୱାୟିତ୍ୱ ଥିଲା । ଅଥଚ ତା' ନିଜର ଦାୟିତ୍ୱ ବି ଥିଲା ତା' ନିଜ ଉପରେ । କେମିତି ମଫସଲ ଗାଁରେ, ସ୍ୱଳ୍ପ ବେତନଭୋଗୀ ଝିଅଟି ଏକାକୁ ଏକା ରହିଥିଲା-ଚାରିକଡ଼ରେ ମାଂସଲୋଭୀ ଶୃଗାଳ ଦଳ । ଯଦିବା ଏଭଳି ପରିସ୍ଥିତିରେ ଇନ୍ଦ୍ରାଣୀ କାହାର ସ୍ନେହ ଆତ୍ମୀୟତାରେ ଢଳିପଡ଼ିଥିବ, ତେବେ ତା' କିଛି ବିଚିତ୍ର ନୁହେଁ । ପିଲାଦିନୁଁ ସ୍ନେହ ଆଦରରୁ ବଞ୍ଚିବା ଏଇ ଝିଅଟି କୌଣସି ପଦସ୍ଥ ବ୍ୟକ୍ତିର କପଟ ସ୍ନେହଜାଲରେ ବାନ୍ଧି ହୋଇପଡ଼ିଥିବା ସମ୍ଭବ । ସେ ଯୁବତୀ ପୁଣି ସୁନ୍ଦରୀ । ଗାଁର ଅସଭ୍ୟ ଯୁବକ ଦଳ ତା'ଠାରେ ପ୍ରତିଶୋଧ ମନୋବୃତ୍ତି ରଖିଥିଲେ । କାରଣ ଇନ୍ଦ୍ରାଣୀ ଯେ କେହି ଯୁବକର ଲାଳସାକୁ ଚରିତାର୍ଥ କଲାଭଳି ଝିଅ ନଥିଲା । ସୌନ୍ଦର୍ଯ୍ୟ ଓ ଆତ୍ମନିର୍ଭରଶୀଳତାର ବି ଗୋଟେ ସ୍ୱାଭିମାନ ଥାଏ । ଇନ୍ଦ୍ରାଣୀର ତା' ଥିଲା । ଅତଏବ କାହାର କାହାର ଇନ୍ଦ୍ରାଣୀଠାରେ ଶତ୍ରୁତା ଥିଲା ?

ରୁନୁ କହିଲା, "ଏକଥା ସବୁ ତ କେହି ମନକୁ ମନ ଗଢ଼ି କହୁନି, ଏ କଥା ସବୁ ଖବରକାଗଜରେ ବାହାରିଥିଲା । ଦଳେ ଉଚ୍ଛୃଙ୍ଖଳ ଯୁବକ ଇନ୍ଦ୍ରାଣୀ ପ୍ରତି ରାଗ ରଖିଥିଲେ । ବିଚରୀର ଅଭିଭାବକ ନଥିଲେ, ଧନ ବା ଜନବଳ ନଥିଲା । ନାନା ଚକ୍ରାନ୍ତରେ ପଡ଼ି ହାଲିଆ ହେଇଯାଉଥିବ ସେ-ଭୀତତ୍ରସ୍ତ ହେଉଥିବ ବି । ନିଜର ଅସହାୟତା ଠାରୁ ମୁକୁଳିଯିବାକୁ ଚାହୁଁଥିବ ।"

କଥା ଛଳରେ ମୋ-ମନ ଭିତରେ ଉଙ୍କିମାରିଲା ସୁମିତ୍ରା-ସୁମିତ୍ରା ଥିଲା ମୋ ବାପଘର ଗାଁର ଏ.ଏନ.ଏମ (ପ୍ରସୂତି ସହାୟିକା) । ସେ ଥିଲା ସୁନ୍ଦରୀ ଯୁବତୀ, ତା'ର କିନ୍ତୁ ବାପ ମା' ଥିଲେ । ଅଥଚ ନିଜ ଚାକିରି ସ୍ଥଳର ଅଭିଜ୍ଞତା, ବିପଦକୁ ବର୍ଣ୍ଣନା କରୁ କରୁ ଦିନେ ସୁମିତ୍ରା ମତେ କେତେଗୁଡ଼ିଏ କଥା କହିଥିଲା । କାରଣ ଗାଁରେ ଥିଲାବେଳେ ମୁଁ ତାକୁ ନୈତିକ ବଳ ଦଉଥିଲି ଓ ବେଳେବେଳେ ସହରକୁ ମୋ ଘରକୁ ତାକୁ

Digitized by PPRACHIN, SOA

ଡକାଉଥିଲି । ଥରେ ସେ ଯାହା କହିଲା–ତା'ର ସାରାଂଶ ଏଇଆ ଯେ, ଜଣେ ପରିଚିତ ଗ୍ରାମବାସୀ ସହରରେ ଚାକିରି କରନ୍ତି, ଧନୀ, ମାନ୍ୟଗଣ୍ୟ, ତାଙ୍କୁ ଅତ୍ୟନ୍ତ ଅସଭ୍ୟ ବ୍ୟବହାର ଦେଖାଇଲେ । ସୁମିତ୍ରା ସେତେବେଳେ ଜଣେ ଗ୍ରାମବାସୀଙ୍କ ଖଞ୍ଜା ଭିତରେ ବଖରାଟିଏ ଭଡ଼ା ନେଇ ରହୁଥାଏ । ତା' ପିଛା ଲାଗିରହି ଦିନେ ସନ୍ଧ୍ୟାବେଳେ ତାକୁ କହିଲେ, "ତୁ ରାଜି ନହେଲେ, ଆଜି ରାତିରେ ତୋ ଘରେ ପଶି ମୁଁ ବଳାତ୍କାର କରିବି ।" ସ୍ୱଭାବତଃ ମୁଖରା ଓ ନିଷ୍କଳଙ୍କ ସୁମିତ୍ରା କହିଲା, "ମୋ ପାଖରେ ପନିକି ଅଛି । ମୁଁ ଚିତ୍କାର କରିବି ।" ଯା' ହଉ, ଭଦ୍ରବ୍ୟକ୍ତି ଜଣକ ଡରିଗଲେ କି ବିପଦକୁ ଡାକିଆଣିବାକୁ ପଛେଇ ଗଲେ କେଜାଣି । ସୁମିତ୍ରା ନିରାପଦ ରହିଲା ଓ ଅଳ୍ପଦିନ ପରେ ତା'ର ବିଭାଘର ହୋଇଗଲା । କିନ୍ତୁ ତା' ପୂର୍ବରୁ ମୋ ଘରେ ସୁମିତ୍ରା ନିରାପତ୍ତାହୀନତା ବିଷୟରେ ମୋତେ କେତେଥର କହିଛି । ସୁମିତ୍ରା କାତର କଣ୍ଠରେ କହିଥିଲା, "ମାଉସୀ, ଆମ ଇଜ୍ଜତ ଆମେ ବଞ୍ଚାଇବାକୁ ପ୍ରସ୍ତୁତ, ଜୀବନ ଦେବାକୁ ବି ପ୍ରସ୍ତୁତ । କିନ୍ତୁ ଭଗବାନ ଯଦି ସାହାଯ୍ୟ ନ କରନ୍ତି, ସେ ଯଦି ଚାହାନ୍ତି ଯେ ଆମେ ଲୁଣ୍ଠିତା ହୋଇଯାଉ..."

ସୁମିତ୍ରା କବି ଲେଖିକା ନଥିଲା କି ପାଠ ବି ବେଶି ପଢ଼ି ନଥିଲା । ମାତ୍ର ନିଜ ଅନ୍ତରର ପ୍ରଗାଢ଼ ଆକୁଳତା ହିଁ ତାକୁ ଉପରୋକ୍ତ କଥାତକ କୁହାଇଥିଲା । ମୁଁ ତା'ର ଏଇ କଥା ପଦକ ଭୁଲି ନଥିଲି । ପ୍ରାୟ ଦଶବର୍ଷ ପରେ ଆଜି ଇନ୍ଦ୍ରାଣୀ ଲେଙ୍କାର ଖବର ପଢ଼ି ସେଇ ପରିପ୍ରେକ୍ଷୀରେ ମୁଁ ବିଚାର କରି ବସିଲି—ଇନ୍ଦ୍ରାଣୀ କେତେଥର ହୁଏତ ସୁମିତ୍ରା ଭଳି ପରିସ୍ଥିତିକୁ ସାମନା କରିଥିବ ।

ସବୁ ସୁନ୍ଦରୀ ଯୁବତୀଙ୍କ ଭଳି ହୁଏତ ଇନ୍ଦ୍ରାଣୀର ବି ପ୍ରେମିକ ଥିବ । ସେ ହେଇପାରେ ସେଠାକାର ଡ଼ାକ୍ତର ବା କେହି ସରକାରୀ କର୍ମଚାରୀ । ପ୍ରେମିକ ଜଣକ ବି ଇନ୍ଦ୍ରାଣୀକୁ ବିବାହର ପ୍ରତିଶ୍ରୁତି ଦେଇଥିବ । ସେଇ ପତିଆରାରେ ଇନ୍ଦ୍ରାଣୀ ଢଳିପଡ଼ିଥିବ ତା' ଆଡ଼କୁ, କିନ୍ତୁ ପ୍ରେମିକ ପ୍ରବର ଯଥା ସମୟରେ ପଛଘୁଞ୍ଚା ଦେଇଥିବ । କାରଣ, ସାମାନ୍ୟ ଗୋଟେ ଏ.ଏନ୍.ଏମ୍. ଚାକିରି କରୁଥିବା, ବାପା ମା' ନଥିବା ପୁଣି ତିନୋଟି ସାନ ଭଉଣୀଙ୍କ ବୋଝ ଲଦି ହୋଇଥିବା ଝିଅକୁ କିଏବା ବିବାହ କରିବାକୁ ଆଗେଇ ଆସିବ ? ପ୍ରେମର ବାହାନା, ପ୍ରତିଶ୍ରୁତି— ଏସବୁ ଭିନ୍ନକଥା ।

ବାହାର ପରିସ୍ଥିତିରୁ, ମାଂସାଶୀ ମଣିଷ-ପଶୁଙ୍କଠାରୁ ରକ୍ଷା ପାଇବା ନିମିତ୍ତ ଇନ୍ଦ୍ରାଣୀ ସମ୍ଭବତଃ ବିଭା ହେବାକୁ ଚାହିଁଥିବ । ପ୍ରେମିକ କରିଥିବ ଅସ୍ୱୀକାର । ତା'ପରେ ତ ସୁନ୍ଦରୀ, ସ୍ୱାଭିମାନୀ, ଅସହାୟା ଝିଅଟି ନିଜକୁ ଶେଷ କରିଦେବାର ନିଷ୍ପତ୍ତି ନେଇଥିବ ।

Digitized by PPRACHIN, SOA

ଏତିକିବେଳେ ମୋ ମନରେ ଉଠେ, ଇନ୍ଦ୍ରାଣୀ ଯା ନକରି ଆଉ ପ୍ରକାର କରିପାରିଥାଆନ୍ତା । ସାହସ କରି ଛିଡ଼ା ହୋଇଥାନ୍ତା, ସମୟ ଉପରେ ବିଶ୍ୱାସ ରଖି ପ୍ରବଞ୍ଚନାରୁ ଅଭିଜ୍ଞତା ହାସଲ କରିଥାନ୍ତା, ହୋଇଥାନ୍ତା ଅଧିକ ଧୈର୍ଯ୍ୟଶୀଳା । କିନ୍ତୁ ଇନ୍ଦ୍ରାଣୀ ନିହାତି ସାଧାରଣ ସ୍ୱାଭାବିକ କାଣ୍ଡ ଘଟାଇ ସାରିଛି ।

ଅବଶ୍ୟ ଇନ୍ଦ୍ରାଣୀର ମୃତ୍ୟୁଖବର ରହସ୍ୟଜନକ ଓ ସେ ସ୍ଥାନୀୟ ଡାକ୍ତରଙ୍କ ଘରେ ପୂର୍ବରାତିରେ ବହୁ ସମୟ ଧରି ଥିଲା— ଏହାଥିଲା ସମ୍ବାଦପତ୍ରର ବୟାନ । ଆଉ ପୋଲିସ୍ ସେ ଦିଗରେ ପ୍ରାୟ ନିଷ୍କ୍ରିୟ, ସ୍ଥାନୀୟ ଲୋକେ ବୀତସ୍ପୃହ । କିଏ ଅଛି ତା'ର—ଏଇ ଅର୍ଥ କ୍ଷମତାର ଲଢ଼େଇରେ ସ୍ପର୍ଦ୍ଧାକରି ଠିଆହେବ ? ରକ୍ତର ବୋଲି ତା'ର ତିନିଭଉଣୀ । ହୁଏତ ହୋଇଥିବେ ସୁନ୍ଦରୀ ଯୁବତୀ–ଅଳ୍ପ କିଛି ପାଠ ପଢ଼ିଥିବେ । କିଏ ଜାଣେ, ଆତ୍ମନିର୍ଭରଶୀଳା ହେବାକୁ ଯାଇ ସେମାନେ ଇନ୍ଦ୍ରାଣୀ ଭଳି ଚାକିରି କରିବେ କି ନା–ବିବାହ ବଜାରରେ ତାଙ୍କର କାଟ୍‌ତି କେମିତି ଥିବ । ବିଚରାଗୁଡ଼ିକ ଭଗ୍ନ ମନରେ ତ୍ରସ୍ତ ହୋଇ ରହିଥିବେ । ବଡ଼ ଭଉଣୀର ଦୁର୍ଘଟଣା ଯୋଗୁ ନାନା ଉଡ଼ା ଖବରରେ ଅପମାନ ବୋଧ କରୁଥିବେ ।

କାହିଁକି ବିଂଶ ଶତାବ୍ଦୀର ଶେଷ ପାଦରେ ଆଜି ଝିଅଟିଏ ଆତ୍ମନିର୍ଭରଶୀଳ ହୋଇ, ସ୍ୱାଭିମାନ ବଜାୟ ରଖି ଏଠାରେ ବଞ୍ଚିରହି ପାରିବ ନାହିଁ ? କାହିଁକି ତାକୁ ସମସ୍ତେ କାମୁଡ଼ି ଖାଇଯିବେ ? କେହି ଲାଳସା ମେଣ୍ଟାଇ ନପାରି ଆକ୍ରୋଶ ପୋଷିବେ ତ କେହି ମିଥ୍ୟାଚାର କରି ତାର ହୃଦୟକୁ ଖଣ୍ଡ ଖଣ୍ଡ କରି ଦେବେ ? ଅବଶ୍ୟ ଏହି ଭଦ୍ର ମଣିଷମାନେ କେବେ କିଛି ଉତ୍ତର ଦେବେ ନାହିଁ । ଅତଏବ ଇନ୍ଦ୍ରାଣୀର ଛାୟାମୂର୍ତ୍ତିକୁ ମୁଁ କି ଆଶ୍ୱାସନା ଦେବି ? ସେ ତ ନିଜଆଡୁ କାହାକୁ କିଛି ଫିଟାଇ କହିନାହିଁ । ଅସଲ କଥାଟି କାହାକୁ ଜଣାଇ ନାହିଁ-ଲେଖି ଯାଇ ନାହିଁ କିଛି ।

ଅଥଚ ଅନ୍ଧାର ଭିତରେ ଢଳ ଢଳ ଆଖି ନେଇ ଇନ୍ଦ୍ରାଣୀ ମତେ ଏମିତି ଅନାଇଁ ରହିଛି କାହିଁକି ? କ'ଣ ପାଇଁ ତା'ର ପରଲୋକଗତ ସତ୍ତା ମତେ କରୁଛି ଅସ୍ଥିର ଓ ବିଚଳିତ ? ଇନ୍ଦ୍ରାଣି, ସୁନାଝିଅଟି ମୋର, ତୁ କାହିଁକି ବୁଝିପାରୁନୁ ଯେ, ଏଠି ତୋ କଥା ଶୁଣି, ସମଝି ବିଚାରିବାର ହୃଦୟଟି ଏବେ ନାହିଁ । ତୋର ଆହୁରି ଅଧିକ ସାହସିନୀ ହେବାର ଉଚିତ ଥିଲା ।

●

Digitized by PPRACHIN, SOA

କିଶୋରୀ ଟିଲ୍‌ଟ୍‌ମାନ୍

ନାଆଁଟି ତା'ର କ୍ଲେଆର୍ ଟିଲ୍‌ଟ୍‌ମାନ । ଏଥର ନାଆଁଟିକୁ ଭୁଲି ଯାଆନ୍ତୁ ଆପଣମାନେ । ଇଂରାଜୀ ନାଆଁଟିଏ ସିନା-ଝିଅଟି କିନ୍ତୁ ଠିକ୍ ଏଇମିତି, ଆମ ଡଲି, ମିନା, ବେବି, ଗୀତାମାନଙ୍କ ଭଳି ୧୫/୧୬ବର୍ଷ ବୟସ, ହୃଷ୍ଟପୁଷ୍ଟ, ବାପା ମା'ଙ୍କର ଗେହ୍ଲାଝିଅ । ସ୍କୁଲରେ ଶେଷବର୍ଷ ତା'ର । ଭଲ ପଢ଼େ—ବାପା ମାଆଙ୍କ କଥା ମାନେ — ନମ୍ର ଭଦ୍ର ଝିଅଟିଏ, ସବୁ ଶାନ୍ତ ସୁଧାର ଝିଅଙ୍କ ପରି । ଅବଶ୍ୟ ଭାରତର ଗ୍ରାମାଞ୍ଚଳ ନୁହେଁ, ଇଂଲଣ୍ଡର ଗ୍ରାମାଞ୍ଚଳରେ ତା'ର ଘର, କ୍ଲେଆର୍‌ର । ତା' କାହାଣୀ ଶୁଣିଲେ ଆପଣ ଆବାକ୍ ହେବେ ନାହିଁ, କଥା ଦିଅନ୍ତୁ ।

ରୁନୁ ଓଠ ଲମ୍ୱେଇଲା ଏଥର—ବାପ୍‌ରେ, କଥାଟା ତ କହିବୁ, ଏତେ ବଡ଼ ଗୌରଚନ୍ଦ୍ରିକା କାହିଁକି ? କହନା, କ'ଣ ହେଲା ?

ସେଦିନ ସନ୍ଧ୍ୟାବେଳେ–ଅନ୍ଧାର ହେବାକୁ ତଥାପି ବାକି ଅଛି— କ୍ଲେଆର୍ ତା'ର ସହପାଠିନୀ ବାନ୍ଧବୀ ଘରକୁ ବୁଲି ବାହାରିଲା । ୨ ମିନିଟ୍‌ର ବାଟ । ମୁଖ୍ୟ ରାସ୍ତା ବାଟେ ଗଲେ ୨ ମିନଟ୍ ସିନା, ଗଳିରେ ପଶିଗଲେ ଏକ ମିନିଟ୍‌ରେ ପହଞ୍ଚହେବ । କ୍ଲେଆର ବାପାଙ୍କ ଠାରୁ ଅନୁମତି ନେଇ—କେଶବାସ ସଜାଡ଼ି ନେଲା । ରୁମାଲଟେ ଧରିଲା ହାତରେ–ଘରୁ ବାହାରି ପଡ଼ିଲା । କ୍ଲେଆର୍ ଭାବିଲା ଗଳିବାଟେ ଗଲେ ତ ଚଞ୍ଚଳ ପହଞ୍ଚିଯିବ । ଆଉ ଆଜି ମୁଖ୍ୟରାସ୍ତା ବାଟେ ଯିବି ନାହିଁ । ଗଳି ଭିତରକୁ ପଶିଲା- ଅଧମିନିଟିଏ ଯାଇନି, ଏକ ମର୍ମଭେଦୀ ଦାରୁଣ ଚିତ୍କାରରେ ଫାଟି ପଡ଼ିଲା ଆଖପାଖ ।

ମାଟିରେ ଘୁଷୁରି ଘୁଷୁରି ରକ୍ତ ସରସର ହେଇ ସରୀସୃପ ପରି ଆଗେଇ ଆସେ ମୁଖ୍ୟରାସ୍ତାକୁ ଯିଏ-ସେଇ ଆମରି ଝିଅ କ୍ଲେଆର୍ । ଯନ୍ତ୍ରଣାର ଗଁ ଗଁ ରେ ଅସ୍ପଷ୍ଟ ଆର୍ତ୍ତନାଦରେ ନିଜେ କାରୁଣ୍ୟ ହିଁ ଯେମିତି ତରଳି ପଡୁଛି । ମୁଖ୍ୟରାସ୍ତା ଉପରେ, ପଡ଼ୋଶୀମାନଙ୍କ କୋଳରେ ତତ୍‌କ୍ଷଣାତ୍ ଶେଷ ନିଃଶ୍ୱାସ ତ୍ୟାଗ କରେ କ୍ଲେଆର୍ । ଘରୁ ବାହାରିବାର ପ୍ରାୟ ୫/୭ ମିନିଟ୍ ଭିତରେ କ୍ଲେଆର୍ ରକ୍ତସ୍ନାତ ହୋଇ ପ୍ରାଣ ହରାଏ । ବ୍ୟଥିତ, ତଟସ୍ଥ ଲୋକଙ୍କୁ ପଦେ ପଦେ କହିଯାଏ ଯେ– "ଗଳିମଝିରେ ଅଚିହ୍ନା

Digitized by PPRACHIN, SOA

ଲୋକଟେ ଠିଆ ହୋଇଥିଲା, ନିକଟବର୍ତ୍ତୀ ହେଲାକ୍ଷଣି ଛୁରୀ ସହିତ ବିକଟାଳ ହସ ହସି ସେ କୁଦି ପଡ଼ିଲା—" ତା'ପରେ ତ ନିଛାଟିଆ ସେ ଗଳିରୁ ମୁଖ୍ୟରାସ୍ତାକୁ ଧରିବା ପାଇଁ ଯନ୍ତ୍ରଣାଦଗ୍ଧ କ୍ଲେଆର୍‌ର କଅଁଳ ଦେହଟି ଗୁଳିଖିଆ ପଶୁପରି ଘୁଷୁରିବାରେ ଲାଗିଥିଲା ।

କିଏ ସେ ନରପିଶାଚ ? କ'ଣ ବା ତା'ର ଉଦ୍ଦେଶ୍ୟ ? ଗଳି ମଝିରେ କାହାକୁ ସେ ଲୁଚିବସିଥିଲା ? କିଏ ଥିଲା ତା'ର ଲକ୍ଷ୍ୟ ? କ୍ଲେଆର୍ ତ କଦାପି ତା'ର ଲକ୍ଷ୍ୟ ହୋଇପାରେନା । କାରଣ, କ୍ଲେଆର୍ କେଉଁଦିନ ବି ଏପରି ସମୟରେ ଏଇ ଗଳିବାଟରେ ଆସେ ନାହିଁ । ଅନୁସନ୍ଧାନରେ ଲାଗିଗଲେ ଇଂଲଣ୍ଡର ପୋଲିସ ଓ ସମାଜ-ବିଜ୍ଞାନୀମାନେ ।

ପୋଲିସ କହେ, ଷୋଡ଼ଶୀ ଝିଅ କ୍ଲେଆର ନହେଉ, ଅନ୍ୟ ଝିଅ ହୁଏତ ସେ ଗଳିରେ ଆସିଥାଆନ୍ତି । ଯଦି କେହି ବି ଜଣେ, ସେ ବୁଢ଼ୀଟିଏ ହେଉ, କି ଛୋଟୀ କେମ୍ପୀଟିଏ ହେଉ, ତାକୁ ଏହି ଦଶା ଭୋଗିବାକୁ ପଡ଼ିଥାନ୍ତା । କାରଣ, ଲୋକଟିର ଉଦ୍ଦେଶ୍ୟ ଥିଲା ହତ୍ୟା-ନିରପରାଧ ହତ୍ୟା । ଅପରିଚିତା ଯେକୌଣସି ନାରୀକୁ ସେ ହତ୍ୟା କରିଥାଆନ୍ତା । ନାରୀଟିଏ ତା'ର ଶିକାର ହୁଅନ୍ତା ଏଇଥିପାଇଁ ଯେ, ନାରୀର ଶାରୀରିକ ଶକ୍ତି କମ୍, ସେ ଆତ୍ମରକ୍ଷା କରିବାକୁ ଘୋର ଯୁଦ୍ଧ କରିପାରିବ ନାହିଁ । ତେଣୁ ତାକୁ ନିଧନ କରିବାକୁ ହତ୍ୟାକାରୀ ପକ୍ଷେ ଆୟାସସାଧ୍ୟ ହେବ ନହିଁ । ଯେ ଗୋଟିଏ ମାତ୍ର ଦୃଷ୍ଟାନ୍ତ ହେଲେ ବି, ସେ ଦେଶରେ ଏଭଳି ଅନେକ ହତ୍ୟାକାଣ୍ଡ ଘଟୁଛି-ଏହି ହତ୍ୟାରେ ଧର୍ଷଣର ମନୋବୃତ୍ତି ବି ନାହିଁ । କେବଳ ହତ୍ୟା, ଅକାରଣରେ ହତ୍ୟା ।

ସମାଜ-ବିଜ୍ଞାନୀ କହିଲେ—ଇଂଲଣ୍ଡର ସମାଜ-ଜୀବନରେ ଏଇ ଯେଉଁ ନାରକୀୟ ହତ୍ୟାକାଣ୍ଡ ଘଟିଯାଇଛି, ତାହା ହତ୍ୟାକାରୀର ପ୍ରଚଣ୍ଡ କ୍ରୋଧରୁ ସଂଜାତ ।

କ୍ରୋଧ ପୁଣି କାହା ଉପରେ ? ଏଠାରେ କେବଳ ବ୍ୟକ୍ତିର ମାନସିକ ଭୀଷଣତାରୁ ଉଦ୍ଭୁତ । ସେହି ବ୍ୟକ୍ତିଟି ଅପରକୁ ଛଟପଟ କରି ମାରିଦେଇ ସନ୍ତୁଷ୍ଟ ହୁଏ । ତା' ନକଲେ ସେ ଅତୃପ୍ତ, ହନ୍ତସନ୍ତ ହୁଏ । କାରଣ, ସେ ବିକ୍ଷୁବ୍ଧ କ୍ରୁଦ୍ଧ । ସବୁ କିଛିକୁ ସେ ନଷ୍ଟଭ୍ରଷ୍ଟ କରିଦେବାକୁ ଚାହେଁ । କାହା ପ୍ରତି ତା'ର ଯେ କ୍ରୋଧ ? ସମାଜ ବ୍ୟବସ୍ଥା ପ୍ରତି, ଜୀବନ ପ୍ରତି ମଣିଷ ପ୍ରତି ନା ସମ୍ପର୍କ ପ୍ରତି ? ବୋଧହୁଏ, ଯେ ସବୁକିଛି ପ୍ରତି ।

ଆମ ଭାରତ ଭୂମିରେ ଏପରି କ୍ରୋଧର ଦୃଷ୍ଟାନ୍ତ ବହୁଳ ନୁହେଁ । ମାତ୍ର ଏହିପରି ପରିସ୍ଥିତି ଉପୁଜିବାପାଇଁ ଖୁବ୍ ବେଶି ଡେରି ହୁଏତ ଲାଗିନପାରେ । ମୋର ଏଇ

Digitized by PPRACHIN, SOA

ମନ୍ତବ୍ୟରେ ରୁନୁ କହେ "କ'ଣ ମ, ତୁ ଦେଖିପାରୁନୁ କି, କଥା କଥାକେ ଖଣ୍ଡା, ଛୁରା, ଭୁଜାଲି, ବୋମା— ଏସବୁ ଆଉ କ'ଣ ? ଅଧୈର୍ଯ୍ୟ, କ୍ଷୁବ୍ଧ ମଣିଷର ବିକୃତ ମାନସିକତା ନୁହେଁ ତ, ଯାକୁ ଆଉ କ'ଣ କହିବା ? ବାପା ମା'ଙ୍କର ପ୍ରତ୍ୟକ୍ଷ ସ୍ନେହ ଆଦର ନପାଇଥିବା ମଣିଷ ଏପରି ପରିସ୍ଥିତି ସବୁ ଉପୁଜାଉଛି ।"

ଇଂରାଜୀ ସମାଜ-ବିଜ୍ଞାନୀମାନେ କହନ୍ତି, ଏହିଭଳି ଆତତାୟୀଙ୍କ ବ୍ୟକ୍ତିଗତ ଜୀବନ ଇତିହାସ ଅନୁସନ୍ଧାନ କଲେ ଜଣାଯାଏ ଯେ ପାରିବାରିକ ସ୍ନେହ, ନିରାପତ୍ତା ଇତ୍ୟାଦିରୁ ଏମାନେ ବଞ୍ଚିତ । ପିଲାଦିନରୁ ବାପା ମାଆ ଛାଡ଼ିଛନ୍ତି । ହୁଏତ ପିଲାଟିର ବାପା ମା'କୁ ଛାଡ଼ପତ୍ର ଦେଇ ଅନ୍ୟତ୍ର ବିବାହ କରିଛି ଓ ପିଲାଟି ବାପ ପାଖରେ, ନିଷ୍ଠୁରତା ଭିତରେ, ସାବତ ମା'ର ବେପରୱା ବ୍ୟବହାର ଭିତରେ ବଢ଼ିଛି । ମାତୃ ସ୍ନେହ ପାଇନାହିଁ । ନଚେତ୍ ଅନ୍ୟ ପ୍ରକାରେ ମାଆ ନିକଟରେ ବଢ଼ିଛି, ପିତୃ ସ୍ନେହ ପାଇନାହିଁ । ନିଜ ଆଖି ଆଗରେ ନିଜ ମାଆର ଉପଭୋଗମୟ ଜୀବନକୁ ଦେଖିଛି । ଅବହେଳିତ ହୋଇ ବାଲ୍ୟ ଓ କୈଶୋର କଟାଇଛି । ନତୁବା ପିତା ମାତାଙ୍କ ଠାରୁ ଦୂରେଇ ବୋର୍ଡିଂ ସ୍କୁଲରେ ଜୀବନ କାଟିଛି-ବାପା ଅଲଗା, ମାଆ ଅଲଗା, ସେ ମଧ୍ୟ ଅଲଗା । ତା'ର ଭରଣ ପୋଷଣପାଇଁ ଟଙ୍କା କିଛି ଦେବା ଛଡ଼ା ବାପ ମାଆଙ୍କର ତା' ପାଇଁ ଅନ୍ୟ କିଛି ଭୂମିକା ନାହିଁ । ତା'ର ଏଇ ସଂସାରକୁ ଆସିବା ଯେମିତି ଅବାନ୍ତର ।

ଅତଏବ, ଏଇ ପ୍ରକାର ସମାଜ-ବ୍ୟବସ୍ଥାରେ ଅରକ୍ଷ ହୋଇ ଅସ୍ନେହ ଅନାଦରରେ ବଢ଼ିଥିବା ବ୍ୟକ୍ତିଟି କ୍ଷୁବ୍ଧ ହୋଇ ରହୁଛି । ନିଜପ୍ରତି ଏହି ସୃଷ୍ଟିପ୍ରତି ତା'ର ଅମାପ କ୍ରୋଧ । କେତେବେଳେ କେଉଁ ଭାବରେ ଆପଣାର କ୍ରୋଧକୁ ଶାନ୍ତ କରିବ, ବୁଝିପାରୁ ନାହିଁ । ଦିଗ୍‌ଭ୍ରାନ୍ତ ହୋଇ ପଡୁଛି ଓ ଏପରି କାଣ୍ଡ ଘଟାଉଛି ।

ଆଶ୍ୱାସନାର କଥା, ଆମ ଭାରତବର୍ଷର ବାପା ମାଆମାନେ ପିଲାଙ୍କ ପ୍ରତି ଏପରି ନିସ୍ପୃହ ନୁହନ୍ତି; ମାତ୍ର ଆମ ଦେଶରେ ଯେଉଁ ଉନ୍ମତ୍ତ ହିଂସାକାଣ୍ଡ, ଅମାନୁଷିକ କାଣ୍ଡସବୁ ଘଟୁଛି, ଯୁବକକୁଳ ବିପଥଗାମୀ ହୋଇ, ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଚକ୍ରାନ୍ତରେ ପଡ଼ି ଉଦ୍ଭଟ୍ଟକାଣ୍ଡମାନ ଘଟାଉଛନ୍ତି, ଡ୍ରଗ୍‌ସ୍ ସେବନ କରି ଝିଅଙ୍କୁ ରାସ୍ତାଘାଟରେ ଅପମାନିତ କରି,' ଧର୍ଷଣ କରି ଚୋରି ଡକାୟତି ଆଦି କାଣ୍ଡ ଘଟାଉଛନ୍ତି; କଥା ପଦକେ ଭୁଜାଲି ମାଡ଼— ଏମାନଙ୍କ ମାନସିକତାକୁ କିଏବା ଅନୁଧ୍ୟାନ କରୁଛି ?

Digitized by PPRACHIN, SOA

ଅର୍ଥନୀତିରେ ଦୁର୍ବଳ ଆମର ଦେଶପାଇଁ କେତେ କେଜାଣି ସମସ୍ୟା ଥାଉଁ ଥାଉଁ ଯୁବକ ଓ ତରୁଣମାନଙ୍କ ମନର ପଟ୍ଟଭୂମିକୁ ଖୋଜି ଦେଖିଛି କିଏ ?

ଯଦି ବି କେହି ଖୋଜିଦେଖେ, ହତ୍ୟା, ଧର୍ଷଣ, ଚୋରି ଓ କୁକର୍ମରେ ଲିପ୍ତ ଅଧୈର୍ଯ୍ୟ ମଣିଷର ପରିପାର୍ଶ୍ୱ ଓ ପୃଷ୍ଠଭୂମିକୁ ଉନ୍ମୋଚନ କରେ, ସେଥିରେ କ'ଣ କିଛି ବାହାରିବ ନାହିଁ ? ଜଣାପଡ଼ିବ ନାହିଁ ଯେ, ପିଲାଟି ଶୈଶବରୁ ଘୃଣା, ଅବହେଳା ପାଇଛି ବା ଅର୍ଥର ପ୍ରାଚୁର୍ଯ୍ୟ ଭିତରେ ପ୍ରକୃତ ସ୍ନେହ ପାଇନାହିଁ । ବାପା ମାଆ ହୁଏତ ଅର୍ଥଙ୍କରୀ କାର୍ଯ୍ୟରେ ଦିନରାତି ଲାଗିଛନ୍ତି—ପିଲାଟିର ନୈତିକ ଦିଗ ପ୍ରତି ଆଖିବୁଜି ଦେଇଛନ୍ତି । ତା'ର ମନ ଭିତରର ଦୁଃଖ ସୁଖ, ପ୍ରଶ୍ନର ଓ ଚିନ୍ତାର ସମାଧାନ ଦିଗରେ କୌଣସି ପ୍ରଚେଷ୍ଟା କରି ନାହାନ୍ତି । ପ୍ରଚେଷ୍ଟା କରିବାତ ଦୂରର କଥା, ପିଲାଟିର, କିଶୋର ସନ୍ତାନଟିର ସୁଖ, ଦୁଃଖ, ପ୍ରଶ୍ନ ଓ ସମସ୍ୟା ସହ ସେମାନଙ୍କର ପରିଚୟ ହିଁ ଘଟିନାହିଁ । ଏପରିକି ପରିଚୟର ଆବଶ୍ୟକତା ସେମାନେ ଅନୁଭବ ବି କରିନାହାନ୍ତି, ସେଥିପ୍ରତି ସମୟ ବା ଧ୍ୟାନ ଦେଇ ନାହାନ୍ତି ।

ହୁଏତ ସନ୍ତାନର ସୁଖପାଇଁ ଧନ ଠୁଳେଇବାରେ ଲାଗିରହି, ସେମାନଙ୍କୁ ସମୟ ମିଳିନାହିଁ, ତାର ମନର ଲାଳନ କରିବାକୁ । କେହି ବା ଦାୟିତ୍ୱହୀନ ଭାବେ ସନ୍ତାନର ଗ୍ରାସାଚ୍ଛଦନ କରିବା କେବଳ ମାତ୍ର କର୍ତ୍ତବ୍ୟ ବୋଲି ଭାବି ନେଇଛନ୍ତି । ଅନ୍ୟ ପ୍ରକାର ଦାୟିତ୍ୱ ଅନାବଶ୍ୟକ ବୋଲି ମନେ କରିଛନ୍ତି ।

କିନ୍ତୁ, ନୂଆ ମଣିଷଟିକୁ ଜନ୍ମ ଦେଇ, ଜନସଂଖ୍ୟା ବୃଦ୍ଧି କରୁଥିବା ପିତାମାତା ପିଲାଟି ପ୍ରତି ଧ୍ୟାନଶୀଳ ହୁଅନ୍ତି ନାହିଁ କାହିଁକି ? ଜନ୍ମ ଦେବା ହେତୁରୁ ସାଧ୍ୟମତେ ଖାଦ୍ୟ ବସ୍ତ୍ର ଦେବା ଛଡ଼ା ପିତା-ମାତାଙ୍କର ସତେରେ କ'ଣ କିଛି କର୍ତ୍ତବ୍ୟ ନାହିଁ ? ଏ କର୍ତ୍ତବ୍ୟ ସେମାନଙ୍କୁ ଶିଖାଇବ କିଏ ? ସେମାନେ ନିଜେ ନିଜେ ଏହି କର୍ତ୍ତବ୍ୟକୁ ହୃଦୟଙ୍ଗମ ନକଲେ ଅହେତୁକ କ୍ରୋଧ ଓ ଘୃଣାରେ ଫାଟି ପଡୁଥିବା ମଣିଷମାନେ ସୃଷ୍ଟିକୁ ବଂଚିରହିବାକୁ ଦେବେ ତ ? ସୁନ୍ଦର କରି ରଖିବା ତ ଦୂରର କଥା । ସୃଷ୍ଟିକୁ ଧ୍ୱଂସ, ରକ୍ତପାତ, ନିଷ୍ଠୁରତାରେ ରସାତଳଗାମୀ କରିଦେବେ ନାହିଁ ?

ପାଠକେ, ସ୍ଥିରଚିତ୍ତ ହୋଇ ଟିକେ ଭାବନ୍ତୁ, ନିଜ ଭିତରକୁ ଅନାନ୍ତୁ – ନିଜର ଚତୁଃପାର୍ଶ୍ୱକୁ- ତା'ପରେ ସବୁକିଛି ଜଳଜଳ ଦିଶିଯିବ, 'ପିତାସ୍ୱର୍ଗଃ...' "ମାତା ସ୍ୱର୍ଗାଦପି ଗରୀୟସୀ" କାହିଁକି ତାହେଲେ ?

●

Digitized by PPRACHIN, SOA

ରୂପର ଆରାଧନା

ଚଳଚ୍ଚିତ୍ରର ପର୍ଦ୍ଦା ଉପରେ ସୁନ୍ଦରୀ, ଭାବମୟୀ କମଳାର ନଗ୍ନତନୁ ସମକ୍ଷରେ ନିର୍ବାକ୍ କୃତାଞ୍ଜଳିପୁଟ ସିଦ୍ଧାର୍ଥ ଆଣ୍ଠୁମାଡ଼ି ପୂଜାର୍ଚ୍ଚନାରତ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟଠି ମନନଶୀଳ କବି ଓ ଦାର୍ଶନିକଙ୍କ ସିଦ୍ଧାନ୍ତ ଅନୁସାରେ ରୂପର ଆରାଧନାର ମାର୍ଗ ଉଲ୍ଲିଖିତ ଭାବେ ନିର୍ଦ୍ଦେଶିତ । ସିଦ୍ଧାର୍ଥଙ୍କ ଆଖି ଲାଖିରହିଚି କମଳାଙ୍କ ତନୁ ବଲ୍ଲରୀରେ; ଭକ୍ତିର ଆବେଗ ନେଇ ରୂପଶୋଭାର ସନ୍ଦର୍ଶନରେ ବିହ୍ୱଳ, ତଟସ୍ଥ ପୁରୁରବା ସେଦିନ ସୁନ୍ଦରୀ ଉର୍ବଶୀଙ୍କୁ ପ୍ରଶ୍ନ କଲେ, "ତୁମେ କ'ଣ ନାରାୟଣଙ୍କ ମହାକଳ୍ପନାରୁ ନିଃସୃତ ? ତାଙ୍କ ନିଷ୍ପାପରତାର ଏକ ଶ୍ରେୟ ଅଂଶ, ଯାହା ଶରୀର ବଶ ହୋଇଛି ?"—

"କ୍ୟା, ନାରୀବନ୍‌କର୍ ନିକଲ୍‌ପଡ଼ୀ ତୁମ୍
ନାରାୟଣ କୀ ମହାକଳ୍ପନା ସେ
ଏକାୟନ ମନ୍ ସେ ?"

ରୂପର ମହାନ୍ ଆକର୍ଷଣ ଯୁଗେ ଯୁଗେ ମଣିଷକୁ ପ୍ରଲୁବ୍ଧ କରିଛି, ଦେବତାକୁ ଟାଣି ଆଣିଛି ଧୂଳିଧୂସରିତ ଧରଣୀକୁ । "ରୂପ ଆକର୍ଷଣ ପ୍ରବଳ ନରେ କିବା ଅମରେ ।" ମୁଖ୍ୟତଃ ଏଠାରେ ଯେଉଁ ରୂପର ପ୍ରାସଙ୍ଗିକତା ଆଲୋଚ୍ୟ, ତାହା ଯଥାର୍ଥରେ କମନୀୟ ନାରୀରୂପ । ଅବଶ୍ୟ, ସୌନ୍ଦର୍ଯ୍ୟ ମଧ୍ୟ ପକ୍ଷୀର, ଫୁଲର, ବିଭିନ୍ନ ପ୍ରାକୃତିକ ଉପାଦାନର ହୋଇପାରେ; ହୋଇପାରେ ମଧ୍ୟ କୌଣସି ଭାବୋପଲବ୍ଧିର, ସଂଗୀତର ରାଗନୃତ୍ୟର, କବିତାର, କଳାର । ମାତ୍ର ଏଠାରେ ଦୃଶ୍ୟମାନ ଶାରୀରିକ ରୂପ ହିଁ ପ୍ରାସଙ୍ଗିକ ।

ସୁନ୍ଦରକୁ କରଗତ କରିବା ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି । ସୁନ୍ଦରର ଅଧିକାରୀ ହେବା ତା' ପକ୍ଷରେ ଖୁବ୍ ଗୌରବଜନକ । ସୁନ୍ଦର ଫୁଲଟିଏ ଦେଖିଲେ, ସେ ତାକୁ ତୋଳି ଆଣିବାକୁ ଇଚ୍ଛା କରେ । ସୁନ୍ଦରୀ ନାରୀଟିକୁ ଅଧିକାର କରିବାକୁ ପୁରୁଷ ଆଶା ପୋଷଣ କରେ । ସେଇଥିପାଇଁ ପୁରାଣରେ, ଇତିହାସରେ କେତେ ଯୁଦ୍ଧ, କେତେ ରକ୍ତପାତ ! ସୀତା ଯଦି ହୋଇ ନଥାନ୍ତେ ସୁନ୍ଦରୀ, ଅହଲ୍ୟା ଆକର୍ଷଣୀୟା ହୋଇ ନଥାନ୍ତେ, ଯଦି ଦ୍ରୌପଦୀ ହୋଇନଥାନ୍ତେ ଅସାମାନ୍ୟ-ରୂପସୀ, ଆଉ ହେଲେନ୍ ଯଦି

Digitized by PPRACHIN, SOA

ସୁନ୍ଦରୀ ହୋଇନଥାନ୍ତା, ତେବେ ପୁରାଣ, ଇତିହାସର ନକ୍‌ସା ବଦଳି ଯାଇଥାଆନ୍ତା । ସ୍ତବ୍ଧ ହୋଇଯାଇଥାନ୍ତେ କବି, ଐତିହାସିକଗଣ । ଚିତ୍ତୋରର ରାଣୀ ପଦ୍ମିନୀ ଯଦି ସାଧାରଣ ଚେହେରାର ନାରୀଟିଏ ହୋଇଥାନ୍ତେ, ତେବେ ସେଦିନ ସହଚରୀ ପରିବେଷ୍ଟିତ ହୋଇ ତାଙ୍କୁ ଅଗ୍ନିପ୍ରବେଶ କରିବାକୁ ପଡ଼ିନଥାନ୍ତା ! ରୂପପାଇଁ ଏହିପରି ନାରୀ ଯୁଗେ ଯୁଗେ ହୋଇଛି ନିର୍ଯାତିତା, ନିଗୃହୀତା, ଲାଞ୍ଛିତା, ରୂପର ଅଧିଶ୍ୱରୀ ଗରବିଣୀ ହେବା ପରିବର୍ତ୍ତେ ଦଣ୍ଡିତା ହୋଇଛି । ପୁରୁଷର କାମାଗ୍ନି ତାକୁ ଜାଳିପୋଡ଼ି ଛାରଖାର କରିଦେଇଛି । କାରଣ, ରୂପର ଆରାଧନା ପୁରୁଷ ଶିଖିନାହିଁ । ରୂପର ଆକର୍ଷଣକୁ କବଳିତ କରିବାକୁ, ସଂଭୋଗ କରିଯିବାକୁ ସେ ଧୂରନ୍ଧର । ଦୃଷ୍ଟିନନ୍ଦନ ସୌନ୍ଦର୍ଯ୍ୟକୁ ରକ୍ତର ଭୋଜ୍ୟରୂପେ ସେ ଗ୍ରହଣ କରିନିଏ । ରୂପସୀକୁ ଛଳେ ବଳେ କୌଶଳେ ଆଲିଙ୍ଗନ କରିବା ନିମିତ୍ତ ସେ ହୁଏ ପାଗଳ । ସୌନ୍ଦର୍ଯ୍ୟକୁ ସେ ଭକ୍ଷ୍ୟ ବୋଲି ମନେକରେ । ରୂପଶ୍ରୀକୁ ଖଣ୍ଡ ଖଣ୍ଡ ଖାଇଯିବାରେ ତା'ର ପୌରୁଷ ।

ପ୍ରେମ, ଆଲିଙ୍ଗନ, ପ୍ରଣୟ ଓ ପରିଣୟ ଏସବୁ ଯୁଗେଯୁଗେ ନାରୀ ପୁରୁଷର ମଧୁର ଓ ଶ୍ରେୟ ମାନସିକତାର ପରିଚାୟକ । ମାତ୍ର ରୂପର ଆଧାର ଯଦି ପ୍ରାପ୍ୟ ନ ହେଲା; ପୁରୁଷ ଯେ କୌଣସି ଉପାୟରେ ତାକୁ କବଳିତ କରିନେବାକୁ ଚାହେଁ । ସେଇଥିପାଇଁ ସମାଜରେ ସକଳ ବିଘଟଣର ସୂତ୍ରପାତ ହୁଏ । ପାଠକେ, ସୁନ୍ଦର ପ୍ରତି ଆକୃଷ୍ଟ ହେବା ଅପରାଧ ନୁହେଁ, ମାତ୍ର ସୁନ୍ଦରକୁ ଯେ କୌଣସି ଉପାୟରେ କବଳିତ କରିବା, ଭୋଗ କରିଯିବାର ସଂକଳ୍ପ ଓ ଉଦ୍ୟମ ହିଁ ଅସୁନ୍ଦର ଓ ଅକଲ୍ୟାଣକର । ରୂପର ଆଧାରକୁ ଆଲିଙ୍ଗନ କରିବା ବା ସଂଭୋଗ କରିଯିବା ରୂପ ପୂଜାର ଏକମାତ୍ର ମାର୍ଗ ନୁହେଁ ବା ଅପରିହାର୍ଯ୍ୟ ମାର୍ଗ ମଧ୍ୟ ନୁହେଁ । ଏହାଠାରୁ ଏକ ଶ୍ରେୟମାର୍ଗ ମଧ୍ୟ ରହିଛି । ତାହା ରୂପର ଆରାଧନା—ରୂପରେ ତନ୍ମୟତା ଏବଂ ଏହା ମାଧ୍ୟମରେ ଆପଣାର ଅନ୍ତର୍ନିହିତ ରୂପବୋଧର ପରିତୋଷ । ଆଜିର ମଣିଷ କିନ୍ତୁ ଆରାଧନାରେ ପରିତୃପ୍ତ ହେବାକୁ ଯଥେଷ୍ଟ ମନେକରେ ନାହିଁ ।

ଫଳତଃ, ସୁନ୍ଦରୀ ଯୁବତୀଟିଏ ତା' ପରିବାରପାଇଁ ଓ ତା' ନିଜପାଇଁ ବିପଦ ରୂପେ ପରିଗଣିତ ହୁଏ । ବିଧାତା ସର୍ଜନାର ସବୁତକ କଳାକୌଶଳ ନେଇ ଯାହାକୁ ଗଢ଼ିଥାଏ, ତାର ଗୌରବ ପାଇବା ଅପେକ୍ଷା ନିଗୃହୀତ ହେବା ନିଧାର୍ଯ୍ୟ ହୋଇଯାଏ । ବାଟଘାଟରେ, କାରଣ ଅକାରଣରେ ସୁନ୍ଦରୀ ଝିଅଟିକୁ କି ନାରୀଟିକୁ ଦେଖିଲେ,

Digitized by PPRACHIN, SOA

ପୁରୁଷ ଲୋଭାସକ୍ତ ହୋଇଉଠେ । ରୂପର ଯାଦୁକାରୀରେ ସ୍ତମ୍ଭୀଭୂତ ହେବା ତା' ପକ୍ଷରେ ସମ୍ଭବ ହୁଏନା । ସେ ରୂପର ସଂଭୋଗ ନିମିତ୍ତ ଲାଳାୟିତ ହୋଇପଡ଼େ । ବିଧାତା କିନ୍ତୁ ସୌନ୍ଦର୍ଯ୍ୟକୁ ଏଇଥିପାଇଁ ସୃଜିଥାଏ କି ? ହତ୍ୟାପାଇଁ, ଧର୍ଷଣପାଇଁ, ରକ୍ତପାତପାଇଁ ? ନା, ସୃଜନର ନିର୍ଯାସରେ ଯେ ଗଢ଼ା, ତା'ର ପୃଷ୍ଠପଟରେ ସ୍ରଷ୍ଟାର ଯେଉଁ ମହାନ୍ କଳ୍ପନା ନିହିତ, ତା'ଠାରେ ଯେଉଁ ଏକାଗ୍ରତାର ନିଷ୍ଠା ଉତ୍କୀର୍ଣ୍ଣ, ତାହା କେବେହେଲେ କୁପ୍ରବୃତ୍ତି ବା ଲୋଭର ଉତ୍ପ୍ରେରଣ ପାଇଁ ନୁହେଁ । ବିଧାତାର ଲକ୍ଷ୍ୟ ଭିନ୍ନ—ସୃଷ୍ଟିକୁ ଉଜ୍ଜ୍ୱଳ, ମଧୁର କରିବା ନିମିତ୍ତ ରୂପସୃଷ୍ଟି ଅଭିପ୍ରେତ । ଯଦି ରୂପର ଆରାଧନା ମଣିଷ ଶିଖିନାହିଁ, ଯଦି ସୌନ୍ଦର୍ଯ୍ୟ ପ୍ରତି ପୁରୁଷ ଲୋଭାସକ୍ତ, ସୁନ୍ଦର ଫୁଲଟିଏ ଦେଖିଲା ମାତ୍ରେ ଛିଣ୍ଡାଇ ଆଣିବାକୁ ମଣିଷ ଉଦ୍ୟତ, ସୁନ୍ଦରୀ ଝିଅଟେ ଦେଖିଲେ ପୁରୁଷ ଆଲିଙ୍ଗନ ନିମିତ୍ତ ଅଥୟ, ତେବେ ବୁଝିବାକୁ ହେବ ସ୍ରଷ୍ଟାର ଉଦ୍ଦେଶ୍ୟ ବ୍ୟର୍ଥ । ସୁନ୍ଦର ରୂପର ପ୍ରକୃତ ଗ୍ରହଣଶୀଳତା ନାହିଁ । ସ୍ରଷ୍ଟାର ଉଦ୍ଦେଶ୍ୟ ତା'ହେଲେ କ'ଣ ? ରୂପସୃଷ୍ଟି କାହାପାଇଁ ଅଭିପ୍ରେତ ? ମଣିଷପାଇଁ ଯଦି ନୁହେଁ, ତେବେ କ'ଣ ଦେବତାପାଇଁ ?

ପାଠକେ, ମଣିଷ ଯେ ଦେବତା ଏହା ପ୍ରତିପାଦନ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମାତ୍ର ମଣିଷଠାରେ ଦେବତା ଓ ଦାନବ– ଏ ଉଭୟ ସତ୍ତା ବିଦ୍ୟମାନ । ଦେବତା ଓ ତାଙ୍କ ସ୍ୱର୍ଲୋକ, ମାନବ ଓ ତା'ର ଭୀଷଣ ନର୍କ–ଏସବୁକୁ ନୂତନ ଅର୍ଥରେ ଅନ୍ୱିତ କରିବାକୁ ଗଲେ, ଆମେ ଦେଖିବା ଯେ, ମଣିଷ ଯେଉଁଠି ଦେବତ୍ୱର ସାଧନା କରେ, ଆପଣାର ଚିନ୍ତା ବିଶ୍ୱାସ ଓ ଆଚରଣରେ ଉନ୍ନତ ଅଭ୍ୟାସ ଓ ରୁଚିର ପରିଚୟ ଦିଏ, ସେ ସେଠାରେ ଦେବତା ପଦବାଚ୍ୟ, ସର୍ବୋତ୍ତମ ମାନବିକତା ହିଁ ଦେବତ୍ୱ । ଯଦି ଦେବତା କେବେ ମଣିଷ ନିକଟକୁ ଆସିଛି, ଆସିଛି ମଣିଷ ରୂପରେ, ଏଇଆ ଦେଖାଇ ଦେବାପାଇଁ ଯେ ମଣିଷ ଭିନ୍ନ ଅନ୍ୟ ଦେବତା ନାହିଁ । ତେଣୁ, ଅପର ଅର୍ଥରେ ଦେବତ୍ୱର ସାଧନା ହିଁ ସର୍ବୋତ୍ତମ ମାନବିକତା । ଅତଏବ, ମଣିଷଠି ଉନ୍ନତ ଓ ଅବନତ ଦୁଇଟା ସତ୍ତା ବିଦ୍ୟମାନ ଓ ସେ ନିଜେ ଯେଉଁ ସତ୍ତାଟିର ଲାଳନ ଓ ଜାଗରଣ ନିମିତ୍ତ ପ୍ରୟାସ କରିବ, ସେହି ସତ୍ତାଟି ପ୍ରତିଷ୍ଠିତ ହେବ । ଦେବତ୍ୱର ପ୍ରତିଷ୍ଠା ଏକ ମହାନ ସାଧନା । ରୂପର ଆରାଧନା ମଧ୍ୟ ଏକ ମହତ୍ ସାଧନା । ମାତ୍ର ମଣିଷର ନିମ୍ନତମ ପ୍ରବୃତ୍ତି ସହ ଜଡ଼ିତ ତା'ର ଦାନବସତ୍ତା ତାକୁ ସର୍ବଦା ପଥଭ୍ରଷ୍ଟ କରାଇବା ନିମିତ୍ତ ଉଦ୍ୟତ । ଏହି ସତ୍ତା ଅବିଚାରୀ, ବ୍ୟଗ୍ର, ଉତ୍ତେଜିତ—ସାଧନାର ବିକାଶ

Digitized by PPRACHIN, SOA

ପଥରେ ଏହା କଠୋର ପ୍ରତିବନ୍ଧକ । ଏହି ସତ୍ତା ସହ ପରିଚିତ ହୋଇ ତା'ର ନିମ୍ନ-ରୁଚିକୁ ହୃଦୟଙ୍ଗମ କରି ତାହାକୁ ଅକ୍ତିଆର କରିନେବାକୁ ମଣିଷ ଯତ୍ନ କଲେ, ଦାନବ ପ୍ରବୃତ୍ତି ପରାସ୍ତ ହେବ । ଯଦି ଭଲ ଓ ମନ୍ଦ ଉଭୟେ ମଣିଷର ଅଧୀନ–ମଣିଷ ଭଲପ୍ରତି ଉନ୍ମୁଖ ନହେବ ବା କାହିଁକି ? ଅତଏବ, ଆଜିର ମଣିଷ ନିଜେ ବାଛି ନେଉ, ସେ ନିଜେ ହିଁ ନିର୍ଣ୍ଣୟ କରୁ, ସେ ଦେବତ୍ୱକୁ ବିକଶିତ କରି ମଣିଷର ସର୍ବୋତ୍ତମ ଓ ସର୍ବୋଚ୍ଚ ସମ୍ଭାବନାକୁ ବାସ୍ତବାୟିତ କରିବ, ନା ଦାନବୀୟ ଭାବନାକୁ ପାଳନ କରି ନିଜର ଧ୍ୱଂସ ସାଧନ କରିବ ।

ଲୋଭ, କାମନା, ଲାଳସାକୁ ପ୍ରତିହତ କରି ବିହ୍ୱଳତା, ବିପୁଳତାର ଅଧିକାରୀ ହେବା ମଣିଷ ନିମିତ୍ତ ଏକ ସାଧନା, ଏକ ତପସ୍ୟା । ଦାନବ-ପ୍ରବୃତ୍ତିର ତାଡ଼ନାରେ ମଣିଷ ଜଳି ଲାଗିଥାଏ—ସନ୍ତୋଷ ପାଏନା–ଲାଳସାର ବହ୍ନି କେବେ ହେଁ ଲିଭେ ନାହିଁ । ଇନ୍ଧନ ଯୋଗେ ଅଧିକରୁ ଅଧିକ ପ୍ରବଳ ପ୍ରଜ୍ୱଳ ହୁଏ । ଏହି ପ୍ରବୃତ୍ତି ଦମନ ଏବଂ ଉତ୍ତରଣ ସାଧନା ମଣିଷପାଇଁ ଆୟାସକର ହେଲେ ହେଁ, ସନ୍ତୋଷ ତା'ର ଆତ୍ମାପାଇଁ, ଅନ୍ତଃକରଣପାଇଁ ଅପରିହାର୍ଯ୍ୟ । ଅତଏବ, ମଣିଷ ଆଜି ଏକ ବିରଳ, ପ୍ରଶାନ୍ତ ସନ୍ତୋଷର ଅଧିକାରୀ ହେବାକୁ ପ୍ରଯତ୍ନ କରିବ ନାହିଁ କାହିଁକି ?

ଏହି ପରିପ୍ରେକ୍ଷୀରେ ସକଳ ଉତ୍ତମ, ଉତ୍ତୀର୍ଣ୍ଣ ଉପଲବ୍ଧି ପରି ରୂପର ଆରାଧନା ଏକ ଉପଲବ୍ଧି । ଏହି ଉପଲବ୍ଧିର ସାଧନାରେ ମଣିଷର ଅନ୍ତଃକରଣ ସୁନ୍ଦର, ବିମଳ ଓ ପବିତ୍ର ହୋଇଯାଏ । ସେ ସୁନ୍ଦରର ଭକ୍ଷକ ନହୋଇ ରକ୍ଷକ ହେବାକୁ ପ୍ରାଣପଣ କରେ । ରୂପର ଆରାଧନା ଫଳରେ ଯେ ସୃଷ୍ଟି ହୁଏ ରୂପାୟିତ, ରୂପ ହୁଏ ଅଭିନନ୍ଦିତ, ଆରାଧ୍ୟ-ନିଜେ ହିଁ ସେ ରୂପର ଅଙ୍ଗୀଭୂତ ହୋଇଯାଏ–ସେଠାରେ ଆଲିଙ୍ଗନର ବାସନା ସ୍ତବ୍ଧ ହୋଇଯାଏ ।

ରୂପର ଆରାଧନା ପ୍ରତି ସଚେତନ ରହିଥିଲେ, ଆରାଧନାର ଅଭ୍ୟାସ ଥିଲେ, ମଣିଷର ପ୍ରବୃତ୍ତି ହୋଇଥାଏ ସଂଯତ । ସେ ହୁଏ ରୂପର ପ୍ରକୃତ ଗ୍ରାହକ-ରୂପର ପୂଜା ମାଧ୍ୟମରେ ଏକ ଅରୂପ, ଅନିର୍ବଚନୀୟ ଅନୁଭବରେ ଆଲୋକିତ, ସୁବାସିତ ହୋଇଉଠେ ତା'ର ଅନ୍ତର୍ଲୋକ । ଯେଉଁ ରୂପ ନୟନରେ ମାୟାଞ୍ଜନ ବୋଳିଥାଏ; ଆଖି ଯେଉଁଠାରୁ ଫେରି ଆସି ପାରେନା, ଦ୍ରଷ୍ଟା ସେଠି ମନ୍ତ୍ରମୁଗ୍ଧ ହୋଇଯାଏ, ଅସ୍ମିତା ବିସ୍ମରି ଯାଏ, ବିହ୍ୱଳ ପୂଜାରୀ ପାଲଟିଯାଏ, ସେ ସେଠାରେ ରୂପର ଉପାସକ, ସାଧକ, ଆରାଧକ ।

Digitized by PPRACHIN, SOA

ଯେ ତା'ର ସର୍ବଶ୍ରେଷ୍ଠ ପରିଚୟ । ରୂପ ପିପାସୁର ପରିଚୟ-ସେ ସୌନ୍ଦର୍ଯ୍ୟ ପାନ କରେ ଦର୍ଶନେନ୍ଦ୍ରିୟ ମାଧ୍ୟମରେ– ରୂପ ସୃଷ୍ଟିର ଉଦ୍ଦେଶ୍ୟ ଅତ୍ୟନ୍ତ ମହାନ୍–ରୂପ ଦୃଷ୍ଟିଦ୍ୱାରା ପେୟ । କାମନାର, ରକ୍ତର, ଭୋଜ୍ୟ ନୁହେଁ । ତେଣୁ ରୂପର ଆରାଧନା ମାର୍ଗ ସ୍ୱତନ୍ତ୍ର; ଆଲିଙ୍ଗନର ମାର୍ଗ ନୁହେଁ । ହିନ୍ଦୀ କବି ଦିନ୍‌କର୍ ଯଥାର୍ଥରେ କହନ୍ତି – "ଯୋ ଦୃଷ୍ଟିକା ପେୟ, ୟେ ରକ୍ତକୀ ଭୋଜ୍ୟ ନହାଁ ହୈ / ରୂପକୀ ଆରାଧନା କା ମାର୍ଗ ଆଲିଙ୍ଗନ ନହୀଁ ହୈ ।"

ସୌନ୍ଦର୍ଯ୍ୟ ସ୍ରଷ୍ଟାର ଉତ୍ତୁଙ୍ଗ କଳ୍ପନା ଓ ଏକାଗ୍ରତାର ଫଳଶ୍ରୁତି । ମଣିଷର ପ୍ରବୃତ୍ତି ଲୋଭଦ୍ୱାରା କବଳିତ ହେବା, ଭୂଲୁଣ୍ଠିତ ହେବା ରୂପସୃଷ୍ଟିର ଭବିତବ୍ୟ ନୁହେଁ । ମଣିଷ ଯେତେବେଳେ ଏତିକି ହୃଦୟଙ୍ଗମ କରିବ, ରୂପର ଆରାଧକ ହୋଇଯିବ । ସେ ସୃଷ୍ଟିରେ କୁତ୍ସିତତା ରହିବ ନାହିଁ । ଯଦିବା କିଛି କୁତ୍ସିତତା, ଅସୌନ୍ଦର୍ଯ୍ୟ ଅବଶିଷ୍ଟ ରହିବ, ତାହା ସୁନ୍ଦରର ମହିମାରେ ମଳିନ ପଡ଼ିଯିବ । ସୁନ୍ଦର ପ୍ରତି ନିଜର ଦୃଷ୍ଟିକୁ, ଧୈର୍ଯ୍ୟକୁ, ଗ୍ରହଣଶୀଳତାକୁ ନିୟନ୍ତ୍ରଣ କରି ପାରିଲେ ମଣିଷ ସତକୁ ସତ ଦେବତା ହୋଇଯିବ; ସ୍ରଷ୍ଟାଙ୍କ ସହ ସ୍ପର୍ଦ୍ଧା କରିବ । ଯଥାର୍ଥରେ ସ୍ରଷ୍ଟା ପାଲଟି ଯିବ । ଗୋଟିଏ ସୌନ୍ଦର୍ଯ୍ୟର ଉଦ୍‌ବୋଧନ ଦ୍ୱାରା କୋଟିଏ ସୌନ୍ଦର୍ଯ୍ୟର ସୃଷ୍ଟି ହେବ ।

●

Digitized by PPRACHIN, SOA

ତା'ର କୈଫିୟତ୍

ସେ କୌଣସି କୈଫିୟତ୍ ଦେଇନାହିଁ । ଆଉ ସେଇଥିପାଇଁ ତ ମତେ ଆଜି କୈଫିୟତ୍ ଦବା ଜରୁରୀ ହୋଇପଡ଼ିଛି । ଅପମାନକୁ, ବିଫଳ ଜୀବନକୁ ସାମ୍ନା କରି ନପାରି ସେ ପଳାୟନ କରିଛି । କିନ୍ତୁ ମୁଁ ? ଯେ ଅପମାନକୁ, ବିଫଳତାକୁ ପ୍ରତିଟି ପଦଘାତରେ ମାଡ଼ିଚାଲିଚି, ରକ୍ତଜର୍ଜର ହେବାକୁ ପଣ କରିଛି । କନକପାଇଁ ମୁଁ କୈଫିୟତ୍ ଦେବି ନାହିଁ ତ ଆଉ କିଏ ଦେବ ?

ହଁ, କନକ ଦଉଡ଼ିଦେଇ ମଲା । ବଞ୍ଚିବାକୁ ଚାହିଁଲା ନାହିଁ ଆଉ । ଜୀବନ୍ତ ମରଣ ଅପେକ୍ଷା ଆତ୍ମଘାତ ଶ୍ରେୟସ୍କର ଭାବିଲା । ଆତ୍ମାର ଅପମାନ ମୃତ୍ୟୁଠାରୁ ବି ଯନ୍ତ୍ରଣାଦାୟକ । ସେମାନେ ତାକୁ ଦୋଚାରୁଣୀ ଆଖ୍ୟା ଦେଲେ । ଗୋଡ଼ତଳେ ପକାଇଲେ । ସେତିକିରେ ତ ଥୟ ଧରିଲେନି । ରାୟ ଦେଲେ, ସାରା ଗାଁ ଘର ଘର ବୁଲି କନକ ସଭିଙ୍କୁ ମୁଣ୍ଡିଆ ମାରିବ; ଅନାଦାୟେ ୧୦ ହଜାର ଟଙ୍କା ଜୋରିମାନା ଦବ । ଏ ଗାଁ ବାଲାଙ୍କ ରାୟ । ସେମାନେ ଦୋଷର ବିଚାର କଲେ । ସାଧାରଣ ପରିବାର । ସ୍ୱାମୀ କଲିକତାରେ ପ୍ରବାସୀ । ଏଇ ଆମ ଗାଁ ପାଖ ଗାଁର ବୋହୂ ସେ । ସେ ଯଦି ଧନୀଘରର ଝିଅ କି ବୋହୂ ହୋଇଥାନ୍ତା, ତେବେ ତା ବ୍ୟକ୍ତିଗତ ଜୀବନର ସୀମାସରହଦକୁ ଗ୍ରାମବାସୀଙ୍କର ସାହସ ନଥିଲା ପଶିଆସିବେ, ବିଚାରକ ହେବେ । ନ୍ୟାୟ ସବୁବେଳେ ଧନୀର ହାତମୁଠାରେ । ଧନ ଓ ପ୍ରତିପତ୍ତି ବଳରେ ମଣିଷ କ'ଣ ନ କରିପାରେ ? ଅଥଚ, ଅଳ୍ପ ବୟସ୍କା ବୋହୂଟିଏ କନକ, ତା ପ୍ରତି ଶାସ୍ତି ବିଧାନ କଲେ ଗ୍ରାମବାସୀ । ତା'ର ଦୋଷ ଯେ, ସେ ସ୍ୱାମୀର ଅନୁପସ୍ଥିତିରେ ଗ୍ରାମର ଜଣେ ଯୁବକ ସହ ଆପତ୍ତିଜନକ ସମ୍ପର୍କ ରଖିଥିଲା । ସେଦିନ ଖବର କାଗଜରୁ ସେ ସମ୍ବାଦଟି ପଢ଼ି ରୁନୁ ଓ ମୁଁ ବଡ଼ ବିମର୍ଷ ହେଇ ପଡ଼ିଥିଲୁ । ଆମେ ସ୍ତ୍ରୀଲୋକ, ପୁଣି ସମାଜ ବିଷୟରେ ସଚେତନ । ଘଟଣାଟି ବଡ଼ କ୍ରୂର ଓ କଠୋର ମନେହେଲା ଆମକୁ ।

ରୁନୁ କହିଲା, ପୁରୁଷଟିଏ ଯଦି ସ୍ତ୍ରୀର ଅନୁପସ୍ଥିତିରେ ଏପରି କରିଥାନ୍ତା, କ'ଣ ହୋଇଥାନ୍ତା ତା ପାଇଁ ଶାସ୍ତି ? ନାହିଁ, ସ୍ତ୍ରୀଲୋକଙ୍କ ଉପରକୁ କାଦୁଅ ଫିଙ୍ଗିବାକୁ ଆମ ଲୋକେ ତତ୍ପର । ଏକବିଂଶ ଶତାବ୍ଦୀର ଆଦ୍ୟପାଦରେ ତଥାପି ଆମେ ନାରୀଙ୍କ ପ୍ରତି

Digitized by PPRACHIN, SOA

ମନୋଭାବ ବଦଳାଇ ନାହୁଁ । ସ୍ତ୍ରୀଲୋକଟିଏ ଯଦି ରାସ୍ତାଘାଟ, ବସ ଟ୍ରେନ୍ କି ଅଫିସ ବା ଘରେ ଯେଉଁଠି ହେଉ, ପୁରୁଷଟେ ସହ କଥାବାର୍ତ୍ତା କରେ, ଆଉ କେହି ଜଣେ ମନ୍ଦମତି ତହିଁରେ ଅନର୍ଥ ଲଗାଇ କହିଦିଏ ଯେ, "ସେ ଦୁହିଁଙ୍କର ଯୋଡ଼ିଦେଖ"– କେହି ଶ୍ରୋତା ସେଠାରେ ଆପତ୍ତି କରନ୍ତି ନାହିଁ । ଯେତେ ବୁଦ୍ଧିମାନ୍ ବିଚାରଶୀଳ ହେଲେ ବି ଲୋକ ଘଟଣାଟିର ସତ୍ୟାସତ୍ୟ ପରଖିବାକୁ ପ୍ରାୟ ଯାଆନ୍ତି ନାହିଁ । ସତ ବୋଲି ଗ୍ରହଣ କରି ନିଅନ୍ତି । କେହି ଉଦାସ ରହନ୍ତି; କେହି ବା କିଛି ଟିପ୍‌ପଣୀ ଦିଅନ୍ତି, କିନ୍ତୁ ଅଧିକାଂଶଙ୍କ ମନକୁ ରୁଚେ । କେହି ପ୍ରତିବାଦ ଜଣାନ୍ତି ନାହିଁ । କାହିଁକି ଏମିତି ହୁଏ ?

ଲୋକଙ୍କ ମନ ଭିତରେ ଏପରି ଗୋଟିଏ ପ୍ରବୃତ୍ତି ଥାଏ, ଯାହା ନାରୀ ସଂପର୍କୀୟ ଭାବନାରେ ହିଁ ଉଲୁସି ଉଠେ, ସେମାନଙ୍କ ଶରୀର ଓ ମନ ପରନାରୀର ସମ୍ପର୍କ ପାଇଁ ଉଚ୍ଚାଟ ହୋଇ ରହିଥାଏ । କୋଉଠି କିଛି ସାଧାରଣ ଘଟଣା ନଜରକୁ ଆସିଲେ, ତାକୁ ମନମୁତାବକ ରଂଗ ଦେଇ ପୁରୁଷ ନାରୀ ସମ୍ପର୍କଟିଏ ଯୋଡ଼ି ଦେବାକୁ ସେମାନେ ଆଗେଇ ଆସନ୍ତି । ସେମାନଙ୍କପାଇଁ ନାରୀ ଅର୍ଥ କେବଳ ନାରୀ ଶରୀର । କେହି ଭାବନ୍ତି ନାହିଁ ଯେ କନକ ନାମ୍ନୀ ବୋହୂଟି ସ୍ୱାମୀ ପ୍ରବାସରେ ଥିବା ହେତୁ କି କି ସମସ୍ୟାର ସମ୍ମୁଖୀନ ହୋଇଥିବ । ଯଦି ସେ କୌଣସି ଯୁବକ ସହ ବନ୍ଧୁତା ରଖିଥିବ, ସେ ବନ୍ଧୁତାର ସ୍ୱରୂପଟି କଅଣ ? ଆଉ ଯଦି କେହି କନକକୁ କୌଣସି ଆପତ୍ତିଜନକ ଅବସ୍ଥାରେ ଋକ୍ଷୁଷ ଦେଇଥାଆନ୍ତା, ତାହେଲେ ଘଟଣା ତ ଏତେ ବେଶି ଲମ୍ବି ନଥାନ୍ତା— ସହଜରେ ସେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଥାଆନ୍ତା । ହଁ, ଗ୍ରାମବାସୀଙ୍କର ଅଧିକାର ଅଛି ଗ୍ରାମରେ ଶୃଙ୍ଖଳାରକ୍ଷା କରିବେ । ମାତ୍ର, ଆଜିକାଲି ଗ୍ରାମେ ଗ୍ରାମେ ସହର ଗଳି କନ୍ଦିରେ, ବିଚ୍ ରାସ୍ତାରେ ଯେଉଁ ହତ୍ୟା ଧର୍ଷଣ ଆଦି ହେଉଛି, କନକର ଏ ଗୁପ୍ତପ୍ରଣୟ କ'ଣ ତା ଠୁଁ ବେଶି ବିଶୃଙ୍ଖଳ ? ଅଧିକ ବିପଜ୍ଜନକ ? ମୁଁ ପଚାରେ ଗ୍ରାମର ମୁଖିଆମାନଙ୍କୁ ଯେ, ସେମାନେ ହତ୍ୟା, ଧର୍ଷଣ, ଲୁଣ୍ଠନ ବେଳେ କୋଉଠି ଥାଆନ୍ତି ? ନୀତିବାଗୀଶମାନେ କି ଦଣ୍ଡ ବିଚାର କରିଥାଆନ୍ତି ଦୋଷୀପାଇଁ ? ହତ୍ୟାକାରୀ, ଧର୍ଷଣକାରୀଙ୍କର ପତ୍ତା ମିଳେନା, ଧରା ପଡ଼ିଲେ ଅର୍ଥ ଉତ୍କୋଚ ଦ୍ୱାରା ଘଟଣା ଚପାଇ ଦିଅଯାଏ । ଏଠାରେ କିନ୍ତୁ ସେମାନେ ଖୁବ୍ ନ୍ୟାୟପରାୟଣ ହେଇ ଉଠିଲେ, କାରଣ ଗରିବ ଘରର ବୋହୂଟି ଉପରେ ତ ସମସ୍ତଙ୍କ ଦାଉ ସାଧିବାର ଅଧିକାର ଅଛି ।

Digitized by PPRACHIN, SOA

ରୁନୁ ଓ ମୁଁ ଏ କଥାରେ ପ୍ରାୟ ଏକମତ ହେଲୁ ଯେ, କନକର ସ୍ୱାମୀ ହୁଏତ ବୋକା, ନିରୀହ, ଆଉ ଗରିବ ନିଶ୍ଚୟ । ସ୍ତ୍ରୀ ଯଦି ଦୋଚାରୁଣୀ ହେଲା, ତେବେ ସ୍ୱାମୀ ପକ୍ଷରୁ ଆପତ୍ତି ଉଠିବା କଥା । ଅଥଚ କନକର ସ୍ୱାମୀ ପକ୍ଷରୁ ଏ ଘଟଣାରେ ବିଶେଷ ଆପତ୍ତି ଅଭିଯୋଗ ନାହିଁ । 'ଗରିବ ମାଇପ ସମସ୍ତଙ୍କ ଶାଳୀ' ନ୍ୟାୟରେ ସେମାନେ ତାକୁ ସଭା ମଝିକୁ ଟାଣି ଆଣିଲେ ।

ଦଣ୍ଡବିଧାନ ହେଲା ସଭାକୁ ନ ଆସିଲେ ୧୦ହଜାର ଟଙ୍କା ଜୋରିମାନା । ଅତଏବ କନକ ଆଦୌ ଆସିବାକୁ ରାଜି ନ ଥିଲେ ମଧ୍ୟ ଗ୍ରାମ ଯୁବକ କେତେକ ତାକୁ ସଭାମଝିକୁ ଟାଣିକରି ଆଣିଲେ । ରୁନୁ କହିଲା, କନକ ହୁଏତ ପ୍ରତିବାଦ କରି କିଛି କହିପାରି ଥାଆନ୍ତା । କିନ୍ତୁ ଗ୍ରାମବାସୀଙ୍କ ମିଳିତ ଲକ୍ଷ୍ୟ ଆଗରେ ତା'ର ନିର୍ଦ୍ଦୋଷ ଆତ୍ମପକ୍ଷର ନିବେଦନକୁ ଶୁଣିଥାଆନ୍ତା କିଏ ? ମନର ବିକାରକୁ ତେଜିବାକୁ ଯେଉଁ ତଥାକଥିତ ବିଚାରକଗଣ କନକକୁ ଦଣ୍ଡିଲେ, କନକ ସଭାରେ ଗୋଡ଼ତଳେ ପଡ଼ି କ୍ଷମାଭିକ୍ଷା କଲା । ସେମାନେ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । ତହିଁ ପରଦିନ କନକ ଘର ଘର ଯାଇ ଗୋଡ଼ତଳେ ପଡ଼ି ଦୋଷ ମାଗିବାର ଥିଲା । କନକ ଆଉ କରନ୍ତା କ'ଣ ? ନିଜ ନାରୀତ୍ୱର ଲାଞ୍ଛନା କେମିତି ସହନ୍ତା ?

ମୁଁ କହିଲି, ତା ସ୍ୱାମୀଟା ତାକୁ ଏଥିରୁ ରକ୍ଷା କରିପାରି ନଥାନ୍ତା ? ସେଇଟା ନିଶ୍ଚେ କାପୁରୁଷ, ନିର୍ବୁଦ୍ଧିଆ, ଗରିବ ମଣିଷ ବୋଲି କ'ଣ ଏମିତି ଡରିମରି ଚଳିବ ? ସ୍ତ୍ରୀ ପ୍ରତି ଅମାନୁଷିକ ଆଚରଣ କରିବ ? ତେବେ ଆତ୍ମହତ୍ୟା ନକରି କନକ ପ୍ରତିବାଦ କରିପାରିଥାନ୍ତା । କ'ଣ ହେଲା ତାର ? ହୁଏତ କାପୁରୁଷ ସ୍ୱାମୀର ନପାରିଲା ପଣ ସାଙ୍ଗକୁ ଗ୍ରାମ ଯୁବକଙ୍କ ଆକ୍ରୋଶ ତାକୁ ଅସହାୟ କରି ପକାଇଲା ।

ରୁନୁ କହେ, ଲୋକଙ୍କର ବିଚାର ବିଭ୍ରମ ହେଉଚି । ମଣିଷ ଭିତରେ ସମ୍ପର୍କ, ପୁରୁଷ-ନାରୀ ସମ୍ପର୍କ, ବୈଧ କି ଅବୈଧ-ତା'ର ପ୍ରମାଣ କେହି କହିପାରିବ ? ପ୍ରବାସୀ ସ୍ୱାମୀର ଯୁବତୀ ସ୍ତ୍ରୀଟି ପ୍ରତି ତ ଅନେକଙ୍କର ଆଖି । ଏପରି ସ୍ଥଳେ ଏଇ ସାମାନ୍ୟ ଦୋଷ ପାଇଁ ଏତେବଡ଼ ଦଣ୍ଡ ! ଆଚ୍ଛା, ସେହି ଗାଆଁରେ ମୁଣ୍ଡ ଫଟାଫଟି, ହାଣକାଟ, ନାରୀ ଧର୍ଷଣ ଇତ୍ୟାଦି ଅଘଟଣରେ ଗ୍ରାମବାସୀମାନେ କେତେ ଜୋରିମାନା ଧାର୍ଯ୍ୟ କରନ୍ତି, ଆଦାୟ ବି କରନ୍ତି ? ସେମାନଙ୍କ ବିଚାରକୁ କେହି ମାନନ୍ତି କି ? ନାହିଁ, ଏସବୁ କେବେ ଶୁଣାଯାଇନି ।

Digitized by PPRACHIN, SOA

କ୍ଷୋଭ ଓ କ୍ରୋଧକୁ ସମ୍ଭାଳି ହୁଏନା ସତରେ । କିଏ ଏହି ବିଚାରକମାନେ ? ଗାଁ ମୁଖିଆ, ଗ୍ରାମପଞ୍ଚାୟତ-ଆମ ଦେଶରେ ବହୁତ ଆଗରୁ ଚଳୁଥିଲା । ଗାଁର ଭଲମନ୍ଦ, ହାନିଲାଭ, କଳିତକରାଳର ମୀମାଂସା ସେମାନେ କରୁଥିଲେ । ଅସାମାଜିକତା, ଅସୁନ୍ଦରପଣର ପ୍ରତିରୋଧ କରୁଥିଲେ । ଏକଥା ଯେତିକି ସତ, ଏହି ପ୍ରକାର ବିଚାରରେ ସବଳ ପକ୍ଷରେ ନ୍ୟାୟ ଓ ଦୁର୍ବଳ ପକ୍ଷରେ ପ୍ରବଞ୍ଚନା ସେତିକି ସତ । କନକ ତା ନିଜ ବାଗରେ, ନିଜ ବିଚାରରେ ପ୍ରତିବାଦ କରିଛି– ସେଇଦିନ ରାତିରେ ଆତ୍ମହତ୍ୟା କରିଛି ।

ଗ୍ରାମ୍ୟବିଚାରକ ମଣ୍ଡଳୀକୁ କନକ ନିଜର ମୃତ୍ୟୁ ମାଧ୍ୟମରେ ପ୍ରଶ୍ନ କରିଯାଇଛି– ସେମାନଙ୍କ ନ୍ୟାୟାନ୍ୟାୟର ବୈଧତା କେଉଁଠି ? "ହାତୀ ଗଳିଯିବ, ପିମ୍ପୁଡ଼ି ନଯିବ" ଭଳି ଏ ନ୍ୟାୟ, ବିଚାର ଓ ନିଷ୍ଠୁର ଦଣ୍ଡବିଧାନ ମଣିଷ ପଣିଆର ଆପେକ୍ଷା ରଖେ କି ନାହିଁ ? ସାମାଜିକତା କି ଜିନିଷ, ଯାହା ଅର୍ଥ, କ୍ଷମତା ଦ୍ୱାରା ସବୁକାଳେ ନିର୍ଣ୍ଣିତ ହୁଏ ? ଅସାମାଜିକତା ବହୁବିଧ ଓ ସେସବୁ ପ୍ରତି ବିଚାରକମାନେ ଅବହିତ କି ? ଯଦି ଅବହିତ, ତା'ର ନିରାକରଣ ସେମାନେ କିପରି କରନ୍ତି ?

ଯଦି କନକର ଆତ୍ମାଦିନେ ଗାଁ ଗାଣ୍ଡ ମଝିରେ ଠିଆ ହୋଇପଡ଼ି ବଡ଼ପାଟିରେ ମାଛି ଅନ୍ଧାର ଭିତରେ ଡାକି ଡାକି ପଚାରେ–ତୁମେ ଆଗେ ମଣିଷ ନାଁ ଆଗେ ସାମାଜିକ ଜୀବ ? ବିଚାରକ ହବାର ଅଧିକାର ତୁମକୁ କିଏ ଦେଲା ? ତୁମେ ମଣିଷ ତ ! ତୁମେ ପ୍ରକୃତରେ ମଣିଷପଣର ଅଧିକାରୀ କି ?

କ'ଣ ହବ ଯାର ଉତ୍ତର ? ଯା'ର ଖୁବ୍ ସଠିକ ଉତ୍ତରଟିଏ କେହି ଦିଅନ୍ତା କି ! ମୁଁ ଓ ରୁନୁ ଅପେକ୍ଷା କରିଛୁ ।

●

Digitized by PPRACHIN, SOA

ବନ୍ଧୁତା ଓ ପ୍ରେମ କ'ଣ କେବଳ ଅଭିଧାନରେ ?

ଶବ ପଡ଼ିଛି–ଡ଼ାକ୍ତରଖାନାର ଧଳା ଚଦର ଢଙ୍କାହୋଇଛି ଆପାଦ ମସ୍ତକ । ତା' ଭିତରେ ଶିଉଳିର କୋମଳ ଶରୀରଟି ପଡ଼ି ରହିଛି । ତା' ଶରୀର କ'ଣ ଆହୁରି କୋମଳ ଥିବ ? ନା ଥଣ୍ଡା ବରଫ ପାଲଟି ଯିବଣି ! ବାପା ମୁଣ୍ଡରୁ ମୁଠା ମୁଠା ବାଳ ଟାଣୁଛନ୍ତି । ଛାତିଫଟା କାନ୍ଦଣାରେ ହସ୍‌ପିଟାଲର ପରିବେଶକୁ କରୁଣ କରି ତୋଳୁଛନ୍ତି ତା'ର ମାଆ । ଅଥଚ କାର୍ଯ୍ୟବ୍ୟସ୍ତ ଲୋକେ କ୍ଷିପ୍ର ଗତିରେ ଚାଲିଯାଉଛନ୍ତି–ଅଟକି ନାହାନ୍ତି, ପଚାରି ନାହାନ୍ତି, ପଚାରୁ ନାହାନ୍ତି କେହି—ଶିଉଳି କିଏ ?

ଶିଉଳି ଘୋଷ ୧୦ମ ଶ୍ରେଣୀରେ ପଢୁଥିଲା । ଏ ବର୍ଷ ତା'ର ଶେଷ ପରୀକ୍ଷା, ଯା'ପରେ ଆସନ୍ତା ବର୍ଷକୁ ସେ +୨ କ୍ଲାସରେ ପଢ଼ିବ । କ'ଣ ରେଜଲ୍‌ଟ ହେବ କେଜାଣି । ଶିଉଳି ସହପାଠିନୀ ଅନୁରାଧା ଘରକୁ ପଢ଼ିବାକୁ ଯାଇଥିଲା । ଫେରିଲା । ମୁହଁ ହାତ ଧୋଇ ସାଲୱାର ବଦଳିଲା । ପୁରୁଣା ନାଇଟିଟାଏ ଗଳାଇ ପ୍ରଥମେ ଘର ସଜାଡ଼ିଲା । ବାପା ଅଫିସ୍‌ରୁ ଫେରିଲେଣି—ଚ଼' କରିବାକୁ ହେବ । ମାଆଟା ଦିନସାରା କାମ କରି ଥକି ପଡ଼େ । ବମ୍ବେ ସହରରେ ସାଧାରଣ ଚାକିରିଟିଏ କରି ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବାର ଭାରରେ ସତେକି ବାପାଙ୍କ ମୁହଁ ସବୁବେଳେ ଆନତ । ତାଙ୍କୁ ଖୁବ୍ ଦମ୍ଭରେ କଥା କହିବାର ଶିଉଳି କେବେ ଦେଖିନାହିଁ । ମାଆ ଦିନସାରା ଘରର ସକଳ କାମ କରନ୍ତି, ଶିଉଳି ଓ ସାନଭଉଣୀ ସିପ୍ରା ସ୍କୁଲ ଯାଆନ୍ତି-ଘରେ ରୁଗ୍‌ଣା ବୁଢ଼ୀମାଆଙ୍କ ଲୁଗା ଧୋଇବା, ଅଇଁଠା ନବା ସବୁକାମ ତ ମାଆଙ୍କର । ବୁଢ଼ୀମା ଅବଶ୍ୟ ଅତି ବୁଝିବାର, କଅଁଳ ମିଠା ବ୍ୟବହାର କରିଥାଆନ୍ତି । ମାଆ କିନ୍ତୁ ସଦା ହସ ହସ । ବୋଧହୁଏ ବାପାଙ୍କ କ୍ଳାନ୍ତିକୁ ପୋଛି ଦେବାପାଇଁ ସେ ହସର ପଣତ ବଢ଼େଇ ଦିଅନ୍ତି । ଏମିତି ଥିଲା ଶିଉଳିର ପରିଚୟ ।

କିନ୍ତୁ ଶିଉଳିର ପ୍ରେମିକଟିଏ ଥିଲା । ସୁଜିତ-ସେ ୨ଟି ଉପର କ୍ଲାସରେ ପଢ଼େ । ତାଙ୍କରି ସାହିର ଯୁବକ-ସୁନ୍ଦର, ସୁଠାମ, ପୁଣି ଖୁବ୍ ମଉଜିଆ, ମଉଜରେ ମାତିଥାଏ । ଦୁଇ/ଚାରି ଜଣ ଯୁବକଙ୍କ ସହ ସବୁବେଳେ ତା'ର ଦୋସ୍ତି । କେମିତି କେଜାଣି ଏଇ ହିନ୍ଦୁସ୍ଥାନୀ ଯୁବକଟି ସହ ବଙ୍ଗୀୟା ଯୁବତୀ ଶିଉଳିର ଘନିଷ୍ଠତା ବଢ଼ି ଉଠିଥିଲା ! ତା'ର

Digitized by PPRACHIN, SOA

ଯଥେଷ୍ଟ ବିବରଣୀ ମୋ ପାଖରେ ନଥିଲା । ଖବରଟି ମୁଁ ଗୋଟିଏ ଦୈନିକ ଇଂରାଜି କାଗଜରୁ ପଢ଼ିଥିଲି ।

ବାପାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଶିଉଲି ସୁଜିତକୁ ନିଜ ଘରେ ସାକ୍ଷାତ କରେ । କେବେ କେମିତି ଏପରି ସାକ୍ଷାତ ଘଟିଥାଏ । କିନ୍ତୁ ଶିଉଲି ଅନୁରାଧା ଘରକୁ ପଢ଼ିବାକୁ ଗଲାବେଳେ ସୁଜିତ ସବୁଦିନେ ବାଟ ଜଗିଥାଏ । କିଛି ସମୟ କଥାବାର୍ତ୍ତା ହୁଏ । ସୁଜିତ କାଳେ କହେ ଯେ, ଶିଉଳିକୁ ଦିନେ ନ ଦେଖିଲେ ତା'ର ମନ ଲାଗେନା, ଛଟପଟ ହୁଏ- ଅନ୍ନ ରୁଚେ ନାହିଁ ତାକୁ । ରକ୍ଷଣଶୀଳ ବଙ୍ଗୀୟ ପରିବାରର ଷୋଳବର୍ଷର ଝିଅ ଶିଉଳି– ଯୌବନ ଯେମିତି କାଉଁରି କାଠିରେ ତାକୁ ଛୁଇଁ ଦେଇଛି–ରୂପର ଅଫୁରନ୍ତ ଉତ୍ସଟିଏ ସେ । ଅଥଚ, ସଂସାରର ଜଟିଳତା ସମ୍ପର୍କରେ ଏଯାଏଁ ତା'ର କୌଣସି ଧାରଣା ହିଁ ହୋଇନାହିଁ ।

ଶୁଣୁ ଶୁଣୁ ରୁନୁ କହେ- "ବେଶ୍ ତ, ସାଧାରଣ ପ୍ରେମ କାହାଣୀଟିଏ । ଶିଉଲି ସୁଜିତ ପଢ଼ା ସାରିବେ, ଆୟର ପନ୍ଥା ଧରିବେ, ବିବାହ କରିବେ । ନଚେତ୍ ଜଣେ ଅନ୍ୟକୁ ଠକି ଦେବ, ଆଉ ଜଣକ ଭାଙ୍ଗି ପଡ଼ିବ । ଏଥିରେ ପୁଣି ଅସାଧାରଣ କଥା ରହିଲା କୋଉଠି ଯେ ତୁ ଗୋଟେ କାହାଣୀ କରି ବସିଲୁ ?

ପାଠକେ ! ସାଧାରଣ କଥାଟିଏ ହୋଇଥିଲେ ତ ମୁଁ ଜମାରୁ କହିବାକୁ ଯାଇ ନଥାନ୍ତି କାହାକୁ, କେତେ କେତେ ଘଟଣା ଘଟୁଚି, କିଶୋର କିଶୋରୀ, ଯୁବକ ଯୁବତୀଙ୍କ ଜୀବନରେ, କିଏ ବା ହିସାବ ରଖୁଚି ସେ ସବୁର ? ପ୍ରସିଦ୍ଧ କାଗଜର ବିବରଣୀ ବା ସେସବୁ ହଉଚି କୋଉଠି ?

ନା, ଶିଉଲିର କାହାଣୀ ସେପରି ନୁହେଁ । ଶିଉଲି ଶାନ୍ତଶିଷ୍ଟ ଝିଅ । ପାରୁ ପର୍ଯ୍ୟନ୍ତ ଘରେ ମା'କୁ ସାହାଯ୍ୟ କରେ—ବୁଢ଼ୀମା' ପାଖେ ଗେହ୍ଲେଇ ହୁଏ । ସାନ ଭଉଣୀ ସିପ୍ରାର ସେ ଅଭିଭାବକ, ପୁଣି ଖେଳସାଥୀ । ଅଥଚ ସୁଜିତ ପାଇଁ ତା' ମନର ଅଭ୍ୟନ୍ତରରେ ସ୍ୱପ୍ନ, ଆବେଗ, ସଙ୍କୋଚ, ପୁଣି ଅସରନ୍ତି ଭଲ ପାଇବା । ଦୀର୍ଘ ୨ବର୍ଷ ହେବ ସେ ସୁଜିତକୁ ଜାଣିଥିଲା । ଏଇମାତ୍ର ୬ମାସ ହେବ ତା' ସହ ଘନିଷ୍ଠତା, ଆବେଗର ଦିଆନିଆ । କିନ୍ତୁ ଆଜିକାଲି ସୁଜିତର ହୋଇଚି କ'ଣ ? କୁଆଡ଼େ ହେଲେ ଯାଇ ଘଣ୍ଟେ ଦି' ଘଣ୍ଟା ଏକୁଟିଆ ବସି ଗପ କରିବାକୁ ତା'ର ଜିଦ୍ । ଏମିତି କି କୋଉଠି ନ ହେଲେ ପାର୍କକୁ ଯିବାକୁ । ଶିଉଲି ଚମକି ପଡ଼େ–ୟେ କି କଥା-ବାବା, ମା' କ'ଣ କହିବେ–

Digitized by PPRACHIN, SOA

ନା ସେ ଯିବ ନାହିଁ । ତା'ର ତ ପୁଣି ଗୋଟାଏ ଆତ୍ମମର୍ଯ୍ୟାଦା ଅଛି । ସୁଜିତ କିଛି ବୁଝୁ ନାହିଁ କାହିଁକି ?

ଷୋଳବର୍ଷର କିଶୋରୀ ଶିଉଳି ଏମିତି ବ୍ୟସ୍ତ ହେଉଥିବ । କୂଳକିନାରା ପାଉ ନଥିବ । ସୁଜିତ୍ ସେଦିନ ଆସନ୍ନ ସନ୍ଧ୍ୟାରେ ଅନୁଘରକୁ ଯିବା ରାସ୍ତାରେ କାନ୍ଦି ପକାଇଲା । କାଲି ତ ପୁଣି ଘରକୁ ଆସିଥିଲା-ଅଳ୍ପ ସମୟ ବସିଲା, ମା' ଜଳଖିଆ ଦେଲେ, ଖାଇଲା ନାହିଁ । ତା'ଠାରୁ ସମ୍ମତି ଚାହୁଁଥାଏ । ଦିନେ ସ୍କୁଲ ନଯାଇ ସେ ତା' ସାଥୀରେ ଅଳ୍ପ ସମୟପାଇଁ ବୁଲିବାକୁ ଯିବ ସମୁଦ୍ରକୂଳର ସେ ପାର୍କକୁ । ସୁଜିତ ରୁମାଲରେ ଆଖି ପୋଛିଲା, ଆଖି ତା'ର ଛଳ ଛଳ । ହଉ, କାଲି ସ୍କୁଲ ଯିବା ବାଟରୁ ଯିବ ଶିଉଳି, କଥା ଦେଲା । ବାଟରୁ ସେ ଦୁହେଁ ପାର୍କ ରାସ୍ତାଧରିବେ । ପାର୍କ ତ ମାତ୍ର ୧୦ ମିନିଟର ରାସ୍ତା ।

ତା'ପରେ ? ତା'ପରେ କିଶୋର ପ୍ରେମିକ ପ୍ରେମିକା ପାର୍କର ଛାୟା ଶୀତଳ କୋଣରେ ଦୁଇଟି କୁନି ଚଢ଼େଇ ପରି ମୁହଁକୁ ମୁହଁ ଯୋଡ଼ି ଦେବେ, ଗପ ଲଗେଇବେ । ସ୍କୁଲ ଛୁଟି ହେବାର ଯଥେଷ୍ଟ ପୂର୍ବରୁ ପରସ୍ପରଠୁ ବିଦାୟ ନେବେ । ଘରକୁ ଫେରିବ ଶିଉଳି, ମା'କୁ ଦେହ ଭଲ ଲାଗୁ ନଥିବାର କୈଫିୟତକୁ ଦେଇଦେବ ।

ପାଠକେ ! ଶିଉଳି ତା' ପରଦିନ ବାଛି ବାଛି ଭଲ ପୋଷାକଟିଏ ପିନ୍ଧି ନଥିବ କି ? ଗହଳବାଳକୁ ଖୋଲି କ୍ଲିପ୍ ଲଗାଇଥିବ, ହାତରେ ଥିବ ଖଣ୍ଡେ ନୋଟଖାତା–ଛୋଟ ଏକ ପର୍ସରେ ଅଳ୍ପ କିଛି ପଇସା । ସୁନ୍ଦରୀ କିଶୋରୀ ଶିଉଳିର ଭୟ, ଆଶଙ୍କା, ଉଦ୍‌ବେଗ ଓ ଆବେଗରେ ଗୋଡ଼ ଥରୁଥିବ-ଛାତି ହେଉଥିବ ଧଡ଼ ପଡ଼ । "ଅତି କଠିନ ସେ ପ୍ରୀତି ପାଳିବା—" କ'ଣ ବୁଝିଥିବ କିଛି ସେ ? ଘରୁ ପାଦ କାଢ଼ିଲା ବେଳେ ସେ ଯେ ମୁଠାଏ ସ୍ୱପ୍ନର ପାଉଁଶକୁ ନାକ କାନରେ ରୁନ୍ଧିଦେଇ ଫେରିବ— ଏକଥା କ'ଣ କଳ୍ପନାରେ ଆସିଥିବ ତା'ର ?

ପାର୍କରେ ପହଞ୍ଚିଲା ବେଳକୁ ଚାରିଆଡ଼ ନିଶୂନ–ଅନେକ ଦୂରର ପାର୍କ । ନିକଟର ଯେଉଁ ପାର୍କ କଥା ସୁଜିତ କହିଥିଲା, ସେଠାକୁ ଗଲା ନାହିଁ । ତା'ର ମନେପଡ଼ିଲା ଯେ, ସେ ପାର୍କଟି ଦ୍ୱିପ୍ରହରରେ ବନ୍ଦ ଥାଏ । ଦରୱାନ ଭିତରକୁ କାହାରିକୁ ଛାଡ଼େନା । ଅଗତ୍ୟା ଏଇ ଦୂରର ପାର୍କକୁ ଶିଉଳିକୁ ସ୍କୁଟରରେ ଧରି ଆସିଗଲା ସୁଜିତ । ଫଳତଃ, ଦୂରର ଏଇ ନିକାଞ୍ଚନ ପାର୍କ ଶିଉଳିକୁ ମାଡ଼ି ପଡୁଥାଏ– ନିଃଶ୍ୱାସ ଅଟକି ଯାଉଥାଏ ।

Digitized by PPRACHIN, SOA

ଖୁବ୍ ନିଛାଟିଆ ଜାଗାଟିରେ ଏକ ଝଙ୍କା ବୁଦାତଳେ ସେ ଦୁହେଁ ବସୁ ନ ବସୁଣୁ ବାହାରି ପଡ଼ିଲେ ସୁଜିତର ଦୁଇଜଣ ସାଙ୍ଗ । ଟୁଳଟୁଳ ଆଖି—କେମିତି ଖାପଛଡ଼ା କଥାବାର୍ତ୍ତା ଓ ହସ । ଶିଉଳିର ମୁହଁ ଶୁଖିଗଲା, ସେ କଳାକାଠ ପଡ଼ିଗଲା, କ'ଣ କରିବ ? ଏମାନେ ଏମିତି ମାଡ଼ି ଆସୁଛନ୍ତି କାହିଁକି ? କାହିଁକି ସୁଜିତ୍ କିଛି କହୁନାହିଁ ? ସେ ସୁଜିତ୍‌ର ହାତକୁ ଜାବୁଡ଼ି ଧରିଲା । ସୁଜିତ୍ କିଛି କହୁନାହିଁ । ସୁଜିତ୍‌ର ହାତ ଏଡ଼େ ଥଣ୍ଡା, ଆଉ ନିର୍ଜୀବ ଲାଗୁଚି କାହିଁକି ? ତା'ପରେ ସେମାନେ କୁଦି ପଡ଼ିଲେ । ସୁଜିତ୍‌ର ସ୍ୱର ? ନା କାହା ସ୍ୱର ଯେ ? "ଚୁପ୍, ଶିଉଳି, ସୁନାପିଲାଟି ପରି ଚୁପ୍‌ରହ, ପାଟି କରନା; କେହି ତମକୁ ଖାଇଯିବେ ନାହିଁ । ଏମାନେ ସମସ୍ତେ ତୁମକୁ ଭଲ ପାଆନ୍ତି । ଶିଉଳି ଡାର୍ଲିଂ...।

ଶିଉଳିର କାନ ବଧିରା ହେଇ ଯାଇଥିଲା, ତଣ୍ଟି ଅଠା ଅଠା ହେଇ ଯାଉଥିଲା, ସେମାନେ ଯେ ତାଠୁଁ ତା'ର ପୋଷାକକୁ ଭିଡ଼ି ନେଉଛନ୍ତି, ତଳେ ମାଡ଼ି ଧରୁଛନ୍ତି ତା'ର ହାତ ଗୋଡ଼କୁ । କିଏ ଏମାନେ ? କାହିଁ ସୁଜିତ୍ ମୁହଁ ତ ଦିଶୁନାହିଁ—ତିନିଟା ବୀଭତ୍ସ ସଇତାନଙ୍କ ମୁହଁ, କାହାରିକୁ ସେ ଚିହ୍ନେ ନାହିଁ...ଶେଷ ପର୍ଯ୍ୟନ୍ତ ଝିଙ୍କି ଓଟାରି ଚିତ୍କାର କରିବାକୁ ଇଚ୍ଛା କଲା ସେ-ତା' ପାଟିରେ ତାରି ଓଢ଼ଣିକୁ ସେମାନେ ଶକ୍ତକରି ବାନ୍ଧିଦେଲେ ।

ସେଦିନ ସନ୍ଧ୍ୟା ଆଗରୁ ନିଜ ଘର ସାମ୍ନାରେ ଠିଆ ହେଲା ଶିଉଳି—ପାଟି ପିତା ପିତା, ଆଖି ଲାଲ୍, ଦେହ ଥରୁଛି । କି କୁତ୍ସିତ ଅନୁଭବର ତାଡ଼ନାରେ ବାନ୍ତି ମାଡୁଚି, ମୁଣ୍ଡ ଟେକି ହେଉନାହିଁ । ତଥାପି କଲିଂବେଲ ଚିପିଲା । "କ'ଣ ହେଲା ମା, ଏମିତି କାହିଁକି ଦିଶୁଚୁ ?" ତା'ର ଟଳିଲା ଶରୀରକୁ ଧରିପକାଇ ମାଆ ଘରକୁ ନେଲେ । ଖଟ ଉପରେ ଲଥିକରି ପଡ଼ିଗଲା ଶିଉଳି—କାନ୍ଦି ଲାଗିଲା– "ମା, ମା"...କହିବା କଥା ଓଠ ପାଖରୁ ଲେଉଟି ଯାଉଛି, ପାଟି ଫିଟୁନାହିଁ । ମା' ହାତ ମାରିଲେ ଶିଉଳି ଦେହରେ ତାତି, ଆତଙ୍କରେ ଆଖି ତାଙ୍କର ଜଡ଼ସଡ଼ । ଅଗତ୍ୟା ଝିଅର ପାଟିରୁ ବାହାରିଲା– "ରାସ୍ତାରେ ପଡ଼ିଗଲି ମାଆ, ଠେଲାଗାଡ଼ିର ଧକ୍‌କାରେ..."

ସବୁକିଛି ଜାଣିଲାପରି କେମିତି ଭଲା ମୁଁ କହିଯାଉଛି ? ରୁନୁର ଏତକ ପ୍ରଶ୍ନ ମୋ ପ୍ରତି । କିନ୍ତୁ, ଖବରଟି ଯାହା ଉହ୍ୟ, ସେତକ ତ ପ୍ରାୟ ଏହିପରି ଘଟିଥିବ । "ଅନ୍ତର ଦେଇ ଭଲ ପାଉଛି," କହୁଥିବା ଯୁବକଟି ତା'ର ସାଙ୍ଗମାନଙ୍କ ସହ ମିଶି

Digitized by PPRACHIN, SOA

ଶିଉଳିକୁ ଧର୍ଷଣ କରିଥିବ । ଶିଉଳି କହିବ କାହାକୁ ? ଲଜ୍ଜା, ସଂକୋଚ ହୁଏତ ଶିଉଳିକୁ ମୂକ କରିପାରି ନଥିବେ । କିନ୍ତୁ ପରିଣତିରେ ବାପା ମା'ଙ୍କ ଲୁହ, ହତାଶାକୁ ଭାବି ଶିହରି ଉଠିଥିବ ସେ –ଚୁପ୍ ରହିଥିବ । ଦିନେ, ଦୁଇଦିନରେ ଜ୍ୱର ଛାଡ଼ିଥିବ କ୍ରମଶଃ, ତା କିଶୋରୀମନର ଆହ୍ଲାଦ ଖଣ୍ଡ ଖଣ୍ଡ ରକ୍ତାକ୍ତ ହୋଇ ଲୋଟି ଯାଉଥିବ । ବଞ୍ଚିଛି କି ବଞ୍ଚିନାହିଁ, ଭାବିପାରୁ ନଥିବ ସେ ।

ଏହି ଅମାନୁଷିକ କାଣ୍ଡଟି ଘଟିବାର ୩/୪ ଦିନପରେ ଘରକୁ ଆସିଥିଲା ସୁଜିତ୍ । ବସିପଡ଼ି ଶିଉଳିକୁ ଡକାଇଲା । ଜିଦ୍ କରିଥିଲା । ଅନିଚ୍ଛା ସତ୍ତ୍ୱେ ଚଦରଖଣ୍ଡେ ଘୋଡ଼ି ହୋଇ ତା ସାମ୍ନାରେ ବସିଥିଲା ଶିଉଳି-ମା' ଆଶ୍ଚର୍ଯ୍ୟ ହେଲେ ଯେ, ଶିଉଳି ସୁଜିତ୍‌କୁ ମୁହଁଟେକି ଅନାଉ ନାହିଁ-ହସୁ ନାହିଁ, କଥା କହୁ ନାହିଁ । ସୁଜିତ୍ ଭଲ ମନ୍ଦ କିଛି ପଚାରିଲା । ଶିଉଳି ନୀରବ । ଅବଶ୍ୟ ଶିଉଳି କାନ୍ଦୁ ନଥିଲା । ମା' କହିଲେ, "ସେ ଅସୁସ୍ଥ, ଖାଉ ନାହିଁ, କି ପିଉ ନାହିଁ, କଥା ବି କହୁ ନାହିଁ ବେଶି । ସେ ବିଶ୍ରାମ ନେଉ । ପରେ କେବେ ତୁମେ ଆସିବ ସୁଜିତ୍ ।" ସୁଜିତ୍ ଉଠି ଚାଲିଯାଇଥିଲା । କି ଝଡ଼ ବହୁଥିଲା ଶିଉଳିର ହୃଦୟରେ, କି ସ୍ତବ୍‌ଧତା ଘେରିଥିଲା ତାର ଆତ୍ମାକୁ ! ଟିକି ଦେହଟି ତା'ର କେମିତି ସମ୍ଭାଳି ଥିଲା ଯେ ଦାରୁଣ ଧକ୍‌କା! କୋମଳ ମନଟି ତା'ର ବଞ୍ଚିଥିଲା କି ମରିଥିଲା କେଜାଣି ।

ଆଉ ତ ଏଣିକି କିଛି କହିପାରିବି ନାହିଁ ମୁଁ । ଥକିଗଲିଣି, ବାକୀତକ ଖବରକାଗଜରୁ ରୁନୁ ହିଁ ପଢ଼ିଦେଉ-ତାକୁଇ ଆପଣମାନେ ଶୁଣନ୍ତୁ ।

୭/୮ ଦିନ ପରେ ଜର ଛାଡ଼ିଲା । ସ୍କୁଲ ବନ୍ଦ । ତା'ପରେ ଥରେ ଅନୁରାଧା ଘରକୁ ମାଆଙ୍କ ସହ ଯାଇଥିଲା ଶିଉଳି । କେବଳ ଜଣାଇବାକୁ ଯେ ଏଣିକି ସେ ଆଉ ତାଙ୍କ ଘରକୁ ପଢ଼ିବାକୁ ଆସି ପାରିବ ନାହିଁ । ତା ଦେହ ଭଲ ରହୁନାହିଁ । ସେ ଘରେ ପଢ଼ିବ ।

ବମ୍ବେ ସହରର ଚାକଚକ୍ୟ ଭିତରେ ଅନୁରାଧା ମଉଜ ମଜଲିସ୍‌ରେ ବଢ଼ିଛି । ଧନୀ ଘରର ଝିଅ ସେ । ଶିଉଳି ସହ ତାର ବନ୍ଧୁତା ଏଇଥି ପାଇଁ ଯେ, ଶିଉଳି ଭଲ ପଢ଼େ । ତା' ସହ ପଢ଼ିଲେ ଅନୁର ପାଠ ପ୍ରତି ଗୋଟେ ଆଦର ଆସିଥାଏ । ସେଥିପାଇଁ ଅନୁ ଓ ଅନୁର ମା' ଶିଉଳିକୁ ଶ୍ରଦ୍ଧା କରନ୍ତି । ଜଳଖିଆ ଖୁଆନ୍ତି, ଶୋଇଲା ଘରେ ବସାନ୍ତି, ଦୁଇଝିଅ ପାଠ ପଢ଼ନ୍ତି ସେଇଠି । ପଢ଼ା ସରିଲେ ଅନୁ ଘର ଚାକର ଶିଉଳିକୁ ତାଙ୍କ

Digitized by PPRACHIN, SOA

ଘରେ ଛାଡ଼ି ଦେଇ ଆସେ, ବେଳେବେଳେ ଅନୁଗାଡ଼ିରେ ଆସି ଛାଡ଼ିଯାଏ । ଅନୁର ବାପା ବିରାଟ ବ୍ୟବସାୟୀ । ମା' ସବୁବେଳେ ଅଳଙ୍କାର ଲଦି ହେଇ ଥାଆନ୍ତି ? ତାଙ୍କର ଭୟ କାହାକୁ ? ଫାଟକରେ ଯେ ବନ୍ଧୁକଧାରୀ ଜଗୁଆଳି !

ସେଦିନ ୨ଟାବେଳେ ମାଆ ରୋଷେଇ ଘର ସଫା କରୁଛନ୍ତି । ସେଇ ହାତରେ କବାଟ ଖୋଲିଲେ । ପୋଲିସ ଅଭିଯୋଗଟା ହେଲା ଅନୁର ମା'ଙ୍କର ୧୦ଭରି ସୁନାହାରକୁ ଚୋରିକରି ଆଣିଛି ଶିଉଳି । ପୂର୍ବଦିନ ସନ୍ଧ୍ୟାରେ ଶିଉଳି ଓ ତା'ର ମା' ଅନୁ ଘରକୁ ଯାଇଥିଲେ । ଡ୍ରେସିଂ ଟେବୁଲ ଉପରେ ଅନୁର ମା' ହାରଟି ଖୋଲି ରଖିଥିଲେ । ଅବଶ୍ୟ ତାଙ୍କ ଘରେ ଏକାଧିକ ଚାକର ଚାକରାଣୀ ଅଛନ୍ତି, ମାତ୍ର ବେଡ୍‌ରୁମକୁ କେହି ଯାଆନ୍ତି ନାହିଁ । ଶିଉଳିର ମା' ସ୍ତବ୍ଧ ହୋଇଗଲେ । ଅନୁନୟ ବିନୟ କଲେ, କାନ୍ଦିଲେ । କିଛି ଫଳ ହେଲା ନାହିଁ । ପୋଲିସ ମା' ଝିଅଙ୍କୁ ଥାନାକୁ ନେଇଗଲା । ଶିଉଳି ନିର୍ବିକାର– ହାର ସେ ନେଇ ନାହିଁ–କୋଉ ହାର ସେ ଦେଖିନାହିଁ ବି । ଶିଉଳିର ମାଆ କଇଁ କଇଁ କାନ୍ଦୁ ନଥାଏ । ନିଜ ନିର୍ଦ୍ଦୋଷପଣ ପଦେ ପଦେ କଥାରେ କହୁଥାଏ । ଥାନାରେ ୨ଘଣ୍ଟା ଧରି ପଚରା ଉଚୁରା ପରେ ପୋଲିସ୍ ମାଆ ଝିଅଙ୍କୁ ଛାଡ଼ିଦିଏ । ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା, ବୁଢ଼ୀମା କାନ୍ଦି କାନ୍ଦି ଠାକୁରଙ୍କୁ ଡାକି ଅସ୍ଥିର । ସିପ୍ରା ସ୍କୁଲରୁ ଫେରି ନଖାଇ ନପିଇ କଳାକାଠ ହୋଇ ବସିଛି । ବାବା ଆହୁରି ଫେରି ନାହାନ୍ତି ଅଫିସ୍‌ରୁ ।

ସେଦିନ ରାତିରେ ତାଙ୍କ ଘରେ ରନ୍ଧାବଢ଼ା ଖିଆପିଆ ବନ୍ଦ । ଶିଉଳି ବାପା ମା'ଙ୍କୁ ବୁଝେଇଲା–ସେ ନିର୍ଦ୍ଦୋଷ । ଝିଅ ଯେ ନିର୍ଦ୍ଦୋଷ ସେମାନେ ବୁଝି ଥାଆନ୍ତି, କିନ୍ତୁ ଅସହ୍ୟ ଅପମାନର ପ୍ରତିକାର ଖୋଜି ପାଉ ନଥାନ୍ତି ।

କେତେଦିନ ହେଲା ସ୍କୁଲ ବନ୍ଦ । ତା'ପରେ ଶିଉଳି ସ୍କୁଲକୁ ବାହାରିଲା, ସ୍କୁଲ ଯିବା ବାଟରେ ସାଙ୍ଗପିଲା ଯିଏ ଦେଖା ହେଲେ ମୁହଁ ବୁଲାଇ ଆଡ଼େଇ ଚାଲିଗଲେ । କଥା କହିଲେ ନାହିଁ । ସ୍କୁଲ ହତା ଭିତରେ କେତେ ଜଣ ସହପାଠୀ ଝିଅ ପୁଅ ପାଖଦେଇ ଚାଲିଯାଉ ଯାଉ ଶୁଣାଇ କି କହିଲେ "ଚୋରଣୀ ଶିଉଳି, ହାରଚୋରଣୀ" ।

କି ନିଷ୍ଠୁର ଏମାନେ । ତାଙ୍କର ସବୁଦିନର ସହପାଠିନୀ ସରଳମତି ମେଧାବିନୀ ଶିଉଳି କେମିତି ଯେ ହଠାତ୍ ଚୋରଣୀ ପାଲଟିଗଲା ! ସେମାନେ ବିଶ୍ୱାସ ଗଲେ କେମିତି ? ଧନୀଘର ଝିଅ ଅନୁରାଧା ଯାହା କହିଲା, ତାହା ହିଁ କ'ଣ ସତ ? ଶିଉଳି

Digitized by PPRACHIN, SOA

ପଥର ପାଲଟି ଗଲା-ଆଗକୁ ଯାଇ ପାରିଲା ନାହିଁ । କ୍ଲାସ୍‌ରୁମ୍ ଦିଗକୁ ନଯାଇ ଫେରିଆସିଲା । ସେ ବୋଧେ ବୁଝିଲା ଯେ, ଆଉ କେବେ ବି ସେ ସ୍କୁଲରେ ବସି ପାରିବ ନାହିଁ । ନିର୍ଲ୍ଲଜ ଭାବରେ ଯେ' ଆକ୍ଷେପକୁ ସେ ସହିପାରିବ ନାହିଁ, ସହିବ ନାହିଁ ।

ତା'ପର ଦିନ ଶିଉଳି ସ୍କୁଲ ଗଲା ନାହିଁ । ହସିଲା, କଥା ଗପିଲା, ମାଆ ସହିତ ଏକାଠି ବସି ମନଭରି ଖାଇଲା । ଦୁଇବଖୁରିଆ ଘର ଭିତରୁ ଗୋଟିକରେ ସେ, ସିପ୍ରା ଓ ବୁଢ଼ୀମା ଶୁଅନ୍ତ । ୨ଟି ଖଟ ପଡ଼ିଥାଏ । ସେଦିନ ଶିଉଳି ତା ପାଖରେ ଶୋଇଥିବା ସିପ୍ରାକୁ ବୁଢ଼ୀମା'ଙ୍କ ଖଟରେ ଶୁଆଇଲା । ନିଜେ ଏକା ଶୋଇଲା । ପାହାନ୍ତାକୁ ଶିଉଳି ଛଟପଟ ହେଲା, ବାନ୍ତି କଲା, ଗଡ଼ିଲା । ବୁଢ଼ୀମା' ଡାକପକାଇଲେ । ବାପା ମା' ଉଠିପଡ଼ିଲେ । ଶିଉଳି ଖନିଖନି ପାଟିରେ ସବୁକଥା କହିଲା—ସୁଜିତ୍ କଥା, ଅନୁଠାରୁ ଅପମାନ ଓ ସହପାଠୀଙ୍କ "କାହିଁ ବନ୍ଧୁତା କାହିଁ ପ୍ରେମସୁନ୍ଦର ।"

ଧିକ୍‌କାର କଥା, ନିଜର ବିଷ ଖାଇବା କଥା । ବାପା ମା'ଙ୍କୁ କ୍ଷମା ମାଗୁମାଗୁ ତା'ର ପାଟି ପଡ଼ିଗଲା । ସଙ୍ଗେସଙ୍ଗେ ହସ୍‌ପିଟାଲ । ଶିଉଳି ସେତେବେଳକୁ ହତଜ୍ଞାନ । ଅଳ୍ପ ସମୟ ମଧ୍ୟରେ ଶିଉଳି ଏଇ ପ୍ରତାରଣାପୂର୍ଣ୍ଣ, ନିଷ୍ଠୁର ଜଗତରୁ ବାହୁଡ଼ିଗଲା । ତା'ର କୋମଳ ସୁନ୍ଦର ଦେହଟି ଧଳା ଚଦରରେ ଢଙ୍କା ହୋଇଗଲା ।

କିଏ କହିଥିଲେଟି, ବନ୍ଧୁତା ଓ ପ୍ରେମର ଅଧିକାରୀ ହୋଇଥିବାରୁ ମଣିଷ ଦେବତ୍ୱର ଅଧିକାରୀ ହୋଇପାରିଛି ? କିଏ ସେହି କବି ଜଣକ ?

ପାଠକେ ! ସେହି କବିଙ୍କୁ ପଚାରିବେ ତ, ଏପରି ଡାହା ମିଛ କଥା ପଦେ ସେ କାହିଁକି ଲେଖିଛନ୍ତି ? ବନ୍ଧୁତା ଓ ପ୍ରେମ ଯଦି ଏତେ ମହାନ୍ ତେବେ ସେ ଦୁଇଟିର ମୂଲ୍ୟ ଦେବାକୁ ଯାଇ କିଶୋରୀ ଶିଉଳି ଏପରି ଶାସ୍ତି ପାଇଲା କାହିଁକି ?

●

Digitized by PPRACHIN, SOA

ଦେହଜୀବିକାର ପର୍ଦ୍ଦାତଳେ

ଚାରି/ପାଞ୍ଚଟି ଝିଅ-ବୟସ ହେବ ୧୮-୨୨ ଭିତରେ, ଦିଶୁଥାନ୍ତି । ଶାଢ଼ୀ, ସାଲ୍‌ୱାର୍ ସୁଟ୍, ବ୍ଲାଉଜ୍, ନାଇଟି ପିନ୍ଧିଝିଅ, ମୁହଁ ଶୁଖିଲା-ପୋଷାକ ବିପର୍ଯ୍ୟସ୍ତ । କେହି ତଳକୁ ଅନାଇଁଥାଏ ତ କେହି ପଛପଟକୁ ମୁହଁ ବୁଲାଇଥାଏ-କେହିବା ହାତପାପୁଲିରେ ନିଜ ମୁହଁକୁ ଅଧାଅଧି ଲୁଚାଇ ପକାଉଥାଏ । ଏମାନେ ଧରା ପଡ଼ିଛନ୍ତି—ଗୋଟିଏ ଘରେ ଯୌନବ୍ୟଭିଚାର ଖାନ୍‌ତଲାସି ବେଳେ ପୋଲିସ୍ ଏମାନଙ୍କୁ ଧରିଛି, ଏମାନଙ୍କ ସହ ଧରାପଡ଼ିଛନ୍ତି ଅସଂବୃତ୍ତ ପୋଷାକରେ ୨/୩ଜଣ ପୁରୁଷ । ଅବଶ୍ୟ, ପୁରୁଷଙ୍କ ଚେହେରା ଦର୍ଶାଗଲାନାହିଁ । ଅବଳା, ଦୁର୍ବଳା, ଟି.ଭି. କାମେରାରେ ଧରାପଡ଼ିଲେ । ବିଚରା ଗୁଡ଼ାକ, କୁକର୍ମ କରୁଛନ୍ତି, ଲାଜରେ ଭାଙ୍ଗିପଡୁଛନ୍ତି ।

ତାଙ୍କର କୁକର୍ମ, ସେମାନେ ଦେହ-ଜୀବିନୀ । ଜୀବିକାର୍ଜନ ପାଇଁ ନିଜ ଦେହର ପୁଞ୍ଜି ଖଟାଇଛନ୍ତି । ଅସହାୟା-ତାଙ୍କର ହାରିଗୁହାରି କେହିନାହିଁ । ତେଣୁ ସହଜରେ ଧରାପଡ଼ିଛନ୍ତି, କୁକର୍ମ ତ ନିଶ୍ଚୟ, ଯାଠାରୁ ଆହୁରି ଉନ୍ନତ, ଅଭିଜାତ କୁକର୍ମ ବି ରହୁଛି । ଭଲ ଘରର ଝିଅମାନେ ଉପଭୋଗର ବାସନାରେ ଏ ପ୍ରକାର କୁକର୍ମ କରିଥାନ୍ତି । ପୁରୁଷମାନେ ବି ଏ କ୍ଷେତ୍ରରେ ଅଭିଜାତ । କିଛି ଖୋଲତାଡ଼୍ ହବାର ନ ଥାଏ । ସେ ପ୍ରସଂଗ ଭିନ୍ନ ଓ ତା' ଏଠାରେ ଆସୁନାହିଁ । ଉପରୋକ୍ତ ସମାଜରେ ନୀତି ଅନୀତିର ପ୍ରଶ୍ନ ଅବାନ୍ତର ହେବା ସ୍ୱାଭାବିକ ।

ଏ ରାଜ୍ୟର ବିଖ୍ୟାତ ମହିଳା କଲେଜ ଅଧ୍ୟାପିକାମାନେ ସେଇ ୧୮ରୁ ୨୨ବର୍ଷର ଝିଅଙ୍କ କଥା ଆଲୋଚନା କରୁଥିଲେ । ଏସବୁ କୁକର୍ମରୁ ନିବୃତ୍ତ କରି ସେମାନଙ୍କୁ ଭଲ କାମରେ ଲଗାଇବ କିଏ ? ଭଲ କାମ କ'ଣ କରିପାରିବ ଜଣେ ନିର୍ଦ୍ଧନ ବାପାମାଆଙ୍କ ସାଧାରଣ ଝିଅଟିଏ ଆଜିକାଲି ? ଅସଂଖ୍ୟ ସ୍ୱଳ୍ପଶିକ୍ଷିତା, ଅଶିକ୍ଷିତା ଝିଅ, ଶିକ୍ଷିତା ଝିଅ ବି କ'ଣ କରିପାରନ୍ତି, ଏମିତି କିଛି ନିଦର୍ଶନ ରହିଛି କି ? ରହିଛି କୁକର୍ମର କିଛି ପ୍ରତିକାର ? ଏଇ କିଶୋରୀ କନ୍ୟାଗୁଡ଼ିକ କେଉଁ ରାସ୍ତାରେ ଯିବେ ? ସେମାନଙ୍କ ପାଇଁ ନିର୍ଣ୍ଣୟ ନେବ କିଏ ? ଅଧିକାଂଶ ନିର୍ଦ୍ଧନ ବାପା ମା' ଝିଅଙ୍କୁ ଭାବନ୍ତି ଏକ 'ଅଭିଶାପ', ଘରେ ବି ପାତର ଅନ୍ତର କରନ୍ତି । ପାଠ ଦି' ଅକ୍ଷର ପଢ଼ାନ୍ତି, ଘରର ଯାବତୀୟ କାର୍ଯ୍ୟ କରାନ୍ତି । ଝିଅମାନେ ନିଜ ଘରେ ମଧ୍ୟ ନିଜ ସଂପର୍କୀୟଙ୍କ ଦ୍ୱାରା ଯୌନ ନିର୍ଯ୍ୟାତନାର

Digitized by PPRACHIN, SOA

ଶିକାର ହୁଅନ୍ତି । ଝିଅମାନଙ୍କୁ ନିଜ ଶରୀରର ଗୁରୁତ୍ୱ ସଂପର୍କରେ ଯଥାର୍ଥ ଶିକ୍ଷା ଦେବାକୁ କେହି ନଥାଏ । ଅଥଚ ବିକଶି ଉଠୁଥିବା ସେଇ ଶରୀର ଉପରେ ଅନେକଙ୍କର ଲୋଭାବିଷ୍ଟ ଆଖି ସେମାନଙ୍କୁ ବିଭ୍ରାନ୍ତ କରିପକାଏ । କେହି ଚତୁରତା କରି କିମ୍ବା କେହି ଭୟଭୀତ କରି ସେମାନଙ୍କୁ ଯୌନ ସଂପର୍କ ନିମିତ୍ତ ବାଧ୍ୟ କରନ୍ତି । ପରିଣତି ବିଷମୟ ହୁଏ, ତା' ହେଲେ, ସେହି ଝିଅମାନଙ୍କର କୋଉଠି ଆଉ ସ୍ଥାନ ନଥାଏ । ଦେହଜୀବିକା ହୁଏ ଗୋଟିଏ ମାତ୍ର ଉପାୟ ।

ଦିନେ, ଜଣେ ଅଧ୍ୟାପିକା ଗୋଟିଏ ଆପଣାର ଆସର ମଧ୍ୟରେ ୨/୩ ଜଣଙ୍କ ସମକ୍ଷରେ ଘଟଣାଟି ପ୍ରକାଶ କରିଥିଲେ । ତାଙ୍କ ନିଜସ୍ୱ ଅଭିଜ୍ଞତାରୁ । ତାଙ୍କର ସ୍ୱାମୀ ଇଂଜିନିୟର- ଦୁଇଜଣ ସ୍ୱାମୀ ସ୍ତ୍ରୀ ବାହାରକୁ ଚାଲି ଯାଆନ୍ତି । ଘରେ ୨ବର୍ଷର ଝିଅକୁ ଯତ୍ନ କରିବା ପାଇଁ ଗାଁରୁ ୧୬ବର୍ଷର ଝିଅଟିଏ ଆଣି ରଖିଥାନ୍ତି । ଅଧ୍ୟାପିକା ୩/୪ଘଣ୍ଟା ବାହାରକୁ ଯାଆନ୍ତି । ତାଙ୍କ ପଡ଼ିଶାରେ ଜଣେ ଅବସରପ୍ରାପ୍ତ ଇଂଜିନିୟର ରହୁଥାନ୍ତି । ସେ ବିପତ୍ନୀକ । ପୁଅ ଝିଅ ଦୂରରେ । ପ୍ରତ୍ୟେକ ଦିନ ଅଧ୍ୟାପିକା କଲେଜ ଆସିଲାପରେ ସେ ଭଦ୍ରଲୋକ ତାଙ୍କ ଘରକୁ ଆସି ସେ କିଶୋରୀ ଝିଅଟିକୁ ଡାକିନିଅନ୍ତି । ଶିଶୁ କନ୍ୟାଟିକୁ ଧରି ଘରେ ତାଲା ଦେଇ ସେ ଚାଲିଯାଏ । ଝିଅଟିକୁ ନାନା ପ୍ରଲୋଭନ କଥା କହି, ଭୁଲାଇ ତା ସହ ଯୌନ ସଂପର୍କ ସ୍ଥାପନ କରନ୍ତି । ଘଟଣାକ୍ରମେ କେତେମାସ ପରେ ଅଧ୍ୟାପିକା ତାଙ୍କ ସ୍ୱାମୀ ଏକଥା ଜାଣିବାକୁ ପାଆନ୍ତି । ଝିଅଟିଠାରୁ ଜଣାଯାଏ ଯେ, ଅବସରପ୍ରାପ୍ତ ଇଂଜିନିୟର 'ଭଲପାଏ', 'ଗହଣା ଗଢ଼ାଇ ଦେବି, 'ଭଲ ଘରେ ବିଭା କରାଇବି'ର ପ୍ରତିଶ୍ରୁତି ଦିଅନ୍ତି । ମାତ୍ର କେବେ କିଛି ଦେଇନାହାଁନ୍ତି । ଏବେ ଅଧ୍ୟାପିକା ଅବଗତ ହୁଅନ୍ତି ଯେ ବୃଦ୍ଧବ୍ୟକ୍ତିଙ୍କର ପୂର୍ବ ରେକର୍ଡ ମଧ୍ୟ ଏହିପରି ଅଛି । ତା'ପରେ ଅଧ୍ୟାପିକା ବୁଝାଇ ସୁଝାଇ ଝିଅକୁ ତା ବାପା ମା'ଙ୍କ ପାଖରେ ଛାଡ଼ି ଦିଅନ୍ତି । ନିଜେ ବହୁତ ଦିନ ହଇରାଣ ହୋଇ ଛୁଟି ନିଅନ୍ତି, ପୁଣି ଗୋଟିଏ ପରିଚାରିକାର ସନ୍ଧାନ ନେବା ପର୍ଯ୍ୟନ୍ତ । ଆମେ ଏ ବିଷୟରେ କ୍ଷୁବ୍‌ଧ ହେଲୁ । ମାତ୍ର, ଏଭଳି ଘଟଣା ବହୁସ୍ଥାନରେ ଘଟୁଛି । ଉଚ୍ଚସ୍ତରରେ ଏପରି ଅନାୟାସରେ ଘଟୁଛି ଓ ଏଥିରେ ଝିଅଟି ମଧ୍ୟ ନିର୍ଦ୍ଦୋଷ ନୁହେଁ । ଭଲମନ୍ଦ ବାଛିବାର ଶକ୍ତି ନିଶ୍ଚୟ ତାର ନାହିଁ । କାମୁକୀମଧ୍ୟ ହୋଇପାରେ । କିନ୍ତୁ ବଡ଼ଘରର କଥା, 'ଇଜ୍ଜତ' ଆଶଙ୍କାରେ ପଦାକୁ ଆସେ ନାହିଁ । ଏହା ବାହାରେ ଧର୍ଷଣ ବ୍ୟଭିଚାର ମଧ୍ୟ ଅଛି । ଅସଂଖ୍ୟ ଗୃହ ପରିଚାରିକା ଯେ ଅସୁରକ୍ଷିତା, ଏହା ସ୍ୱୀକାର ନ କରିବାର ଉପାୟ ନାହିଁ ।

Digitized by PPRACHIN, SOA

ଜଣେ ବିଶିଷ୍ଟ ପାଶ୍ଚାତ୍ୟ ଲେଖକ କହିଛନ୍ତି- "ନାରୀ ଭିତରେ ଈଶ୍ୱର ଅଛନ୍ତି, ମାଟିରୁ ଶସ୍ୟ ଉତ୍ତାରି ଆଣିଲାପରି, ତା' ଭିତରୁ ଈଶ୍ୱରଙ୍କୁ କାଢ଼ିଆଣିବାକୁ ହବ ।" ଯେଉଁ ଝିଅଟି ପାଠପଢ଼ି ପାରିଲା ନାହିଁ, ପରିବାରରୁ ହତାଦର ପାଇଲା, ତା' କଥା ପଛକୁ ଥାଉ । ଯେଉଁ ଝିଅଟି କିଛି ପାଠ ପଢ଼ି ଥିଲେ ବି ଉପାର୍ଜନ କରି ନପାରିଲା, ତା ପାଇଁ ରାସ୍ତା କ'ଣ ? ଏତେ ପିଲାଦିନରୁ 'ପରଘରୀ' ପଦିକ ଶୁଣି ଶୁଣି ନିଜଘର ଖଣ୍ଡକ ଉପରେ ବି ତା'ର ଆସ୍ଥା ନଥାଏ । ବିବାହ ପାଇଁ ଯୌତୁକ ଦରକାର । ଥରକରେ ସରେ ନାହିଁ । ଦରକାର ଆହୁରି ଆହୁରି । ଲୋଭବଢ଼ି ଚାଲେ, ମୂଳଚାଲ ହୁଏ, ନିର୍ଯାତନା ବଢ଼େ । ନାରୀ ଭିତରର ଈଶ୍ୱରଙ୍କୁ ନୂଆ ମଣିଷ ରୂପରେ କାଢ଼ି ଆଣିବାର ଗୌରବ ପୁରୁଷ ବୁଝେ ନାହିଁ । ଅତଏବ ନିମ୍ନବିତ୍ତ ପରିବାରର ଝିଅଟି କିପରି ସ୍ୱାବଲମ୍ବୀ ହୋଇପାରିବ ? ଦେଶର ଅବସ୍ଥା ଯାହା, ବେକାରୀ ବଢ଼ିବଢ଼ି ଚାଲିଲା ବେଳକୁ, ସରକାରୀ ସହଯୋଗର ଆଶା ଦୁଃସ୍ୱପ୍ନ ! ଛୋଟ ଛୋଟ ବେସରକାରୀ ସଂସ୍ଥା, ଝିଅଙ୍କୁ ଗ୍ରହଣ କରିବାକୁ ଅନିଚ୍ଛୁକ, ସେଠାରେ ମଧ୍ୟ ଯୌନ ନିର୍ଯାତନାକୁ ଏଡ଼ାଇ ଦିଆଯାଇ ନପାରେ । କାରଣ ଏହି ଉପଭୋକ୍ତା ସମାଜ ସାମ୍ନାରେ ନାରୀର ବ୍ୟକ୍ତିତ୍ୱ ମୂଲ୍ୟହୀନ ବରଂ ତାର ଦେହ ଉପଭୋଗର ସାମଗ୍ରୀ ରୂପେ ପରିଗଣିତ । ଲାଳସା ଚରିତାର୍ଥ କରିବାର ସମ୍ଭାବ୍ୟ ଅସମ୍ଭାବ୍ୟ ସମସ୍ତ ଉପାୟ ଖଟାଇ ସେ ନାରୀକୁ ଶୋଷଣ କରିଚାଲିଛି ।

ଏସବୁ କହିଲାବେଳେ ମୁଁ ବ୍ୟକ୍ତିତ୍ୱ ସଂପନ୍ନ ପୁରୁଷଙ୍କ କଥା ଭୁଲିଯାଇନାହିଁ । ସେମାନେ ହିଁ କାଳେ କାଳେ ନାରୀକୁ ଅମାନୁଷିକ ଯନ୍ତ୍ରଣାରୁ ଉଦ୍ଧାର କରିଛନ୍ତି । ସତୀଦାହ ପ୍ରଥା ନିବାରଣ, ବାଲ୍ୟବିବାହ ନିଷେଧ, ବିଧବା ବିବାହ ପ୍ରଚଳନ ସେହି ମହାନ୍ ପୁରୁଷମାନଙ୍କ ଉଦାର ସହାନୁଭୂତିର ନମୁନା । ମାତ୍ର, ସାଧାରଣ ଅର୍ଥରେ ଆଜି ନାରୀ ଗୁରୁତର ସଂକଟର ସମ୍ମୁଖୀନ । ଏ ଯାବତ୍ ସେ ନିଜର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାକୁ ଆଖିଦୃଶିଆ କରି କିଛି କରିପାରିନାହିଁ । କାଁ ଭାଁ ଯାହା ସେ କରୁଛି, ଦିଗ୍‌ବିଦିଗ ଅନ୍ଧତ୍ୱର ପାହାଡ଼ ସାମ୍ନାରେ ତାହା ଟେଳାଖଣ୍ଡେର ତୁଳନା ମାତ୍ର ।

ଅନ୍ୟପକ୍ଷରେ ଶିକ୍ଷାଗତ ବୃତ୍ତିଗତ ସମସ୍ତ ପ୍ରତିଯୋଗିତାରେ ଝିଅମାନେ ଆଗଧାଡ଼ିରେ । ବୁଦ୍ଧି, ବିଚାର, ନିଷ୍ଠାପର ପ୍ରୟାସ ଦିଗରେ ନାରୀ ଅତୁଳନୀୟା । ମାତ୍ର ସମାଜ ଓ ପରିବାରର ବ୍ୟବସ୍ଥା, ଆର୍ଥିକ ଦୁରବସ୍ଥା ତାକୁ ସହଜରେ 'ବଳିପଶୁ' ରେ

Digitized by PPRACHIN, SOA

ପରିଣତ କରି ପକାଉଛି । ଏପରି ସ୍ଥଳେ ଝିଅଟିର ବାପା ମା' ତାକୁ ଉପଯୁକ୍ତ ଭାବେ, ନୈତିକ ଦୃଷ୍ଟିରୁ ସଚେତନ କରାଇବା ଜରୁରୀ । ଝିଅମାନଙ୍କୁ ଦାରିଦ୍ର୍ୟ ଯେ କୁପଥଗାମୀ କରାଉଛି-ଏହା ଅର୍ଦ୍ଧସତ୍ୟ । ଅଥଚ, ଅଭାବୀ ଝିଅଟିଏ ନିଜ ବ୍ୟକ୍ତିତ୍ୱ ଓ ନାରୀତ୍ୱର ପ୍ରତିଷ୍ଠା କରିବା ନିମିତ୍ତ ପ୍ରାଣପଣ କରି ଦମ୍ଭଧରିବାର ଦୃଷ୍ଟାନ୍ତ ମଧ୍ୟ ପ୍ରଚୁର ।

ଜଣେ ବିଶିଷ୍ଟ ଦାର୍ଶନିକ- ସାହିତ୍ୟିକ କହିଥିଲେ ଜଣେ ସ୍ତ୍ରୀଲୋକ 'ଗୋଟିଏ ମାତ୍ର ଉପାୟରେ ଶୁଦ୍ଧ ଜୀବନ ବଂଚିବାର ବିଧାନ ଥିଲାବେଳେ, ପୁରୁଷଲୋକ ଜଣକ ଦୁଇ ଦୁଇ ପ୍ରକାର ଉପାୟରେ ଜୀବନ ବଂଚି ପାରିବ-ଗୋଟିଏ ଶୁଦ୍ଧ ଓ ଅପରଟି ଶୁଦ୍ଧ ନୁହେଁ- ଏ ଧାରଣାଟି ମୁଁ ଆଦୌ ସହ୍ୟକରିପାରେ ନାହିଁ ।

ଆମର ଅବସ୍ଥା ଯେତେବେଳେ ଏୟା, ଅଗତ୍ୟା ଦେହଜୀବିନୀ ହେବାକୁ ଝିଅଟିଏ ଯେତେବେଳେ ଠେଲିହୋଇ ଯାଉଛି, ତା' ପ୍ରତି ଆମେ ସହାନୁଭବ ରଖିବା କଥା । କେଉଁ ଉପାୟରେ ସେ ମର୍ଯ୍ୟାଦାଜନକ ଭାବେ ବଂଚି ପାରିବ, ତାହା ଆମେ ଚିନ୍ତା କରିବା କଥା । ତାକୁ ଲାଞ୍ଛନା ଦେଇ ଆମେ ଦାୟମୁକ୍ତ ହୋଇପାରିବା ନାହିଁ କଦାପି ।

●

Digitized by PPRACHIN, SOA

ସୁଖରୂପେ ଯାହା...

"ଅମୃତସ୍ୟ ପୁତ୍ରାଃ" ମନୁଷ୍ୟଗଣ ସବୁକାଳେ ଅମୃତ-ପିପାସୁ ।

ମଣିଷ ଜାଣେ ଅମୃତରେ ତା'ର ଅଧିକାର । ସେ ଅଧିକାର ଆପେ ସାବ୍ୟସ୍ତ ହେବ । ଯଦି ନ ହୁଏ ସେ ଅସୁଖୀ ହେବ । ହିଂସା, ପ୍ରତିବାଦ, ବିଳାପ ରୂପେ ସେହି ଭାବ ପ୍ରକଟିତ ହେବ । ଅମୃତ କିଏ ଆସ୍ୱାଦନ କରିଛି ? ଅମୃତ ନିର୍ଦ୍ଦିଷ୍ଟ ଏପରି କିଛି ଭୋଜ୍ୟ କି ? ଏହା ଯୁକ୍ତିସାପେକ୍ଷ, ଦର୍ଶନର ଅଧୀନ, ମାତ୍ର ସାଧାରଣ ମଣିଷଟିଏ ଅମୃତ ଚାଖିଛି ବୋଲି କହେ । ଅମୃତକୁ କେବଳ ରସନା ଇନ୍ଦ୍ରିୟଦ୍ୱାରା ନୁହେଁ, ସକଳ ଇନ୍ଦ୍ରିୟ ମଧ୍ୟ ଦେଇ ଏହାକୁ ଆସ୍ୱାଦନ କରିହୁଏ । ନିଦାଘର ଶୀତଳ ପବନ, ସୁମଧୁର ରାଗିଣୀ, ଅମୃତ ବଚନ, ମନୋମୁଗ୍ଧକର ଦୃଶ୍ୟ, ପରିତୃପ୍ତି ପ୍ରଦାନକାରୀ ଭୋଜନ, ଏସବୁ ମଧ୍ୟରେ ଅମୃତ ବିଦ୍ୟମାନ । ଅମୃତ ତେଣୁ ଏକ ପଦାର୍ଥ ନୁହେଁ, ଏକ ଭାବ-ଚେତନା । ଏଥିରେ ମଣିଷ ଭିନ୍ନ ଆଉ କାହାର ଅଧିକାର ରହିବା ସମ୍ଭବ ? କିନ୍ତୁ ଏହି ଅମୃତ ଓ ଜାଗିତକ ସୁଖ ଏକ ନୁହେଁ । ଅଧିକାଂଶ ମଣିଷ ଭାବନ୍ତି, ଜାଗତିକ ସୁଖ ହିଁ ଅମୃତ, ନହେଲେ ଅମୃତର ଉପଯୋଗିତା କେଉଁଠି ?

ଏହି ଅର୍ଥତନ୍ତ୍ରର ଦୁନିଆରେ କ୍ଷମତାବଳରେ ଅର୍ଥଠୁଳ କରିବା, ନୀତିକୁ ବଳି ପକାଇ ଧନୀ ହେବାରେ ଅହରହ ବ୍ୟସ୍ତ ମଣିଷ ପାଖରେ ସୁଖର ମୂଲ୍ୟ କ'ଣ ? ଏହା ଯଦି ତା'ର ଅର୍ଥଲିପ୍‌ସା, କ୍ଷମତା ଲାଳସାକୁ ଚରିତାର୍ଥ ନକରିପାରିଲା ? ଅମୃତଲିପ୍‌ସୁ ମଣିଷ 'ଅମୃତ'ର ଅର୍ଥ ସୁଖ ବୋଲି ବୁଝେ । ଏହି ସୁଖର ସ୍ୱରୂପ ପୁଣି ନିର୍ଦ୍ଦଷ୍ଟ-ଉତ୍ତମ ରୂପଗୁଣର ଅଧିକାରୀ ପତି ବା ପତ୍ନୀ, ବୁଦ୍ଧିମାନ, ସୁସ୍ଥ ସନ୍ତାନ, ପ୍ରଚୁର ଅର୍ଥ, ସାମାଜିକ ସମ୍ମାନ, ସବୁଠି ଜୟ, ସବୁଠି ଆଗଧାଡ଼ି, ପୁଣି ଆଗଧାଡ଼ିରେ ସର୍ବାଗ୍ର । ଜାଗତିକ ସୁଖ ବୋଲି ମଣିଷ ଏହାକୁ ହିଁ ବୁଝେ । ସବୁଠାରୁ ସମର୍ଥ ବ୍ୟକ୍ତି, ପାରିବାର ବ୍ୟକ୍ତି ବୋଲି ନିଜକୁ ଜାହିର କଲେ ସେ ଯାଇଁ ସନ୍ତୁଷ୍ଟ ହୁଏ । ନଚେତ୍ ହିଂସା, ଈର୍ଷା, ପ୍ରତିବାଦ ଓ ବିଳାପ । ଈର୍ଷା ଓ ବିଳାପ ଯଥାର୍ଥରେ ଈର୍ଷାନତ ଓ ବିଳାପକାରୀ ବ୍ୟକ୍ତିର ଅଶେଷ କ୍ଷତି ଘଟାଏ । ହିଂସା ଓ ପ୍ରତିବାଦ ନିଜର, ଅପରର ତଥା ସମାଜର କ୍ଷତି ଘଟାଏ । ଏ ପ୍ରକାର ସୁଖାନ୍ୱେଷୀ ମଣିଷ ଯଦି ଧାଡ଼ିର ଦ୍ୱିତୀୟରେ

Digitized by PPRACHIN, SOA

ଥାଏ, ତେବେ ଧାଡ଼ିରେ ସର୍ବାଗ୍ର ଲୋକଟିକୁ ହଟାଇ ଦେବାକୁ ଚେଷ୍ଟା କରେ । ଜୀବନର ନାନାଦିଗନ୍ତରେ ଏ ପ୍ରକାର ପ୍ରତିଯୋଗିତା, ବିଦ୍ୱେଷ ଅହଂକାରର ଅନବରତ ରାଜତ୍ୱ ଜାରି ରହିଛି । ସେଥିପାଇଁ ଶାନ୍ତିରେ ମଣିଷ ନିଶ୍ୱାସ ମାରିପାରୁନାହିଁ । ନିଜ ଢୋଲ ନିଜେ ପିଟିବାର, ବିଜ୍ଞାପନର ହଟଚମଟ ଏଇ କାଳ, ଏଥିରେ ଗୁଣୀ, ମାନୀ, ସାଧୁଜନେ ନୀରବ ରହି ଆଡ଼େଇ ଯିବେ । ଗୁଣର ଆଦର କରିବାପାଇଁ, ବିଜ୍ଞାପନହୀନ ସଦ୍‌ଗୁଣର ପୂଜା ପାଇଁ, କେହି ଆସିବେ ସତରେ ? ହୁଏତ ଆସିବେ, ସଂଖ୍ୟା ନିଶ୍ଚିତ ଭାବେ ସ୍ୱଳ୍ପ, ତଥାପି ଗୁଣୀଲୋକକୁ ସେଇଥିରେ ହିଁ ସନ୍ତୁଷ୍ଟ ହେବାକୁ ହେବ । କିନ୍ତୁ ଧୈର୍ଯ୍ୟଧରି ମଣିଷ ରହିପାରେ ନାହିଁ– ସାମାନ୍ୟ ଟିକିଏ ପ୍ରତିଭାର ଅଧିକାରୀ ହେଲେ ବି, ସେ ବିଚାରେ, ସେ ବହୁତ କିଛି । ସର୍ବଶ୍ରେଷ୍ଠ ସମ୍ମାନ ପାଇବାକୁ ହକ୍‌ଦାର । ଏଭଳି ବିଚାର ଆସିଗଲେ ଦୁଇ ପ୍ରକାର କ୍ଷତି ହୁଏ । ପ୍ରଥମତଃ ପ୍ରତିଭାର ବିଲୟ ଘଟେ, ତାହା ମଳନ ପଡ଼ିଆସେ । ଦ୍ୱିତୀୟତଃ ପ୍ରତିଭାଧର ବ୍ୟକ୍ତି ଅବନତି ପଥରେ ଚାଳିତ ହୁଏ ଓ ଅହରହ ଅଶାନ୍ତ ହୋଇପଡ଼େ ।

ଏ ପୃଥିବୀ ସୁଖ ସମ୍ଭୋଗର ଗନ୍ତାଘର । ଆମେ ନିଜ ପାଇଁ ସବୁ ଗୋଟାଇ ନେବାକୁ ତତ୍ପର । ଏ ପୃଥିବୀ ମଧ୍ୟ ଦୁଃଖ ଦୁର୍ଭାଗ୍ୟର ଗନ୍ତାଘର । ସୁଖାନ୍ୱେଷୀ ମଣିଷ ସେ ଦିଗକୁ ଦୃକ୍‌ପାତ କରେ ନାହିଁ । ଜଣେ ବଣଜଙ୍ଗଲର ଆଦିବାସୀ, ଯଥାର୍ଥ ସାଧୁ ବ୍ୟକ୍ତି କହିଥିଲେ, "ପ୍ରାଣୀଙ୍କ ଅପ୍ରମିତ ଦୁଃଖ ସହି ହେଉ ନାହିଁ, ମୁଁ ପଛେ ନର୍କରେ ପଡ଼େ, ସେମାନେ ଦୁଃଖରୁ ଉଦ୍ଧାର ପାଆନ୍ତୁ ।" ଏହି ସନ୍ଥକବି ମଣିଷର ଦୁଃଖ ବୁଝିଥିଲେ । ତା'ର ଯନ୍ତ୍ରଣାର ଅତି ନିକଟରେ ଉପସ୍ଥିତ ଥିଲେ, ଦୁଃଖୀ ମଣିଷର ସାଥୀ ହୋଇଥିଲେ, ବିବିଧ ଦୁର୍ଭୋଗ ଓ ଦୁର୍ଭାଗ୍ୟକୁ ସେ ହୃଦୟଙ୍ଗମ କରିଥିଲେ । ମଣିଷର ତିନିଗୋଟି ଦୁର୍ଭାଗ୍ୟ । ରୋଗ, ଶୋକ ଦାରିଦ୍ର୍ୟ । ପ୍ରଚଣ୍ଡ ଦାରିଦ୍ର୍ୟ ଭୋଗୁଥିବା ନିରନ୍ନ ବ୍ୟକ୍ତି ପ୍ରକୃତରେ ଦୁଃଖୀ । ପ୍ରିୟ ବ୍ୟକ୍ତି ହରାଇଥିବା ଲୋକ ଓ ରୋଗ ଯନ୍ତ୍ରଣା ପୀଡ଼ିତ ବ୍ୟକ୍ତିର ଦୁଃଖ ଅସହନୀୟ ।

ଆମେ କିନ୍ତୁ କେବେ ଭାବୁନାହୁଁ ଯେ, ମୁଁ ରୋଗ ଭୋଗୁ ନାହିଁ, ନିକଟତମ ଆତ୍ମୀୟର ମୃତ୍ୟୁ କଷ୍ଟ ଅଙ୍ଗେ ନିଭଉନି, ଉପାସ ରହିନାହିଁ, ତେବେ ମୁଁ କାହିଁକି ନିଜକୁ ସୁଖୀ ମଣିବି ନାହିଁ ? ଏ ସର୍ବନିମ୍ନ ଅଥଚ ସର୍ବୋତ୍କୃଷ୍ଟ ସୁଖକୁ କେହି ସୁଖ ବୋଲି ଗଣେ ନାହିଁ । ଜୀବନ କ୍ଷେତ୍ରର ଝଲମଲ ଉଜ୍ଜ୍ୱଳଦିଗ, କେବଳ ବ୍ୟସ୍ତତା,

Digitized by PPRACHIN, SOA

ପ୍ରତିଯୋଗିତା ଓ ଈର୍ଷାରେ ଭରପୂର ଏକଥା କିଏ ନ ଜାଣେ ? ଅପେକ୍ଷାକୃତ ସମାହିତ, ଆତ୍ମବିଶ୍ୱାସ ସଂପନ୍ନ, ସୁରକ୍ଷିତ ଦିଗଟି ଉପେକ୍ଷିତ ହୋଇ ପଡ଼ିରହେ । ମୋ ସହକର୍ମିଣୀର ଯେଉଁ ଝିଅଟି ସୀମା-୩୪ ବର୍ଷ ବୟସରେ ହଠାତ୍ ପୀଡ଼ିତ ହୋଇପଡ଼ିଲା, ସ୍ୱାମୀ ତା'ର ଇଞ୍ଜିନିୟର ଅଥଚ ମଦ୍ୟପ । ଛୋଟ ଝିଅ ଦୁଇଟି । ସୀମା ହଠାତ୍ ଜାଣିବାକୁ ପାଇଲା ତାକୁ ରକ୍ତ କ୍ୟାନସର୍ । ଶାଶ୍ୱଶୁରଙ୍କ ବିଚାରଶୀଳା, ସ୍ୱାମୀର ନିଷ୍ଠୁରତାକୁ ସହି ନେଉଥିବା ସେହି ସୀମା ପୁଣି ଅଧ୍ୟାପିକା, ପି.ଏଚ୍.ଡ଼ି. ପ୍ରାପ୍ତ ହୋଇଛି । ସୁସ୍ଥଥିବା ସମୟ ଭିତରେ ସେ ଅଧ୍ୟୟନ କରିଛି । ପିଲା ଦୁଇଟିକୁ ଜନ୍ମ ଦେଇ ଲାଳନ କରିଛି । ଅଥଚ ଯେତେବେଳେ ସେ ଟିକେ ଶାନ୍ତିରେ ନିଶ୍ୱାସ ମାରନ୍ତା, ଦୁରାରୋଗ୍ୟ କ୍ୟାନସର, ଯାହାର ଅନ୍ୟନାମ ମୃତ୍ୟୁ, ସେ ଆସି ତା'ର ଲଳିତ ସୁନ୍ଦର ଶରୀରକୁ କବଳିତ କରିଛି । ପ୍ରଚୁର ଅର୍ଥ ଶ୍ରାଦ୍ଧପରେ, ସୀମା ଯେ ବଂଚି ରହିବ କି ଗ୍ୟାରେଣ୍ଟି ରହିଛି ? ଦୁଇଟି ସାନ ସାନ ଝିଅଙ୍କୁ ମାତୃହରା କରି ସୀମା ଏ ସଂସାରରୁ ବିଦାୟ ନେବ ମାତ୍ର ୩୫ବର୍ଷ ବୟସରେ । ଖାଲି ବଂଚି ରହିଥାନ୍ତା ସେ, ସଂସାର ଭିତରେ, ଝିଅ ଓ ସ୍ୱାମୀଙ୍କୁ ଧରି । ତା'ତ ସମ୍ଭବ ହେଲା ନାହିଁ-ସହଜ ମରଣ, ଆକସ୍ମିକ ମରଣ ମଧ୍ୟ ଘଟିଲା ନାହିଁ । ଅକଥନୀୟ ଯନ୍ତ୍ରଣା, ଅପର୍ଯ୍ୟାପ୍ତ ଅର୍ଥଶ୍ରାଦ୍ଧ, ଅଥଚ ସାମାନ୍ୟ ଟିକେ କେଇବର୍ଷ ବଂଚି ରହିବା ସୌଭାଗ୍ୟ ତା'ଠୁଁ ଛଡ଼ାଇ ନିଆଗଲା, ତିଳତିଳ ଶାରୀରିକ ଯନ୍ତ୍ରଣାରେ ଛଟପଟ ସୀମାକୁ ଲକ୍ଷ୍ୟ କଲେ, କେହି ସଚେତନ ମଣିଷ କ'ଣ ଭାବି ପାରିବ ଯେ, ବୁଝିପାରିବ ଯେ, ତା'ର ସକଳ ସୌଭାଗ୍ୟରୁ ଟିକେ ଊଣାପଡ଼ିଗଲା ବୋଲି ସେ ଦୁଃଖୀ ହୋଇପଡୁଛି ?

ଯେମିତି ମୋର ପଡ଼ୋଶୀ, ଡାକ୍ତରଙ୍କ ପତ୍ନୀ ରେଣୁକା । ସୁନ୍ଦର ସୁସଜ୍ଜିତ ଘର । ସ୍ନେହଶୀଳ, ହୃଦୟବାନ୍ ସ୍ୱାମୀ । ପୁଅ ଦୁଇଟି କଲେଜରେ ପଢ଼ନ୍ତି । ହଠାତ୍ ସ୍ତନକ୍ୟାନସରରେ ସେ ପୀଡ଼ିତ ହୁଏ, ସଦା ହସ ହସ ଉଚ୍ଚଶିକ୍ଷିତା ଗୃହିଣୀ ଜଣକ । ରୋଗ ସହିତ ଲଢ଼ିବାରେ ଲାଗନ୍ତ ବର୍ଷ ବର୍ଷ । ଥରକୁ ଥର ଦେହର ଅଂଶ କଟାହୁଏ, ପୋଡ଼ି ସିଝିଯାଏ, ସେ ଭଲ ହୁଅନ୍ତି । ୬ମାସ ଯାଇ ନଥିବ ପୁଣି ସେ ରୋଗର ଚେର ବାହାରେ । ତଥାପି ରେଣୁକା ହସନ୍ତି, ବୁଲିଯାଆନ୍ତି, ରାନ୍ଧନ୍ତି । କହନ୍ତି "ମୋର ଘଣ୍ଟି ବାଜିଲାଣି, ମୁଁ ଆଉ କେତେଦିନ ?" କୁଆଡ଼େଯାଏ ମଣିଷର ସବୁ ଅହମିକା, ସଂପଦର ଭଣ୍ଡାର, "ମୋର' 'ମୋର' ଭାବ, ଲୋଭ ମୋହ । କେତେ ଦୁଃଖୀଟିଏ ସେ,

Digitized by PPRACHIN, SOA

ଅଥଚ ରେଣୁକା ହସିପାରନ୍ତି କେମିତି ? ଯେଉଁ ଯୁବ ଅଫିସରଟି ସେନାବାହିନୀର ଆଗରେ ରହି ଶତ୍ରୁ ପକ୍ଷକୁ ମୁକାବିଲା କରେ, ଶତ୍ରୁ ହାତରେ ଧରାପଡ଼ିଯାଏ, ପୁଣି ତା'ର ଅଙ୍ଗପ୍ରତ୍ୟଙ୍ଗ, ହାତ, ଗୋଡ଼, ଯୌନାଙ୍ଗ, ଆଖି, ଜିଭ, ନାକ ଖଣ୍ଡ ଖଣ୍ଡ କରି ପ୍ରତ୍ୟେକ ଦିନ କଟାଯାଏ- ପିଣ୍ଡରୁ ପ୍ରାଣ ବାହାରିଯିବା ପର୍ଯ୍ୟନ୍ତ, ସେ ଯନ୍ତ୍ରଣାର ସୀମା ଅଛି ? ସଇତାନ୍ ବି ଏଭଳି ଯନ୍ତ୍ରଣା ଦେଖି ଧୈର୍ଯ୍ୟ ଧରନ୍ତା ନାହିଁ । ଆହା ! ମଣିଷ ଏତେ ଯନ୍ତ୍ରଣା କାହିଁକି ଭୋଗେ ? ଅଦୃଷ୍ଟ ଦଣ୍ଡ ଦିଏ, ପୁଣି ମଣିଷ ବି ବର୍ବର, ପଶୁ ପାଲଟିଯାଏ । କେମିତି ସହନ୍ତି ସେନାବାହିନୀର ସେହି ଯୁବ ଅଫିସରର ବାପାମାଆ, ଭାଇଭଉଣୀ, ତା'ର ଏତାଦୃଶ ବିୟୋଗ ଦୁଃଖକୁ ? ସତେରେ ମଣିଷର ଦୁଃଖର ସ୍ୱରୂପ ଏପରି ବହୁମୁଖୀ, ଏପରି ତୀବ୍ର ଓ ବିବିଧ ।

ବିମାନ ଅପହରଣ ଘଟଣାରେ ନବବିବାହିତା ବଧୂ ରଚନା କଟିଆଲ୍ । ମଧୁଚନ୍ଦ୍ରିକା କାଳରେ ସ୍ୱାମୀକୁ ହରାଏ ସେ । ବିନା ଦୋଷରେ ଅକାରଣରେ । କୋଉଠି ଦୈବ ନିର୍ଦ୍ଦୟ ହୁଏ ତ, କୋଉଠି ମଣିଷ ରାକ୍ଷସ ପାଲଟେ । ଏହି ଦୁଇଟି କାରଣରୁ ହିଁ ଯନ୍ତ୍ରଣାଦଗ୍ଧ ହୁଏ ମଣିଷ । ତା'ର ସବୁ ଦୁଃଖର ହେତୁ ମଣିଷ ଓ ଅଦୃଷ୍ଟ ଉଭୟେ । ଦୁଃଖ ଦୁର୍ଭୋଗର ସ୍ୱରୂପ ନିର୍ଦ୍ଦିଷ୍ଟ ନୁହେଁ, ଅଥଚ ଭୟଙ୍କର ଶାରୀରିକ ଓ ମାନସିକ ଯନ୍ତ୍ରଣା ମଣିଷ ପାଇଁ ରହିଛି । ମଣିଷ ପାଇଁ ସୁଖ ଯେତିକି ରହିଛି, ଦୁଃଖ ରହିଛି ତା'ଠାରୁ ପ୍ରବଳ । ଅଥଚ ଆମେ ସବୁବେଳେ ସୁଖ ଖୋଜୁ । ନିଜ ମନମୁତାବକ ସବୁ କିଛି ଘଟିଲା ନାହିଁ । ଚାହିଦା ମୁତାବକ ସବୁକିଛି ପାଇଲୁ ନାହିଁ । ଭାବୁ ଆମେ ଭାଗ୍ୟହୀନ, ଦୁଃଖୀ । ବୃହତ୍ତର ପରିପ୍ରେକ୍ଷୀରେ ପ୍ରକୃତରେ ଦୁଃଖୀ ମଣିଷ ସ୍ଥାନରେ ନିଜକୁ ରଖି ପରୀକ୍ଷା କଲେ, ତୁଳନା କରି ଦେଖିଲେ, ଆମର ଦୁଃଖ ଯେ କାଳ୍ପନିକ, ନିତାନ୍ତ ଆତ୍ମକୈନ୍ଦ୍ରିକ, ଏହା ବୁଝିହୁଏ । ବୁଝିଲେ ସହାନୁଭୂତିରେ ସିକ୍ତ ହୁଏ ମନପ୍ରାଣ । ଦରଦୀ କବି ଗାଇ ଉଠନ୍ତି "ପାରିବି ନାହିଁ, ସହିପାରିବି ପ୍ରାଣୀଙ୍କର ଏ ଆର୍ତ୍ତି, ଏ ଦୁଃଖ-ମୋତେ ବରଂ ଦୁଃଖ ଦିଅ, ପ୍ରାଣୀଙ୍କୁ ଉଦ୍ଧାର କର ପ୍ରଭୁ-" ଈଶ୍ୱର ଶୁଣନ୍ତି କି ନା ଭିନ୍ନ କଥା । ନ ଶୁଣିବାର ପ୍ରମାଣ ଅଧିକ ମିଳିଥାଏ, ତଥାପି ମଣିଷର ଏ ଶୁଭେଚ୍ଛା, କବିର ଏ ସୁମନାସ ଆର୍ତ୍ତଜନତା ପାଇଁ କମ୍ ଆଶାଜନକ ନୁହେଁ ।

●

Digitized by PPRACHIN, SOA

ଭିନ୍ନ ଏକ ଦାମ୍ପତ୍ୟ

ଜାୟା ଓ ପତି-ଦମ୍ପତି, ଦୁଇଟି ଶବ୍ଦକୁ ଗୋଟିଏ ଶବ୍ଦରେ ପରିଣତ କରିବାର ସମାସ ଯେ ତିଆରି କରିଥିଲେ, ସେଇ ବୈୟାକରଣିକ ମନେ କରିଥିଲେ ଯେ ଜାୟା ଏବଂ ପତି ଦୁଇଜଣ ବ୍ୟକ୍ତି ହେଲେ ହେଁ କାୟମନୋବାକ୍ୟରେ ଏକ ହେବା ଜରୁରୀ । ମଣିଷ ସମାଜ ପାଇଁ ମଙ୍ଗଳକର ହେବ, ଯଦି ଜାୟା ଓ ପତି ଏକ ହୋଇଯାନ୍ତି । ବିଶ୍ୱର ବହୁ ଅଞ୍ଚଳରେ ଆଜି ଏ କଥାକୁ ସମ୍ମାନ ଦେବାକୁ ଅନେକେ ପ୍ରସ୍ତୁତ ନୁହନ୍ତି- ମାତ୍ର ଭାରତବର୍ଷ ଏବେ ବି ଏହାକୁ ଅସମ୍ମାନ କରିନାହିଁ । ମଣିଷ ଜାଣେ ଯେ ସୃଷ୍ଟିର ମୂଳରେ ନାରୀ ଓ ପୁରୁଷ ଉଭୟଙ୍କର ଆବଶ୍ୟକତା ଅଛି ଜନକଜନନୀ ଭାବରେ । ଶିଶୁଟିଏ କେତେ ଯତ୍ନ, କେତେ ଶ୍ରଦ୍ଧା, କେତେ ବେଶ ମନୋଯୋଗ ପାଇବାର ହକ୍‌ଦାର୍ !

ଦେଖିବାକୁ ଗଲେ ପ୍ରକୃତି ବି ଏ କ୍ଷେତ୍ରରେ ପାତର ଅନ୍ତର କରିଛି । ନାରୀଟିଏ ଗର୍ଭବତୀ ହେବ, ପ୍ରସବ ବେଦନା ସହିବ, କ୍ଷୀର ଖୁଆଇବ, ପିଲା ପାଳିବ, ପିଲା ପାଇଁ ଖାଇବା ସଜାଡ଼ିବ, ରୋଗରେ ପଡ଼ିଲେ ସେବା କରିବ । ପୁରୁଷ ଏ କ୍ଷେତ୍ରରେ ଅନେକଟା ମୁକ୍ତ । ସେଥିପାଇଁ ନାରୀଟିଏ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହୁଏ । ପିଲାଟି ଦିନୁ ସଚେତନ ହୋଇ ନିଜକୁ ପ୍ରସ୍ତୁତ କରିଥା'ଏ । ଯେଉଁ ଝିଅମାନେ ଖୁବ୍ ବଡ଼ ଚାକିରି ବାକିରି ବି କରିଥା'ନ୍ତି ତାଙ୍କ କ୍ଷେତ୍ରରେ କିଛି ରିହାତି ମିଳିନଥାଏ । ସେମାନେ ବି ପରିବାରର ଅଧିକାଂଶ ଦାୟିତ୍ୱ ନେଇଥା'ନ୍ତି ଅନନ୍ୟୋପାୟ ହୋଇ । କେତେକ ପରିବାରରେ ସ୍ତ୍ରୀର ଏତାଦୃଶ କର୍ତ୍ତବ୍ୟପରାୟଣତାକୁ ସ୍ୱାମୀ ମଧ୍ୟ ବିଶେଷ ମୂଲ୍ୟ ଦିଏ ନାହିଁ । ଅଥଚ ପତିପତ୍ନୀ ଭିତରେ ଏବେ ବି ଭାରତୀୟ ସମାଜରେ ଉପରୋକ୍ତ ଏକାତ୍ମପଣଟି ସମସ୍ତେ ଆଶା କରିଥା'ନ୍ତି । ଯଦିଓ ସମୟ ବହୁତ ବଦଳିଲାଣି । ପତ୍ନୀମାନେ ବିଦୂଷୀ, ଉଚ୍ଚଶିକ୍ଷିତା ଓ ଅଧିକ ଭାବରେ ବ୍ୟକ୍ତିତ୍ୱ-ସଚେତନ ହୋଇଛନ୍ତି । ଆଜିକାଲି ବିଭିନ୍ନ କାରଣରୁ ସମାଜରେ ବିବାହ ବାହାରେ ପ୍ରେମ ବା ପରକୀୟା ଖୁବ୍ ପ୍ରସାର ଲାଭ କରୁଛି । ପୁରୁଷର ବ୍ୟକ୍ତିତ୍ୱରେ ନିଷ୍ଠୁରତା ଓ ଅବଜ୍ଞା ଅଧିକତର ଭାବରେ ଦେଖାଦେଇଛି ।

Digitized by PPRACHIN, SOA

ଏସବୁ କଥା ମୁଣ୍ଡରେ ଢୁକିଲେ କେତେ ଆଡ଼କୁ ବିସ୍ତାରିଯାଏ । ରୁନୁ କହେ- "ଦେଖୁନୁ, ଶିକ୍ଷିତା, ସୁନ୍ଦରୀ, ଝିଅଗୁଡ଼ାକ କେମିତି ଗୋଟେ ପରେ ଗୋଟେ ଆତ୍ମହତ୍ୟା କରୁଛନ୍ତି । କ'ଣ ସେମାନଙ୍କର ହଉଚି ? ସବୁର ଅନ୍ତରାଳରେ ଜଣାଯାଉଛି ଯେପରି ସ୍ୱାମୀର ଅବଜ୍ଞା ଓ ଅବହେଳା ରହିଛି । ଧନରେ ନୁହେଁ ମନରେ । ଶାଶୂଘରେ କୋଉଠି କେମିତି ଶାଶୂ ଶ୍ୱଶୁର, ଯାଆ, ନଣନ୍ଦ ବି କମ୍ ଜ୍ୱାଳା ଦିଅନ୍ତି ନାହିଁ । ତଥାପି ପତିର ଯଦି ବ୍ୟାକୁଳତା ଥାଏ, ସ୍ନେହ ଥାଏ, ପତ୍ନୀଟି ସବୁକୁ ପଛରେ ପକାଇ ଜୀବନରୁ ସୁଆଦ ଖୋଜେ ।"

ରୁନୁର କଥାଶୁଣି ଆଖି ଆଗରେ ଭାସି ଉଠିଲା ସେଦିନ ସକାଳେ ସମ୍ବାଦପତ୍ରରେ ଦେଖିଥିବା ଫଟୋ ଖଣ୍ଡିକ । ଗୋଟିଏ ସୁନ୍ଦର ପ୍ରାସାଦ ଭିତରେ ସଜଡ଼ା କୋଠରି । ତା' ଭିତରେ ବିଜୁଳି ପଙ୍ଖାରେ ଝୁଲୁଛି ୨୨/୨୩ ବର୍ଷର ସୁନ୍ଦରୀ ଝିଅଟେ । କାନ୍ଧ ଉପରକୁ ଲୋଟି ପଡ଼ିଛି ଘନକଳା କେଶ । ଗୋରା ତକ ତକ ମୁହଁ । ପିନ୍ଧିଚି ଗାଢ଼ ରଙ୍ଗର ଶାଢ଼ୀ-ହାତକଟା ବ୍ଲାଉଜ୍-ଖବରଥିଲା ୧୦ ମାସର ଝିଅଟିଏ ତା'ର । ଏମ୍.ଏସ୍.ସି. ପଢୁଥିଲା ସେ । ତା' ସ୍ୱାମୀ ଇଞ୍ଜିନିୟର, ଗୋଟିଏ ପୁଅ-ଶାଶୂ ଶ୍ୱଶୁର ଅଛନ୍ତି । ଖାସ୍ ଏଇ ରାଜଧାନୀରେ ରହେ । କାହା ଝିଅ ହୋଇଥିବଟି ସେ ! ଭଲ ବରଟିଏ ଜୁଟିଲା ବୋଲି ବି.ଏସ୍.ସି. ପାସ୍ କରିଥିବା ବୁଦ୍ଧିମତୀ ଝିଅକୁ ବାପା ମାଆ ବିଭା କରିଦେଲେ । ୨ବର୍ଷ ପରେ ଯେ ଏମିତି ଭାବରେ ବିଦା ହୋଇଯିବ ଝିଅଟି, ଆହାଃ । ବିଚରା ବାପା ମାଆ !

ଫୋନ୍ କଲି ରୁନୁକୁ । "ପେପର୍ ଦେଖିଲୁ ?" ଆହା ଚୁ...ଚୁ...ରୁନୁର । କ'ଣ ହେଲାଟି । କିଏ କହିବ କ'ଣ ହେଲା ? ଝିଅଟା ୧୦ମାସର ଛୁଆକୁ ଚାହିଁଲା ନାହିଁ - ବାପା ମାଆଙ୍କ କଥା ବି ଭାବିଲା ନାହିଁ ଟିକିଏ । ଚଣ୍ଡାଳୁଣୀ ! କେତେ କଷ୍ଟରେ ଛୋଟ ପିଲା ଧରି ପାଠ ପଢୁଥିଲା-କ'ଣ ଏମିତି ହେଲା ଯେ ! ସମର୍ଥ ବାପା ମାଆ ତ ଥିଲେ; ନିଜ ପେଟରେ ବିଦ୍ୟା ଥିଲା, ବୁଦ୍ଧି ଥିଲା । କିଛି ଆଉ ରାହା ମିଳିଲା ନାହିଁ ତାକୁ ? ଧେତ୍, ଏ ଝିଅଗୁଡ଼ାକ ଜୀବନର କିଛି ଅର୍ଥ ଭାବନ୍ତି ନାହିଁ-କେବଳ ସ୍ୱାମୀ ବର...ବର...। ମୁଁ କଥା କାଟିଲି । "ବୁଝିଲୁ, ଯାହା ସବୁ କହିଗଲୁ ଆଜି, ଉତ୍ତର ବୟସରେ ସିନା ବୁଝିଲୁ, ଏସବୁ ସହଜରେ ବୁଝାପଡ଼େ ନାହିଁ । ଅଳ୍ପ ବୟସରେ, ନୂଆ ବିଭା ହେଲା ବେଳେ ଲାଗେ, ସ୍ୱାମୀ ହିଁ ସବୁକିଛି । ତା'ର ଭଲ ପାଇବା ଥିଲେ ଏ ସଂସାର ଅଛି, ନଥିଲେ ନାହିଁ ।"

Digitized by PPRACHIN, SOA

॥୨॥

ଏକବିଂଶ ଶତାବ୍ଦୀର ପ୍ରଥମ ଛଅମାସ ମଧ୍ୟରେ ପ୍ରାୟ ଏଇ ଗୋଟିଏ ସହରରେ ଚାରିଟି ଏମିତି ଆତ୍ମଘାତର ଖବର । ସବୁଠି ସଦ୍ୟ ବିବାହିତା, କିଏ ସାନ ପିଲାର ମାଆ ତ କିଏ ମାଆ ହେବାକୁ ସମୟ ହୋଇନାହିଁ । ବିଂଶ ଶତାବ୍ଦୀର ଶେଷ କାଳକୁ ଉଚ୍ଚଶିକ୍ଷିତା ଝିଅମାନେ ଏପରି ଅବୋଧ ଅଥୟ ହୋଇପଡୁଛନ୍ତି କାହିଁକି ? ମୁଁ ନିଜକୁ ପ୍ରଶ୍ନ କରେ, ରୁନୁକୁ ବି ।

ଏଣେ ପଶ୍ଚିମା ପବନ ହୁହୁ ପଶିଆସୁଛି, ଧାୟଁ ଧାୟଁ ଭାଙ୍ଗିପଡୁଛି ପୁରାତନ ବଟବୃକ୍ଷର ଡାଳସବୁ । ପତି ପତ୍ନୀର ସମ୍ପର୍କ ହୁଗୁଳା ହୋଇଯାଉଛି । ସାମାଜିକ ବିଷମ ସ୍ଥିତି ହେତୁ ଶିକ୍ଷିତା ଝିଅମାନେ ନା ଉପାର୍ଜନକ୍ଷମା ହୋଇପାରୁଛନ୍ତି ନା ଯୌତୁକ ବିନା ବିବାହ କରିପାରୁଛନ୍ତି ? ଅତଏବ ଉପପତ୍ନୀ ହୋଇ ରହିଯିବା ଛଡ଼ା ବେଳେବେଳେ ସେମାନଙ୍କର ଗତ୍ୟନ୍ତର ରହୁନାହିଁ । ଏଇତ ଡାକ୍ତର ଅଜିତ୍‌ଙ୍କ ବଡ଼ଝିଅ ସେଦିନ ବେକରେ ରସି ଲଗାଇଦେଲା । ଗୋଟିଏ ବୋଲି ଝିଅ ମାଆ ବାପାଙ୍କର । ଅମାପ ସମ୍ପତ୍ତି । ଝିଅ ମଧ୍ୟ ପି.ଏଚ୍.ଡି. କରୁଥିଲା । ବିବାହର ୬ମାସ ହୋଇନି । କ'ଣ ହେଲା ତା'ର ? ଏକାଏକା ସ୍ୱାମୀ ପାଖରେ ତ ରହୁଥିଲା । ବିଦେଶରେ ଘର କରୁଥିଲା । କେଉଁଠି ଛିଣ୍ଡିଗଲା ତା'ର ଘରକରଣାର ସୁତା ଖିଅ ? କେତେ ଯାନି ଯୌତୁକ ଦେଇ ଜାକଜମକ ଭୋଜିଭାତ କରି ବାପା ମା' ବିଭା ଦେଲେ । ବାପା ମା'ଙ୍କୁ କହି ନ ଥାଆନ୍ତା କିଛି ! ନିଜ ବିଡ଼ମ୍ବିତ ଦାମ୍ପତ୍ୟର ସ୍ୱରୂପ ଦେଖାଇ କିଛି ପରାମର୍ଶ ମାଗି ନଥାଆନ୍ତା ? ହଠାତ୍ ଆତ୍ମହତ୍ୟା । ଯେଉଁ ବାପା ମା' ଦୀର୍ଘ ୨୫ବର୍ଷ ବଢ଼ାଇ, ପାଠ ପଢ଼ାଇ ବିବାହ କରାଇଲେ, ଏଇ ଶିକ୍ଷିତା ତରୁଣୀର ସେମାନଙ୍କ ପାଇଁ କିଛି ଦାୟ ନାହିଁ ? କେବଳ ସ୍ୱାମୀ । ସେ ମଦ୍ୟପ, ଦୁଶ୍ଚରିତ୍ରା ବା ରୁକ୍ଷ ବା ସେମିତି ଆଉ କିଛି କାରଣ ହୁଏତ ଥିବ । ତଥାପି ସାରା ଜୀବନ କ'ଣ କେବଳ ଜଣକୁ ହିଁ କେନ୍ଦ୍ରକରି କଟିବ ? ଆଉ କୌଣସି ଆତ୍ମୀୟତାର କିଛି ମୂଲ୍ୟ ନାହିଁ ? ରୀତା ଆତ୍ମହତ୍ୟା କରିଛି । ସ୍ୱାମୀ ସ୍ତ୍ରୀଙ୍କର କଳିଲାଗେ । ସ୍ୱାମୀ ଖୁବ୍ ପିଟିଥିଲା କାଳେ । କହିଥିଲା କି 'ତୁ ମଲେ ମଙ୍ଗଳ । ମୋତେ ବହୁତ ଝିଅ ମିଳିବେ । ତୁ ଯା'... ତୁ ମର ।' ଏମିତି ନିଷ୍ଠୁର କଥା କିଏ କହିପାରେ ? ଅସମ୍ଭବ । ନିଜ ପତ୍ନୀକୁ କଦାପି ନୁହେଁ । ହେଲେ ମୋର ଏ ଧାରଣାକୁ ରୁନୁ ଖଣ୍ଡନ କରେ । କ'ଣ ଏମିତି ସ୍ୱପ୍ନପ୍ରବଣ ହୋଇ ରହିଯାଇଚୁ ମ । ଆଜିକାଲି ଲୋକଙ୍କର

Digitized by PPRACHIN, SOA

ଦୟାମାୟା ଅଛି ? ଇନ୍ଦ୍ରିୟ ସର୍ବସ୍ୱ, ଭୀଷଣ ନିଷ୍ଠୁର ଲୋକ ଗୁଡ଼ାକ । ରୀତାକୁ ହୁଏତ ଏମିତି କିଛି କହିଥିବ । ତାକୁ ବାଧିଥିବ ଅତିଶୟ । ନହେଲେ ଦି'ଟା ସାନ ଝିଅକୁ ଛାଡ଼ି ସେ ଏକାମ କରିଥା'ନ୍ତା ? ମୁଁ ଶୁଣି ଯୁକ୍ତିର ଖିଅ ଧରେ, ରୀତା ଏତେ ସୁନ୍ଦରୀ ।

॥୩॥

ତେବେ ଏଇ ସୁନ୍ଦରୀ, ଶିକ୍ଷିତା ଅଳ୍ପ ବୟସର ବିବାହିତା ଝିଅଗୁଡ଼ିକ ଏପରି ଭାଙ୍ଗି ପଡୁଛନ୍ତି କାହିଁକି ? ସାରା ଜୀବନ ଅନ୍ଧାର ଦିଶୁଚି ତାଙ୍କୁ ? ବଞ୍ଚିବାର କୌଣସି ଅବଲମ୍ବନ ପାଉନାହାନ୍ତି ? ମାନସିକ ଦୁଃଖକୁ ସହିବାର ଶକ୍ତି ବି ନାହିଁ ? ଆମ ଭାରତୀୟ ବିଶ୍ୱାସରେ ସ୍ୱାମୀ ସବୁକିଛି ସତ, କିନ୍ତୁ ସ୍ୱାମୀ ଯଦି ଦୁଶ୍ଚରିତ୍ର, ଲମ୍ପଟ ଓ ରୁକ୍ଷ ହୁଏ ? ତା' ପାଇଁ ଜୀବନ ଦେଇଦେବା ଶ୍ରେୟସ୍କର ବୋଲି ଏକବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ, ଜଣେ ଶିକ୍ଷିତା ଝିଅ ଗ୍ରହଣ କରିନିଏ ? ସେ ସ୍ୱାମୀଠାରୁ କ'ଣ ସବୁ ଆଶା କରେ କି ? ଯେଉଁ ଯୁଗରେ ପାଟିବୁଜି, ଗଣ୍ଡିଏ ଖାଇ, ଖଣ୍ଡିଏ ପିନ୍ଧି ସନ୍ତାନ ଜନ୍ମ କରିଯିବା ସ୍ତ୍ରୀର ଭୂମିକା ଥିଲା, ସେ ଯୁଗ ଆଉ ନାହିଁ । ସ୍ୱାମୀଠାରେ ଓ ସ୍ୱାମୀର ମନ ପ୍ରାଣ, କ୍ରିୟାକଳାପରେ ଅଧିକାର ଖୋଜିବା ସ୍ତ୍ରୀର ଅଭ୍ୟାସ ହେଲାଣି । ଏଥିରେ କିଛି ତ୍ରୁଟି ନାହିଁ । ଯଦିଓ ଅନେକ ଘଟଣା, ଅନେକ ବିଶ୍ୱାସ ବଦଳିଚି । ଏ ଯୁଗର ଝିଅ ସେଥିପ୍ରତି ଆଖି ବୁଜିଦେଲେ ଚଳିବ ନାହିଁ । ନିଜର ସନ୍ତାନ, ବାପା ମା', ପ୍ରିୟ ପରିଜନ, ଭାଇଭଉଣୀ କେହି ବି କ'ଣ ଆଖିକୁ ଦିଶିବେ ନାହିଁ ? ସେ ଆଡ଼ଜଷ୍ଟ କରିବ ନାହିଁ, ଦରକାର ପଡ଼ିଲେ ସ୍ୱାମୀଠାରୁ ଦୂରେଇ ଆସି ସ୍ୱାବଲମ୍ବୀ ହୋଇପାରିବ ନାହିଁ ? ମୋର ଏତକ କଥା ଶୁଣି ରୁନୁ ଜିଭ କାମୁଡ଼ି ପକାଇଲା । 'ମା ଲୋ, ମରୁପଛେ, ସ୍ୱାମୀ ଛାଡ଼ି ଆସିବ ? ତୁ କ'ଣ ଜାଣିନୁ, ଆଜି ବି କେତେ ଲୋକ ଏ ଅନ୍ଧବିଶ୍ୱାସରୁ ମୁକୁଳି ନାହାନ୍ତି । ଝିଅକୁ ଶିକ୍ଷିତା କରି ସୋହାଗୀ କରି ବଢ଼ାଉଛନ୍ତି ସତ, କିନ୍ତୁ ବିଡ଼ମ୍ବିତ ଜୀବନ ପଥରେ ସେ କେମିତି ଆଗେଇବ, ସେ ବିଷୟରେ ସେମାନେ ନିଶ୍ଚିନ୍ତ । ପୁରାତନ ପ୍ରଥା ହିଁ ଶ୍ରେୟସ୍କର । ଗୋଟିଏ ଶତାବ୍ଦୀ ବିତିଲା । ନୂଆ ଶତାବ୍ଦୀ ଅଗ୍ରଗତି କରୁଛି । ମଣିଷ ଚରିତ୍ର ଏଇ ବସ୍ତୁବାଦୀ ଦୁନିଆରେ ବସ୍ତୁ ସୁଲଭ ହୋଇଗଲାଣି । ଏକଥା କେବେ ବୁଝିବେ ଆମ ଲୋକେ ? କେବେ ଏ ବିଷୟରେ ସଚେତନ ହେବେ ଆମ ଝିଅମାନେ ? ମୋ ଝିଅ ବିଦେଶକୁ ଯାଇଛି । ପଶ୍ଚିମ ଦେଶ । ଲେଖିଛି, ଏଠି ବିବାହ ଅନୁଷ୍ଠାନ ବହୁତ କମ୍, ମାତ୍ର ୩୫ ପ୍ରତିଶତ ହେବ ବୋଧେ । ପୁଣି ମାଆ ହେବାକୁ କେହି ଚାହୁଁନାହାନ୍ତି । ଏକତ୍ର ବାସପ୍ରଥା ଚାଲିଛି । ଏହା ବିଦେଶ କଥା । ଭାରତୀୟ ସଂସ୍କୃତିର ମର୍ଯ୍ୟାଦା

Digitized by PPRACHIN, SOA

ଏଥିରେ ନାହିଁ । ଏହା ଗ୍ରହଣୀୟ ନୁହେଁ । ତଥାପି ବିଷମ ଦାମ୍ପତ୍ୟର ଯୂପକାଠରେ ନିରୀହା ଝିଅଟିଏ ବଳି ପଡ଼ିବା ମଧ୍ୟ ସ୍ପୃହଣୀୟ ନୁହେଁ । ଏକବିଂଶ ଶତାବ୍ଦୀର ଶିକ୍ଷିତା ଝିଅ, ଓଡ଼ିଆ ଝିଅ ସମୟର ଭୟଙ୍କର ସ୍ଥିତି ପ୍ରତି ଆଖିବୁଜି ନଦେଉ । କେମିତି ସେ ମର୍ଯ୍ୟାଦାର ସହ ବଞ୍ଚିବ, ପିଲାଟିକୁ ମାତୃତ୍ୱ ଦେବ, ସୁକନ୍ୟା ହେବ ଏବଂ ସୁପତ୍ନୀ ହେବ, ଏହା ବିଚାର କରୁ । ଯଦି ସୁପତ୍ନୀ ନହୋଇ ପାରିଲା, ପତି ଯଦି ସୁଧୁରିବାର ମଣିଷ ନହେଲା, ତେବେ ଜୀବନ ଇତି କରିଦେବା କ'ଣ ସର୍ବଶ୍ରେଷ୍ଠ ସମାଧାନ ? ବ୍ୟକ୍ତିଠାରୁ ଜୀବନ ବଡ଼ । ଗୋଟିଏ ଦିଗରେ ନ ମିଳିଲାତ ଅନ୍ୟ ଦିଗରେ ନିଜକୁ ଅଜାଡ଼ି ଦେଇହେବ । ନିଜ ସନ୍ତାନ ପାଇଁ, ତା' ସହିତ ଏ ସମାଜରେ କେତେ କେଜାଣି ଅବହେଳିତ ସନ୍ତାନ ଅଛନ୍ତି, ସେମାନଙ୍କ ପାଇଁ । ନିଜ ବାପା-ମା', ବନ୍ଧୁ-ସ୍ୱଜନଙ୍କ ପାଇଁ, ନିଜ ପାଇଁ । 'ଅନେକ ଜନ୍ମ ପୁଣ୍ୟ ଫଳେ/ ମନୁଷ୍ୟ ଜନ୍ମ ମହୀତଳେ' ଭାଗବତ ବାଣୀ ଯେ । ଏଡ଼େ ପୁଣ୍ୟବନ୍ତ ଜୀବନକୁ ପାକଳ ନହେଉଣୁ ଛିଣ୍ଡେଇ ଫିଙ୍ଗି ଦେବାର ଅଧିକାର ଝିଅଟିଏ ପାଇଲା କୁଆଡୁ ? ବିପୁଳ ଜୀବନର ପରିପ୍ରେକ୍ଷୀରେ ସେ କାହିଁକି ଜୀବନକୁ ଦେଖିବ ନାହିଁ ? ଦିନକୁ ଦିନ ସ୍ୱାର୍ଥାନ୍ଧତା ବଢୁଛି । ବଢୁଛି ମଧ୍ୟ ଅମଣିଷ ପଣିଆ । ତା'ର ସାମ୍ନା କରିବାକୁ ସେ ନିଜକୁ ପ୍ରସ୍ତୁତ କରୁ । ଜଣେ ମଣିଷ ପାଇଁ ବଞ୍ଚିବା ଓ ତା'ରି ପାଇଁ ମରିଯିବା ଅବଶ୍ୟ ନିବିଡ଼ ପ୍ରେମର ନିଦର୍ଶନ । ମାତ୍ର ପାଷଣ୍ଡ ପ୍ରତି ପ୍ରେମ ନିବେଦନ କରି ନିଜ ଜୀବନର ଇତି ଘଟାଇବା କେତେ ବଡ଼ ମୂର୍ଖତା, ଯା କ'ଣ ଆମର ଶିକ୍ଷିତା ଝିଅମାନେ ହୃଦୟଙ୍ଗମ କରିବେ ନାହିଁ ? ରାମସୀତା ଆମ ପରମ୍ପରାରେ ଆଦର୍ଶ ଦମ୍ପତ୍ତି । କିନ୍ତୁ କେତେ କଷ୍ଟ ସହି ନଥିଲେ ସୀତା ? ଅବଶ୍ୟ ରାମଙ୍କର ଥିଲା ଏକ ପତ୍ନୀ ବ୍ରତ । ଆଜି ତାହା ଆଶାକରିବା ମୂର୍ଖତା । ଭାଗ୍ୟବଶତଃ ସୋହାଗୀ ପତିଟିଏ ଲାଭ ହେଲାତ ଭଲ, ନହେଲେ ବି ବଞ୍ଚିବାକୁ ଶପଥ ନେବାକୁ ହେବ ।

ସନ୍ତାନଟିକୁ ମଣିଷ କରିବା ନାରୀର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ମାନବ ସମାଜ ଆଜିର ଶିକ୍ଷିତ ଝିଅଟିଠାରୁ କେତେ ସମବେଦନା ଆଶା କରୁଛି । ଝିଅଟିଏ ସେ କଥା ଭୁଲିଗଲେ ଚଳିବ ନାହିଁ । ବାର୍ଦ୍ଧକ୍ୟଗ୍ରସ୍ତ ବାପା ମା', ଅସହାୟ ଶିଶୁ ସନ୍ତାନ, ସର୍ବୋପରି ନାନାବିଧ ଅଭାବ ପ୍ରପୀଡ଼ିତ ଏ ମଣିଷ ସମାଜ, ଏ ସମସ୍ତେ ତା'ଠାରୁ ବହୁତ କିଛି ପାଇବାକୁ ଅନାଇଁ ବସିଛନ୍ତି । ଝିଅଟି କ'ଣ ସେମାନଙ୍କ ଆଡ଼କୁ ଥରେ ଚାହିଁବ ନାହିଁ ?

●

Digitized by PPRACHIN, SOA

ନକଲି ରୂପ

"ଗପଟିଏ ପରି ଲାଗିବ ଯଦି,
ଭୁଲ୍ ବୁଝିବୁ ନାହିଁ,
ଗପ ଆଉ ସତ ନିହାତି
ପାଖାପାଖି ନୁହଁ କି ?"

ଆଜିର ଦୁନିଆଁରେ କିଏ କାହାକୁ କେତେ ଠକି ପାରିଲା, ସେତେ ବାହାଦୁର । ଖାଇବା ଜିନିଷ ଅପମିଶ୍ରିତ ହେଲା, ହଳଦୀଗୁଣ୍ଡରେ କରତଗୁଣ୍ଡ, ଗୋଲମରିଚରେ ଅମୃତଭଣ୍ଡା ମଞ୍ଜି, କଳାଜିରାରେ ନକଲି ଜିରା, ଏମିତି କେତେ କ'ଣ ନକଲି ଜିନିଷର ପ୍ରତିଯୋଗିତା ଚାଲିଚି । ପୁଣି ନକଲି ଜିନିଷକୁ 'ଇମିଟେସନ୍' କହି ତା'ର ଚାହିଦା ବଢ଼ିଚାଲିଛି । ସିଲ୍‌କ, ସୁନା, ହୀରା, ମୁକ୍ତା, ଏସବୁ ଦାମୀ ଜିନିଷର ନକଲିକୁ ଆମେ ଗ୍ରହଣ କରିନେଲୁଣି । ଅସଲି ନହଉ-ଯାଏ ଆସେ ନାହିଁ-କିଛି କାଳ ଅସଲି ଭଳି ଲାଗିବ ତ ! ହେଲେ ଜୀବନ ସଉଦା କ୍ଷେତ୍ରରେ ନକଲି ଜିନିଷର ଖୁବ୍‌ବେଶ କାଟ୍‌ତି ନାହିଁ, ତଥାପି ଧନ ଯଦି ଅଛି, ମଣିଷପଣ ନଥିବା ନକଲି ମଣିଷ ଖୁବ୍ ବେଶ ଖରାପ ଲାଗୁ ନାହିଁ ।

କିନ୍ତୁ ସାଧାରଣତଃ ଝିଅ ବିବାହ କ୍ଷେତ୍ରରେ ବାପାମାଆ ହୁସିଆର ହୁଅନ୍ତି । ଅନ୍ତତଃ ଜ୍ୱାଇଁଟି ନକଲି ହେଇନଥାଉ, ତା'ର ଆର୍ଥିକ ଯୋଗ୍ୟତା ଓ ମଣିଷପଣିଆ ଠିକ୍ ଠିକ୍ ଥାଉ, ତଥାପି ମୂର୍ଖ ବରକୁ ପାଠୁଆ କନ୍ୟା ବିଭା ହେବା ନୂଆକଥା ନୁହେଁ । ମିଛସତ କହି ଭୁଲାଇ ସରଳ, ନିପାରିଲା ମଣିଷକୁ ଠକିଦେବା ଆଜିକାଲି ବିଚିତ୍ର ନୁହେଁ । ଲୋକଙ୍କ ଭିତରୁ ଧର୍ମଭାବ ଯେତେ ଯେତେ କମୁଛି, ନିଜର କର୍ମ ପାଇଁ ସେମାନଙ୍କର ଦାୟ ମଧ୍ୟ ଊଣା ପଡୁଛି । ଅତଏବ ଅପରକୁ ଠକି ସ୍ୱାର୍ଥ ହାସଲ କରିବା କିବା କଥାଟାଏ !

"କ'ଣ ପାଇଁ ଏତେ ଗୌରଚନ୍ଦ୍ରିକା ତୋର ? ଲକ୍ଷ ଲକ୍ଷ ଠକାମି ଭିତରେ କୋଉଠି ଗୋଟାକୁ ଧରି ବସିଚୁ, ଏୟା ତ ?" ଗୁନୁ ପଚାରେ । ତେଣୁ ମଣିଷର ସରଳ ବିଶ୍ୱାସ ହେତୁରୁ କିମ୍ବା ଅଯତ୍ନଶୀଳତା ହେତୁରୁ ଗୋଟିଏ ଗୋଟିଏ ନିରୀହ ଜୀବନ ଯେ କେମିତି ନଷ୍ଟ ହେଇଯାଏ, ତା'ର ଗୋଟିଏ ବିବରଣୀ ଦେବାକୁ ବାହାରିପଡ଼େ ମୁଁ ।

Digitized by PPRACHIN, SOA

ବହୁଦିନ ପରେ ସୁଜାତାକୁ ଦେଖି ମତେ ଖୁବ୍ ଖୁସି ଲାଗିଲା । ସେ ସୁଦୂର କୋରାପୁଟରେ ବହୁ ବର୍ଷ ରହିଯାଇଥିଲା । ସ୍ୱାମୀ ତା'ର ସୁପରିଂଟେଣ୍ଡିଂ ଇଂଜିନିୟର । ତାର ବିବାହ ପରେ ପରେ ଥରେ ସ୍ୱାମୀ ସହ ତାକୁ ଦେଖିଥିଲି । ଆଜି ଦୀର୍ଘ ୨୫ବର୍ଷ ପରେ ଉଭୟଙ୍କୁ ଦେଖି ମନେହେଲା କ'ଣ ଯେମିତି ଭିତରେ ଭିତରେ ଝାଉଁଳି ପଡ଼ିଛି । ତାଙ୍କ ସହିତ ତାଙ୍କର ଏକମାତ୍ର ଝିଅ ଜୟା । ଅଳ୍ପ ଉଚ୍ଚା ସୁନ୍ଦରୀ ଝିଅଟି ଏବେ ଏମ.ଏ. ପଢୁଛି ।

ବିଭାଘରର ଭୋଜି କୋଳାହଳରୁ ଟିକେ ଦୂରେଇଯାଇ ସୁଜାତା ଓ ମୁଁ ଗପସପରେ ମାତିଗଲୁ । "କ'ଣ ଏମିତି ମଉଳି ପଡ଼ିଚି ଭିତରେ ତୋର, କାହିଁକି ଏତେ ଶୁଖିଲା ଦିଶୁଚୁ ମୁହଁରେ ଯେମିତି ବୁଢ଼ିଆଣୀ ଜାଲଟାଏ ଢଙ୍କା ଦେଇଚି । ଆଉ ତୁ ତ ଜନ୍ମରୁ ଫାଙ୍ଗୁଳୀ, ଏମିତି କଳା ପଡ଼ିଯାଇଚୁ କାହିଁକି ?"

ଏଥର ଫାଙ୍ଗୁଳୀ ସୁଜାତା ତା'ର ମନର ପୃଷ୍ଠା ଖୋଲିଧରିଲା । ଏକ ଦାରୁଣ ଧକ୍କାରେ ତା'ର ପାରିବାରିକ ଜୀବନ ବିପର୍ଯ୍ୟସ୍ତ । ସ୍ୱାମୀ ତା'ର ସରକାରୀ କାମରେ ପ୍ରାୟ ବ୍ୟସ୍ତ ରହନ୍ତି । ପୂର୍ବରୁ ମୁଁ ଶୁଣିଥାଏ ଯେ, ସେ ପ୍ରଚୁର ମଦ୍ୟପାନ କରନ୍ତି । ତେବେ ମଦ୍ୟପାନ ତ ଆଜିକାଲି ଆଭିଜାତ୍ୟର ଚିହ୍ନ । ଏଥିରେ ଭାଙ୍ଗିପଡ଼ିଲା କ'ଣ ? ନାଇଁ, ଜୟାର ଅବସ୍ଥା ହିଁ ତାଙ୍କ ଜୀବନର ସବୁ ସରସତାକୁ ଜାଳିଦେଇଛି । "ଜୟା କ'ଣ ବିଭା ହୋଇଥିଲା, ସେ ବିଧବା ?" କାଚ ଜିନିଷଟିକୁ ତଳେ ପକାଇଦେଲା ପରି ଡରି ଡରି ମୁଁ ପଚାରିଲି ।

ଜୟା+୨ କ୍ଲାସ୍‌ରେ ପଢୁଥାଏ । ଭଲ ଛାତ୍ରୀ ସେ । ଏହି ସମୟରେ ସୁଜାତାର ଭାଉଜର ସାନ ଭଉଣୀ ଜୟା ପାଇଁ ଗୋଟିଏ ବିବାହ ପ୍ରସ୍ତାବ ଆଣିଲେ । ସେ ନିଜେ ଉଚ୍ଚ ଶିକ୍ଷିତା, ଏକ ପ୍ରତିଷ୍ଠିତ ପରିବାର କନ୍ୟା ଓ ବଧୂ । ଅତଏବ ତାଙ୍କ ଦ୍ୱାରା ଆନୀତ ପ୍ରସ୍ତାବ ଖୁବ୍ ଗୌରବାବହ ମନେହେଲା । ତାଙ୍କ ଦୂର ସଂପର୍କୀୟ ଜଣେ ଓକିଲଙ୍କ ପୁଅ ଡେରାଡୁନ୍‌ରେ ଆଲାଏଡ୍ ସର୍ଭିସରେ ଅଛି । ଓକିଲଙ୍କର ବିରାଟ ଘର, ପ୍ରଚୁର ସଂପତ୍ତି, ପୁଅଟି ବି ଦେଖିବାକୁ ଭଲ ।

ସୁଜାତାର ପରିବାର ବୋଇଲେ ସେ ଓ ତା'ର ସ୍ୱାମୀ । ଶ୍ୱଶୁର ଓ ବାପା ଦୁହେଁ ସ୍ୱର୍ଗାରୋହଣ କରି ସାରିଥାଆନ୍ତି । ସୁଜାତା ଓ ତା'ର ସ୍ୱାମୀ ନିଃସନ୍ଦେହରେ ଆଗେଇଲେ । କନ୍ୟା ଦେଖା, ନିର୍ବନ୍ଧ ସବୁ ସରିଲା । ଗାଉଁଲୀ ବାପଟିଏ ଆଗକାଳେ ଚୁଡା ଚାଉଳ

Digitized by PPRACHIN, SOA

ମୁଣ୍ଡେଇ ବରଘର ଖୋଜିଯିବା ପରି ଘଟଣା ତ ନୁହେଁ; ସବୁ ଭଲ । ପୁଅର ବଡ଼ ଚାକିରି, ଗୋଟିଏ ପୁଅ- ଆଉ କ'ଣ ଦରକାର ? ସେମାନେ ବୋହୂକୁ ପୁଣି ପଢ଼ାଇବେ । ବାପ ମା' ମହା ଖୁସିରେ ଝିଅର ବିଭାଘର କରିଦେଲେ । ଗୋଟିଏ ଝିଅ ହେତୁ ପ୍ରଚୁର ଦାନ ଯୌତୁକ ବି ଦେଲେ । ମାତ୍ର ମାସଟିଏ ଭିତରେ ଏଇ ଆଡ଼ମ୍ବରର ବେଲୁନ୍‌ଟି, ଫାଟିଗଲା । ଝିଅ ସୁଯୋଗ ଉଣ୍ଡି ବାପା ମାଆଙ୍କୁ ଫୋନ୍‌କଲା, "ଶୀଘ୍ର ମୋତେ ଏଠାରୁ ନେଇଯାଅ ।"

ବରଟି ଡ଼େରାଡୁନ୍‌ରେ ଥିଲା ସତ, ମାତ୍ର ବି.ଏ.ଫେଲ୍ । ସେଠାରେ କୋଉ କମ୍ପାନୀରେ ଥିଲା, ମନ ମାନିଲା ନାହିଁ, ଚାକିରି ଛାଡ଼ିଦେଲା । କେଜାଣି ଅବା ସେ ଆଦୌ କିଛି କରୁନଥିଲା । ବ୍ୟବହାର ମଧ୍ୟ ତଦ୍ରୂପ । ଶାଶୂ ଶ୍ୱଶୁର ବୋହୂକୁ ଜଗି ବସିଛନ୍ତି । ସେ କିମିତି ବାପଘର ନଯିବ, କାହା ସାମ୍ନାରେ ପାଟି ନ ଖୋଲିବ । କ୍ରମଶଃ ଉଭୟ ପରିବାରର ତିକ୍ତତା ବଢ଼ିଲା । ସୁଜାତା ଅନୁନୟ କରି ଝିଅକୁ ଘରକୁ ଆଣିଲା, କିନ୍ତୁ ଆଉ ପଠାଇଲା ନାହିଁ । ଅନେକ ଗଣ୍ଡଗୋଳ ମଧ୍ୟ ହେଲା । ମାତ୍ର ସୁଜାତା ଝିଅକୁ ପାଠ ପଢ଼ାଇଲା-ଝିଅ ବରର ମୁହଁ ଦେଖିବାକୁ ନାରାଜ । ଯେଉଁ ସଂପର୍କୀୟ ଏହି ପ୍ରସ୍ତାବ ଦେଇଥିଲେ, ସେ ଦୁଃଖ କଲେ । କହିଲେ, "ମୁଁ କ'ଣ ଜାଣିଛି ସେମାନେ ଯାହା କହିଲେ ମୁଁ ସତ ଭାବିଥିଲି । ଆପଣମାନେ ସିନା ପୁଅର ଯୋଗ୍ୟତା ଓ ଚାକିରି ବିଷୟରେ ଖୋଜଖବର ନେଇ ଥାଆନ୍ତେ ।" ଏତିକିରେ ହୁଏତ ସେ ଦାୟମୁକ୍ତ ହୋଇଗଲେ । ମାତ୍ର ଆପଣାର ଅବିମୃଶ୍ୟକାରିତା ହେତୁ ଜୟାର ବାପା ମାଆ ସାରା ଜୀବନ ଆତ୍ମଗ୍ଲାନି ଭିତରେ ରହିବେ । ଆମ ଶିକ୍ଷିତ ଅଭିଜାତ ସମାଜର ଏ ଅବସ୍ଥା ବଡ଼ ବିପଜ୍ଜନକ ।

ଏବେ ଦୁଇବର୍ଷ ତଳେ ମୋର ବାନ୍ଧବୀର ଝିଅ ମୃତ୍ୟୁବରଣ କଲା-ଅତି ଅଳ୍ପ ବୟସରେ । ଉଚ୍ଚଶିକ୍ଷିତ ପରିବାରବର୍ଗ ଆଇ.ଏ.ଏସ୍. ପୁଅକୁ ଝିଅର ବାପା ମାଆ ପ୍ରଚୁର ଦାନ ଯୌତୁକ ଦେଇ ବିଭା କରିଥିଲେ । ଝିଅଟି ବି.ଏ. ପଢୁଥିଲା ।

ସୁନ୍ଦରୀ ବି ଥିଲା, ହେଲେ ଅଳ୍ପ ଦିନ ପରେ ବାପା ମାଆ ମୁଣ୍ଡ କୋଡ଼ିଲେ-ସାନ ନଣନ୍ଦ ଦୁହେଁ ଝିଅକୁ ଧିକ୍‌କାରୁଛନ୍ତି-ସ୍ୱାମୀ ଅଧିକ ଯୌତୁକ ପାଇଁ କହୁଛନ୍ତି- ଯେଉଁ ଘରଟି ତାଙ୍କୁ ଯୌତୁକ ସ୍ୱରୂପ ମିଳିଛି । ତା'ଠାରୁ ଏକ ବଡ଼ ଓ ସୁନ୍ଦର ଘରେ ଝିଅର ବାପ ରହନ୍ତି । ସେ ଘରଟି ଝିଅକୁ କାହିଁକି ଦେଲେ ନାହିଁ ? ଶାଶୂ ଶ୍ୱଶୁର ପୁଅକୁ

Digitized by PPRACHIN, SOA

ଉତ୍ସାହିତ କରୁଛନ୍ତି । ଏପରି ଅବସ୍ଥାରେ ୪/୫ ବର୍ଷ ଭିତରେ ଝିଅଟି ଦୁଇଟି ଝିଅଙ୍କୁ ଜନ୍ମଦେଲା । ମାତ୍ର ୨୫ ବର୍ଷ ବୟସରେ (ଅତ୍ୟଧିକ ମାନସିକ ଚାପ) ୨ଟି ଶିଶୁକନ୍ୟାର ଜନନୀ, ସେହି ଅଭାଗିନୀ ଝିଅଟି ମୃତ୍ୟୁବରଣ କଲା ।

ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ଝିଅଟି କାହାକୁ କହିବ ? ପ୍ରତିକାର ବା କରିବ କ'ଣ ? ସ୍ୱାମୀ ସନ୍ତାନକୁ ଛାଡ଼ି ଦେଇ ଆସିବ କେମିତି ? ମା' ଝିଅର ସବୁ ଦୁଃଖ ଶୁଣି ମଧ୍ୟ ପ୍ରଘଟ ନକରି ଅପେକ୍ଷା କରୁଥିଲେ । କାଳେ ଏ ମନ୍ଦ ସମୟ ଅପସରିଯିବ । ଭଲବେଳ ଆସିବ । ଜ୍ୱାଇଁ ବୁଝିବ ଓ ଝିଅକୁ ଆଦର କରି ରଖିବ । ନଣନ୍ଦ ଦୁହେଁ ତ ଦିନେ ପରଘରୀ ହେବେ । ମାତ୍ର ଝିଅଟି ଏସବୁ ପାଇଁ ଅପେକ୍ଷା କଲା ନାହିଁ । ଅଥଚ ଧନୀଘରର ଝିଅ ସେ । ବରକୁ ଛାଡ଼ି ଆସିଥିଲେ ବି ଜୀବନଟା ତା'ର ଅଭାବମୟ ହୋଇନଥାନ୍ତା । ମାତ୍ର ପ୍ରାଣଠାରୁ ସଂଭ୍ରମ ଯେ ଅଧିକ ମୂଲ୍ୟବାନ ।

ଏହି ଘଟଣା ଘଟିଲାବେଳେ ଆମ ସହର ଉଠୁଥିଲା ପଡୁଥିଲା । କାହିଁକି କେଜାଣି ମୋର ବାନ୍ଧବୀମାନେ ନିଜ ଝିଅମାନଙ୍କ ଜ୍ୱାଳାରେ କାହାଣୀ ମତେ ଶୁଣାନ୍ତି । ନିଜେ ସହନ୍ତି ଓ ଝିଅକୁ ସହିଯିବାକୁ ଉପଦେଶ ଦିଅନ୍ତି । ବୋଧହୁଏ ମୋ ମନୋବୃତ୍ତି ବି ଊଣା ଅଧିକେ ସେଇଆ ।

ସମାଜ ଓ ତା'ର ଚଳଣିକୁ ରୋକ୍‌ଠୋକ୍ ଭାଙ୍ଗିଦେବାର ଦମ୍ଭ । ଏ ଯାଏ ଆମର ଆସିନାହିଁ । ଏ ଯୁଗରେ ବାହାରକୁ ଦିଶୁଥିବା ସୁଖୀ ଦାମ୍ପତ୍ୟ ଜୀବନ ଭିତରେ କେତେ ହୃଦୟବିଦାରକ କରୁଣ କାହାଣୀ ଯେ ରହିଛି, ଆଉ କିଏ ନଜାଣୁ, ମୁଁ ବେଶ୍ ଜାଣେ । ତଥାପି ଏଇ ପରିପ୍ରେକ୍ଷୀରେ ମୋର ମନେପଡ଼େ ମୋ ପିଲାଦିନର ସାଙ୍ଗ ଇଚ୍ଛାବତୀ କଥା, ଏଇଲେ ସେ ନାତିନାତୁଣୀ ଧରି ସଂସାର କରୁଥିବ । ମାତ୍ର ଆଜିକୁ ୩୫ବର୍ଷ ତଳେ ମାଇନର ସ୍କୁଲରେ ପଢ଼ିଲାବେଳେ ତା'ର ମୋର ଏମିତି ଯୋଡ଼ି ହୋଇଥିଲୁ ଯେ, ପାଣି ଗଳୁନଥିଲା । ସାଙ୍ଗ ହେଇ ବାଳିକା ସ୍କୁଲରେ ପଢୁଥାଉ । ସେ ହରିଜନ ଝିଅ । ମାତ୍ର ହରିଜନଙ୍କ ଭିତରେ ତା' ବାପା ମୁଖିଆ, ପୁରୋହିତ । ତାଙ୍କର ପୁଣି ସେ ଏକୋଇର ବଳା ବିଶିକେଶନ । ତା' ବାପା ମୋ ବୋଉକୁ ଧରମ ଭଉଣୀ କରିଥାନ୍ତି । ତେଣୁ ମୁଁ ତା' ବାପାଙ୍କୁ ମାମୁଁ ଡାକେ । ହରିଜନ ସାହିରେ ସବୁ ମୂର୍ଖ ମେଳରେ ଇଚ୍ଛାବତୀ ମାଇନର ପଢୁଥାଏ । ତାଙ୍କ ଘରର ଚାଲିଚଳଣ ଟିକେ ଅଲଗା । ସେ ପୁଣି ଗେଲବସର ।

Digitized by PPRACHIN, SOA

ଆମେ ଦୁହେଁ ୭ମ ଶ୍ରେଣୀରେ ପଢୁଥାଉ । ସେତେବେଳକୁ ବର୍ଷେ ହେଲା ଇଚ୍ଛାର ବାପା ନିଜ ଜାତିର ୧୬/୧୭ ବର୍ଷର ଗୋଟିଏ କିଶୋରକୁ ଘରେ ରଖି ଥାଆନ୍ତି । ଉଦ୍ଦେଶ୍ୟ ଘର ଜୁଆଇଁ କରିବେ । ଗରିବ ଘର ପିଲା, ତାକୁ ଘରେ ରଖି ଶିଖାଇ ବୁଝାଇ ନିଜ ଧନ୍ଦାରେ ପୂରାଇବେ । ନାଁ ତା'ର ପରମା । ଅଥଚ ପରମାର ଛାଇ ପଡ଼ିଲେ ଇଚ୍ଛାର ନାହିଁ ଡ଼ିଏଁ । ନାଆଁ ଶୁଣିଲେ ଚିଡ଼େ । ଦେଖିବ, ତାକୁ କିଏ ବାହାହବ-ଯେ ହେଲା ଇଚ୍ଛାର ପଣ । କିନ୍ତୁ ୭ମ ଶ୍ରେଣୀ ବେଳକୁ ତା'ର ଅନିଚ୍ଛାକୁ ଭ୍ରୂକ୍ଷେପ ନକରି ତା' ବାପା ବିଭାଘର ତିଥି ସ୍ଥିର କଲେ । ବିଭାଘର ଦିନ ମୋ ବୋଉ ମୋ ହାତରେ ଇଚ୍ଛା ପାଇଁ ଦୁଇ ପଟ ରୂପାଖଡ଼ୁ ଦେଇ ପଠାଇଲା । ମୁଁ ଗଲାବେଳକୁ ଇଚ୍ଛା ତାଙ୍କ ବାଡ଼ିପଟ କୂଅ ଚଉତରା ମୂଳେ ବଉଳପାଟ ପିନ୍ଧି ବସିଛି । ଯଦିଓ କାନ୍ଦୁନାହିଁ, ତେବେ ମୁହଁଟା ଏଡ଼େ ବଡ଼ ହାଣ୍ଡି କରିଚି । ମୋ ହାତରୁ ଉପହାରଟି ନେଲା । କିନ୍ତୁ ପିନ୍ଧିଲା ନାହିଁ । ବାଜା ବାଜୁଥାଏ, ତାଙ୍କ ରୀତିରେ ବିଭାଘର ଚାଲିଥାଏ । ମାଈଁ ମତେ ବାଧ୍ୟକରି ମିଠେଇ ଖୁଆଇଲେ । ସେତେବେଳେ, ଆମର ବ୍ରାହ୍ମଣ ଘର ହେଲେ ବି କଦଳୀ କି ଦୁଧ ଗିନାଏ ତାଙ୍କ ଘରେ ଖାଇବାକୁ ମୋତେ ବାରଣ ନଥିଲା । ଇଚ୍ଛାର ପାଠ ସେଇଠି ବନ୍ଦ ହେଲା । ସେ ଆଉ ସ୍କୁଲ ଗଲା ନାହିଁ କି ତା' ସହିତ ମୋର ଆଉ ପ୍ରତିଦିନ ଦେଖା ହୋଇ ପାରିଲା ନାହିଁ ।

ଶୁଣିଲି ଇଚ୍ଛାର ତା'ବର ସହିତ ଗୋଟିଏ ଦିନ ବି ପଡ଼ିଲା ନାହିଁ । ଇଚ୍ଛା ବର ମୁହଁକୁ ଚାହିଁଲା ନାହିଁ । ପରମା ବିଚରା ୭ମ ଶ୍ରେଣୀ ଯାଏ ପଢ଼ିଥିଲା । ଇଚ୍ଛା -୭ମ ଶ୍ରେଣୀଯାଏ ପଢ଼ିଚି । ଏମିତି ବର୍ଷଟାଏ ଛି ଛାକର ଭିତରେ, ପରମା ପଳାଇଲା, ଇଚ୍ଛା ଆଶ୍ୱସ୍ତ ହେଲା । ଏଣେ ଗାଁରେ ହରିଜନ ଘରେ ୭ମ ପଢ଼ିଥିବା ଝିଅ ବାପା ମା' ପାଖରେ କେତେଦିନ ରହିବ ? ନିଜ ବାପା ପ୍ରଶ୍ନରେ ଇଚ୍ଛା କହିଲା, "ନିହାତି ମାଟ୍ରିକ ପାସ୍, ଚାକିରି ବାଲା ବିଭାହେବି, ନହେଲେ ନାହିଁ ।"

ମୁଁ ୟା ଭିତରେ ହାଇସ୍କୁଲ ଶେଷ କରି କଲେଜ ଆସିଲି । ଗାଁ ଛାଡ଼ି ହଷ୍ଟେଲରେ କଟକରେ ରହିଲି । ଶୁଣିଲି ପାଖ ଗାଁରେ ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକଙ୍କୁ ଇଚ୍ଛା ବିଭା ହେଇଚି । ସେ ଶିକ୍ଷକଟିର ପ୍ରଥମ ସ୍ତ୍ରୀ ହଇଜାରେ ମରିଥିଲା - ଅଳ୍ପ ବୟସ ନିଃସନ୍ତାନ ସେ ଥିଲା । ତାକୁ ବିଭାହୋଇ ଇଚ୍ଛା ଭଲରେ ଘର ଦ୍ୱାର କରି ରହିଲା ।

ଇଚ୍ଛାର ଧୈର୍ଯ୍ୟ ଓ ସାହସ ତଥା ଆତ୍ମବିଶ୍ୱାସ ମତେ ଖୁବ୍ ନିଆରା ଲାଗିଥିଲା । ସେ ସମାଜର ଅନୁମୋଦନ ବାହାରେ ଏସବୁ କରିପାରିଲା । ତାଙ୍କ ଜାତିରେ ସେପରି

Digitized by PPRACHIN, SOA

ଚଳିଲା । ଆମ ସମାଜର କଟକଣା ବହୁତ । ଲୋକନିନ୍ଦାକୁ ଡର । ଆମେ ନିଆଁରେ ପୋଡ଼ି ମରିବୁ ପଛେ ଜଳନ୍ତା ଲୁଗାଟା କାଢ଼ି ଫିଙ୍ଗି ଦେଇ ପାରିବୁ ନାହିଁ । ଏଇଟା ଆମର ଆଭିଜାତ୍ୟ । ତଥାପି ଅଳ୍ପ ବୟସର ଝିଅଙ୍କୁ, ଆତ୍ମବିଶ୍ୱାସ ନଥିବା ଝିଅଙ୍କୁ ବେଳେବେଳେ ବହୁତ ଭୋଗିବାକୁ ପଡ଼େ । ଏଥିରେ ବାପା ମା'ମାନଙ୍କ ଭୂମିକା ମଧ୍ୟ ରହିଛି । ପୁଣି ମାଆମାନଙ୍କ ଭୂମିକା ଗୁରୁତର । ଏ ସଭ୍ୟ ଯୁଗରେ ଝିଅଟିଏ ପରିସ୍ଥିତିର ଯୂପକାଠରେ ବଳି ପଡ଼ିବା ଭଳି ଲଜ୍ଜାଜନକ କଥା କିଛି ନାହିଁ । ରୁଚି ଅନୁରୂପ ବିବାହ ନହେଲା ତ ଛାଡ଼ି ପଳେଇ ଆସିବାକୁ କେହି କହୁନାହିଁ । କାରଣ ଧୈର୍ଯ୍ୟ ସହନଶୀଳତା ଓ ଆତ୍ମତ୍ୟାଗ ଉପରେ ହିଁ ବିବାହ ଅନୁଷ୍ଠାନଟି ପ୍ରତିଷ୍ଠିତ । ଯଥାସମ୍ଭବ ଏହାକୁ ଗ୍ରହଣ କରିବାକୁ ହେବ; ସ୍ୱାମୀ ଓ ସ୍ତ୍ରୀ ଉଭୟେ ଏହି ଅନୁଷ୍ଠାନର ମର୍ଯ୍ୟାଦା ରକ୍ଷା କରିବା କଥା । ଯଦି ସାଧ୍ୟମତେ ଚେଷ୍ଟା କରିବା ସତ୍ତ୍ୱେ ଏହା ଭାଙ୍ଗିପଡ଼ିଲା, ତେବେ ଏଥିରେ ଲଜ୍ଜିତ ହେବାର କିଛି ନାହିଁ । ଜୀବନ ଖୁବ୍ ଦୁର୍ଲଭ ଓ ବିଚିତ୍ର । ତାକୁ ଅସ୍ୱୀକାର କରାନଯାଉ କୌଣସିମତେ ।

ସୁଜାତାର ଝିଅ ପାଠ ପଢୁ । ଚାକିରି କରୁ । ହୁଏତ କାଲି ସକାଳେ ମନୋମତ କୌଣସି ଯୁବକକୁ ବିବାହ କରୁ । ନ ହେଲେ ବା ଆତ୍ମନିର୍ଭରଶୀଳ ହୋଇ ବଞ୍ଚିରହୁ । ତା' ବାପା ମା'ଙ୍କ ମୁହଁରେ ଆଶା ଓ ହସ ଫୁଟିଉଠୁ । ଆମେ ଏଇଆ ମନାସୁଥିଲୁ ।

●

Digitized by PPRACHIN, SOA

"ମରିଯାଅ ପଛକେ..."

(ସତ୍ୟଘଟଣା ଉପରେ ଆଧାରିତ)

ଜେଲ୍ ଭିତରେ ତିନିଜଣ ମହିଳା କଏଦୀ–ରେଲିଂ ଧରି ଠିଆ ହୋଇ ଅନାଇଛନ୍ତି । ଖବରକାଗଜ ଫଟୋ ଛାପିଛି, ସେମାନଙ୍କର ଅପରାଧ ଗୁରୁତର– ସେମାନେ ସ୍ୱାମୀହତ୍ୟା କରିଛନ୍ତି । ବୟାନ ଦେଇଛନ୍ତି । ନିଜ କର୍ମ ସପକ୍ଷରେ କିଛି କିଛି କହିଛନ୍ତି– ଯାହା ହେଲେ ବି । ଅବଳା, ଦୁର୍ବଳା,– ମା' ଧରିତ୍ରୀ ପରି ସହଣିକ ହେବେ ନାଁ- ହତ୍ୟାକରି ଆତତାୟୀ ସାଜିବେ; ପତିହନ୍ତା । କବିବର ରାଧାନାଥ ରାୟ ସେଦିନ କାମୁକ ପତିକୁ ପତ୍ନୀ (ରାଣୀ)ଙ୍କ ଦ୍ୱାରା ହତ୍ୟା କରାଇଥିଲେ ବୋଲି କି ଯେ କୁତ୍ସାର ଶିକାର ହୋଇଥିଲେ । ମାରିବ । କେବଳ ସ୍ୱାମୀ-ମାରିପାରିବ ସେ ସ୍ତ୍ରୀକୁ । ହାତରେ ନହେଲେ ଭାତରେ ମାରିବ । ନିଷ୍ଠୁର ବ୍ୟବହାର, ମାନସିକ ଅଶାନ୍ତି । ଖାଦ୍ୟପେୟ କଟକଣା ଦ୍ୱାରା ମାରିବ, ନହେଲେ ପଟିପିଟି ମାରିବ । ତିଅଣ ଲୁଣିଆଁ ହେଲା, ଭାତରନ୍ଧା ହେଲାନାହିଁ, ମଦପିଇବାକୁ ବାରଣ କଲା । ଛାର ମାଇକିନାଟେ, ଏତେ ଦର୍ପ । କଟୁରି, କୁରାଢ଼ି, ପଥର ଯାହା ହାତରେ ପଡ଼ିଲା, ଚୋଟମାର । ମଲେ ମରିଯାଉ ସେ ।

ବଙ୍ଗଳାରେ ପ୍ରବାଦ ଅଛି– "ସ୍ତ୍ରୀଲୋକ ମରିପୋଡ଼ା ହେଲେ, ତାର ଯେଉଁ ଧୂଆଁ ଉଠେ, ସେଥିରେ ତାର ଯଶ ଚାରିଆଡ଼େ ବ୍ୟାପିଯାଏ ।" ତେଣୁ ସବୁକିଛି ସହିଯାଅ, ମର, ପୋଡ଼ାହୁଅ, ସମସ୍ତଙ୍କ ମନନିଅ, ଦାଉସମ୍ଭାଳ, ଅଶାନ୍ତି ଭୋଗ, ଅବହେଳା ଅପମାନରେ ରୋଗ ଭୋଗ, ସରିଯାଅ- ତେବେ ତୁମେ ଯଶସ୍ୱିନୀ ହେବ । ନଚେତ୍ କୁଳଟା, ବ୍ୟଭିଚାରିଣୀ, ଉଦ୍ଧତ, ନିର୍ଲଜ୍ଜୀ, ହିଂସୁକୀ । ବଡ଼ ବଡ଼ ଲେଖକ କବି କହିଛନ୍ତି "Envy, thy name is woman" ପୁରୁଷ ଗଣ ଲେଖନୀଚାଳନାରେ ଦକ୍ଷ- କହିଗଲେ । ନାରୀ କିଛି କହିପାରି ନାହିଁ । ସମସ୍ତଙ୍କ ମନ ନେଉନେଉ, ଦାଉ ସହୁସହୁ, ପିଲାଜନ୍ମ କରି ପାଳୁପାଳୁ ତା'ର ଆୟୁଷ ସରିଯାଇଛି ।

ତେବେ, ଯୁଗ ବଦଳିଛି । ବିଶେଷକରି ଆମ ଭାରତବର୍ଷରେ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଜ ନାରୀପ୍ରତି କିଛିଟା କୋହଳ ହୋଇଛି । ନାରୀ ନିଜେ

Digitized by PPRACHIN, SOA

ମଧ୍ୟ ତାର ବ୍ୟକ୍ତିତ୍ୱ ପ୍ରତି କିଛିଟା ସଚେତନ ହୋଇଉଠିଛି । ଯେଉଁ ତିନିଜଣ କଏଦୀଙ୍କ କଥା ଉପରେ କହିଗଲି, ପାଠକେ, ଆପଣମାନେ ସମସ୍ତେ ପ୍ରାୟ ସେମାନଙ୍କ ବିଷୟରେ ଅବଗତ ଥିବେ । ଜଣେ ସଦ୍ୟବିବାହିତା ୧୭ବର୍ଷୀୟା ଝିଅ, ଅନ୍ୟଦୁଇ ଜଣ ୨୫/୩୦ବର୍ଷୀୟା ତରୁଣୀ, ଉଭୟେ ଗୋଟିଏ ଦୁଇଟି ସନ୍ତାନର ମାତା । ଜଣେ ସ୍ୱାମୀର ପ୍ରଚୁର ମଦ୍ୟପାନ, ଅବହେଳା ଓ ଅତ୍ୟାଚାର ହେତୁ, ଅନ୍ୟଜଣେ ସ୍ୱାମୀର ଅନ୍ୟନାରୀ ସଂସର୍ଗ ହେତୁ କ୍ରୋଧବଶତଃ ପତିହତ୍ୟା କରିଛନ୍ତି । ହେଲେ ତୃତୀୟ ଜଣକ ?

୧୭ବର୍ଷର କିଶୋରୀ ରେଣୁକା, ସୁନ୍ଦରୀ ସ୍ୱାସ୍ଥବତୀ ଥିଲାଘରର ଝିଅ ଓ ବୋହୂ । ବିବାହର ୪ଦିନପରେ ମଧୁଶଯ୍ୟାର ପର ରାତିରେ ସେ ସ୍ୱାମୀଙ୍କୁ ହତ୍ୟା କରିଛି । ସେ ବୟାନ କରିଛି ସବୁକିଛି । ମଧ୍ୟଶଯ୍ୟା ରାତିରେ ସ୍ୱାମୀ ଯଥାରୀତି ତାକୁ ବିବସ୍ତ୍ର କରିଛି- ତା'ପରେ ପ୍ରହାର କରିଛି । ପରେ କିରୋସିନି ଛିଞ୍ଚି ଦେଇଛି, ତା' ଦେହରେ ନିଆଁ ଧରାଇବାକୁ ବସିଛି । ପର ରାତିରେ, ସ୍ୱାମୀର ସାକ୍ଷାତ୍‌ରେ ସେ ଅତର୍ଚ୍ଛ । ପ୍ରଥମ ସମ୍ଭାଷଣରେ ସ୍ୱାମୀ କୁମ୍ଭୀର ଚମଡ଼ାର ବେଲ୍‌ଟରେ ତାକୁ ପିଟିଛି । ଏମିତି ହେଇଥିବ ରେଣୁକାର ଅବସ୍ଥା-ସାହସକରି ବେଲ୍‌ଟକୁ ଛଡ଼ାଇ ଆଣି ସ୍ୱାମୀର ଗଳାରେ ଗୁଡ଼ାଇ ଚାପି ଧରିଥିବ ସେ । ସ୍ୱାମୀ ହୁଏତ ଭାବିପାରି ନଥିବ ଯେ ଏହି ସ୍ତ୍ରୀଲୋକଟା ଏତେ ସାହସ କରିପାରିବ । ବଳ ପାଇବ କୁଆଡୁ- ନାଁ ଦେହବଳ, ନା ମନବଳ, ପତି ଯେ ପରମେଶ୍ୱର । ପ୍ରକୃତରେ ଦେହବଳରେ କମ୍ ହୋଇପାରେ ନାରୀଟି, କିନ୍ତୁ ମନବଳ ତା'ର ଅମାପ । ରୁନୁ, ମୁଁ କଥା ହଉଥିଲୁ, ତାର ମୋର ଦେଖାହୁଏ ମଝିରେ ମଝିରେ । ନହେଲେ ଟେଲିଫୋନ୍‌ରେ ବିଲ୍ ବଢ଼େ, କଥାସରେ ନାହିଁ । ମନର ଆବେଗ, ପ୍ରତିବାଦ, ଆକୁଳତା ବେଳେବେଳେ ଖୋଲି ନ ଧରିଲେ ଛଟପଟ ଲାଗେ । ୧୭ବର୍ଷର ଝିଅ, କିଭଳି ସତେଜ ନଥିବ ତା'ର ସ୍ୱପ୍ନ । ପ୍ରଥମ ରାତିରେ ସ୍ୱାମୀର ଆଦର ସୋହାଗ ତ ତାର ପ୍ରାପ୍ୟ । ପରେ ହୁଏତ ସଂସାର ଦାଢ଼ରେ କେବେ, କେବେ ଅବା କାମୁକ ପତିର ଅବହେଳାରେ ସେ ସୋହାଗ ଖଣ୍ଡ ଖଣ୍ଡ ଭାଙ୍ଗି ଚୂନା ହୋଇ ଧୂଳିସାତ୍ ହୋଇଥାଏ । ତେବେ, ହନିମୁନ୍ କଥାତ ନିଆରା । ରୁନୁ ସାବାସ୍ ଦେଲା-ରେଣୁକାର ଦୃଢ଼ତା ଓ ସାହସକୁ ଧନ୍ୟଧନ୍ୟ କଲା । ପ୍ରତିରୋଧ ତ କଲା । ମାରିଦେଲା, ଜେଲ୍ ଭୋଗିଲା । ପାଟି ବୁଜି ମରିଗଲା ନାହିଁତ ! ମୋ ମତ ଅବଶ୍ୟ କିଛିଟା ଭିନ୍ନ-ଅନ୍ୟ ପ୍ରକାରେ ବି ପ୍ରତିବାଦ କରାଯାଇ ପାରନ୍ତା, ହତ୍ୟା କରିବାକୁ ପଡନ୍ତା ନାହିଁ । କିନ୍ତୁ ସେଥିପାଇଁ ପ୍ରସ୍ତୁତି

Digitized by PPRACHIN, SOA

ଦରକାର ହୁଅନ୍ତା । ଏ କ୍ଷେତ୍ରରେ ରେଣୁକାପାଇଁ ସମୟ କାହିଁ–ଗୋଟିଏ ମାତ୍ର ଦିନ-୨୪ ଘଣ୍ଟା, ମାର ଅବା ମର ।

ସମାଜ ବୁଝିବ ନାହିଁ । ସମାଜ କଥା ପଛକୁ ଥାଉ । ସମାଜ କାହାକୁ ବା ବୁଝେ ? ଅନାହାରରେ ମରୁଥିବା ଲୋକକୁ ଅନ୍ନ ମୁଠିଏ ଦେଇପାରେ ନାଁ ନିର୍ଯାତିତା ନାରୀକୁ ତାର ମର୍ଯ୍ୟାଦା ଫେରାଇ ଦେବାର ପ୍ରୟାସ କରେ ? ଏ ଦିଗରେ ସମାଜ ଯଦିବା କିଛି କରେ, ତାହା ନଗଣ୍ୟ । ପ୍ରକୃତରେ ବିବାହ ନାରୀ ଓ ପୁରୁଷଙ୍କୁ ନିକଟବର୍ତ୍ତୀ କରାଏ, ଶରୀର କ୍ଷେତ୍ରରେ ଶତକଡ଼ା ଶହେ ସନ୍ନିକଟକୁ ଆଣେ । ନାନା ପ୍ରକାର ପାଗଳାମି, ବିକୃତ ମାନସିକତା ଓ ଔଦ୍ଧତ୍ୟ ନେଇ ବଢ଼ିଥିବା ପୁରୁଷ ସହିତ ନାରୀଟି ରାତ୍ରିଯାପନ କରେ । ସ୍ୱାମୀ ସତ୍ ସ୍ୱଭାବର ବା ସାଧାରଣ ହେଲେତ ଚଳିଯାଏ । କିନ୍ତୁ ନାନାଦି ନିଷ୍ଠୁରତା, ସ୍ୱେଚ୍ଛାଚାର ଓ ବିଚାରର ବଶବର୍ତ୍ତୀ ହୋଇଥିଲେ, ଜୀବନ ଦୁର୍ବିଷହ ହୋଇଉଠେ । ପରିବାର ଓ ସମାଜ କେହି ବୁଝନ୍ତି ନାହିଁ । ସହଜେ ପୁରୁଷଟିର ଶାରୀରିକ ଶକ୍ତି ଅଧିକ । ଏପରିସ୍ଥଳେ ସ୍ୱାମୀର ଆସୁରିକତାକୁ ସ୍ତ୍ରୀ କି' ପ୍ରତିକାର କରିପାରିବ ? ଏହି ଆସୁରିକତାର ସ୍ୱରୂପ ଯେ ନାନାବିଧ । ଭୁକ୍ତଭୋଗୀ ବ୍ୟତୀତ ଅନ୍ୟକେହି ଜାଣିପାରିବେ ନାହିଁ-କାହାକୁ ବୁଝାଇ ମଧ୍ୟ ହେବ ନାହିଁ । ଏକଦା, ମୋ ପଡ଼ିଶାଘରେ ଜଣେ ଇଂଜିନିୟର ଭଡ଼ାରେ ରହୁଥିଲେ । ତାଙ୍କ ପତ୍ନୀ ଅଧ୍ୟାପିକା, ଗୋଟିଏ ପୁଅର ମା', କିନ୍ତୁ ପ୍ରାୟ ୪ବର୍ଷ ହେବ ସେ ଦୂରସ୍ଥ ବାପଘରେ ରହି ସରକାରୀ କଲେଜରେ ଚାକିରି କରୁଥାନ୍ତି । ସେ, ଶ୍ୱଶୁର, ସ୍ୱାମୀ ମୁହଁ ଚାହିଁବେ ନାହିଁ । ଅଳ୍ପ ବୟସ୍କା ସ୍ତ୍ରୀ, ଅବଶ୍ୟ ଛାଡ଼ପତ୍ର ଦେଇନାହାନ୍ତି । ବଡ଼ ଅଦ୍ଭୁତ ଘଟଣା । କିନ୍ତୁ ଇଂଜିନିୟର ଜଣକ ସ୍ତ୍ରୀକୁ ବଦନାମ୍ ଦିଅନ୍ତି ନାହିଁ । ସ୍ତ୍ରୀ ଓ ସ୍ୱାମୀଙ୍କ ଅମେଳ ହେଲେ ସାଧାରଣତଃ ସ୍ୱାମୀମାନେ ମିଥ୍ୟାପବାଦ ଦିଅନ୍ତି । କିନ୍ତୁ ଇଂଜିନିୟ ସ୍ୱୀକାର କରନ୍ତି ଯେ ପ୍ରତ୍ୟେକଥର ଶରୀର ସଂଭୋଗ ପରେ ସେ ପତ୍ନୀଙ୍କୁ ଭୀଷଣ ପ୍ରହାର କରନ୍ତି । ତାଙ୍କର କ'ଣ ହୁଏ କେଜାଣି, ସେ ନିଜେ ବୁଝି ପାରନ୍ତି ନାହିଁ । ପ୍ରଥମ କିଛି ମାସ ପରେ ତାଙ୍କର ଏତାଦୃଶ ଅପରିବର୍ତ୍ତିତ ମନୋଭାବକୁ ବୁଝି ତାଙ୍କର ସ୍ୱାବଲମ୍ବିନୀ, ଶିକ୍ଷିତା ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରିଛି ।

ଏହି ପରିପ୍ରେକ୍ଷୀରେ ରୁନୁ ତାର ଜଣେ ବାନ୍ଧବୀଙ୍କ କଥା କହୁଥିଲା । ସେ ମଧ୍ୟ ଥିଲେ ଅଧ୍ୟାପିକା । ଜଣେ ଅଧ୍ୟାପକଙ୍କୁ ପ୍ରେମ ବିବାହ କରିବେ ବୋଲି କଥାଥିଲା । ଥରେ ନିରୋଳାରେ ପ୍ରେମିକଙ୍କ ସହ ସମୟ ବିତାଇବା ଅବସରରେ ସେ ବିଚାରୀ ନିଜ

Digitized by PPRACHIN, SOA

ଗାଲ, ଛାତି, ଜଂଘ ଆଦିରେ ସିଗାରେଟ୍ ଚେଂକ ଖାଇଥିଲେ । ଏହାପରେ ସେ ପ୍ରେମିକଙ୍କୁ ତ ଛାଡ଼ିଲେ, ଆଉ ବିବାହ ମଧ୍ୟ କଲେ ନାହିଁ । ମିଛପରି ମନେହେଲେ ବି ଏହା ନଗ୍ନସତ୍ୟ । ଆଜିକାଲି ସିନେମାରେ ବି ଏହିପରି ଦେଖିବାକୁ ମିଳୁଛି ।

ଏ ପ୍ରସଂଗରେ ଗୋଟିଏ କଥା ମୋ ନାନୀଙ୍କଠାରୁ ଶୁଣିଥିଲି । ଆଜି ଘଟଣାକ୍ରମରେ ସବୁ ଗୁନ୍ଥିହୋଇ ଯାଉଛନ୍ତି । ନାନୀଙ୍କ ପ୍ରିୟ ସାଙ୍ଗଙ୍କ ଝିଅ ଅଧ୍ୟାପିକା, ତା'ର ଦୁଇଟି ପିଲା । ଜ୍ୱାଇଁ ଦିବ୍ୟସୁନ୍ଦର, ଦିଲ୍ଲୀ ୟୁନିଭରସିଟିରୁ ଶିକ୍ଷାପ୍ରାପ୍ତ, ଅଥଚ ଡ୍ରଗ୍‌ସ୍ ସେବନକାରୀ, ସ୍ତ୍ରୀଟି ଦୁଇଟି ସନ୍ତାନପରେ ସ୍ୱାମୀଠାରୁ ଦୂରେଇ ବାପଘରେ ରହିଛି । ଛାଡ଼ପତ୍ର ଦେଇନାହିଁ ଯଦିଓ । ଖାଲି ଡ୍ରଗ୍ ଆଡ଼ିକ୍ଟ ହୋଇଥିଲେ ବି କିଛି ଚେଷ୍ଟା କରାଯାଇ ପାରନ୍ତା । ମାତ୍ର ବିକାର ବହୁବିଧ । ନାନାଦି ବିକୃତ ଉପାୟରେ ଯୌନ ସଂଭୋଗ ପାଇଁ ସ୍ତ୍ରୀକୁ ସେ ବାଧ୍ୟକରେ । ଅତ୍ୟନ୍ତ କୁତ୍ସିତ ଘଟଣା । ଏହି ତରୁଣଟି ନିଜ ଛାତ ଉପରେ ମଳତ୍ୟାଗ କରେ । ମଳ ଶଖିଯିବାପରେ ଚକୋଲେଟ୍ ଜରିରେ ଏହାକୁ ଗୁଡ଼ାଇ ସ୍ତ୍ରୀ ଓ ପିଲାଙ୍କୁ ଖାଇବାକୁ ଦିଏ । ବିଶ୍ୱାସଯୋଗ୍ୟ ନୁହେଁ । କାହାକୁ ପ୍ରମାଣସହ ଦେଖାଇବା ବି କଷ୍ଟକର । ଏପରି ଲୋକ ସହିତ, ଘର କରିହେବନା ସୁସ୍ଥ ସନ୍ତାନଙ୍କୁ ପରିପାଳନ କରିହେବ ?

ଆମ ସମାଜ ଏସବୁ ବୁଝେନାହିଁ । ସ୍ତ୍ରୀ ଯଦି ଅଲଗା ହେଲା, ନିଶ୍ଚୟ ସ୍ତ୍ରୀର ଦୋଷ, ସେ ସର୍ବଂସହା ନ ହେଲା କହିଁକି ? ହୁଏତ ଚରିତ୍ର ଦୋଷ ବି ଥାଇପାରେ । କେହି ବିଚାର କରେନାହିଁ, ନାରୀଟି ବିବାହ ପରେ ପୁଣି ବିବାହକୁ ଅସ୍ୱୀକାର କରିବାରେ କି ଗୁରୁତର କାରଣ ରହିଛି-ଯାହା ସେ କହିପାରୁନାହିଁ କି ସହି ମଧ୍ୟ ପାରୁନାହିଁ । ଯେଉଁଠି ବାପ' ମା ଝିଅପ୍ରତି ସହାନୁଭୂତିଶୀଳ, ସେଠାରେ ହୁଏତ ଝିଅଟି ବଂଚି ଯାଏ । ନଚେତ୍ ଆତ୍ମହତ୍ୟା ପଥକୁ ବାଛି ନିଏ । ପରିସ୍ଥିତି ପ୍ରତିକୂଳ ହେଲେ ନାରୀଟିଏ ଖୁଣୀ ସାଜିବା ସ୍ପୃହଣୀୟ ଅବଶ୍ୟ ନୁହେଁ । ଖୁବ୍ ସତର୍କତା ଅବଲମ୍ବନ କରି ପରିସ୍ଥିତିର ମୁକାବିଲା କରିବାକୁ ହେବ ତାକୁ । ଘର ହେବ ରଣକ୍ଷେତ୍ର—ସ୍ୱାମୀ ପାଲଟିବ ନିକଟତମ ଶତ୍ରୁ । ଏଥିରୁ ତ୍ରାହି ପାଇବାର ଉପାୟ କ'ଣ ? ଧୈର୍ଯ୍ୟ, ସହନଶୀଳତା ଓ ଆତ୍ମନିର୍ଭରଶୀଳତା ଅସ୍ତ୍ର ମାତ୍ର ହୋଇପାରେ । ପାଠକେ, ଅନ୍ୟପନ୍ଥା କ'ଣ ହୋଇପାରେ ବୋଲି ଆପଣ ଭାବୁଛନ୍ତି ?

●

Digitized by PPRACHIN, SOA

ଜ୍ୟୋତିଷ୍ମତୀ ନିର୍ଭୟା

ତୋ ଜାବରୁ ମୁଁ ମୁକୁଳି ପାରିଲି ନାହିଁ । ଦିନ ଦିନ ରାତିରାତି ମନକୁ ଖସେଇ ନେଇ ଯିବାକୁ ଯେତେ କଦର୍ କଲି, ତୁ ସେତେ ସେତେ ତୋ ଅସଂଭବ ସାହସିକତାର ସ୍ୱରକୁ ମୋ ମନ ଭିତରେ ଲେଖିଦେଲୁ । ମୁଁ କରନ୍ତି କ'ଣ ? ସମାଧାନର ସିଧାସଳଖ ବାଟ ତ ମୋତେ କିଛି ଜଣାନାହିଁ । ଆଜିଠୁଁ ୫୦ବର୍ଷ ତଳେ, ମଫସଲ ଗାଁରେ ନିଛାଟିଆ ଘରେ ମାଆ ପାଖରେ ମୁଁ ବଢ଼ିଥିଲି । ୩ ମାଇଲ୍ ଦୂର ସ୍କୁଲ୍, ଅଧାବାଟ ପାଣି ଭର୍ତ୍ତି କେନାଲ-ଗୋଟେ ପାଖରେ ଧାନ କିଆରୀ ତ ଆର ପାଖରେ, ଲମ୍ୱିଯାଇଛି ପରିବା କିଆରୀ । ରାସ୍ତା ବି ପ୍ରାୟ ନିଛାଟିଆ । ଆଶ୍ଚର୍ଯ୍ୟ ଲାଗେ, ମୁଁ ବର୍ତ୍ତି ଆସିଲି କିପରି ? ସେ କାଳର ମଣଷଙ୍କ ଭିତରେ ଏତେ ପରିମାଣରେ କୁତ୍ସିତ ପ୍ରବୃତ୍ତି ନ ଥିଲା । ଦୁଷ୍କର୍ମ ବିପକ୍ଷରେ ଧର୍ମଭାବ, କରୁଣା ଛିଡ଼ା ହୋଇ ରହିଥିଲା- ଆଜି ? ଆଜି ସାରା ଦେଶରେ ଘରେ, ବାହାରେ, ଝିଅଟିଏ ପାଇଁ ଜଘନ୍ୟତା ଅପେକ୍ଷା କରିଛି । ଝିଅଟିଏ ବାହାରକୁ ଯାଇଛି ଭଲରେ ଫେରିବ କି ନାଁ ଚିନ୍ତାର ବିଷୟ ପାଲଟିଛି । କନ୍ୟାଭ୍ରୃଣ, ଶିଶୁକନ୍ୟା ଓ ବଧୂହତ୍ୟା-ଏସବୁ ଚିରାଚରିତ ପାଲଟି ଗଲାଣି । ଏଥିରୁ ନାରୀମାନେ କେବେ ରକ୍ଷା ପାଇବେ ?

ତୁ ଥିଲୁ ଉଚ୍ଚଶିକ୍ଷିତା, ମର୍ଯ୍ୟାଦା ସଂପନ୍ନ, ସୁଦର୍ଶନା । ସେଦିନ କିନ୍ତୁ ସକାଳୁ ସକାଳୁ ତୋ ଖଟତଳେ, ଦୁର୍ଯ୍ୟୋଗର ଗୋଟେ କୋଇଲାରଂଗର ମାଦଳ ଲୁଚ ରହିଥିଲା । ତୁ ଜାଣି ନ ଥିଲୁ । ସାରାଦିନ ତୋ ପଛେ ପଛେ ସେ ମାଦଳ ଗଡ଼ି ଗଡ଼ି ଚାଲିଥିଲା । ପରିବାରର ଦାୟିତ୍ୱସଂପନ୍ନା ଝିଅଟୁ-ସେଦିନ ଛୁଟିଥିବାରୁ ଅପରାହ୍ନରେ ସିନେମାଗଲୁ । ପିଲାବୟସ, ଅୟସ ଆଡ଼େ଼ ଟିକେତ ପୁଣି ମନ ବଳିବ । ତୋର ଫିଲ୍ମ ସରୁସରୁ ରାତି ସାଢ଼େ ଆଠ । ଶୀତଦିନ, ଦିଲ୍ଲୀ ସହର । ବହୁ ପୂର୍ବରୁ ଅନେକ ଅଭିଜ୍ଞ ଓ ଅଭିଜ୍ଞାଙ୍କ ଠାରୁ ମୁଁ ଶୁଣିଛି ଯେ, ଦିଲ୍ଲୀ ସହରରେ ନାରୀମାନେ ଖୁବ୍ ଅସୁରକ୍ଷିତ । ହଁ, ଯା' ପରେ ତୁ ସିନେମାହଲ୍‌ରୁ ବାହାରିଲୁ । ପୁଣି ସେଇ ଅଦୃଶ୍ୟମାଦଳଟା ତୋ ପଛେ ପଛେ । ଅଟୋରିକ୍ସା କେହି ରାଜି ହେଲେ ନାହିଁ, ତୁ ଘରକୁ ଫେରିବୁ, କେମିତି ? ଅବଶ୍ୟ, ଯୁବ ବନ୍ଧୁଟିଏ ସାଙ୍ଗରେ ଥିଲା- ତା'ର ବନ୍ଧୁତା, ନିଷ୍ପାପରତା

Digitized by PPRACHIN, SOA

ଖୁବ୍ ନିର୍ଭର-ଯୋଗ୍ୟ । ଅନନ୍ୟୋପାୟରେ ତୁମେ ଦୁହେଁ ନିକଟର ବସ୍‌ଷ୍ଟାଣ୍ଡରେ ପହଞ୍ଚିଲ । ଅଟୋଚାଳକମାନେ ଅସୁବିଧା ସମୟରେ ଚାର୍ଜ ବଢ଼ାଇଦିଅନ୍ତି । କିଛି ନିୟମ ମାନନ୍ତି ନାହିଁ । ନିୟମ ଅବଶ୍ୟ ଥାଏ, କାମରେ ଲାଗେନାହିଁ ।

ଶୀତ ସହିତ ଗୋଟେ ଭୟଂକର ପବନ ଉଡ଼ିବୁଲୁଥିଲା, ସେଦିନ ସଂଧ୍ୟାରେ । ତା' ସହିତ, ତୋ ପାଦତଳେ ଗଡ଼ୁଥିବା ମାଦଳର ବୀଭତ୍ସହସ ଲାଗି ରହିଥିଲା । ତୁ ଉଦ୍‌ଗ୍ରୀବ ହୋଇ ପଡୁଥିଲୁ-ବିଳମ୍ବ ହେଲାଣି, ୯ଟା ବାଜିସାରିଲାଣି । ଏତିକିବେଳେ ପହଂଚିଯିବ ଗୋଟେ କଳାକାଚ ଓ ପର୍ଦାରେ ଆବୃତ ଟୁରିଷ୍ଟ ବସ୍ । କଣ୍ଡକ୍ଟର ଡାକ ପକାଇବ "ଆସନ୍ତୁ, ଆପଣଙ୍କ ଘର ? ହଁ ସେଇବାଟେ ଆମେ ଯାଉଛୁ ।" ତୁମେ ଦୁହେଁ ଉଠିଯିବ ସେଇ ବସ୍‌ରେ । କାରଣ ଭିତରେ ଥିବେ ଆଉ ଚାରିଜଣ ଯାତ୍ରୀ । ସେଦିନ ସମୟ ଓ ପରିସ୍ଥିତି ଅନୁକୂଳ ନଥିଲା । ସେ ମାଦଳଟା ଅଟକିଗଲା ବସ୍‌ତଳେ । ସଂଗେ ସଂଗେ ବସ୍‌ର କବାଟ ବନ୍ଦ କରାଗଲା । ତୋ ବନ୍ଧୁଟି କହିଲା, "କାହିଁକି ଦ୍ୱାର ବନ୍ଦ କରୁଛନ୍ତି ? ଆଉ କେହି ଯାତ୍ରୀ ହୁଏତ ଉଠି ପାରନ୍ତି ।" ତାକୁ ବିଦ୍ରୂପ କରାଗଲା । ତୋ ପ୍ରତି ଆରମ୍ଭ ହେଲା ଅଶ୍ଳୀଳ ମନ୍ତବ୍ୟ, ବନ୍ଧୁଟି ପ୍ରତିବାଦକଲା । ବସ୍‌ରେ ଥିବା ଲୁହାରଡ଼ରେ ସେମାନେ ତା' ମୁଣ୍ଡ ଓ ସାରାଦେହରେ ପାହାର ପରେ ପାହାର କଷିଲେ । ବିଚରା ସେ ସଂଜ୍ଞା ହରାଇଲା ଓ ଭଗ୍ନଜାନୁ ହୋଇ ପଡ଼ିଲା । ତୁ ତାକୁ ସହାୟତା କରିବାକୁ ଉଦ୍ୟତ ହେବାରୁ, ତୋତେ ଲୁହାରଡ଼ରେ ପିଟିପିଟି ବସ୍‌ର ଶେଷ ଭାଗକୁ ନେଇଗଲେ ଓ ବିବସ୍ତ୍ର କଲେ । ତୋର ରୀତିମତ ଚିତ୍କାର ଓ ସାହସର ସହିତ ୩ଜଣଙ୍କୁ କାମୁଡ଼ିପକାଇଲୁ ତୁ । ସେ ଅସୁରଙ୍କଠୁଁ ହୀନ ମଦ୍ୟପ ଛଅଜଣଙ୍କ ପାଶବିକତା ତୋତେ ଆହୁରି ସାହସିନୀକରି ତୋଳିଲା । ଦେଢ଼ଘଣ୍ଟା କ'ଣ କମ୍ ସମୟ ! କାମୁଡ଼ାରେ ତୋ ଛାତି ହେଲା ଛିନ୍‌ଭିନ୍, ତୁ ସଂଜ୍ଞା ହରାଇଲୁ । ତା'ପରେ ମଧ୍ୟ ସେ ଦୁଷ୍କୃତକାରୀ କ୍ଷାନ୍ତ ହେଲେ ନାହିଁ । ସେମାନଙ୍କ ଭିତରେ ସବୁଠାରୁ କମ୍ ବୟସ୍କ ଲୋକଟା (ନାବାଳକ ?) ଶେଷରେ ତୋ ଅଭ୍ୟନ୍ତରକୁ ଲୁହାରଡ଼ ଭର୍ତ୍ତିକରି ଉପରକୁ ଉଠାଇ ଦେଲା ଓ ଅନ୍ତବୁଜୁଳାକୁ ବାହାର କରି ଆଣିଲା । ଏ ପୈଶାଚିକ କାଣ୍ଡ ମଣିଷ ପକ୍ଷରେ କିଭଳି ସଂଭବ ହେଲା ? ନାଜୀମାନଙ୍କ ଅତ୍ୟାଚାରଠାରୁ ଯେ ତ ଆହୁରି ବଳିଗଲା । ପୂର୍ବ ପରିଚୟ ବା ଆକ୍ରୋଶ ତ ଏମାନଙ୍କର ତୋ ପ୍ରତି ନଥିଲା । ତୋ ପାଇଁ ଯେ ନାରକୀୟ ଭୋଗାଭୋଗକୁ କେଉଁ ଅପଦେବତା ଖଂଜିଦେଇଥିଲା ?

Digitized by PPRACHIN, SOA

ତେବେ, ତୁ ଭଲ ବନ୍ଧୁଟିଏ ପାଇଥିଲୁ । ସେ ମାରାତ୍ମକ ଭାବେ ଆହତ ହୋଇ ମଧ୍ୟ, ଯେ ନିଷ୍ଠୁର ସହର, ତା' ଜନ ସମାଜ ତଥା ପୁଲିସ୍‌ବ୍ୟବସ୍ଥାର ଅଣହେଳା ସତ୍ତ୍ୱେ, ତୋତେ ହସ୍‌ପିଟାଲ୍‌ରେ ପହଂଚାଇବାର ପ୍ରମୁଖ ଭୂମିକା ଗ୍ରହଣ କଲା । ଏତେ ଯନ୍ତ୍ରଣା, ମରଣାନ୍ତକ ଆଘାତ ଭୋଗିମଧ୍ୟ, ତୋର ବଂଚିରହିବାର ପ୍ରବଳ ଇଚ୍ଛା ରହିଥିଲା । ତୁ ନିଜ ହାତରେ ଲେଖିଦେଲୁ ଦୁଷ୍କୃତକାରୀଙ୍କ ନାମ । ଆଉ ସେଇଥିପାଇଁ ସାରାଦେଶରେ ତୁ ପାଲଟି ଯାଇଛୁ ଆଦର୍ଶନାରୀ । ତୋର ସାହସିକତାର ପୂଜାଚାଲିଛି । ତୋର ବନ୍ଧୁ ମଧ୍ୟ ଜଣେ ଖୁବ୍ ସାହସୀ, ହୃଦୟବାନ୍ ବ୍ୟକ୍ତି । ଦିଲ୍ଲୀର ଡ଼ିସେମ୍ବର ମାସ ମଧ୍ୟରାତ୍ରିର ଶୀତରେ ତୁ ଉଲଗ୍ନ ପଡ଼ିରହିଲୁ ଦୁଇ ଘଣ୍ଟାକାଳ । ଆଶ୍ଚର୍ଯ୍ୟ ତୋ ଜୀବନ ଅଟକିଥିଲା କେମିତି ? ନିଶ୍ଚୟ କୌଣସି ଦୈବୀଶକ୍ତି ତୋ ଭିତରେ ଜାଗ୍ରତ ହୋଇଥିଲା । ତୋ ଲାଗି ସାରାଭାରତର ଜନଗଣଠାରେ ବିଶେଷତଃ ନାରୀମାନଙ୍କଠାରେ, ଏକ ତୀବ୍ର ସଚେତନତା ଜାଗି ଉଠିଲା । ଦୁଷ୍କୃତକାରୀ ତୋ ଯୋଗୁଁ ତତ୍‌କ୍ଷଣାତ୍ ଧରାପଡ଼ିଲେ ଓ ପ୍ରାପ୍ୟଦଣ୍ଡ ପାଇବେ । ଯେ ଦଣ୍ଡ ପ୍ରାଣଦଣ୍ଡ ହେବା ଉଚିତ । ଯେଉଁ ନାବାଳକ(?) ନାରୀ ସହ ଦୁଷ୍କର୍ମ କରେ, ପିଶାଚଠାରୁ ଅଧିକ କ୍ରୂର କାର୍ଯ୍ୟ କରିପାରେ, ସେ ଛଅ ମାସମାତ୍ର ବୟସ କମ୍ ବୋଲି ଖସି ଯାଇପାରିବ ନାହିଁ । ବଂଚିଲେ ସେ ପୁନର୍ବାର ଏହିଭଳି ଦୁଷ୍କର୍ମ ବାରମ୍ବାର ଘଟାଇବ ।

ହେଲେ ବି, ଏ ଭାରତଭୂମିର କନ୍ୟାକୁଳ, ନାରୀକୁଳ ରକ୍ଷା ପାଇବେ କିପରି ? ମର୍ଯ୍ୟାଦା ପାଇବେ କେଉଁ ଉପାୟରେ ? ପ୍ରତିଦିନ ନୂଆ ନୂଆ ଦୁଷ୍କର୍ମର ଖବରମାନ ଦେଶର କୋଣ ଅନୁକୋଣରେ ଘଟିଚାଲିଛି, ଖବର ପ୍ରସାରିତ ହେଉଛି । କୋଟି କୋଟି ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ସଦ୍‌ବୁଦ୍ଧି ଦେବା, ମଣିଷପଣିଆରେ ଦୀକ୍ଷିତ କରିବା, ପ୍ରକୃତରେ କେଉଁ ଆଇନ୍‌ର ସାମର୍ଥ୍ୟଦ୍ୱାରା ସମ୍ଭବ ହେବ ? ମଣିଷ ନିଜଠାରେ ମାନବିକତାର ଉନ୍ମେଷ ଘଟାଇ, ନାରୀକୁ ମାତୃଶକ୍ତି ଭାବିଲେ ହୁଏତ, ତା'ର ହୃଦୟରେ ପରିବର୍ତ୍ତନ ଘଟିବ, ଦୃଷ୍ଟିକୋଣ ସକାରାତ୍ମକ ହେବ, ନାରୀମାନଙ୍କ ପାଇଁ ଏପରି ଭୟଙ୍କର ଜୀବନକୁ ସାମ୍ନାକରିବାର ଅନ୍ତଘଟିବ । ନିର୍ଭୟାଜ୍ୟୋତି, ତୁ ପ୍ରକୃତରେ ତୋର ନାରୀତ୍ୱର ଜ୍ୟୋତି ପ୍ରକଟ କରିଗଲୁ । ତୋ ବ୍ୟକ୍ତିତ୍ୱର ଅମର୍ଯ୍ୟାଦାରେ, ଯନ୍ତ୍ରଣା ଭୋଗରେ ଆମେ କୋଟି କୋଟି ଭାରତୀୟ ସମଭାଗୀ ହୋଇଛୁ । ତୋର ମୃତ୍ୟୁ ନାହିଁ, ତୁ ଅମରୀ । ତୁ ଇତିହାସ ରଚିଗଲୁ ।

●

Digitized by PPRACHIN, SOA

ସୂର୍ଯ୍ୟନେଲ୍ଲିର କିଶୋରୀ

ତୁ କହିଲୁ, ତୋ ନାଆ ନାହିଁ । ତୋର ମୁହଁ ବୋଲି କିଛି ନାହିଁ । ସାଧାରଣ ଘରର ନିରୀହ ଝିଅଟିଏ ତୁ । ତୋ ପ୍ରତି ଆକ୍ଷେପ ହେଉଛି ତୁ କାଳେ 'ବାଳିକା-ଗଣିକା' । କେରଳର 'ଇଡୁକ୍କି' ଜିଲ୍ଲା ସୂର୍ଯ୍ୟନେଲ୍ଲି ଅଞ୍ଚଳର ଝିଅ ତୁ । ତୋ ନାମ ମୁଁ ଜାଣେନା । କିନ୍ତୁ ତୋ ପ୍ରକୃତ ନାମ 'ସୂର୍ଯ୍ୟା' ହେବ । କାରଣ, ସୂର୍ଯ୍ୟପରି ଜଳି ଜଳି କିଶୋରୀରୁ ତରୁଣୀରେ ପରିଣତ ହୋଇଛୁ ସତ, ମାତ୍ର ସାହସର ସ୍ତମ୍ଭଟିଏ ପାଲଟି ଯାଇଛୁ ଶେଷକୁ । ୧୬ବର୍ଷର ଛାତ୍ରୀ ଥିବାବେଳେ ଦିନେ ଅପହୃତା ହୋଇଯାଉ । ଜଣେ ବସ୍ କଣ୍ଡକ୍ଟର ତୋତେ ଅପହରଣ କରେ । ସେ ଆଜିକୁ ୧୭ବର୍ଷ ତଳର ଘଟଣା । ସେହି କଣ୍ଡକ୍ଟର ୩/୪ ଦିନ ତୋ ସହ ଦୁଷ୍କର୍ମ କଲାପରେ, ଗୋଟେ ସେକ୍ସ ରାକେଟ୍ ହାତରେ ଟେକି ଦିଏ । ତାପରେ ସାରା କେରଳର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ସେହି ରାକେଟ୍‌ର ଲୋକେ ତୋ ସହ ଦିନରାତି ଦୁଷ୍କର୍ମ କରି ଚାଲନ୍ତି । ବାପାମାଆ ଭଉଣୀ ପୋଲିସ୍‌କୁ ଫେରାଦ ହେଲେ ବି ତୋ ଖବର ମିଳେ ନାହିଁ । କାରଣ, କ୍ଷମତାପନ୍ନ ଲୋକଙ୍କ ସହଯୋଗ ଥାଏ ।

ବୟାଳିଶ ଦିନ ପରେ ସେମାନେ ତୋତେ ଛାଡ଼ି ଦିଅନ୍ତି । ସେତେବେଳକୁ ତୁ ରୁଗ୍‌ଣା । ହୁଏତ ତୋ ଗର୍ଭପାତ ବି ହୋଇଥାଇପାରେ । ୟା'ପରେ, ତୁ ଯିବୁ କୁଆଡ଼େ ? ତୋର ପରିବାର ଆଦରରେ ତୋତେ କୋଳେଇ ନିଅନ୍ତି । ତୁ ଭାବୁ, ତୁ ବଞ୍ଚିଗଲୁ । ନା', ତା'ହୋଇ ପାରେନା । ଥାନାରେ କେସ୍ ଦାଏର୍ କଲାପରେ, ତୋତେ ସାକ୍ଷ୍ୟ ଦେବାକୁ ପଡ଼ିଲା । ବିଭିନ୍ନ ସ୍ଥାନ ଯୋଉଁଠିକୁ ତୋତେ ଦୁଷ୍କର୍ମ ପାଇଁ ନିଆଯାଇଥିଲା, ସେଠାକୁ ତୋତେ ପୁଣି ନିଆଗଲା । ଯାହା ଯାହା ତୋ ସହିତ ଘଟିଥିଲା, ସବୁର ବୟାନ ବାରମ୍ବାର ଦେବାକୁ ପଡ଼ିଲା । ଚିହ୍ନଟ ପ୍ୟାରେଡ୍‌ରେ ତୁ ୩୩ଜଣଙ୍କୁ ଚିହ୍ନଟ କଲୁ । ତେତିଶ ଜଣଙ୍କୁ ଚିହ୍ନିବା କେଡ଼େ କଷ୍ଟକର ବ୍ୟାପାର ! ତୋ ସହ ଯାହା ହେଲା, ତାର ଟିକିନିଖି ବର୍ଣ୍ଣନା ଦେବା କେତେ ଭୟଙ୍କର ! ଏସବୁ ତୋ ଦେହ ଓ ମନକୁ ଭାରାକ୍ରାନ୍ତ ଓ ବିଷାକ୍ତ କରିଦେଲା । ତୁ ଚାକିରିଟିଏ କରିଥିଲୁ ସତ, ମାତ୍ର ଅସୁସ୍ଥ ହୋଇ ପଡ଼ିଲୁ । ଦୁଷ୍କର୍ମ ସମୟରେ ତୋତେ ବାଡ଼ିଆପିଟା କରାଯାଇଥିଲା, ଅନେକଥର ତୋ ମସ୍ତକରେ

Digitized by PPRACHIN, SOA

ଶକ୍ତ ପଦାଘାତମାନ ଦିଆଯାଇଥିଲା, ଆଜିଯାଏ ମୁଣ୍ଡର ସେ ଆଘାତ କେତେ ଯନ୍ତ୍ରଣା ଦେଉଛି । ସାଙ୍ଗସାଥୀ କିମ୍ବା କୌଣସି ଅଫିସ ଲୋକ ତୋ ସହିତ ମିଶନ୍ତି ନାହିଁ, କଥାବାର୍ତ୍ତା କରନ୍ତି ନାହିଁ । ତୋ ପରିବାର ଲୋକଙ୍କ ବ୍ୟତୀତ କେହି ଅନାନ୍ତି ନାହିଁ । ତୋତେ ରାତିରେ ଭଲ ନିଦ ହୁଏନା, ମୁଣ୍ଡ ବିନ୍ଧେ, ଭୟଙ୍କର ସ୍ୱପ୍ନ ବି ଆସେ । ବଞ୍ଚିଗଲୁ ସିନା, ହେଲେ ଏ ବଞ୍ଚିବା ଜୀବନ୍ତ ମରଣହିଁ । ତୁ ସେଥିପାଇଁ କହିଲୁ 'ନିର୍ଭୟା' ମରିଯାଇଛି ଭଲ ହେଇଛି । ବଞ୍ଚିଥିଲେ ସମାଜ ଯେ ତାକୁ ଭଲରେ ଗ୍ରହଣ କରିଥାନ୍ତା, କିଏ କହିବ ?"

ସୂର୍ଯ୍ୟା, ତୁ ଯାହା କହିଛୁ, ଏକଥା ସତ ନୁହେଁ । ଆମ ସମାଜ ଯେ ବିଗତ ୧୭ବର୍ଷ ଭିତରେ ଆଦୌ ବଦଳି ନାହିଁ, ଏହା କହି ହେବ ନାହିଁ । ଅନ୍ତତଃ 'ନିର୍ଭୟା' ପ୍ରତି ଯେଉଁ ବିପୁଳ ଜନ ସହାନୁଭୂତି ମିଳିଛି, ତାହା ତ ଅଭୂତପୂର୍ବ । ତେବେ ତୋର ଏ ବୟାନ ଖୁବ୍ କରୁଣ । ତୋ ଡାକ୍ତର କହନ୍ତି, "ତୁ ଏତେ ବେଶି ଭାରାକ୍ରାନ୍ତ ହୁଅନା ।" ତୋତେ ହସ ମାଡ଼େ । ସତରେ, ନାରୀ ଜଣେ ତା ଦେହକୁ ନେଇ ମୁଖ୍ୟ ଭାଗ ଜୀବନ ବଞ୍ଚେ । ବୟଃପ୍ରାପ୍ତ ହୁଏ, ପତ୍ନୀ ହୁଏ ମାଆହୁଏ-ତା ଦେହକୁ ସେ ଭୁଲିଯିବ ବା କିପରି ?

ଷୋହଳ ବର୍ଷର ସଦ୍ୟ ଶରୀର ତୋର ଆଜି ୩୩ବର୍ଷରେ ଉପନୀତ । ତଥାପି ତୋର ଯେ ମୁଣ୍ଡବିନ୍ଧା, ଆତ୍ମଗ୍ଲାନି, ଦୁଃସ୍ୱପ୍ନ ସରୁନାହିଁ । ବିଗତ ସମୟରେ ଭୋଗିଥିବା ସେ ଅଭିଶାପକୁ ବର୍ଣ୍ଣନା ନିମନ୍ତେ ତୁ ସେ ଅନ୍ଧାରୀ ଗଳି ଭିତରକୁ ବାରମ୍ବାର ପ୍ରବେଶ କରିବାକୁ ବାଧ୍ୟ ହୋଇଛୁ । ତଥାପି ବିଚାର ସଂପୂର୍ଣ୍ଣ ହେଉନି । ଦୁଷ୍କୃତକାରୀଗଣ ବିଭିନ୍ନ ବାଗରେ ଖସି ଯାଉଛନ୍ତି । ଆମ ଶାସନ ଓ ଆଇନ ବ୍ୟବସ୍ଥା, ଜଣେ ଦୁଷ୍କର୍ମ-ପୀଡ଼ିତା ପ୍ରତି ସହାନୁଭୂତିଶୀଳ ହେବାକୁ ଅସମର୍ଥ କାହିଁକି ? ଆଇନ ଓ ମଣିଷପଣିଆ ଏକ ଓ ଅଭିନ୍ନ ହୋଇପାରୁନାହିଁ । କାହିଁକି ? ନ୍ୟାୟାଧୀଶଗଣ, ଶାସନ ଓ ପୁଲିସ୍ ବ୍ୟବସ୍ଥା କେବେ ସଚେତନ ହେବ ?

ତଥାପି ସବୁ ଅବିଚାରକୁ ପ୍ରତିହତ କରି ତୁ ଯେ ବଞ୍ଚି ରହିପାରିଛୁ, ଏଥିପାଇଁ ତୋର ସାହସକୁ ଧନ୍ୟ କହିବା । ଅଥଚ ତୋର ଆତ୍ମଗ୍ଲାନି ଓ ପରାଜୟବୋଧର ସୀମା ନାହିଁ କାହିଁକି ? ତୋର ଦୋଷ କଅଣ ? ଦଳେ କୁଚକ୍ରୀ, ଯୌନ ନିର୍ଯାତନାକାରୀଙ୍କ ହାବୁଡ଼ରେ ପଡ଼ିଗଲୁ ତୁ । ପ୍ରତିରୋଧ ତୋର, ତୋତେ ରକ୍ଷାକରି ପାରିଲା ନାହିଁ ।

Digitized by PPRACHIN, SOA

ସମାଜର କଟୁଆଳମାନେ ଜାଗ୍ରତ ହେଲେ ନାହିଁ । ଏଥିପାଇଁ, ତୁ କାହିଁକି ନିଜକୁ 'ମମ ଜଣଙ୍କର ଉଚ୍ଛିଷ୍ଟ' ବୋଲି ଧିକ୍କାର କରିବୁ ? 'ଉଚ୍ଛିଷ୍ଟ' କଅଣ ? ଖାଦ୍ୟ ହିଁ 'ଉଚ୍ଛିଷ୍ଟ' ହୋଇପାରେ । ନାରୀ ଶରୀର କ'ଣ ଖାଦ୍ୟ ? ଏଠାରେ 'ଉଚ୍ଛିଷ୍ଟ' ଶବ୍ଦଟି ଆମ ନିଷ୍ଠୁରତା କବଳିତ 'ଭ୍ରାନ୍ତ ବିଚାର' । ନାରୀର ଶରୀର ସୌନ୍ଦର୍ଯ୍ୟ, ମହାନତା ଓ ଅସୀମତାର ଗନ୍ତାଘର । ଅବଶ୍ୟ ସେଥିରେ ଖାଦ୍ୟର ଭଣ୍ଡାର ସଂଚିତ ଥାଏ ନବଜାତକର ପାଇଁ ଅମୃତ ଧାରା ଭାବେ । ପୟସ୍ୱିନୀ ନାରୀ ତାର ସସୀମତାକୁ ପରିହାର କରି ଅସୀମ ହୋଇଯାଏ । ବିଗଳିତ ବରଫ ପରି ତା'ର ଦେହ କ୍ଷୀରସ୍ରାବୀ ହୋଇଥାଏ । ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି ଦିନ୍‌କର ତାଙ୍କ 'ଉର୍ବଶୀ' କାବ୍ୟରେ କହିଛନ୍ତି- 'ଗଲ୍‌ତି ହୈ ହିମଶିଳା / ଗଠନ୍ ଦେହକୀ ଖୋ' କର୍ / ପର ବନ୍‌ଯାତି ଅସୀମ୍ / କିତ୍‌ନି ପୟସ୍ୱିନୀ ହୋକର" । ନାରୀ ଶରୀର ଉଚ୍ଛିଷ୍ଟ ହୋଇପାରେନା । ସୂର୍ଯ୍ୟା, ତୁ ଏହି ବିଶ୍ୱାସ ରଖିବା ନିହାତି ଜରୁରୀ ।

●

Digitized by PPRACHIN, SOA

ଇତିଶ୍ରୀର ଇତିବୃତ୍ତ

ନାଆଁଟି ତା'ର ଇତିଶ୍ରୀ- ହେଇପାରିଥାନ୍ତା ମମତା କି ଶାନ୍ତି । ହୁଏତ ତା'ର ଆଦୌ କୌଣସି ନାମ ହିଁ ନାହିଁ । ଓଡ଼ିଆ ଝିଅ ଗାଉଁଲୀ, ନିମ୍ନ ମଧ୍ୟବିତ୍ତ ପରିବାରର, ୮ଟି ଭାଇଭଉଣୀ ଭିତରୁ ସବା ସାନ । ନାମରେ କ'ଣ ବା ଗୁରୁତ୍ୱ ଅଛି ! କେତେବାର ଦେଖିଲିଣି ମୁଁ ତାକୁ । ପ୍ରାୟ ଶ୍ୟାମଳ ରଙ୍ଗ, ଚେହେରା ମଧୁର, ନମ୍ର ଓ ନିରୀହ ତା'ର ମୁହଁ । ଗୋଟେ ପ୍ରକାର ଦୃଢ଼ତା ଫୁଟିଉଠେ ସେ ନିରୀହତା ଭିତରେ । ତାକୁ ପେଟ୍ରୋଲ, ଢାଳି ପୋଡ଼ିଦିଆଗଲା । ବିଚାରୀଟି ଜାଣିପାରିଲା ନାହିଁ ଯେ, ଉପରିକର ଯୌନଲାଳସାକୁ ପ୍ରତିହତ କଲେ, ଖୋଲାଖୋଲି ପ୍ରତିବାଦ କଲେ ତା'ର ପରିଣାମ କେଉଁପରି । ମାତ୍ର ୪ହଜାର ଟଙ୍କା ଦରମାରେ ଛୋଟପିଲାଙ୍କୁ ପାଠ ପଢ଼ାଉଥିଲା ସେ, ଘରଠୁ ଗୁଡ଼ାଏ ଦୂରରେ, ମାଳ ଅଞ୍ଚଳରେ ପିଲାଏ (ଛାତ୍ରଛାତ୍ରୀମାନେ). ତାକୁ ଭଲ ପାଉଥିଲେ । ସେ ବି ପିଲାମାନଙ୍କୁ ଶ୍ରଦ୍ଧାରେ, ଶିକ୍ଷାଦାନରେ ବଶକରି ରଖିଥିଲା ।

ଉପକୂଳ ଅଞ୍ଚଳର ନିଜଘରୁ ଯାଇ ପାହାଡ଼ପର୍ବତଘେରା ମାଲକରେ ଚାକିରି କରୁଥିଲା । କେତେ ବା ବୟସ ତା'ର! ୨୨-୨୩ ବର୍ଷ ଅବା ହେଇଥିବ । ସ୍କୁଲ ପାଖାପାଖି ଜଣକ ଘରର ବାହାରପଟ ବଖରାଏ ତାକୁ ମିଳିଥାଏ ରହିବା ପାଇଁ । ଏଭଳି ପରିସ୍ଥିତିରେ ମୁଣ୍ଡଟେକି ଛିଡ଼ାହେବାକୁ, ଆତ୍ମନିର୍ଭରଶୀଳ ହେବାକୁ ସଂଘର୍ଷ ଜାରି ରଖିଥିଲା ସେ । ଆର୍ଥିକ ଅନଟନର ଯେ ବିଷମଯୁଗରେ, ଭିଟାମାଟିଠାରୁ ଦୂରରେ ଉପାର୍ଜନକ୍ଷମ ହେବାର ଆଶାପୋଷଣ କରିଥିଲା । ତା'ର ପ୍ରଥମ ଦୋଷଥିଲା ସେ ଯୁବତୀ, ୨ୟ ଦୋଷ ସେ ନିର୍ଭୀକା, ସ୍ୱାଧୀନଚେତା, ପ୍ରତିବାଦପ୍ରବଣା ଝିଅ । ୩ୟ ଦୋଷ ସମାଜ ବ୍ୟବସ୍ଥା ଓ ଶାସନକଳଠାରେ ତା'ର ଅଖଣ୍ଡ ଭରସା ଥିଲା । ବାରବାର ଯୌନଲାଳସାର ପାତ୍ରୀ ହୋଇଥିଲା ସେ । ଡରିଯାଇ ନ ଥିଲା କିନ୍ତୁ । ମନ୍ଦ ଦିଗରେ ପରିଚାଳିତ କରାଇବାକୁ ଉପରିକଙ୍କର ଘନ ଘନ ଇଙ୍ଗିତ ବିରୋଧରେ ସେ ଲିଖିତ ପ୍ରତିବାଦ କରିବାକୁ ଲାଗିଲା- ଏକାଧିକ ବାର । ପୋଲିସ ଥାନା, ଉପରହାକିମ ଓ ମହିଳା କମିଶନଠାରେ ମଧ୍ୟ ଅଭିଯୋଗ କରିଥିଲା ଏକାଧିକ ବାର । ତଥାପି ବୃତ୍ତିଟି ହରାଇବାକୁ ଚାହୁଁ ନଥିଲା । ଭାବିଥିଲା, ନ୍ୟାୟ ବିଚାର ତ ଗୋଟେ ଅଛି ପୁଣି-ନିର୍ଦ୍ଦୋଷଙ୍କ ପାଇଁ କେହିହେଲେ ସୁରକ୍ଷାର ହାତ ବଢ଼ାଇବେ ତ !

Digitized by PPRACHIN, SOA

ଏଣେ ତା'ର ଏଭଳି ଆପତ୍ତି ଅଭିଯୋଗର ଆସ୍ପର୍ଦ୍ଧାରେ ବୁଭୁକ୍ଷୁ ଉପରିକ ଅତିଷ୍ଠ ହୋଇପଡ଼ିଲା । କ୍ରୁଦ୍ଧ ହେଲା । 'ଦେଖ ହୋ ଚାରିହଜାର ଟଙ୍କାର ମୁଣ୍ଡ, କେତେ ବହପ ଦେଖାଉଚି ଯେ ଟୋକୀ ! ପିଠିରେ ପଡ଼ିବାକୁ କେହିନାହିଁ, ତେବେ ବି ଆମ ବିରୋଧରେ ଅଭିଯୋଗ ଉଠାଇ ହୁଲ୍‌ସ୍ଥୁଲ୍ କଲାଣି ।' ଏ ପ୍ରକାର ଗୋପନ ଇଙ୍ଗିତର ସାକ୍ଷୀ ପ୍ରମାଣ ବା ସହଜରେ ମିଳିପାରିବ କୋଉଠି ? ମିଳିଲେ ବି ତାକୁ ଆଇନସମ୍ମତ ଭାବେ ପ୍ରମାଣ କରିପାରିବା କ'ଣ ଇତିଶ୍ରୀ ଭଳି ଝିଅ ପକ୍ଷରେ ସହଜ ! ତଥାପି ଇତିଶ୍ରୀ ଧୈର୍ଯ୍ୟ ହରାଇବା ଝିଅ ନୁହେଁ । ଅଥଚ, ତା' ଗୁହାରି କେହି ଶୁଣିଲେ ନାହିଁ । ଆଡ଼େଇଗଲେ । ଅତ୍ୟାଚାରୀ ଉପାୟ ପାଞ୍ଚିଲା- 'ମୂଳୁ ମାଇଲେ ଯିବ ସରି...' ଦିନେ ମାଳ ଅଞ୍ଚଳର ରାତି ୯ଟା ବେଳ । ବଖୁରିଆ ଘରର ଖଟ ଉପରେ ସେ ଗଡ଼ପଡ଼ ହେଉଛି । ତା' ଉପରେ ପେଟ୍ରୋଲ ଢାଳି ତିନିଜଣ ଲୋକ ନିଆଁ ଧରାଇଦେଲେ, ଜାଳିପକାଇଲେ । ସେଇ ଶୁନ୍‌ଶାନ୍ ନିସ୍ତବ୍ଧ ରାତିରେ ତା' ଚିତ୍କାରର ତୀବ୍ରତାରେ ଚରିଯାଇଥିବ ମାଳଜଙ୍ଗଲର ଅନ୍ଧାର । ପକ୍ଷୀମାନେ ଚମକି ପଡ଼ିଥିବେ ବସା ଭିତରେ । ପଶୁମାନେ ଉଠିପଡ଼ିଥିବେ ନିଦରୁ । ଥରିଉଠିଥିବ ବଣବୁଦା ।

ଇତିଶ୍ରୀ ଆପଣାର ଇଜ୍ଜତ ଉପରେ ଜୁଲମ୍‌ର ପ୍ରତିବାଦ କଲା-ସୁରକ୍ଷା ପ୍ରଦାନକାରୀ ସଂସ୍ଥାଠାରେ ବିଶ୍ୱାସ ରଖିଲା-ଡରିଗଲା ନାହିଁ । କ୍ରୂର ପିଶାଚମାନେ କମ୍ପିଉଠିଲେ । ମାନବ ଦାନବଠାରୁ ଜଘନ୍ୟ ହେବାରେ ବିଳମ୍ବ ହେଲାନାହିଁ । ତାକୁ ସେମାନେ ସଂହାରକଲେ ନାରକୀୟ ଉପାୟରେ । ନିରାଶ୍ରୟାଟା ଏତେ ହଟ୍ଟଗୋଳ କଲା । ଆମଭଳି କ୍ଷମତାପନ୍ନ ବିଶିଷ୍ଟ ଲୋକଙ୍କ ସହ ଟକ୍କର ପକାଉଛି । କ'ଣ ବା କରିବାକୁ କୁହାଗଲା ତାକୁ-ଟିକେ ପାଖେଇ ଆସିବାକୁ...ଯେ ତ ଆମର ହକ୍ । ଚାକିରି ଦେଲୁ । ତା' ଭଲମନ୍ଦ ବୁଝିଥାନ୍ତୁ ଆମେ । ଇତିହାସରେ ନାରକୀୟ କାଣ୍ଡର ଅଭାବ ନାହିଁ-ଆଉ ଗୋଟିଏ ସଂଖ୍ୟା ଯୋଡ଼ାହୋଇଗଲା ସେଥିରେ । ସତୁରି ପ୍ରତିଶତ ପୋଡ଼ିଯାଇଥିବା ଲୋକ କ'ଣ ଆଉ ବଞ୍ଚେ ? ଚିକିତ୍ସା କେବଳ ପ୍ରହସନ । ରୋଗୀକୁ ଯନ୍ତ୍ରଣାରେ ସନ୍ତୁଳି ରଖିବା କଥା । ତା'ର ନିମ୍ନମଧ୍ୟବିତ୍ତ ବାପା ଝିଅ ପାଇଁ ଯଚା ଯାଉଥିବା ସରକାରୀ ସାହାଯ୍ୟକୁ ଅସ୍ୱୀକାର କଲେ ।ନ୍ୟାୟ, ବିଚାର ଦାବ କଲେ । "ଦୋଷୀକୁ ଦଣ୍ଡ ମିଳୁ" ମୁଁ ଚାହେଁ । 'ଟୋଲିଟାଏ ବି ନେବିନି" କହିଲେ । ଏହି ସାହାଯ୍ୟ (ଅର୍ଥପ୍ରଦାନ) କ'ଣ ନାରୀର ମର୍ଯ୍ୟାଦାକୁ ରକ୍ଷାକରିପାରେ ? ସରକାରୀ ସାହାଯ୍ୟକୁ ହୁଏ ତ ଅଭାବୀ ପରିବାରଟି ନାନା ଦିଗରୁ ବିଚାରକରି ଗ୍ରହଣ କରିଥାଏ । 'ଘରପୋଡ଼ିରୁ କୁଟାଖିଅ' ନ୍ୟାୟରେ । ଏଣେ ଅପରାଧୀ ନ୍ୟାୟ ବିଚାର ଫାଙ୍କିଦେଇ

Digitized by PPRACHIN, SOA

ଖସିପଳାଏ । ଉପରୋକ୍ତ ଘଟଣାରେ ଶେଷକୁ ଧରାପଡନ୍ତି ଦୁଇଜଣ ନାବାଳକ, ଯାହାଙ୍କୁ କଠୋର ଦଣ୍ଡ ବିଧାନ କରିବା ଆଇନସମ୍ମତ ନୁହେଁ । କାରଣ ସେମାନେ ଅପ୍ରାପ୍ତବୟସ୍କ । ଆମ ଦେଶରେ ଓ ପୃଥିବୀର ବହୁ ଦେଶରେ ଏହି ପ୍ରକାର ବ୍ୟଭିଚାର ଘଟୁଛି । ଆଇନ ଅଛି, ଅଥଚ ନ୍ୟାୟ ପ୍ରତିଷ୍ଠା ହୋଇପାରୁ ନାହିଁ । କିନ୍ତୁ ନ୍ୟାୟ ବିଚାର କ୍ଷେତ୍ରରେ ନ୍ୟାୟ ପ୍ରଦାନକାରୀଙ୍କ ହୃଦୟବତ୍ତାର ଭୂମିକା ରହିଛି । ଏହି ହୃଦୟବତ୍ତାକୁ ଗୁରୁତ୍ୱ ଦିଆଯାଉନାହିଁ । ଦିଲ୍ଲୀ ସହରର ଗଣବଳାତ୍କାରର ଶିକାର 'ନିର୍ଭୟା' ଏକ 'ଆଦିରୂପ' (ଆର୍କିଟାଇପ) ପାଲଟିଯାଇଛି । ତା' ପ୍ରତି ଜଘନ୍ୟ ହିଂସାଚରଣ କରିଛି ଜଣେ ନାବାଳକ । ନାବାଳକ କରିପାରେ ଯୁବତୀକୁ ବଳାତ୍କାର, ଘଟାଇପାରେ ଜଘନ୍ୟ ଅମାନୁଷିକ କାଣ୍ଡ । ତା' ମୃତ୍ୟୁର କାରଣ ବନିପାରେ । ଅଥଚ ଦଣ୍ଡ ତା' ପାଇଁ ସାମାନ୍ୟ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଦିଲ୍ଲୀ ହସ୍ପିଟାଲରେ ଯନ୍ତ୍ରଣାଜର୍ଜର ନିର୍ଭୟା ଏହା କହିଥିଲା । 'ନାବାଳକ ହିଁ ସବୁଠାରୁ ଜଘନ୍ୟ କାଣ୍ଡ ଭିଆଇଛି ।" ଏଣେ ତା' ପାଇଁ ଦଣ୍ଡ ନାହିଁ । ଯେ କି ପ୍ରକାର ନ୍ୟାୟ ? ବର୍ଷକ ପରେ ଯିଏ ସାବାଳକ ହୁଅନ୍ତା, ସେ ଦଣ୍ଡରୁ ରିହାତି ପାଇଯାଉଛି । ଜେଲ୍‌ରୁ ଫେରିଆସି ଅଧିକତର ଉତ୍ପାତ ଘଟାଇବ ନାହିଁ କି ? ଏ ପ୍ରକାର ଘଟଣାରେ ଦୁଷ୍କୃତ ଲୋଭୀ ଅନ୍ୟ ନାବାଳକଗଣ ଉତ୍ସାହିତ ହେବେ ନାହିଁ କି ? ଏହାର ଉତ୍ତର ଦେବ କିଏ ? ଆଇନ ଓ ହୃଦୟବତ୍ତା ଭିତରେ ଅସରନ୍ତି ଦୂରତା । ଭାରତ ଓ ଓଡ଼ିଶାର ଜନତାଙ୍କ ନିମିତ୍ତ ନ୍ୟାୟ ହୋଇଯାଉଛି ସୁଦୂରପରାହତ ।

ଇତିଶ୍ରୀ, କେଡ଼େ ସାହସ ତୋର, ଝିଅ ? ପିଶାଚଙ୍କୁ ଡରିଲୁ ନାହିଁ । ସମାଜର କୁଟିଳ ସୁରକ୍ଷା ବ୍ୟବସ୍ଥାକୁ ସନ୍ଦେହ କଲ୍ ନାହିଁ । ନିଜ ଘରକୁ ବି ଫେରିଆସିଲୁ ନାହିଁ । ସଂଗ୍ରାମ କରିବାକୁ ଶ୍ରେୟମଣି ବୀରାଙ୍ଗନା ହେଲୁ । ହେଲେ ତୋର ଯନ୍ତ୍ରଣା, ତୋର ଅକାଳମୃତ୍ୟୁର ବୋଝ ଯେ ଆମ ମଣିଷପଣିଆଁର ବେକକୁ ମୋଡ଼ିଦେଉଚି, ଆତ୍ମବୋଧକୁ ଧିକ୍କାର କରୁଛି । ସେ ବୋଝ, ସେ ଧିକ୍କାର ଆମେ ବୋହିପାରୁ ନାହୁଁ । ଯେଉଁ ବ୍ୟବସ୍ଥା ପ୍ରତିକାର କରିବାକୁ ସମର୍ଥ, ସେହି ପ୍ରକାର ସୁରକ୍ଷା ବ୍ୟବସ୍ଥା ବଧିର, ନିର୍ବେଦ ଓ ନିଜେ ହିଁ ଆତତାୟୀ । ଆଉ ଆମ ଈଶ୍ୱର ! ମନେହୁଏ ଲଜ୍ଜା ଓ ଭୟରେ ଜଡ଼ସଡ଼ ହେଉଥିବେ । କୋଉଠି ଅଛନ୍ତି କି ନାହିଁ କେଜାଣି ! ନିର୍ଭୟା ଓ ଇତିଶ୍ରୀମାନଙ୍କୁ ଦେଖିଲେ, ପ୍ରକୃତରେ ତାଙ୍କ ସ୍ଥିତି ପ୍ରତି ସନ୍ଦେହ ଆସେ ।

●

Digitized by PPRACHIN, SOA

ଈଶ୍ୱରଙ୍କୁ ଲାଜ

"Human folly makes even the angels weep"

ମଣିଷର ଆସୁରିକତା, ଅବିମୃଶ୍ୟକାରିତା ଦେଖିଲେ ଦେବଦୂତଙ୍କ ଆଖିରେ ବି ଲୁହ ଚାଲିଆସେ । କିଏ ସେଦିନ କହିଥିଲେ ଏକଥା ? ଦେବଦୂତଙ୍କ ଆଖିରୁ ଅପର୍ଯ୍ୟାପ୍ତ ଲୁହ ଖସେ–ଓଦା କରିଦିଏ ମାଟି, ମଣିଷର ଅନ୍ତରକୁ ଭିଜାଇ ଦିଏ । ଦେବଦୂତମାନେ ତେବେ ମଣିଷଠାରୁ କ'ଣ ଆଶା କରନ୍ତି ? ଦୁଃଖ ଦୁର୍ଦ୍ଦଶାଠୁ, ଅଭିଶାପଠୁ ମଣିଷ ପୃଥିବୀକୁ ବଞ୍ଚାଇ ଏବଂ ତା'ର ମାଧ୍ୟମରେ ନିଜକୁ ବି ବଞ୍ଚାଇ ରଖୁ; କିନ୍ତୁ ମଣିଷ କ'ଣ କେବେ ଅନୁଭବ କରେ ଯେ, ଅପରକୁ ବଞ୍ଚାଇଲେ ହିଁ ସେ ନିଜେ ବଞ୍ଚେ ! ଅପରକୁ ଆନନ୍ଦ ଦେଲେ ହିଁ ସେ ନିଜେ ଆନନ୍ଦ ଉପଭୋଗ କରିପାରେ ! ମଣିଷ ଅପରଠାରୁ ନିଜକୁ ଅଲଗା ଭାବେ । ଅସ୍ତିତ୍ୱ ତା'ର ଅଲଗା, ସ୍ୱତନ୍ତ୍ର ନିଶ୍ଚୟ । ତଥାପି ସମଗ୍ର ମଣିଷ ଜାତିର ଭାଗ୍ୟଠାରୁ, ପୃଥିବୀର ଭାଗ୍ୟଠାରୁ, ଏହି ଏକକ ମଣିଷର ଭାଗ୍ୟଟି ଅଲଗା ହୋଇ ନପାରେ । ମଣିଷକୁ ଗଢ଼ିଲା ବେଳେ ବିଧାତା ସନ୍ତୁଷ୍ଟ ହୋଇଥିବେ ଯେ, ପୂର୍ବର ସକଳ ପରୀକ୍ଷା ନିରୀକ୍ଷାର ଅଭିଜ୍ଞତା ତାଙ୍କର ସଫଳ ହୋଇଛି–ସେ ସର୍ବଶ୍ରେଷ୍ଠ ପ୍ରାଣୀଟିଏ ଗଢ଼ିଛନ୍ତି । ତା'ର ବିବେକ ଅଛି; ବିଚାର ରହିଛି; ସ୍ନେହ ଓ କରୁଣାରେ ତା'ର ଅନ୍ତଃସ୍ଥଳ ମହିମାମୟ ହୋଇଛି । କିନ୍ତୁ ସେହି ମଣିଷ କେତେ ସହଜରେ ଭୁଲିଯାଇଛି ତା'ର ସ୍ୱମୂଲ୍ୟ, ତା'ର ପରିଚୟ ! ଭୟଙ୍କର ବିବେକହୀନତା, ମୂଢ଼ତା ଓ ବର୍ବରତାର ପ୍ରତିନିଧିଟିଏ ପାଲଟି ଯାଇଛି ସେ । ତା' ନିଜ ବ୍ୟତୀତ ଏହି ଅଧୋଗତିପାଇଁ ଅନ୍ୟ କେହି ଦାୟୀ ନୁହନ୍ତି । ପୃଥିବୀରେ ଆଜି ହିଂସା, ନିଷ୍ଠୁରତା, କୁତ୍ସିତତା ବିଛେଇ ଦେବାର ଯୋଗ୍ୟତା ହାସଲ କରିଛି ମଣିଷ । ତା'ର ଚରମ ଦୁର୍ଭାଗ୍ୟ ପାଇଁ ସେ ନିଜେ ହୋଇଛି ଦାୟୀ । ପ୍ରଚଣ୍ଡ ଅହଂକାରରେ ଅନ୍ଧ ହୋଇ ସେ ନିଜର ମଣିଷପଣିଆକୁ ହତ୍ୟା କରୁଛି ଓ କରିଚାଲିଛି ପ୍ରତିନିୟତ । ବିପୁଳ ପୃଥିବୀର କୋଣ ଅନୁକୋଣରେ ଘଟି ଚାଲିଥିବା ଘଟଣାବଳୀକୁ ଅନୁଧ୍ୟାନ କଲେ, ମଣିଷର ଜଘନ୍ୟ ଆଚରଣ ଦେଖିଲେ କିଏ କହିବ ଯେ ତା'ଠାରେ ଦେବତ୍ୱର ସମ୍ଭାବନା ନିହିତ, ଆଉସେ ବିବେକ ବିଚାରର ଏକ କ୍ରିୟାଶୀଳ ବିଗ୍ରହ ।

ଆମେ ପ୍ରତ୍ୟେକ ଶିକ୍ଷିତ ସଚେତନ ବ୍ୟକ୍ତି କେତେଗୁଡ଼ିଏ ଘଟଣାରେ ବଡ଼ ମର୍ମାହତ ହୋଇ ପଡ଼ିଛୁ । ଯୁଦ୍ଧ ବିଗ୍ରହର ଆଶଙ୍କାରେ ପ୍ରକମ୍ପିତ ପୃଥିବୀର ବକ୍ଷଦେଶରେ

Digitized by PPRACHIN, SOA

ଆଜି ଆମେ ଯେଉଁମାନେ ଛିଡ଼ା ହୋଇଛୁ, ଆମପାଇଁ ଭବିଷ୍ୟତରେ କେଉଁ ଭରସା ରହିଛି ? ବିଶେଷତଃ ଆମ ନିଜ ନିଜର ସୀମିତ ପରିସର ମଧ୍ୟରେ ଆମେ ଯେଉଁ ନୃଶଂସତା ଓ ବିକୃତିର ପରିଚୟ ପାଇଛୁ, ସେଠାରେ ମଣିଷ ମାତ୍ରେ ଆତ୍ମଧିକ୍କାରରେ ମୁହ୍ୟମାନ ହୋଇପଡ଼ିବା କଥା । ଏକ ଅପେକ୍ଷାକୃତ ଶାନ୍ତ, ଯୁଦ୍ଧର ଘନଘଟା ରହିତ ବାୟୁମଣ୍ଡଳରେ ବି ମଣିଷ ଆପଣାକୁ ସନ୍ତୁଷ୍ଟ ରଖିପାରୁ ନାହିଁ । ଜାଣିଶୁଣି ବିଭୀଷିକାର ଜାଲ ବୁଣି ଚାଲିଛି । ପୁରୁଷମାନଙ୍କର ନାରୀମାନଙ୍କ ପ୍ରତି ମନୋବୃତ୍ତିରେ ଯେଉଁ ଅମଣିଷପଣ ଓ ଲୋଲୁପତା ଦେଖା ଦେଇଛି-ଅସଭ୍ୟ, ବଣ୍ୟପଶୁ ମଧ୍ୟ ତା' ସହ ତୁଳନାରେ ହାରିଯିବ । ଏ ଯୁଗର ନାରୀ ଅସହାୟତା ଓ ନିରାପତ୍ତାହୀନତାର ଶିକାର ହେଉଛି । ସତେ ଯେମିତି ଏ ପୃଥିବୀରେ ନାରୀର ଜନ୍ମ ହେବା ଏକ ଅପରାଧ ।

ସେଦିନ ଧାନବାଦ ସହରର ଉପକଣ୍ଠରେ ଯେଉଁ ଘଟଣାଟି ଘଟିଗଲା— ସେଥିରେ ପଥର ବି ପାଣି ହୋଇଯିବ ନାହିଁ କି ? ଏହି ଭୟାବହତାରେ ମଣିଷର ଛାତି ବିଦୀର୍ଣ୍ଣ ହୋଇଯିବ ନାହିଁ ? ଦେବଦୂତଙ୍କ ଆଖିରୁ ତ ଲୁହ ନୁହେଁ, ରକ୍ତ ବୋହିଯିବ । ସେଦିନ କେତେଗୁଡ଼ିଏ ଝିଅ ପରୀକ୍ଷା ଦେବାକୁ ବସ୍‌ଭଡ଼ା କରି ଯାଉଥିଲେ । ସାଙ୍ଗରେ କେହି କେହି ଅଭିଭାବକ ଓ ଝିଅଙ୍କ ବାପା ମଧ୍ୟ ଥିଲେ । ହାଇସ୍କୁଲ ପରୀକ୍ଷାର୍ଥୀନୀ, କେତେ ବା ହେଇଥିବ ସେମାନଙ୍କର ବୟସ ! ନାରୀ ଶରୀରର ଉଚ୍ଛକିତ କୌତୂହଳରେ ସେମାନେ ଖୁବ୍ ସଙ୍କୋଚଶୀଳା ହୋଇଥିବେ । କିଏ କଳ୍ପନା କରିଥିଲା, ସେଦିନ ଏଇ ନାରକୀୟ ଘଟଣାଟି ଘଟିଯିବ ? ଦଳେ ଲୋକ ରାସ୍ତାରେ ବସ୍‌ଟିକୁ ଅଟକାଇ ଝିଅଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ । ବାପାମାନଙ୍କୁ ପିଟିପିଟି ଆହତ କରି ପକାଇଲେ । ରାସ୍ତାରେ ପ୍ରାୟ ଅଧଘଣ୍ଟାଏ ପରେ ଅନ୍ୟାନ୍ୟ ଗାଡ଼ି ଆସିଲା ବେଳକୁ ସେମାନେ ଫେରାର ହୋଇଗଲେ । ବିଚରା ଝିଅମାନଙ୍କ ଦେହର ଜାମାପଟା ଯଥାସ୍ଥାନରେ ନଥିଲା । ପରୀକ୍ଷା ହଲ୍‌କୁ ଯାଉଥିବା ବାଳିକାମାନେ ସେମାନଙ୍କ ବାପ ଓ ଅଭିଭାବକମାନଙ୍କ ସହ ନିକଟତମ ହସ୍ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି ହେଲେ । ଏହି ନିରୀହା ଝିଅମାନେ ଅତି କୋମଳ ବୟସରେ ଯେଉଁ ଜଘନ୍ୟ ଅଭିଜ୍ଞତାର ଶିକାର ହେଲେ, ଏଥିରେ ନାରୀ ଶରୀର ନେଇ ଜନ୍ମ ହୋଇଥିବାରୁ ସେମାନଙ୍କର ନିଜପ୍ରତି ଘୃଣା ଆସି ନଥିବ ? ଈଶ୍ୱରଙ୍କୁ ପ୍ରଶ୍ନ କରିବେ ନାହିଁ ସେମାନେ, ଯେ କାହିଁକି ଯେ ଝିଅ ଜନ୍ମ ସେମାନେ ପାଇଲେ ? ସୃଷ୍ଟିକୁ ଉତ୍ତାରିବାକୁ ଯେଉଁ ଶରୀର ବିଷମ କଷ୍ଟ ବରଣ କରିବ, ସେଇ ଶରୀରର ଗୌରବ କାହିଁ ? ସେମାନେ ଯେବେ ପଚାରିବେ, ପୃଥ୍ୱୀ ତ ଫାଟିଗଲା

Digitized by PPRACHIN, SOA

ନାହିଁ କି ତୁମେ ବି ତ ଆଉ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କଲାଭଳି ଆମକୁ ଦେଇପାରିଲ ନାହିଁ ? ରକ୍ଷା କରିପାରିଲେ ନାହିଁ ଆମ ନାରୀତ୍ୱର ମର୍ଯ୍ୟାଦାକୁ ? ଆମେ କି ଦୋଷ କରିଥିଲୁ ? ସେମାନଙ୍କର ଏଇ ପ୍ରଶ୍ନରେ ନିରୁତ୍ତର ଈଶ୍ୱର ନିଶ୍ଚେ ଲଜ୍ଜାରେ ଅଧୋମୁଖ ହୋଇ ରହିବେ ।

ଏହି ପରିପ୍ରେକ୍ଷୀରେ ଖୁବ୍ ନିକଟରେ ଆମ ଆଖି ଆଗରେ ଗୋଟିଏ ବିକୃତ ଘଟଣା ଘଟିଗଲା । ତା'ର ପରିଣତି କେବଳ ବର୍ତ୍ତମାନ ନୁହେଁ, ଭବିଷ୍ୟତକୁ ମଧ୍ୟ ଆଂଶକିତ କରିବାକୁ ଯଥେଷ୍ଟ । ଗୋଟିଏ କଲେଜର ମହିଳା ହଷ୍ଟେଲରେ କେତେକ ଯୁବକ ଅନୁପ୍ରବେଶ କରି ରାତିରେ ଅନ୍ତେବାସିନୀଙ୍କ ଲୁଗାପଟା ଚୋରାଇ ନେଲେ । ଅତି ନିକଟରେ ପ୍ରତିଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସେହି ଲୁଗାପଟାକୁ ଗୁଡ଼ାଇ ନିଆଁ ଲଗାଇ ଦେଲେ । ଏହି କୁଳାଙ୍ଗାରମାନେ ଏଭଳି କାଣ୍ଡ କରି ଯେଉଁ ଦ୍ରୋହ କଲେ–ତା'ର ୨ଟି ଦିଗ ରହିଲା । ପ୍ରଥମରେ ଆମ ଜାତିର ନମସ୍ୟ ଏହି ମହାନ୍ ପୁରୁଷଙ୍କ ସ୍ମୃତି ପ୍ରତି, ଐତିହ୍ୟ ପ୍ରତି ଅବମାନନା କଲେ ଓ ଦ୍ୱିତୀୟରେ ଝିଅଙ୍କ ପ୍ରତି ନିଜର ବିକୃତ ମାନସିକତାର ପରିଚୟ ଦେଲେ । ଏମାନେ ଯୁବକ ଶିକ୍ଷିତ, ଭଦ୍ର ପରିବାରର ସନ୍ତାନ, ପୁଣି କଲେଜ ଛାତ୍ର । ଆମ ଯୁବକକୁଳ ଯେଉଁଠି ଏଭଳି ବିକୃତ ଓ ଆତ୍ମମର୍ଯ୍ୟାଦାହୀନତାରେ ପୀଡ଼ିତ, ସେଠାରେ ଆମେ କେଉଁ ଅଗ୍ରଗତି ଆଶା କରିବା ? ଏହି ବିକାରଗ୍ରସ୍ତ ଯୁବକମାନଙ୍କର ଏ ପ୍ରକାର କାଣ୍ଡ କେବେ ପ୍ରଥମ ହୋଇ ନଥିବ । ଏହା ପୂର୍ବରୁ ଅନେକ ଛୋଟ ଛୋଟ ବିକୃତିର ପରିଚୟ ସେମାନଙ୍କ କାର୍ଯ୍ୟକଳାପରୁ ମିଳିଥିବ । ସେମାନଙ୍କ ପିତାମାତା ଏ କ୍ଷେତ୍ରରେ ପୁଅକୁ ସୁଧାରିବାକୁ କ'ଣ କରିଛନ୍ତି, ନିଜକୁ ଥରେ ପଚାରିଲେ ଭଲ ହୁଅନ୍ତା । ଯେଉଁ ପିତାମାତା ଏଭଳି ସନ୍ତାନଙ୍କୁ ଜନ୍ମ ଦିଅନ୍ତି, ଦାୟିତ୍ୱହୀନ ଭାବରେ ସେମାନଙ୍କୁ ବଢ଼ାନ୍ତି, କୌଣସି ନୀତିଗତ ଆଚରଣ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ ଓ ମୂର୍ଖ, ଅବିବେକୀ ସନ୍ତାନକୁ ଅନ୍ଧ ଅପତ୍ୟ ସ୍ନେହ ଦେଇ ପରୋକ୍ଷରେ ଅମଣିଷ କରି ପକାନ୍ତି, ଏଭଳି ଜଘନ୍ୟ କାଣ୍ଡର ସେମାନେ ବି ଜଣେ ଜଣେ ଅଂଶୀଦାର । ଏଭଳି କୁଳାଙ୍ଗାରଙ୍କୁ ଜନ୍ମ ଦେଇ ଈଶ୍ୱରଙ୍କୁ ଯେତିକି ଲାଜ ମାଡୁଥିବ, ଏମାନଙ୍କୁ ଅନ୍ତତଃ ଯଦି ସେତିକି ବି ଲାଜ ମାଡ଼ନ୍ତା, ଲାଜରୁ ତ୍ରାହି ପାଇବାପାଇଁ ସେମାନେ ନିଶ୍ଚୟ ବାଟ ଖୋଜନ୍ତେ ।

●

Digitized by PPRACHIN, SOA

ଅମଣିଷ, ବର୍ବର

ଲୋମହର୍ଷକ ଘଟଣା–ସ୍ତବ୍ଧ ହୋଇଗଲେ ସମସ୍ତେ, ଆଖି ବୁଜିଦେଲେ । ଚିନ୍ତା ଅନୁଭବ, କଳ୍ପନା ହତଭମ୍ବ ହୋଇପଡ଼ିଲେ । ମଣିଷ ଏପରି ବର୍ବର ଆଚରଣ କରିପାରେ, ପ୍ରତ୍ୟକ୍ଷ କରିପାରେ ଏପରି ବର୍ବରତା, ଶିକାର ହୋଇପାରେ ଏପରି ବର୍ବରତାର । ହାୟରେ ମଣିଷ ! ସୁନ୍ଦରତମ, ସଫଳତମ ସୃଷ୍ଟିଟିଏ ହୋଇ ମଧ୍ୟ କି ଅଧୋଗତି ତୋର ।

ନାରୀ, କିଶୋରୀ, ଯୁବତୀ, ବାଳିକା– ସୃଷ୍ଟିର ଆରମ୍ଭରୁ ପୁରୁଷ ଆଖିରେ ଆଖିଏ ବିସ୍ମୟ । ସୌନ୍ଦର୍ଯ୍ୟ, କୋମଳତା, ସ୍ନେହ, କରୁଣା ନାରୀକୁ ଅବଲମ୍ବନ କରି ରହିଛି । ହଁ, ଅନ୍ୟ ଅର୍ଥରେ ପ୍ରତାରଣା, ନିଷ୍ଠୁରତା, ଘୃଣା ବି ଥାଇପାରେ, ନାରୀ ତ ମଣିଷ, ମଣିଷର ଦୋଷ-ଗୁଣଠାରୁ ସେ ଅଲଗା ହେବ କିପରି ? ତା'ର କୋମଳତାକୁ ଯିଏ ଦୁର୍ବଳତା ବୋଲି ବୁଝେ, ଶାରୀରିକ ସ୍ୱାତନ୍ତ୍ର୍ୟପାଇଁ ତାକୁ ଯିଏ ନିରାପତ୍ତାହୀନତାର ଅଭିଶାପରେ ଜର୍ଜରିତ କରେ, ସେ କ'ଣ ପୁରୁଷ ? ମଣିଷ ସେ ? ଚିନ୍ତାର ପ୍ରସ୍ତ ପ୍ରସ୍ତ କଳାବଉଦ ମାଡ଼ି ଆସୁଚି । ନିଦ ଆସୁନାହିଁ ଆଖିକୁ । ଆକାଶ ଆଡ଼କୁ ଅନାଇଲେ ଉଲ୍‌କାର ଖଣ୍ଡଟିଏ ଝଲସି ଉଠୁଚି, ନିଭିଯାଉଚି । ନକ୍ଷତ୍ର, ଗ୍ରହ, ନୀହାରିକା ଭିତରେ କେତେ ନଗଣ୍ୟ ଆମର ଏ ପୃଥିବୀ, ଅଥଚ ଆମପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ଶ୍ଳାଘ୍ୟ, କେତେ ଶକ୍ତିଶାଳୀ ଯେ ପୃଥିବୀର ଅଧିବାସୀ, ପୁଣି କେତେ ଅସହାୟ !

କିଏ ଝର୍କା ପାଖରେ ଆସ୍ତେ ଡାକୁଚି ଯେମିତି ନିଦ ନା ଜାଗରଣ–ସ୍ୱପ୍ନ ନା ସତ । କିଏ ? ଆଂଶୁ ନା ସଂଗୀତା ?

ସେମାନେ ତାକୁ କିରାସିନି ଢାଳି ଜାଳିଦେଲେ–ଉଲ୍ଲାସ ନଗରର ୧୬ ବର୍ଷର ଝିଅ ସଙ୍ଗୀତା ପଟେଲ-ପରୀକ୍ଷା ହଲ୍‌ରେ ତାକୁ ଛାଡ଼ିଯାଏ ତାର ବଡ଼ ଭଉଣୀ । ପରୀକ୍ଷା ହଲ୍ ଭିତରେ ଆତତାୟୀ । ଜଗୁଆଳି ପୋଲିସ, ଶିକ୍ଷକମାନେ ଓ ପରୀକ୍ଷାର୍ଥୀ କିଶୋର କିଶୋରୀ, କାହାରି ପକ୍ଷରୁ ପ୍ରତିବାଦ ନାହିଁ । ପରୀକ୍ଷାର୍ଥୀମାନେ ହୁଏତ ତ୍ରସ୍ତ ଅବାକ୍ ହୋଇ ଯାଇଥିବେ । କିନ୍ତୁ ନରାପତ୍ତାରକ୍ଷୀ ମଧ୍ୟ ସ୍ଥିର, କିଂକର୍ତ୍ତବ୍ୟ ଦର୍ଶକ ପାଲଟି ଗଲେ । ଚାରି ଜଣ ଲୋକ, ପ୍ରଥମେ ଏସିଡ୍ ଢାଳି, ପରେ କିରୋସିନ ଢାଳି ନିଆଁ ଧରାଇ ଦେଲେ । ପ୍ରାଣ ବିକଳରେ ଚିତ୍କାର କରୁଥିବା ଷୋଡ଼ଶୀ ସଙ୍ଗୀତା ଜୀଅନ୍ତାରେ

Digitized by PPRACHIN, SOA

ଜଳିଗଲା । ଏ ଲୋମହର୍ଷଣକାରୀ ଦୃଶ୍ୟ ଲୋକେ ଆଖିରେ ଦେଖିଲେ । ସଙ୍ଗୀତାର ପୋଡ଼ା ଶବଟି ପଡ଼ିରହିଲା । ପାଖରେ ପୋଡ଼ା ଚଟି ହଳକ–ଚଟାଣରେ ଗଦାଏ କଳା ଓ ହଲ୍ ଭିତରେ ଅଳ୍ପ ଅଳ୍ପ ପୋଡ଼ିଯାଇଥିବା ଡେସ୍କ, ବେଞ୍ଚ ଆତତାୟୀ ଅନ୍ତର୍ହିତ ହେଲେ । ପରେ ଖବର ମିଳିଲା, ଆତତାୟୀମାନଙ୍କ ମୁଖ୍ୟ ସଙ୍ଗୀତାର ପ୍ରେମିକ, ଆତ୍ମହତ୍ୟା କରିଛି । ସେ କାଳେ ସଙ୍ଗୀତାକୁ ଗୋପନରେ ବିବାହ କରିଥିଲା । ସଙ୍ଗୀତାର ବାପା ଏ ବିବାହକୁ ଅସ୍ୱୀକାର କଲେ; ତେଣୁ ଏଭଳି ନାରକୀୟ ଘଟଣା ଘଟିଲା ।

କି ଭୟଙ୍କର ପ୍ରତିଶୋଧପରାୟଣତା । ଯେ ବର୍ବରତା କ'ଣ ମଣିଷର ? ଏଭଳି ବିକୃତ ମନୋବୃତ୍ତିର ପୃଷ୍ଠଭୂମିରେ ପ୍ରେମ ରହିଚି କେଉଁଠି ? ଯେଉଁ ପ୍ରେମ ମଣିଷ ଚିତ୍ତର ସ୍ୱର୍ଗୀୟ ବୃତ୍ତି-ତା'ର ସ୍ୱରୂପ କ'ଣ ଏଇଆ ? କିଏ ଉତ୍ତର ଦବ ? ପ୍ରେମିକ ତା'ର ପ୍ରେମିକାର ବିଚ୍ଛେଦକୁ ସହିବ ନାହିଁ, ଅଥଚ ଜୀଅନ୍ତା ତାକୁ କିରାସିନ ଢାଳି ଜାଳିଦେବ–ସେ ଦୃଶ୍ୟକୁ ପ୍ରେମିକ ଆଖିରେ ଦେଖି ସହିବ । ମାରିଦେବାର ଅନେକ ଉପାୟ ଥିଲେ ବି ଏ ବର୍ବର ଉପାୟ ଗ୍ରହଣ କରିବା ପଛରେ ମଣିଷର କି ଜଘନ୍ୟତା କାମ କରେ ? ଏହାକୁ ପଶୁତ୍ୱ କୁହାଯାଇ ପାରିବ ନାହିଁ କି ଅସୁରତ୍ୱର ସ୍ୱରୂପ ମଧ୍ୟ, ଯା ହୋଇ ପାରେନା । ପଶୁ ହିତାହିତ ଜ୍ଞାନଶୂନ୍ୟ, ଅଥଚ ଏଭଳି ଜଘନ୍ୟ ଆଚରଣ ସେ କରିପାରେ ନାହିଁ । ଆଉ ଅସୁର ? ସେ ତ ଯୁଗେ ଯୁଗେ ନାରୀ ପ୍ରଶଂସକ, ସ୍ତାବକ । ରାବଣ ଶକ୍ତିଶାଳୀ ଅସୁର–ସୀତାଙ୍କ ପ୍ରତି ଲାଳସା ରଖି ସେ ନିହତ ହେଲା–କିନ୍ତୁ ସୀତାଙ୍କୁ ବଳାତ୍କାର କରି ନଥିଲା ବା ଶାରୀରିକ ନିର୍ଯାତନା ଦେଇନଥିଲା । ଆଉ ମହିଷାସୁର ? ସେ ତ ଦୁର୍ଗାଙ୍କଠାରେ ଲୟ ରଖି ମୃତ୍ୟୁବରଣ କଲା । ଆଜି ଦୁର୍ଗା କାହାନ୍ତି ? ନାରୀକୁ ଆପଣାର ଶକ୍ତି ଦାନ କରି ବଳବତ୍ତର କରିବା ପାଇଁ ଦେବତାମାନେ ବି କାହାନ୍ତି ? ନାରୀର ଶରୀର ଓ ମନର କୋମଳତା ଆଜି ଦୁର୍ବଳତା ବୋଲି ଗୃହୀତ । ଏହି ଦୁର୍ବଳତାର ସୁଯୋଗ ନେଇ କୁତ୍ସିତ, ବିକୃତ ପୁରୁଷମାନେ ଏଭଳି ବର୍ବର ଆଚରଣ କରୁଛନ୍ତି–ଯାହା କରିବାକୁ ଅସୁର ବ ପଶ୍ଚାତ୍‌ପଦ ହୁଅନ୍ତା । ବେଳେବେଳେ ଭାରସାମ୍ୟହୀନ ପ୍ରେମିକ, ପ୍ରେମିକାକୁ ହତ୍ୟା କରିଥାଏ । ସେଦିନ ଅଥେଲୋ ତାର ସୁନ୍ଦରୀ ପତ୍ନୀ ଡେ଼ସ୍‌ଡ଼ମନାକୁ ହତ୍ୟା କରିଥିଲା । କାରଣ ତାର ଥିଲା ପତ୍ନୀର ଚରିତ୍ର ପ୍ରତି ସନ୍ଦେହ । ବିଛଣାରେ ସ୍ତ୍ରୀର ତଣ୍ଟିଚିପି ଦେବା ପୂର୍ବରୁ ତାକୁ ଚୁମ୍ବନଟିଏ ଦେଇ ସେ କହିଥିଲା– "I kiss thee before I kill

Digitized by PPRACHIN, SOA

thee"ଈର୍ଷା ଓ ଅସହିଷ୍ଣୁତା ପ୍ରକାଶ କରିବାର ଗୋଟିଏ ମାର୍ଗ ରହିଛି– ସେହି ମାର୍ଗ ମଧ୍ୟ ମାନବୀୟ ମାର୍ଗ ହେବା ଉଚିତ ।

ଈର୍ଷା, ଅସହିଷ୍ଣୁତା ବି କ'ଣ ? ତା'ର ଶେଷ କେଉଁଠି? ମଣିଷର ଚିତ୍ତ ସେଥିରୁ ନ ମୁକୁଳିଲେ ତା'ର ମଣିଷ ପଣିଆ ରହିବ କି ? ମୁକୁଳିବା କଷ୍ଟସାଧ୍ୟ ନିଶ୍ଚୟ । ଏଣେ ପ୍ରେମ ସେହି ସ୍ୱର୍ଗୀୟ ଉପଲବ୍ଧି-ଯାହା ମଣିଷ ପ୍ରତି ଏକ ପରମ ବରଦାନ, ଯାହା କେବଳ ଦାନକରି ତୃପ୍ତ ହୁଏ, ପ୍ରେମାସ୍ପଦଠାରୁ ଦାବି କରେନା । ଯିଏ ପାଉଣା ନିମିତ୍ତ ହାତପାତି, ଦାବିର ତାଲିକା କରି ଆଦାୟ କରି ନେବାକୁ ଗର୍ଜୁଥାଏ, ତା'ଠାରେ ଆଉ ଯାହା ଥାଉ, ପ୍ରେମ ନଥାଏ । ଯଦି ପ୍ରେମ ନଥାଏ, ଥାଏ ଘୃଣା, ଆକ୍ରୋଶ–ତାହା ମଧ୍ୟ ମାନବୋଚିତ ହେବା ବାଞ୍ଛନୀୟ !

ମାତ୍ର ଏକବିଂଶଶତକର ପ୍ରାରମ୍ଭ ପାଦରେ ଉପସ୍ଥିତ ଆଜିର ଏହି ସଭ୍ୟ ଶିକ୍ଷିତ ମଣିଷର ଆଚରଣ ଦେଖିଲେ କିଏ କହିବ ସେ ମାନବ ? ପ୍ରାୟ ୨ ବର୍ଷ ତଳେ, ଆହ୍ଲାବାଦର ସେଇ ଯେଉଁ ଝିଅଟି, ରୀନା ନା କ'ଣ ତା'ର ନାଁ ? ଯିଏ ଘରର ଭିତର ଅଗଣାରେ ଶୋଇଥିଲା ବେଳେ, ରାତି ଅଧରେ ସଇତାନମାନେ ତା ଉପରେ ଏସିଡ୍ ଢାଳି ଦେଲେ- ୧୮ ବର୍ଷର ଝିଅ ରୀନା-ତା' ଶରୀରର ବାମ ପାଖଟି ଜଳିଗଲା । ମୁଣ୍ଡ କେଶହୀନ, ଆଖି ଜାଗାରେ ଗର୍ତ୍ତ, ଚମ ଓ ମାଂସ ଦଳି ଚକଟି ହୋଇ ପିଣ୍ଡୁଳା, ହାତ, ଗୋଡ଼ ବଙ୍କା । ବିଚରାଟିର ଦୋଷ ଏଇଆ ଯେ, ତା' ପ୍ରତି ଅଶ୍ଳୀଳ ଇଙ୍ଗିତ କରି ଦିଆସିଲି ଖୋଳରେ ଚିଠି ପୂରାଇ ଦେଇଥିବା ଯୁବକମାନଙ୍କୁ ସେ ପ୍ରତ୍ୟାଖ୍ୟାନ କରି ନିଜ ବାପାଙ୍କୁ କହି ଦେଇଥିଲା । ଏହି ଉନ୍ମତ୍ତ ଯୁବକମାନେ କାଣ୍ଡଜ୍ଞାନ ହରାଇ ଏଭଳି ଆଚରଣ କଲେ, ଯାହାକି ଝିଅଟି ମରଣାନ୍ତକ ଯନ୍ତ୍ରଣା ଭୋଗି ବଞ୍ଚିଗଲା । ମାତ୍ର ସାରାଜୀବନ ତାକୁ ଏକ ଅଭିଶାପର ବୋଝ ବୋହି ରହିବାକୁ ହେଲା । ଏହିପରି ଅସଂଖ୍ୟ ଘଟଣା ଭିତରୁ ଏ ଦୁଇଟି ଘଟଣା ସମ୍ବାଦପତ୍ରରେ ପ୍ରକାଶ ପାଇଲା । ଆମ ଚଳଚ୍ଚିତ୍ରରେ ମଧ୍ୟ ବହୁ ବର୍ବର ହତ୍ୟାକାଣ୍ଡ ପ୍ରଦର୍ଶିତ ହେଉଛି । କେତେ ନୂଆ ବର୍ବରତା ପ୍ରୟୋଗ କରି ମଣିଷକୁ ମରାଯାଇପାରେ, ଏଥିପାଇଁ ଚଳଚ୍ଚିତ୍ର ପ୍ରତିଯୋଗିତା କରିବାରେ ଲାଗିଛି । ଏହାର କୁପ୍ରଭାବରେ ବିକାରଗ୍ରସ୍ତ ଜନତା ଉତ୍ସାହିତ ହେଉଛନ୍ତି । ଏତାଦୃଶ ବର୍ବରକାଣ୍ଡ ପୃଷ୍ଠପଟରେ ଚଳଚ୍ଚିତ୍ରର କୁପ୍ରଭାବ ମୁଖ୍ୟ ନହେଲେ ମଧ୍ୟ ଆଂଶିକ କ୍ରିୟାଶୀଳ ବୋଲି ଅସ୍ୱୀକାର କରିହେବ ନାହିଁ । ଅଥଚ ଚଳଚ୍ଚିତ୍ରର ଏହି ବର୍ବରତା ଦିଗଟିକୁ କେହି ନଜର ଦେଉ ନାହାନ୍ତି ।

Digitized by PPRACHIN, SOA

ଆଜି ମଣିଷ ମଣିଷ ପ୍ରତି ସର୍ବଶ୍ରେଷ୍ଠ ଆତଙ୍କ ହୋଇଛି । ପ୍ରକୃତି ନୁହେଁ, ଦୈବ ନୁହେଁ, ପଶୁ ନୁହେଁ କି ଅସୁର ନୁହେଁ–ଆଜି ମଣିଷ ହିଁ ମଣିଷର ହିଂସ୍ରତମ, ବର୍ବରତମ ଶତ୍ରୁ । ଯେ କ'ଣ ସେଇ ଭାରତ ବର୍ଷ, ଯେଉଁଠି ରାଜକୁମାର ଗୌତମ ମଣିଷର ସ୍ୱାଭାବିକ ଦୁର୍ଦ୍ଦଶାକୁ ଆଖିରେ ଦେଖି ସହିପାରିନଥିଲେ । ଜରା, ମୃତ୍ୟୁ, ରୋଗ ଆଦି ଦୁର୍ଦ୍ଦଶାର କାରଣ ଖୋଜି ବାହାରିଲେ–ତୁଚ୍ଛ କରିଦେଲେ ସିଂହାସନ, ଯୁବତୀ ପତ୍ନୀ ଓ ଶିଶୁପୁତ୍ର ? ବିଶ୍ୱାସ ହୁଏନା-ଯେ ସେଇ ଭୂମି ଯୋଉଠି ମୃତ୍ୟୁଞ୍ଜୟୀ ଆତ୍ମା ଉପରେ ଆସ୍ଥା ରଖି ମଣିଷ ଇହକାଳକୁ ଉତ୍ସର୍ଗ କରିଦେଇପାରେ ? ହଁ, ଯେ ସେଇ ଭାରତଭୂମି, ଏହାର ସନ୍ତାନବର୍ଗ ଆଜି ଉଦ୍‌ଭ୍ରାନ୍ତ, ବିକାରଗ୍ରସ୍ତ ପ୍ରବଳ ଅମାନୁଷିକତାରେ ଆକ୍ରାନ୍ତ । ହିଂସା, ଦ୍ୱେଷ, ଘୃଣା, ଅସହିଷ୍ଣୁତା, ପାଶବିକତା, ଆସୁରିକତା ଓ ତହୁଁବଳି ବର୍ବରତା ସେମାନଙ୍କ ଭିତରେ ବ୍ୟାପିରହିଛି । ଯେ କ'ଣ ସେଇ ଘନଘୋର ଅନ୍ଧାର, ଯାହା ଆଲୋକକୁ ଶ୍ୱାସରୁଦ୍ଧ ହୋଇ ଅପେକ୍ଷା କରେ ? ପ୍ରାତଃକାଳର ଅବ୍ୟବହିତ ପୂର୍ବରୁ ଯେ ସେଇ ନିରନ୍ଧ ଅନ୍ଧକାର, ଯାହା ସୂର୍ଯ୍ୟୋଦୟକୁ ଅନାଇ ରହେ ? ଏହି ପ୍ରକାର ବୀଭତ୍ସତା, ନାରକୀୟତା ଓ ବର୍ବର ଆଚରଣରେ ପିଷ୍ଟ ଓ ଶିହରିତ ଭାରତର ଯୁବ-ମାନସ ନିଶ୍ଚୟ ଏଥିରୁ ମୁକ୍ତି ଖୋଜିବ-ନିଷ୍ଠା ଯୁକ୍ତ ଅନ୍ୱେଷଣ ତାକୁ ସତକୁ ସତ ମୁକ୍ତ କରିଦେବ ।

ଈଶ୍ୱରତ୍ୱର ସମ୍ଭାବନା ନେଇ ଜନ୍ମିତ ଏହି ମଣିଷ ବର୍ବରତାର ଆକ୍ରୋଶ ତଳେ କଦାପି ନିଶ୍ଚିହ୍ନ ହୋଇଯିବ ନାହିଁ । ମଣିଷର ଇତିହାସକୁ ଲକ୍ଷ୍ୟକରି ଆମେ କ'ଣ ଆଶା କରି ପାରିବା ନାହିଁ–ଯେ ଏଭଳି ବର୍ବରତା, ସର୍ବଶେଷ ବର୍ବରତାର ଉଦାହରଣ ଓ ଯା ପରେ ମଣିଷ ନିଜକୁ ଚିହ୍ନିବାକୁ ଚେଷ୍ଟା କରିବ । ମଣିଷ ବୋଲି ନିଜର ପରିଚୟ ଦେବାକୁ ଗଲାବେଳେ ସେ ନିଜ ଭିତରର ମାନବିକତାକୁ, ମଣିଷ ପଣକୁ ଉଦ୍‌ବୋଧିତ କରିବ, ଜାଗ୍ରତ କରିବ, କ୍ରିୟାଶୀଳ କରାଇବ । ଭସ୍ମ ଭିତରୁ ପଦ୍ମଫୁଲ ପରି, ଚରମ ବର୍ବରତା ଭିତରୁ ଫୁଟି ଉଠିବ ସେଇ କରୁଣାମୟ ଦରଦୀ ମଣିଷପଣ ।

ଆସନ୍ତୁ, ଆମେ ସମସ୍ତେ ଆଜି ଏହି ଆଶା ପୋଷଣକରିବା । ଭାରତ-ବର୍ଷର ସେ ଶାଶ୍ୱତ ଆତ୍ମା ନିକଟରେ ସୃଷ୍ଟିର ସେ ଅକଳ୍ପନୀୟ ଶକ୍ତି ନିକଟରେ, ଏଇଥିପାଇଁ ପ୍ରାର୍ଥନା ଜଣାଇବା ।

●

Digitized by PPRACHIN, SOA

ସମ୍ଭାବନାର ଅସ୍ୱୀକାର

ରଚ୍ଚିତା ଯେ କ'ଣ କଲା ? ରୁନୁଠାରୁ ଖବରଟା ଶୁଣିଲା ପରେ ମୁଁ ହତଭମ୍ବ ହୋଇପଡ଼ିଲି । ଯିଏ ଶୁଣିଲା ହାୟ ହାୟ କଲା । ରଚ୍ଚିତା ଆମରି କଲେଜରୁ ବି.ଏ. ପାସ୍ କରିଥିଲା–କୃତୀ ଛାତ୍ରୀ, ରାଜନୀତି ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଅନର୍ସ ପାଇଥିଲା । ଏମ୍.ଏ.ରେ ବି ପ୍ରଥମ । ବମ୍ବେରେ ବଡ଼ ଚାକିରି କରିଥିଲା, ସ୍ୱାମୀ ବି ଥିଲେ ପଦସ୍ଥ ଅଫିସର । ବିବାହର ଆଠ ବର୍ଷପରେ, ସମସ୍ତେ ଯେଉଁ ରଚ୍ଚିତାକୁ ଖୁବ୍ ସୁଖୀ ଓ ମର୍ଯ୍ୟାଦାସମ୍ପନ୍ନା ବୋଲି ଭାବୁଥିଲେ, ସେ ପୁଣି ଦିନେ ଅପରାହ୍ଣରେ ନିଜ ଶୋଇବା ଘର ସିଲିଂ ଫ୍ୟାନ୍‌ରୁ ଝୁଲିପଡ଼ିଛି ! କ'ଣ ହେଲା ତା'ର ? କି ଅବସୋସ, କି ଅନ୍ଧାର ଘାରିଦେଲା ତାକୁ ? ତାକୁ କ'ଣ ସତରେ ହାତେ ଆଗକୁ ବି ବାଟ ଦିଶିଲା ନାହିଁ–ଆସନ୍ତାକାଲି ଯାଏ ବି ତା'ର ଧୈର୍ଯ୍ୟ ରହିଲା ନାହିଁ ? ବତିଶବର୍ଷ ବୟସରେ ସେ କ୍ଲାନ୍ତ ହୋଇପଡ଼ିଲା । ଅବଶ୍ୟ ତା'ର ସନ୍ତାନ ହୋଇ ନଥିଲେ, ଆଉ ସେ ବି ସେଥିପାଇଁ ବ୍ୟସ୍ତ ହେବା କେବେ କାହାକୁ ଜଣା ନଥିଲା । ତା' ହେଲେ, ସଂସାରରେ ଆଉ କିଛି ବି ଡୋରଟିଏ ତାକୁ ଧରି ରଖିବା ପାଇଁ ରହିଲା ନାହିଁ କିପରି ?

ଅଧରାତିଯାଏ ମତେ ନିଦ ହେଲା ନାହିଁ ସେଦିନ । କେମିତି ଲାଗିଥିବ ରଚ୍ଚିତାକୁ ! ସେଦିନ କାଳେ ସେ ଅଫିସ ନଯାଇ ଘରେ ଏକୁଟିଆ ରହିଥିଲା । ସେ କ'ଣ ଏମିତି ସାରାଦିନ ଖଟରେ ଶୋଇଥିବ ଚିତ୍ ହୋଇ । ଆଖି ଥିବ ସିଲିଂ ଫ୍ୟାନ୍‌ରେ; ଅଥଚ ସେ କିଛି ଦେଖୁ ନଥିବ ! କ'ଣ ଭାବୁଥିବ ସେ ? ତଣ୍ଟି ଶୁଖି ଯାଉଥିବ ଘନଘନ, ଛାତିର ଧପ୍‌ଧପ୍ କାନକୁ ସ୍ପଷ୍ଟ ଶୁଭୁଥିବ । ନିସ୍ତବ୍ଧ ଲାଗୁଥିବ ଚାରିଆଡ଼ । ଜୀବନ ବିସ୍ୱାଦକର ମନେ ହେଉଥିବ । ଆଉ ବଞ୍ଚିରହିବା ଅନାବଶ୍ୟକ– ବଞ୍ଚିବାର ଆକାରଣତାକୁ ସହିବା ଅସମ୍ଭବ ହୋଇ ପଡୁଥିବ । କୌଣସି ସୁନ୍ଦର ଜିନିଷ ବା ସମ୍ପର୍କ ଅଛି ବୋଲି ହୃଦ୍‌ବୋଧ ହେଉ ନଥିବ, ମୋଟେ, କାହିଁକି ବଞ୍ଚି ରହିବି ? ଖାଇବି ବା କାହିଁକି ? ନିତି ନିତି କିଛି ଗୋଟାଏ ଖାଇ ଏ ଦେହକୁ ରସଦ ଯୋଗାଉଥିବି ? ଘରକାମ କରିବି; ଅଫିସ କାମ କରିବି । ନିଜ ଇଚ୍ଛାରେ କାହାକୁ ପଦେ କିଛି କହିଦେବି ନାହିଁ, ନିଜ ଆଗ୍ରହରେ କିଛି ଗୋଟେ କରିପକାଇବି ନାହିଁ । କାହିଁକି ଏତେ ଭାବି ହେବି, କାହିଁକି ବା ଭୋଗୁଥିବି ବଞ୍ଚିବାର ଏ କଷଣ ?–ରଚ୍ଚିତା ହୁଏତ ଏମିତି କିଛି ଭାବିଥିବ, ଆଖି ପୋଡ଼ି ଉଠୁଥିବ

Digitized by PPRACHIN, SOA

ତା'ର । ମୋର ଏତେସବୁ କଷ୍ଟ ସ୍ୱୀକାର କରି ବଞ୍ଚି ରହିବାରେ କାହାର କି ଲାଭ ହବ ? କାହାପାଇଁ ମୁଁ ଅପରିହାର୍ଯ୍ୟ ? ବାପା ବୋଉଙ୍କୁ ତ କୋଉଦିନୁ ଛାଡ଼ି ଆସିଲିଣି ମୁଁ – ପରସ୍ପର ଭିତରେ ଆଶ୍ୱାସ ଖୋଜି ସେ ଦୁହେଁ କାଳ କାଟୁଛନ୍ତି–ମୁଁ ଥାଇ କ'ଣ କରୁଚି ତାଙ୍କର ? ଆଉ ମୋର ସ୍ୱାମୀ ?

ହଁ, ସବୁ ଠିକ୍‌ଠାକ୍ ଅଛି ଯେ–ହେଲେ, ମୋ ସ୍ୱାମୀଙ୍କ ପାଇଁ ମୁଁ ଅପରିହାର୍ଯ୍ୟ ହେବି କାହିଁକି ? ସେ ତ ପୁଣି ବିଦେଶ ଯାଇ ୬ମାସ ଚଳିଲେ, ଟୁର୍‌ରେ ଯାଆନ୍ତି, ମୁଁ ତ ପୁଣି ସାଙ୍ଗରେ ନଥାଏ, କିଛି ତ ଅଟକିଯାଏ ନାହିଁ । ହଁ, ମୁଁ ଅଛି ବୋଲି ହୁଏତ ଗୋଟିଏ ମଧୁର ଭାବ କୋଉଠି ତାଙ୍କ ମନକୋଣରେ ଲେଖିଥିବ, ତା' ବୋଲି ସେଇତକ ପାଇଁ ମୁଁ ଏତେ କଷ୍ଟ ସହିବି ? ସେ ଡ୍ରିଙ୍କ୍ କଲାବେଳେ ମାଛ ଭଳି ପିଇଦିଅନ୍ତି, ମୁଁ ଅଛି କି ନାହିଁ ମନେ ପଡ଼େନା ତାଙ୍କର, ମୁଁ ବି ପିଏ ଯେ, ହେଲେ ଏବେ ଆଉ ପିଇବାକୁ ବି ଭଲ ଲାଗୁନାହିଁ । ବୋଧହୁଏ ମସଗୁଲ୍ ହେବାପାଇଁ ଯେତେ ବେଶି ପିଇବା କଥା, ସେତେ ବେଶି ପିଇବାକୁ ମୋର ଇଚ୍ଛା ହଉନି । ହେଲା ଏବେ, ମୁଁ ନଥିଲେ ମୋ ସ୍ୱାମୀ ଆଉ ଦୁଇ ପେଗ୍ ଅଧିକା ପିଇଦେବେ, ଦିନାକେତେ ବିତିଯିବ । ଉପରଠାଉରିଆ ସୁଖ ଏ ସଂସାରରେ ଢେର ମିଳିପାରିବ ! ଯଦି ସେ ସୁଖରେ ତୁମର ମନ ମାନେ, "ଦୁଃଖ ଅବସାଦ ତୁମ ଛାଇ ମାଡ଼ିପାରିବ ନାହିଁ ।"

ମୋର କିନ୍ତୁ ସେମିତି କିଛି ସୁଖରେ ମନ ମାନୁନି । ଯା' ବୋଲି ଉପରଠାଉରିଆ ସୁଖ ପାଇଁ ମୋର କ'ଣ କିଛି ଅଭାବ ଅଛି ? ମୋ ସ୍ୱାମୀ ମତେ କେବେ ପଦେ କଡ଼ା କଥା କହନ୍ତି ନାହିଁ । ମୁଁ ବି ତାଙ୍କୁ ଯାହା ଭଲ ନ ଲାଗିବ, କେବେ ସେପରି କିଛି କରେ ନାହିଁ । ଗତବର୍ଷ ସେମିତି ମୋର ଜନ୍ମଦିନକୁ ଗୋଟେ ଘଟଣା ଘଟିଲା–ମନେକର, ମି. ଭଲ୍ଲା ଶାଢ଼ୀଟିଏ ପ୍ରେଜେଣ୍ଟ କଲେ । ଖୁବ୍‌ବଡ଼ ଧରଣର ଭୋଜି କରିଥିଲୁ । ମତେ ସେଦିନ ୩୦ ପୂରିଲା । ହଜାର ଟଙ୍କାର ଶାଢ଼ୀ ସେ କାହିଁକି ପ୍ରେଜେଣ୍ଟ କରିବେ ? ମି. ଭଲ୍ଲା ମ୍ୟାନେଜିଂ ଡ଼ିରେକ୍ଟର ମୋର । ସ୍ୱାମୀଙ୍କର ସେ କଥା ପସନ୍ଦ ହେଲା ନାହିଁ । ଅବଶ୍ୟ ମୁଁ ମଝିରେ ମଝିରେ ଟୁର୍‌ରେ ଗଲାବେଳେ ମି. ଭଲ୍ଲାଙ୍କ ସାଙ୍ଗରେ ଯାଏ । କିନ୍ତୁ କେବେ ବନ୍ଧୁତା ଛଡ଼ା ଆଉ ତ କିଛି ତାଙ୍କଠାରେ ମୁଁ ଦେଖି ନାହିଁ । ସେ କାହିଁକି ଏତେ ଦାମୀ ଶାଢ଼ୀ ଆଣିଲେ କେଜାଣି ! ଅଥଚ, ସେଦିନ ଜନ୍ମଦିନର ନହବତ୍ ଫିକା ପଡ଼ିଗଲା । ସାରା ରାତି ମୋ ସ୍ୱାମୀ ଛଟପଟ ହେଲେ । ଏପରି କି ତା' ପର ଦିନ ସକାଳେ ମୁଁ ଚାକିରିରୁ ଇସ୍ତଫା ଦେଲି । କିଛିଦିନ ପରେ ପୁଣି ଗୋଟେ ନୂଆ କମ୍ପାନୀରେ ଜଏନ୍ କଲି । ସେଠି କୌଣସି ଅସୁବିଧା ନାହିଁ । ଗଧପରି ଖଟୁଚି ମୁଁ,

Digitized by PPRACHIN, SOA

କର୍ତ୍ତବ୍ୟ କରୁଚି, ଶ୍ରଦ୍ଧା ସମ୍ମାନ ପାଉଛି । କିନ୍ତୁ ଯେ ଶ୍ରଦ୍ଧା ସମ୍ମାନ ବି ଆଜିକାଲି ମୂଲ୍ୟହୀନ ଲାଗୁଚି । ଜଣେ ଅଛି ବୋଲି ସିନା ଯେ ସବୁର ଦରକାର, ନଥିଲେ ? ଆଉ ମୋ ଭାଇଭଉଣୀ ମୋତେ ଖୁବ୍ ଭଲ ପାଆନ୍ତି, ଗର୍ବ କରନ୍ତି ମୋ ପାଇଁ । କିନ୍ତୁ ମୁଁ ନଥିଲେ କ'ଣ କ୍ଷତି ହୋଇଯିବ ସେମାନଙ୍କର ? ମୋର ଯଦି ଏମିତି ବଞ୍ଚିବାରେ ମନ ମାନୁ ନାହିଁ—କ'ଣ ପାଇଁ ମୁଁ ବାଧ୍ୟ ହେଇ ବଞ୍ଚି ରହିବି ? ଏତେ ଲୋକ ତ ବଞ୍ଚିଛନ୍ତି, ମୁଁ ଜଣେ ନଥିଲେ କୋଉ ଖାଲିଜାଗାଟା ରହିଯିବ ? ମୁଁ ଆଉ ଯେ ବିସ୍ୱାଦକର ବାଟ ଚାଲିବି ନାହିଁ, ଏଇଠି ରହିଯିବି, ଉଭେଇଯିବ ଏଇଠୁ ।

ଚମକି ପଡ଼ିଲି ମୁଁ । ମୁଁ କ'ଣ ରଚ଼ିତା ପାଲଟିଗଲି ? କିଏ ଯେମିତି ଖୁବ୍ ପାଖରେ ଠିଆ ହେଇଚି । ଠିଆ ହେଇ ନଥିଲେ ବି ଟିକେ ଆଗରୁ ଠିଆ ହେଇଥିଲା, ଏଇଲେ ଚାଲିଯାଇଚି ପରି ଲାଗୁଚି । କିଏ, ରଚ଼ିତା ? ଇଚ୍ଛାହେଲା, ହାତ ବଢ଼ାଇ ଯେ ଅନ୍ଧାର ଭିତରେ ନ ଦିଶୁଥିବା ହାତକୁ ତା'ର ଧରି ପକାନ୍ତି । ମୁଁ ତାର ଅଧ୍ୟାପିକା ଥିଲି । ପଚାରନ୍ତି, ତୁ ଅଦରକାରୀ ବୋଲି କାହିଁକି ଭାବିଲୁ ? କାହା ପାଖରେ ଅଦରକାରୀ ତୁ ? ଯେଉଁମାନଙ୍କ ନାଁ ଧରି କୈଫିୟତ୍ ଦେଲୁ, ସେମାନଙ୍କ ଛଡ଼ା ଯେ ପୃଥ୍ୱୀରେ ଆଉ କ'ଣ କେହି ନାହାଁନ୍ତି ? କେହି କ'ଣ ଆଦର, ସ୍ନେହ, ଯତ୍ନ ଟିକିଏ ଲୋଡ଼ୁ ନାହାନ୍ତି ? ଏଇ ଅବୁଝା ପୃଥିବୀର ଆହୁରି ଆହୁରି ଆକ୍ରୋଶର ଘେରରେ ଯେଉଁମାନେ ପଡିଛନ୍ତି, ଏଇ ଆତ୍ମଘାତର ବେଳରେ ସେମାନଙ୍କ କଥା ତ ତୁ ଭାବିଲୁ ନାହିଁ ! ସେମାନଙ୍କ ପାଇଁ କିଛି କରିବାର ନଥିଲା ତୋର, କିଛି ଦବାର ବା କହିବାର ନଥିଲା ତୋର ? ସେମାନଙ୍କୁ ଦୃକ୍‌ପାତ କଲୁ ନାହିଁ, ପାଗଳି ! ତୁ କ'ଣ ଭାବିଲୁ ନିଜକୁ ଅପସରାଇ ନେଲେ, ସେହି ନିଃସହାୟ ଅନ୍ଧାର ସେଇଠି ସରିଯିବ, ଆଉ କେହି ଭୋଗିବେ ନାହିଁ ଅଦରକାରୀ ଜୀବନର ଜ୍ୱାଳା ?

ତୁ ଜୀବନ ପ୍ରତି ନିଷ୍ଠୁର ହେଲୁ, ଅଭିମାନ କଲୁ । ତୋ ଭଳି ବୁଦ୍ଧିମତୀ ଝିଅକୁ ଜୀବନ କ'ଣ ଦେଇପାରନ୍ତା, ଲୋ ବାୟାଣି ! ଜୀବନର ଅନେକ ଅଭାବକୁ ପୂରଣ କରି ଦେବାର ଶକ୍ତି ତୋଠି ଥିଲା । ଜୀବନର କେତେ କେଜାଣି ଅଖଣ୍ଡପଣକୁ ସଜେଇ ଦେବାର ଯୋଗ୍ୟତା ତୋଠି ଥିଲା—ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିଦେବାର ଐଶ୍ୱର୍ଯ୍ୟ ତୋଠି ଥିଲା । ଜୀବନକୁ ସାମ୍ନା କରି କେତେ ସୁନ୍ଦରତା, ମଧୁରତା ବିଛେଇ ଦେଇ ପାରିଥାନ୍ତୁ ତୁ । ତୁ ଭଲ କଲୁ ନାହିଁ—ଏପରି ଅବିଚାର, ଏପରି ନିଷ୍ଠୁରତା କେହି ବୁଦ୍ଧିମତୀ ଝିଅ କେବେ ହେଲେ କରେ ନାହିଁ । ଜୀବନ ତୋତେ କ୍ଷମା ଦେବ ନାହିଁ କଦାପି ।

●

Digitized by PPRACHIN, SOA

ଭଙ୍ଗାଘରର ଭିତିରି କଥା

ଭଙ୍ଗାଘରର ଆଗରୁ ଥିଲା, ଏବେ ବି ଅଛି । କ୍ୱଚିତ୍ ପ୍ରତିଧ୍ୱନି ଉଠିଥାଏ ସେଥିରୁ । କିନ୍ତୁ ଓଡ଼ିଆ ଘରୁ ଯେ ପ୍ରତିଧ୍ୱନି ନିତାନ୍ତ ଅଭିନବ—ରୁନୁ ଚିଠିରୁ ଫଟା ଆବାଜର ଯେ ପ୍ରତିଧ୍ୱନି । ଶୁଣିଥିଲି ଉଡ଼ାଖବର କିଛି କିଛି । ସତ କେତେ ମିଛ କେତେ । ଏତିକି ବୁଝିଥିଲି ଯେ ରୁନୁର ସଂସାର ଦୁଇଫାଳ ହୋଇଯିବା ଉପରେ । ଚିଠିରୁ ଜାଣିଲି–ରୁନୁ ଅଲଗା ରହିଚି ତା'ର ପିଲାଙ୍କୁ ନେଇ । ଡ଼ିଭୋର୍ସ କେଶ୍ ଚାଲିବ । ଅବଶ୍ୟ ଡାଇଭର୍ସ ଆଜିକାଲି ଖୁବ୍ ନୂଆ ଘଟଣା ନୁହେଁ । ନାନା ଟିପ୍‌ପଣୀ କାଟୁଥିଲେ ଲୋକେ, ଥରେ ଜଣେ ବଡ଼ କବି କହିଥିଲେ, ନାରୀର ଯେମିତି ମନମୁତାବକ ସ୍ୱାମୀ ବାଛିବାର ଅଧିକାର ଅଛି, ସେମିତି ବି ସ୍ୱାମୀ ସହ ମନ ନମିଳିଲେ ତାକୁ ପରିତ୍ୟାଗ କରିବାର ଅଧିକାର ଅଛି । ମୁଁ ତାଙ୍କୁ ପଚାରିଥିଲି– "ଯଦି ଏମିତି ହୁଏ, ସ୍ୱାମୀକୁ ପରିତ୍ୟାଗ କରି ଜଣେ ଚାଲିଯାଏ, ଆପଣ ସେ ନାରୀକୁ ଖୋଲାଖୋଲି ସମର୍ଥନ କରି ପାରିବେ ?" ସେ ହୁଏତ ଅସ୍ତିବାଚକ କିଛି କହିଥିଲେ । ମୁଁ କିନ୍ତୁ ଜାଣେ ଯେ ଘରଟିଏ ଭାଙ୍ଗିଗଲେ ସମସ୍ତେ ଘରଣୀକୁ ହିଁ ସନ୍ଦେହରେ ଅନାନ୍ତି ।

ରୁନୁ–ସୁନ୍ଦରୀ, ବୁଦ୍ଧିମତୀ ରୁନୁ, ଡ଼ାକ୍ତରାଣୀ, ଏକଦା ଅନେକଙ୍କ ପ୍ରଶଂସମାନ ଦୃଷ୍ଟିର ଲକ୍ଷ୍ୟଥିଲା ସେ । କାହିଁକି ଏମିତି ହେଲା ତା'ର ! ମୁଁ ଯେ ଆଦୌ କିଛି ଜାଣି ନ ଥିଲି, ଏପରି ନୁହେଁ । ପାଖ ସହରରେ ରହୁଥିବା ରୁନୁ ବେଳେ ବେଳେ ଦିନେ ଓଳିଏପାଇଁ ମୋ ପାଖକୁ ଆସିଥାଏ, ମନକଥା କହିବାକୁ ଚାହେଁ ବୋଲି । ବିବାହ ପରେ ଡାକ୍ତର ସ୍ୱାମୀ ସହ ତାର ମନର ମେଳ ହୋଇପାରିଲା ନାହିଁ । ପରସ୍ପରକୁ ବୁଝିବା ବାଟରେ ରହିଥିଲା ଏକ ବିରାଟ ଗହ୍ୱର । ଚେତନା ସ୍ତରରେ ଦୁହେଁଥିଲେ ଖୁବ୍ ଭିନ୍ନ । ରୁନୁର ରୁଚି ଥିଲା ଉନ୍ନତ ଓ ସ୍ନେହପୂର୍ଣ୍ଣ ବ୍ୟବହାରରେ ସେ ପରକୁ ଆପଣାର କରିପାରିଥିଲା । ତା'ର ସ୍ୱାମୀ ଥିଲେ ଅସହିଷ୍ଣୁ । ପୁଣି ବନ୍ଧୁ ବୋଲି କେହି ନଥିଲେ ତାଙ୍କର । ବନ୍ଧୁତ୍ୱ ଉଦ୍ଦେଶ୍ୟ— ନିର୍ଭର ବୋଲି ସେ ବିଚାରୁଥିଲେ । ମୁଖ୍ୟତଃ ସେ ଥିଲେ କଟୁଭାଷୀ । ଏସବୁ ପରେ ବି କୌଣସି ରୂପସୀକୁ ଦେଖିଲେ ସେ ଅସ୍ତବ୍ୟସ୍ତ ହୋଇ ପଡୁଥିଲେ–ନବବିବାହିତା ଶିକ୍ଷିତା ପତ୍ନୀର ଉପସ୍ଥିତି ବା ପ୍ରତିକ୍ରିୟାକୁ ଆଦୌ ନଜର ଦେଉ ନଥିଲେ । ମୁଁ ବେଳେବେଳେ ରୁନୁକୁ ଚେତାବନୀ ଦେଉଥିଲି–ଦେଖ

Digitized by PPRACHIN, SOA

ପତିନିନ୍ଦା, ନର୍କବାସ । ଦୋଷ ବାଛୁଥା' କେତେ-ପାପଭାରା ଆକାଶକୁ ଛୁଇଁବ ଯେ !" ଥରେ ଥରେ ତାକୁ ପଚାରୁଥିଲି "ତୁ ସ୍ୱାମୀଠାରୁ କ'ଣ ଚାହୁଁ ? ଆଉ ପାଞ୍ଚଜଣଙ୍କ ସ୍ୱାମୀଠୁ ତୋ ସ୍ୱାମୀ ଅଲଗା କିପରି ? ସଂସାର କ'ଣ ତୋ ମନ ଲାଖି ଲୋକଟିଏ ତୋତେ ଧରାଇ ଦେବ ବୋଲି କିଛି ପ୍ରତିଶ୍ରୁତି ଦେଇଥିଲା ?" ରୁନୁ ପୃଷ୍ଠା ପରେ ପୃଷ୍ଠା ଖୋଲିଚାଲେ— ମୋ ଆଖିରେ କେବେ କୌତୂହଳ ତ କେବେ ଉତ୍କଣ୍ଠା ।

ଥରେ ଥରେ ମୁଁ ଖୁବ୍ ଅସୁସ୍ଥ ଥିବି, ହୁଏତ ୧୦୪/ ୧୦୫ ଡିଗ୍ରୀ ଜ୍ୱର ଥିବ ଦେହରେ–ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ଜାଣିପାରିବି ଯେ ମୋ ସ୍ୱାମୀ ମୋ ସହିତ ସମ୍ଭୋଗରତ । ପୁଣି ସହବାସ କାଳରେ କେବଳ ଯନ୍ତ୍ରଟିଏ ହେବା ବ୍ୟତୀତ ପତ୍ନୀର ଯେ ଆଉ କିଛି ଭାଗ ଥାଏ ଏକଥା ସେ ବିଶ୍ୱାସ କରନ୍ତି ନାହିଁ । ଏସବୁ ସହିତ ନାନାଦି ଯୌନବିକାର–

ମୁଁ ସୁଖୀ ସଂସାରର ଗୃହିଣୀଟିଏ—ଉପରୋକ୍ତ କଥାକୁ ସହଜରେ ବୁଝି ପାରେନା—ରୁନୁ ମୋର ଶ୍ରଦ୍ଧା ଓ ସମ୍ମାନର ଯୋଗ୍ୟ ହୋଇଥିବା ହେତୁ ତା କଥାକୁ ଅବିଶ୍ୱାସ ବି କରି ପାରେନା । ଆହୁରି ନିଠେଇ ନିରେଖି ଦେଖିବସେ ।

ତୁ କ'ଣ ଜାଣିନୁ, ମୋର ବନ୍ଧୁବାନ୍ଧବୀଙ୍କ ମହଲରେ ତାଙ୍କ ଉପସ୍ଥିତିରେ ମୁଁ ମନଖୋଲା କଥା କହିପାରେନା । ପଦେ ବି ଯଦି କିଛି କହେ–ସେ କଥା ଛଡ଼େଇ, କଥାର ବିରୋଧ କରନ୍ତି । ସେ ବିରୋଧ ଯେତେ ଅଯୌକ୍ତିକ ହେଉପଛେ । ତାଙ୍କର ଇଚ୍ଛା ମୁଁ ସବୁବେଳେ ସବୁଠାରେ ତାଙ୍କ ମନକୁ ପାଇଲା ଭଳି କଥା କହନ୍ତି । ଏଣେ ତାଙ୍କ ମନର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଧାରା ନଥାଏ । ମୁଁ ରୁନୁର ଆତ୍ମୀୟା ହୋଇଥିବାରୁ ଏ କଥାର ଉଣାଅଧିକ ସାକ୍ଷୀ ଥିଲି । ତା'ର ସ୍ୱାମୀ ପରିବାରରେ ଓ ବାହାରେ ସର୍ବଦା ଉତ୍ତେଜିତ ହୋଇ କଥାବାର୍ତ୍ତା କରନ୍ତି, ସାମାନ୍ୟ କଥାରେ ଉତ୍ୟକ୍ତ ହୋଇ ପଡ଼ନ୍ତି । ମୁଁ ଏହା ଜାଣିଥିଲି । ତଥାପି ତା'ର ହତାଶ ଅଭିବ୍ୟକ୍ତିକୁ ତାଙ୍କି ଦେବାପାଇଁ କହେ–ସେ ତ ବେଳେବେଳେ ଶ୍ରଦ୍ଧାପୂର୍ଣ୍ଣ କଥା କହିଥାନ୍ତି । ରୁନୁ ଝାମ୍ପିପଡ଼େ । 'ତୁ କେବେ କ୍ୱଚିତ ଶୁଣିଥିବୁ । ତାଙ୍କ ସହ ୧/୨ ଦିନ ରହିଲେ ମଧ୍ୟ ଯେ କେହି ଜାଣିପାରିବ ଯେ, ତାଙ୍କ ପାଟିରୁ ଭଲକଥା ବାହାରେ ନାହିଁ । ଶବ୍ଦ ଖୁବ୍ ଜୀବନ୍ତ-ଶବ୍ଦର ମଧ୍ୟ ଗୋଟେ ଶକ୍ତି ଅଛି ବୋଲି ଜାଣୁ ତ ? କୁତ୍ସିତ ଶବ୍ଦ ଅବିରତ ଉଚ୍ଚାରଣ କଲେ ରୁଚିର ଶବ୍ଦ ଆଉ ଆସିବ ନାହିଁ ।" ଆଶ୍ୱାସନା ଦିଏ ମୁଁ-ତୋତେ ସେ ମୂଲ୍ୟବାନ ମଣି ବୋଲି ଭାବନ୍ତି । 'ହଁ',

Digitized by PPRACHIN, SOA

ମଣି ଭାବନ୍ତି, ରୁନୁ କହେ ଓ ତାକୁ ଲକ୍‌ରରେ ରଖି ଧନୀ ବୋଲାଉଥାନ୍ତି । ସତକଥାଟି କହିଲୁ । କିନ୍ତୁ ସଜୀବ ମଣିଷଟିଏ ବୋଲି କେବେ ଭାବନ୍ତି କି ? ମଣିକୁ ମଣିଷ ବକ୍ଷରେ ଧାରଣ କରାଯାଏ, ଯେ ଜ୍ଞାନ ତାଙ୍କର ଅଛି ?" ରୁନୁ ଧୈର୍ଯ୍ୟ ହରାଏ । ତା'ର ସ୍ୱାମୀ ନିଜ ସନ୍ତାନମାନଙ୍କୁ ମଧ୍ୟ ଆଦରରେ କଥା ପଦେ କହନ୍ତି ନାହିଁ । ଏ କଥା ମୋର ଅଗୋଚର ନଥିଲା । ଅଧିକାଂଶ ସମୟରେ ପିଲାଙ୍କ ସୁବିଧା ଅସୁବିଧା ବୁଝିବାପାଇଁ ରୁନୁ ତାଙ୍କ ସହ ଯୁକ୍ତି କରେ ଓ ସେ ରୁନୁ ପ୍ରତି ଦୟା ଦେଖାଇ ପିଲାଙ୍କ କାମ କରୁଚନ୍ତି ବୋଲି ଅନୁଭବ କରନ୍ତି । ପୁଣି କେବେ ରୁନୁ ସାଲିସ କରି ନ ପାରୁଥିବା ଘଟଣା ମୋତେ ଲେଖିଥାଏ । ତାର ସ୍ୱାମୀ ପରିଚିତ ମହଲରେ ନିଜର ମହତ୍ତ୍ୱକୁ ଉପରେ ପଡ଼ି ବଖାଣି ବସନ୍ତି–ଅଥଚ ପ୍ରକୃତରେ ଆଚରଣରେ ସେ ମହତ୍ତ୍ୱର ଧାର ଧରନ୍ତି ନାହିଁ । ମୁଁ ବିରକ୍ତ ହୁଏ "ବେଶ୍ ତ ଏତେ କଥା ଯଦି ବୁଝିଚୁ, ଆଗରୁ କାହିଁକି ତାଙ୍କୁ ପରିତ୍ୟାଗ କଲୁନାହିଁ ?"

ଏଥର ରୁନୁ କାନ୍ଦି ପକାଏ । ନିତାନ୍ତ ଆକୁଳ ହୋଇ କହେ, ମୁଁ ତାଙ୍କୁ ଭଲ ପାଉଥିଲି, ଭାବୁଥିଲି–ସ୍ନେହ ଦେଇ ହୁଏତ ଅନେକ କିଛି ବଦଳାଇ ହେବ । କିନ୍ତୁ ନା, ଏପରି ବିକୃତ ଚେତନା ବି ଥାଏ, ସେଠି ମୋଟେ ସ୍ପନ୍ଦନ ହିଁ ଆସେନା । ଏକଥା ବୁଝିଲା ବେଳକୁ ମୋର ସନ୍ତାନଟିଏ ହୋଇସାରିଥାଏ ।

ହୁଏତ ସନ୍ତାନ ଦୁଇଟିଙ୍କୁ ପିତୃ ସମ୍ପର୍କରୁ ବଞ୍ଚିତ କରିବ ନାହିଁ ବୋଲି ରୁନୁ ଆଜି ଅର୍ଦ୍ଧପଥରେ ନିଜର ବିଫଳତାକୁ ମାପି ବସୁଚି । ମୋର ହୃଦୟ କରୁଣ ଓ ଓଦା ଓଦା ହୋଇଯାଏ । ମୋର ସ୍ୱାମୀଙ୍କ କୋମଳ ସସ୍ନେହ ଆଚରଣକୁ ସ୍ମରଣ କଲେ ସଂସାରରେ କିଛି ବିକୃତି ଅଛି ବୋଲି ମୁଁ ଭାବିପାରେନା । ଥରେ ଥରେ ମୁଁ ଭାବେ ଏଗୁଡ଼ା ସବୁ ଅତିରଞ୍ଜିତ କଥା । ଅଥଚ ରୁନୁ—କେତେ ଜଣ ଓଡ଼ିଆଣୀ ତା'ରି ପରି ଭୋଗନ୍ତି ? ସ୍ୱାମୀ ସହ ନିଜ ରୁଚି ଓ ବିଚାରର ମେଳ ଖୋଜନ୍ତି, ସମର୍ଥନ ଖୋଜନ୍ତି, ପାଆନ୍ତି ବା କେତେ କ'ଣ ? ଅନ୍ଧ ପତିପ୍ରେମରେ, ସଂସ୍କାରର ପ୍ରବାହରେ ଉବୁଟୁବୁ ହୋଇ ଯନ୍ତ୍ରଣା, ଅପମାନକୁ ସିନ୍ଦୂର କରି ଲଗାଇ ଦିଅନ୍ତି କପାଳରେ । ରୁନୁ କାହିଁକି ତା କରିପାରିଲା ନାହିଁ ? ସାଲିସ କରିପାରିଲା ନାହିଁ, ନ୍ୟୂନତାବୋଧ ଓ ନୀଚତା ସହ ? କାହିଁକି ଖୋଜିଲା ଶ୍ରଦ୍ଧା, ଆତ୍ମମର୍ଯ୍ୟାଦା ? ୪୫ବର୍ଷ ବୟସରେ ରୁନୁ ଏଭଳି ଗୋଟେ ସିଦ୍ଧାନ୍ତ ନେଇ ପାଇଲା ବା କ'ଣ ?

Digitized by PPRACHIN, SOA

ରୁନୁ ଲେଖିଚି ଅନ୍ତତଃ ଆଜିଠୁ ମୁଁ ନିଜକୁ ସ୍ପଷ୍ଟଭାବେ ସମ୍ବୋଧନ କରିପାରିବି, ଆତ୍ମମର୍ଯ୍ୟାଦା ବଜାୟ ରଖିପାରିବି । ମିଛକୁ ଜାବୁଡ଼ି ଧରି ବଞ୍ଚି ଆସିଲି ଏଯାଏ । କମ୍ ଧିକ୍କାର ଆସୁନାହିଁ ସେଥିପାଇଁ । ତଥାକଥିତ ଯେ ଦାମ୍ପତ୍ୟରୁ ମୁଁ ମୁକୁଳିଲି । ସମାଜର ଭ୍ରୁକୁଟିକୁ ମୁଁ କେବେ ବି ଭ୍ରୂକ୍ଷେପ କରୁ ନଥିଲି । ସ୍ୱାମୀ ଓ ସନ୍ତାନ ଏ ଦୁହିଁଙ୍କ ଭିତରେ ଡୋରଟିଏ ହୋଇ ମୁଁ ସଂସାରକୁ ବାନ୍ଧି ରଖିବାକୁ ଚାହୁଁଥିଲି । ତା' ହୋଇପାରିଲା ନାହିଁ । ପ୍ରେମ ବା ଅନ୍ତରିକତାର ସ୍ପର୍ଶ ଯେତିକି ଥାଉ, ବିବାହରେ ପାରସ୍ପରିକ ସହାନୁଭୂତି ଓ ବୁଝାମଣା ବଡ଼କଥା । ପତ୍ନୀକୁ ପଦାଘାତ କରିବାର କାପୁରୁଷତାକୁ ପୌରୁଷ ଭାବୁଥିବା ଜଣେ ପୁରୁଷର ବନ୍ଧନରୁ ମୁଁ ମୁକ୍ତ ହେଲି ।

ସମାଜ ତା' ପ୍ରଚଳିତ ରୀତିରେ ପତିପତ୍ନୀର ସମ୍ପର୍କକୁ ବୁଝେ । ବିକାରଗ୍ରସ୍ତ ପୁରୁଷର ପତ୍ନୀ ହେବାର ଅନ୍ତର୍ଦାହକୁ ସେ ବୁଝେନା, ଯେମିତି ବୁଝେନା ସ୍ୱେଚ୍ଛାଚାରିଣୀ ନାରୀର ପତି ହେବାର ଅସହାୟତାକୁ । ରୁନୁ ଲେଖିଛି—ମୁଁ କାହାକୁ କିଛି କୈଫିୟତ ଦେବାକୁ ଚାହେଁନା, ଚାହେଁନା ବୁଝାଇବାକୁ ମୋର ସାମର୍ଥ୍ୟ ବା ଅସାମର୍ଥ୍ୟକୁ । ମୁଁ ଜାଣେ, ଏ ସବୁ କଥା ବୁଝିବା ଆଉ ବୁଝାଇବା ଖୁବ୍ କଷ୍ଟକର । ତୁ ବି ହୁଏତ ଅସନ୍ତୋଷରେ ମୋତେ ଅନାଇବୁ । ମୁଁ କିନ୍ତୁ ବଞ୍ଚିବାର ଅନ୍ୟ ଉପାୟ ପାଇଲି ନାହିଁ । ଯଦି କେହି ସମମର୍ମୀ ଥାଏ ବୁଝିବ, କିନ୍ତୁ ତୁ ବୁଝିବୁ ନାହିଁ ।

ରୁନୁ ଲେଖିଚି, ମୁଁ ସମମର୍ମୀ ନୁହେଁ, ମୁଁ ବୁଝିବି ନାହିଁ । ବେଶ୍ ତ ମୁଁ ବି ବୁଝିପାରୁନି ଆଦୌ । ଯଦି ସେ ୨୦ବର୍ଷ ସ୍ୱାମୀ ସହିତ ରହି ପାରିଲା, ଆଉ ୨୦/୨୫ବର୍ଷ କଟାଇ ପାରିଲା ନାହିଁ କାହିଁକି ? ଧେତ୍, ଅନ୍ୟମନସ୍କ ଭାବେ ତାର ଲମ୍ବା ଚିଠିଟାକୁ ଟିକିଟିକି ଚିରି ପବନରେ ଉଡ଼ାଇ ଦେଉଥିଲି ମୁଁ ।

●

Digitized by PPRACHIN, SOA

ନୂତନ ଶତାବ୍ଦୀ ଓ ଯଶୋଧାରା

କଲିଂବେଲ ଶୁଭିଲା–ମୁଁ କବାଟ ଖୋଲିବାକୁ ଯାଇ ପୁଣି ଫେରିଆସିଲି । ତାଲାପଡ଼ିଛି ଚାବି ଆଣିବାକୁ ହବ । ତିନିଟା ଛୋଟ ଛୁଆ ୬/୪/୨ ବର୍ଷର । ଦାଣ୍ଡ ପାଚେରି କବାଟରେ ତାଲା ନ ଦେଲେ ଯାଇ ରାସ୍ତାରେ ଉଠିବେ । ଗାଡ଼ିମଟର, ଗୋରୁ କୁକୁର ବି ଅଛନ୍ତି । କବାଟ ଖୋଲିଲି–ନମ୍ର ସୁନ୍ଦର ୧୬ବର୍ଷର ଝିଅଟିଏ–ମୋ ପାଦ ଛୁଇଁଲା । "ନାନୀ, ଚିହ୍ନିପାରୁଛନ୍ତି ? ମୁଁ ଗୀତା, ଧୀରେନ୍ଦ୍ର କରଙ୍କ ଝିଅ ।" "ଆଉ କହିବା ଦରକାର ନାହିଁ । ଆ–" ମନେପଡ଼ିଲେ ମଣିନାନୀ । ମୋର ଦିବଂଗତ ପିଉସୀର ନଣନ୍ଦ । ଇଂଜିନିୟର ଘରଣୀ । ମୋତେ ପ୍ରାୟ ୧୪/୧୫ବର୍ଷ ହୋଇଥିଲା ବେଳେ ମୁଁ ତାଙ୍କ ଘରକୁ ଯାଇଥିଲି । କେତେ ଆଗ୍ରହରେ ଚୁଲିମୁଣ୍ଡରେ ବସି ସେ ପୁରୀ ତରକାରି, କ୍ଷୀରୀ ତିଆରି କରିଥିଲେ । ସେତେବେଳକୁ ତାଙ୍କ ଝିଅ ଏଇ ଗୀତା–୫/୬ ବର୍ଷର ଗୁଲୁ ଗୁଲୁ, କୁନ୍ଦାସୁନାର ଦେହ ।

ହଁ, ଗୀତା ଓ ତା'ର ରୁମ୍‌ମେଟ୍ ହଷ୍ଟେଲରୁ ଆସିଛନ୍ତି । ବଜାରରୁ ଜଳଖିଆ ମଗାଇଲି । ଗୀତା ରେଭେନ୍‌ସା କଲେଜ ହଷ୍ଟେଲରେ ରହି ଆଇ.ଏସ.ସି. ପଢୁଥାଏ । ମୁଁ ରେଭେନ୍‌ସାରେ ନୂଆ ନୂଆ ଜଏନ କରିଥାଏ । ଘର ପଚାରି ପଚାରି ଗୀତା ପହଞ୍ଚିଥାଏ ମୋ ପାଖରେ । ତା'ପରେ ଗୀତା କେବେ କେମିତି ଆସେ । ଭଲ ପଢ଼େ ଭଲ ରେଜେଲ୍ଟ ବି କରେ । ମୁଁ ଚାକିରି ଭିତରେ ୪ପିଲାଙ୍କ ଜଞ୍ଜାଳରେ ବୁଡ଼ିରହି, ଗୀତାଠାରେ ବେଶିଧ୍ୟାନ ଦେଇପାରେ ନାହିଁ । ଅବଶ୍ୟ, ମୋର ଧ୍ୟାନ ଦେବାର ଆବଶ୍ୟକତା ବି ନଥାଏ । ଗୀତା ଅଲିଅଳି ଝିଅ । ତଳେ ତା'ର ଦୁଇ ଭାଇ । ସମସ୍ତେ ଭଲ ପଢ଼ନ୍ତି ।

ଏବେ, "ଟେଲିଗ୍ରାଫ" ପୃଷ୍ଠା ଲେଉଟାଇଲା ବେଳେ ଆଖିରେ ପଡ଼ିଲା ଚିତ୍ରଟିଏ । ଦୁଆରବନ୍ଧକୁ ଆଉଜି ଠିଆ ହୋଇଚି ପାତଳୀ ସୁନ୍ଦରୀ ତରୁଣୀ–ତିରିଶ ଭିତରେ ହେବ ବୟସ । ବଙ୍ଗାଳୀ ଘର ବୋହୂ, ପାଖରେ ୪/୫ବର୍ଷର ପୁଅଟି ଠିଆ ହୋଇଥାଏ । ଫଟୋର ପୃଷ୍ଠଭାଗରେ ଅସ୍ପଷ୍ଟ ଦିଶୁଥାନ୍ତି ତା'ର ଶାଶୂଶ୍ୱଶୁର । ତଳେ ତା' ସଂପର୍କରେ ପ୍ରତିବେଦନ । ଚମକି ପଡ଼ିଲି । ଯେ ଗୀତା ନୁହେଁ ତ–ହଁ ଗୀତା । ଠିକ୍ ତାରିପରି

Digitized by PPRACHIN, SOA

ଅପେକ୍ଷାମାଣା ସୁନ୍ଦରୀ ତରୁଣୀ, ସାଥୀରେ ପୁଅଟିଏ- "ଗୀତା, ଗୀତା, ସୁନାଭଉଣୀଟି ମୋର" ହୃଦୟ ବିକଳରେ ଡାକି ଉଠିଲା ।

୧୯୭୬ ମସିହାରେ ମୁଁ ରମାଦେବୀ ମହିଳା କଲେଜକୁ ବଦଳି ହୋଇଆସିଲି । ବାଣୀବିହାର ହତାରେ ଛୋଟ ଫ୍ଲାଟ ଘର । ଗୀତା ଏମ୍.ଏସ୍‌ସି.ର ଶେଷବର୍ଷର ଛାତ୍ରୀ ପରିସଂଖ୍ୟାନ ପଢୁଥାଏ-ଫାଷ୍ଟ କ୍ଲାସ ଫାଷ୍ଟ । ପରେ ପରେ ଭଲ ଚାକିରିଟେ ପାଇ ଯାଏ ଗୀତା । ବିଭାଘର ହୁଏ ତା'ର । ତା' ବାପା ଥାଆନ୍ତି ସମ୍ବଲପୁରରେ । ନିମନ୍ତ୍ରଣ କାର୍ଡ ମୁଁ ପାଇଥାଏ ସତ । ଯୋଗଦେଇ ପାରେ ନାହିଁ । ବଡ଼ିଆଳ ଚାରିଚାରିଟା ଝିଅ ଯାହାର, ତା' ଜଞ୍ଜାଳ ଯେ ଭୋଗେ, ସେ ଜାଣେ । କାହାକୁ ଅନ୍ୟଥା ବୁଝାଇ ହେବ ନାହିଁ । ଅତଏବ ଏଇ ସାମାଜିକ ସୌଜନ୍ୟବୋଧ ପାଇଁ ଟେଲିଗ୍ରାମଟେ ମୁଁ ପଠାଇଦିଏ ।

୭/୮ବର୍ଷ ପରର କଥା । ଗୀତା ସହିତ ଦେଖାହୁଏ । ତା ସାଥୀରେ ୪ବର୍ଷର ପୁଅ । ଗୀତାର ବାପା ଅବସର ନେଲେଣି । ଭାଇ ଦୁହେଁ ଇଂଜିନିୟର । ଆଉ ଗୀତା ? ଭୁବନେଶ୍ୱରରେ ହିଁ ରହୁଛି । ବିଭାଘର ପରେ ପରେ ସ୍ୱାମୀଙ୍କୁ ନେଇ ଗୀତା ଥରେ ଦି'ଥର ଆମ ଘରକୁ ବୁଲି ଆସିଥିଲା । ତା' ସ୍ୱାମୀ ଦେଖିବାକୁ ଅଳ୍ପ ଉଚ୍ଚ, ଟିକେ ଚନ୍ଦା, ସେମିତି କିଛି ସରସତା ନଥିବା ବ୍ୟକ୍ତିଟିଏ ବୋଲି ମୋର ମନେ ହେଉଥିଲା । ଯଦିଓ ତାଙ୍କର ବ୍ୟବହାର ଥିଲା ଖୁବ୍ ଭଦ୍ର ଓ ନମ୍ର । ଖୁବ୍ ଭଲ କ୍ୟାରିଅର ଥିବା ଇଂଜିନିୟର । କେମିତି ଉଦାସ ଦିଶନ୍ତି । ପ୍ରକୃତରେ ସେ ଉଦାସ ଦିଶୁଥିଲେ, ନାଁ ଆଜିକାଲି ତାଙ୍କ ଘଟଣା ଶୁଣିବା ପରେ ମୁଁ ତାଙ୍କଠାରେ ଉଦାସପଣକୁ ଆରୋପ କରୁଛି । କେଜାଣି ! ତେବେ ଗୀତା ସୁନ୍ଦରୀ ସ୍ନେହୀ, ପ୍ରାଣବନ୍ତାରେ ଉଜ୍ଜ୍ୱଳ । ନିମନ୍ତ୍ରିତ ହୋଇଥିଲେ ବି ତାଙ୍କର ଘରକରଣା ଦେଖିବା ପାଇଁ ମୁଁ କେବେ ଯାଇପାରି ନାହିଁ । ଅଥଚ ଆଜି, "ଟେଲିଗ୍ରାଫ୍" ପୃଷ୍ଠାରେ ଗୀତାର ଚିତ୍ର ମୋ ଆଖିରେ ଭାସିଉଠିଲା କାହିଁକି ? କେତେ ଅଭାବନୀୟ ଆତ୍ମୀୟତା ଲମ୍ବି ଆସି ହାତ ବଢ଼େଇଦେଲା ମୋ ଭିତରୁ ? କେଡ଼େ କରୁଣ ଅଥଚ ଦୃଢ଼ତାର ଶପଥଟିଏ ସହିତ ଗୀତା ମୋତେ ଚିହ୍ନାକରି ଦେଲା । ଏକ ହାହାକାର ଅଭିବ୍ୟକ୍ତି ଲାଭକଲା ମୋ ଅନ୍ତରରେ । ବଙ୍ଗାଳୀ ପରିବାରର ବୋହୂଟି ନାଁ ତା'ର ଅପରୂପା । ସତରେ ବି ସେ ଅପରୂପା, ଫଟୋରୁ ଯେତିକି ବାରି ହେଇ ପଡୁଥାଏ ।

Digitized by PPRACHIN, SOA

ଗୀତା ୪ବର୍ଷର ପୁଅକୁ ଧରି ଆସେ । ମୋତେ ସବୁକଥା କହେ । କାହିଁକି କେଜାଣି ଦୁଃଖୀ ଲୋକେ ମୋତେ ଭଲପାଆନ୍ତି-ମୁଁ ପଚାରେ ନପଚାରେ, ମନଖୋଲି କହିଦିଅନ୍ତି ସବୁ-ବୋଧେ ଦୁଃଖର ନଈଟିଏ ମୋ ହୃଦୟର ଅତଳରେ କୁଳୁକୁଳୁ ବହୁଥାଏ-ସେମାନେ ଉପନଦୀର ଧାରାଟିଏ ହୋଇ ଅଜାଡ଼ି ପଡ଼ନ୍ତି ଯାହା ।

ଗୀତାର ଇଂଜିନିୟର ସ୍ୱାମୀ ୨ବର୍ଷ ତଳେ ଘର ଛାଡ଼ନ୍ତି । ଅଫିସ ଛାଡ଼ନ୍ତି । ଟୁର୍‌ରେ କଲିକତା ଯାଇ ସିଆଡ଼ୁ ନିଖୋଜ ହୋଇଯାଆନ୍ତି । କାହାକୁ କହନ୍ତି ନାହିଁ କି ଚିଠି ଲେଖନ୍ତି ନାହିଁ । କୁଆଡ଼ୁ କିଛି ଖବର ନଥାଏ । ଗୀତା ନିଜେ ଏବେ ଜଣେ ପଦସ୍ଥ ଅଫିସର-ପୁଅଟିକୁ ପାଳୁଥାଏ-ସ୍ୱାମୀର ବାଟ ଚାହିଁଥାଏ । ୨ବର୍ଷ ଅଳ୍ପସମୟ ନୁହେଁ । ଆଖି ସାମ୍ନାରେ ଦୀର୍ଘ ଭବିଷ୍ୟତ-୩୦ବର୍ଷର ଗୀତା ଓ ୪ବର୍ଷର ପୁଅର ଭବିଷ୍ୟତ । ଗୀତା କହେ "ନାନୀ, ତାଙ୍କ ଚାକିରିର ସିକ୍ୟୁରିଟି, ଟଙ୍କା ପଇସା ଇତ୍ୟାଦି ବିଷୟରେ ମୁଁ କିଛି ହିସାବନିକାଶ ଏଇଲେ କରୁନାହିଁ । ବଳେ ଫେରିବେ ।" କଥାବାର୍ତ୍ତା ଛଳରେ ଜାଣିଲି ବୁର୍ଲା ଇଂଜିନିୟରିଂ କଲେଜରେ ପଢୁଥିବା ବେଳେ ତା' ସ୍ୱାମୀ ୧ବର୍ଷ ପାଇଁ ନିଖୋଜ ହୋଇ ଯାଇଥିଲେ । ଖୁବ୍ ଭଲ ଛାତ୍ର । ପରବର୍ଷ ଆସି ତଳକ୍ଲାସରେ ପଢ଼ିଲେ । ଗୀତା କହେ- "ସେ ତ ନିରାସକ୍ତ ମନେ ହୁଅନ୍ତି ନାହିଁ-ସବୁଥିରେ ଭଲ । ଝଗଡ଼ା ବି ପ୍ରାୟ ହୁଏ ନାହିଁ ।" ଗୀତାକୁ ଓ ପୁଅକୁ ଭଲ ପାଆନ୍ତି ବୋଲି ତ ଲାଗେ । କେବେ କିଛି ଅସ୍ଥିରତା ଲକ୍ଷ୍ୟ କରିନାହିଁ ଗୀତା । ଥରେ ଅଧେ ଛାତ୍ରାବସ୍ଥାର ନିଖୋଜ ହେବା ଘଟଣା ଗୀତା ପଚାରିଛି । ଉତ୍ତର ପାଇଛି- "ବୁଲିଲି-ଭାରତର ଗହନ ଗହନ ତୀର୍ଥସ୍ଥାନ-ପାଠପଢ଼ି କ'ଣ କରିବି-ସମାଜକୁ, ସଂସାରକୁ ଟିକେ ବି କ'ଣ ବଦଳାଇ ପାରିବି ? ତା'ର ବିଷମତାକୁ, ଅବିଚାରକୁ ? ଜୀବନର ଅର୍ଥ ଖୋଜିବୁଲିଲି-ପୁଣି ପଢ଼ିବାକୁ ଇଚ୍ଛା ହେଲା-ଘର କଥା ମନେ ପଡ଼ିଲା-" ଗୀତା ଆଶା କରିବସିଛି-ପୁଣି କୋଉଦିନ ଘରକଥା ମନେ ପଡ଼ିବ-ସୁନ୍ଦରୀ, ସୁଶିକ୍ଷିତା, ସମର୍ଥା ପତ୍ନୀ ଗୀତା ଓ କୁନିପୁଅ କଥା-ସେ ପୁଣି ଫେରିଆସିବେ ।

"ଧେତ୍ ବାୟାଟା, ବାହା ହଉଥିଲା କାହିଁକି-" ମନେ ମନେ କହିଲି ସିନା-ଗୀତାର ନିଷ୍ଠା ସାମ୍ନାରେ ଏ ସବୁକିଛି ପ୍ରକାଶି ପାରିଲି ନାହିଁ ।

ଆଉ ଅପରୂପା-ତା'ର ଚାକିରି ନାହିଁ, ଗୃହଲକ୍ଷ୍ମୀ ସେ, ଶାଶୂଶ୍ୱଶୁରଙ୍କ ଗୋଟିଏ ପୂଅ-ଗୃହାନ୍ତରୀ । କିଛି ଖବର ଜଣାଇ ନାହିଁ । ସେ ବି ଜଣେ ଇଂଜିନିୟର । ୭ବର୍ଷର

Digitized by PPRACHIN, SOA

ପୁଅଟିଏ । ୬ବର୍ଷ ବିତିଗଲାଣି । ଅପରୂପାର ବାପା ମା' ପ୍ରସ୍ତାବ କରିଛନ୍ତି-ତୁ ଚାଲି ଆସେ । ସ୍ୱାମୀ ତ କୁଆଡ଼େ ନିଖୋଜ ହେଲା । ଆମେ ପୁନର୍ବିଭା କରାଇବା । ଅପରୂପା ଅଟଳ-ସ୍ୱାମୀ ତା'ର ଫେରିବେ । ଏତେ ସ୍ନେହୀ, ମମତାମୟ ବ୍ୟକ୍ତି କୁଆଡ଼େ କେମିତି ଲୁଚି ରହିପାରିବ ? ବାପ ମା' ଅଶ୍ରୁଗଡ଼ାଇ ବୟସ୍କ ହୋଇ ହୋଇ ଚାଲିଛନ୍ତି । ଏକମାତ୍ର ସନ୍ତାନ ତାଙ୍କର । ସେମାନେ କ'ଣ କରିବେ ? ଅତଏବ ଅପରୂପା ପ୍ରତୀକ୍ଷା କରି ରହିଛି । କୋଉ ସକାଳେ ଦିନେ କୁହୁଡ଼ିଆ ଫର୍ଚ୍ଚା ଭିତରୁ ସ୍ୱାମୀ ତାର ହସି ହସି ବାହାରି ଆସିବ ।

ଆଉ ଗୀତା-ମଝିରେ ଥରେ ଭେଟିଥିଲା-କ୍ଲାନ୍ତି ଲାଗିରହିଛି କିଛିଟା । ପୁଅ ବଡ଼ ହେଇଚି-ସ୍କୁଲର ଉପର କ୍ଲାସରେ । ପୁଅର ବାପା ଫେରି ନାହାନ୍ତି । ଖବର ଅନ୍ତର ନାହିଁ । ଅଥଚ ଗୀତାଠାରେ ଏକ ଆଶାହୀନ ପ୍ରତୀକ୍ଷା ତଥାପି ତଟସ୍ଥ ହୋଇଯାଇଛି । ତା' ସ୍ୱାମୀବିଷୟରେ ମୁଁ କିଛି ପଚାରିଲି ନାହିଁ । ଗୀତା ବି ତ ପୁନର୍ବିବାହ କରିପାରିଥାନ୍ତା ! ଗୋଟେ ଗୃହତ୍ୟାଗୀ, ନିଷ୍ଠୁରବ୍ୟକ୍ତି ଠାରୁ କି ପ୍ରେମ ଓ ଆଶ୍ୱାସନା ସେ ପାଇଛି କେଜାଣି, ଅନେଇଁ ବସିରହିଛି । କେବେ ବି ତାକୁ ନିନ୍ଦା କରି ପଦେ କହିନାହିଁ । "ହଁ, ସେ ଟିକେ ଅଲଗା ପ୍ରକାର ଲୋକ"- ଏତିକି ଯାହା ଗୀତା କହିଥାଏ । ସେ ସଂସାରରେ ବାନ୍ଧି ହେଲା ନାହିଁ, ସଂସାରର ଶଗଡ଼ ଗୁଳାରେ ତଳମୁହାଁ ବଳଦପରି ଚାଲିପାରିଲା ନାହିଁ-ଚାଲିବାକୁ ଚାହିଁଲା ନାହିଁ । ଛୋଟିଆ ସ୍ୱାର୍ଥକୁ ସର୍ବସ୍ୱ କରି ବଞ୍ଚିରହିବା ତାକୁ ରୁଚିଲା ନାହିଁ । ସବୁକଥା ଅକ୍ଷରେ ଅକ୍ଷରେ ସତ । ହେଲେ, ସୁନ୍ଦରୀ, ତରୁଣୀ ପତ୍ନୀ, ଅବୋଧ ଶିଶୁପୁତ୍ରକୁ ଏକାକୀତ୍ୱର ହତାଶା ଭିତରକୁ ଠେଲି ଦେବାର କି ଅଧିକାର ତା'ର ଥିଲା ? ୟେ କ'ଣ ଗୌତମଙ୍କର ଜଣେ ପ୍ରତିନିଧି-ଗୀତା ଓ ଅପରୂପାଙ୍କ ସ୍ୱାମୀ, ଦୁହେଁ ଗୌତମଙ୍କ ଭଳି କେହି ?

ସେଦିନ ନିଶାର୍ଦ୍ଧରେ ତରୁଣୀ ଯଶୋଧାରାଙ୍କ ମୁଖଶ୍ରୀ, ଶିଶୁପୁତ୍ର ରାହୁଳର ଅବୋଧ ନିର୍ଭରତା-କିଛି ବି ଗୌତମଙ୍କଠାରେ ଭାବାନ୍ତର ଆଣି ନଥିଲା । ସେ ଫେରିଲେ ବୋଧିସତ୍ତ୍ୱ ରୂପରେ, ବୁଦ୍ଧରୂପରେ । ଯଶୋଧାରା (ଗୋପା)ଙ୍କର ଅଭିମାନଭରା ପ୍ରଶ୍ନ "ମୋତେ ଆପଣଙ୍କ ସଂକଳ୍ପ ବିଷୟରେ ଜଣାଇଥିଲେ ମୁଁ କ'ଣ ସେଥିରେ ଅନ୍ତରାୟ ହୋଇଥାନ୍ତି ?" ଆଜିଯାଏଁ ଗୌତମଙ୍କଠାରୁ ଏ ପ୍ରଶ୍ନର ଉତ୍ତର ମିଳି ନାହିଁ ।

Digitized by PPRACHIN, SOA

ଜୀବନର କିଛି ଉତ୍ତୀର୍ଣ୍ଣ ଅଭିଳାଷ, ତା'ର ବାର୍ତ୍ତା, ସେ ବାର୍ତ୍ତାର ପ୍ରତିଷ୍ଠା, କଦାପି ସ୍ୱୟଂଜୀବନଠାରୁ ବୃହତ୍ତର ହୋଇ ନପାରେ । ଶେଷ ଜୀବନରେ ଏହା ହିଁ ଥିଲା ଗୌତମଙ୍କର ଉପଲବ୍ଧି । ଯିଶୁଖ୍ରୀଷ୍ଟ ଜୀବନର ଶେଷକ୍ଷଣରେ ମାୟାମମତା ଘେରା, ସନ୍ତାନବତ୍ସଳ ଗୃହଜୀବନର ଶ୍ରେୟତା ସଂପର୍କରେ ହୃଦୟଙ୍ଗମ କରିଛନ୍ତି । ଯଦି ଏହି ସଂସାରକୁ ସ୍ୱାର୍ଥ, ସଂକୀର୍ଣ୍ଣତା, ନ୍ୟୂନତାଠାରୁ ଉଦ୍ଧାର କରିବାକୁ ହେବ, ତେବେ ସଂସାର ମଧ୍ୟରେ ଜୀବନ ଅତିବାହିତ କରି ତାହା କରିବା ଦୁଷ୍କର ହେବ ନାହିଁ । ଶିଶୁ ସନ୍ତାନର ହାତ ଧରି ପାଦ ପାଦ ଆଗେଇ ନେବା, ତା'ର ଚେତନାରେ ସୁନ୍ଦର ଭାବ ଓ ଅନୁଭବର ଚିତ୍ର ଆଙ୍କିଦେବା ମଣିଷର ସର୍ବୋତ୍ତମ କର୍ତ୍ତବ୍ୟ ନିଶ୍ଚୟ । ଗୃହତ୍ୟାଗୀ, ସଂସାର ବିରାଗୀ ସନ୍ନ୍ୟାସୀଗଣ ସେମାନଙ୍କ ଏତାଦୃଶ ପଳାୟନ ଯେ ତ୍ରୁଟିଯୁକ୍ତ ଏହା ପରବର୍ତ୍ତୀକାଳରେ ହୃଦୟଙ୍ଗମ କରିଛନ୍ତି ।

ଯଦି ମାୟା ମମତାର ବନ୍ଧନ ମିଥ୍ୟା-ତେବେ ଏ ପୃଥିବୀରେ ସତ୍ୟ କ'ଣ ? ଘୃଣା, ଯୁଦ୍ଧ, ପଳାୟନ ଓ ବିଦ୍ୱେଷ ? ଏକବିଂଶ ଶତାବ୍ଦୀର ପ୍ରାରମ୍ଭକାଳରେ ବିଜ୍ଞ, ସୁଧୀ, ଅନୁଭବପ୍ରବଣ, ଆଧ୍ୟାତ୍ମଅନ୍ୱେଷୀ ବ୍ୟକ୍ତିଗଣ ବୁଝିବା ଜରୁରୀ ଯେ, ଜୀବନ ହିଁ ସବୁଠାରୁ ବଡ଼ । ଏହିଠାରେ ବନ୍ଧନ ପୁଣି ଏହିଠାରେ ମୁକ୍ତି । ଆୟୁଷ୍ମତୀ ପୃଥିବୀକୋଳରେ, ପ୍ରିୟଜନ ମେଳରେ ଜୀବନ ବଞ୍ଚି ସନ୍ତୋଷ ସହିତ ମୃତ୍ୟୁ ଇଲାକାରେ ପ୍ରବେଶ କରିଯିବା ହିଁ ମାନବର ସର୍ବଶ୍ରେଷ୍ଠ ଅଭୀପ୍ସା ।

Digitized by PPRACHIN, SOA

ଲାଜ କାହିଁକି, ଝିଅ ?

ତୁ ନିଜ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଲୁ । ନ ହେଲେ ନିଜ ଓଢ଼ଣିକୁ ବେକରେ ବାନ୍ଧି ଓରାରୁ ଝୁଲି ପଡ଼ିଲୁ । ନହେଲେ ନଈ, ପୋଖରୀ, କୂଅକୁ ଡେଇଁ ପଡ଼ିଲୁ । ଜୀବନ ହାରିଦେଲୁ । କିନ୍ତୁ କାହିଁକି, କ'ଣ ପାଇଁ ? ଲାଜ ତୋର, ଏଇ ଯୌନ ନିର୍ଯାତନା ପାଇଁ ? ତୋ ଶରୀରକୁ ସେମାନେ ଖିନ୍‌ଭିନ୍ କରିଦେଲେ ବୋଲି ତ ? ହେଲେ ତୋର ସେଥିରେ ଦୋଷ କ'ଣ ? ତୁ ତ ଡାକି ଆଣିନୁ ସେମାନଙ୍କୁ ! ତୋତେ ବିଧାତା ମାତୃ-ଶରୀର ଦେଇଛି, ତାହା ବିଧାତାର କଳାକାରପଣ । ତୁ ପାଠ ପଢ଼ିଲୁ, ଅଣ୍ଟା ଭିଡ଼ିଲୁ, ଦୁଇ ପଇସା ରୋଜଗାର କରିବୁ । ବାହାରକୁ ବାହାରିବୁ । ନିହାତି ଶୌଚ କାର୍ଯ୍ୟରେ ତ ଘରୁ ବାହାରକୁ ଯିବାକୁ ପଡ଼ିବ । କୈଶୋର, ଯୌବନ ତୋର ଶରୀର ମଣ୍ଡନ କରିବ । ସାରା ପୃଥିବୀର ସୌନ୍ଦର୍ଯ୍ୟ ମଣିଷ, ପଶୁପକ୍ଷୀ, ପ୍ରକୃତି, ମାଟି ଓ ଆକାଶର ମହିମାମୟ ସୌନ୍ଦର୍ଯ୍ୟ ମଣିଷର ହୃଦୟ ବିନୋଦନ ପାଇଁ ଅଭିପ୍ରେତ । ନାରୀର ରୂପ, ପୁରୁଷର ରୂପ, ଉଭୟେ ନାନ୍ଦନିକ । ଚକ୍ଷୁର ଅନୁରଞ୍ଜନ ପାଇଁ, ମନୁଷ୍ୟର ବଂଶଧାରାର ଗତିଶୀଳତା ପାଇଁ । ଯୌନତାର ମଧ୍ୟ ବିଶେଷ ବିଧି ରହିଛି- ସେଥିରେ ବୈଚିତ୍ର୍ୟ ନିହିତ ।

କିନ୍ତୁ ଆଜିର ଦୁନିଆରେ ଶିକ୍ଷା ଶାଳୀନତାହୀନ, ଅଯତ୍ନବର୍ଦ୍ଧିତ ମାନବ-ଶିଶୁ ବୟଃକ୍ରମରେ ରାକ୍ଷସଠାରୁ ଅଧିକ ବୀଭତ୍ସ ହୋଇଉଠିଛି । ନାରୀ ଶରୀରର ମହିମାକୁ ସେ ଚିହ୍ନେ ନାହିଁ, ବୁଝେ ନାହିଁ । ତା ନିଜର ଯୌନ ବୁଭୁକ୍ଷା ଭୟଙ୍କର ଓ ମାରାତ୍ମକ । ଏକଦା 'ବଳାତ୍କାର' ଶବ୍ଦ ଚର୍ଚ୍ଚାରେ ଥିଲା, ଆଜି ଏକବିଂଶ ଶତକରେ 'ଗଣବଳାତ୍କାର' ଅଧିକ ଚର୍ଚ୍ଚିତ । 'ଗଣ ବଳାତ୍କାର' କ୍ରିୟାଟି ମଣିଷକୁ ଶ୍ୱାନଠାରୁ ହୀନ କରିଦେଉ ନାହିଁ କି ? ଶ୍ରଦ୍ଧା ନାହିଁ, ନାହିଁ ସମ୍ମାନ କି ସଂଭ୍ରମ, କେବଳ ପ୍ରବଳ ପାଶବିକ-ବୁଭୁକ୍ଷା । ନାରୀର ଶରୀରକୁ ପୂଳା ପୂଳା କାମୁଡ଼ି ଖାଇଯିବା ଏବଂ ଶେଷରେ ତାକୁ ତଣ୍ଟିଚିପି, ତଣ୍ଟି କାଟି ବା ପୋଡ଼ି ମାରି ଦେବା । ଯାଠାରୁ ଜଘନ୍ୟ ଉପାୟରେ ମଧ୍ୟ ଦୁଷ୍କର୍ମ ପୀଡ଼ିତାକୁ ହତ୍ୟା କରିବାର ନଜିର ରହିଛି । କିଶୋରୀ, ଯୁବତୀ, ପ୍ରୌଢ଼ା ଏପରିକି ଶିଶୁକନ୍ୟା ଓ ବୃଦ୍ଧା ବି ଏହି ଆକ୍ରମଣରୁ ରକ୍ଷା ପାଇପାରୁ ନାହାନ୍ତି । ଏଥିରେ ନାରୀଟିର ଦୋଷ କଅଣ ? ଘର ଭିତରେ ଲୁଚି ରହିଲେ ବି ବଳାତ୍କାରୀଠାରୁ ରକ୍ଷା ମିଳୁନାହିଁ । ଏହା ଆଜିର ସମସ୍ୟା ନୁହେଁ । ଅନାଦି ଯୁଗରୁ ଏହି ସମସ୍ୟା କ୍ରିୟାଶୀଳ ଥିଲା । ପୁରାଣ

Digitized by PPRACHIN, SOA

ଯୁଗରୁ ବେଦମତୀ କନ୍ୟା ରାବଣ ଦ୍ୱାରା ଧର୍ଷିତା ହୋଇ ଆତ୍ମହତ୍ୟା କରିଥିଲା । ସେ ଅଭିଶାପ ଦେଇଥିଲା ଓ ଅଭିଶପ୍ତ ରାବଣ ପକ୍ଷରେ ସେହି ଅଭିଶାପ ଫଳବତୀ ହୋଇଥିଲା । ଆଜି ଆଖିକୁ ଦିଶୁ ନଥିଲେ ବି, ମୂର୍ଖାମିରୁ ଆମେ ବୁଝିପାରୁ ନଥିଲେ ବି, ପୀଡ଼ିତାର ଅଭିଶାପ ନିଶ୍ଚୟ ରହିଛି । ମାତ୍ର ମାନବକୁଳ ଦାନବଠାରୁ କୁତ୍ସିତ ହୋଇ ଚାଲିଛନ୍ତି । କିନ୍ତୁ ଯେ ଅଭିଶାପ ଫଳବତୀ ହେବା ନ ହେବା ବଡ଼ କଥା ନୁହେଁ । ନାରୀତ୍ୱର ମର୍ଯ୍ୟାଦା ରକ୍ଷା କରିବା ବର୍ତ୍ତମାନର ବଡ଼ ପ୍ରଶ୍ନ, ବଡ଼ ସମସ୍ୟା, ବର୍ତ୍ତମାନ ଯୁଗରେ ।

ମୋ ପିଲାଦିନେ ପ୍ରାୟ ୬୦ବର୍ଷ ତଳେ, ଥରେ ମୁଁ ମାମୁଘରେ ଥାଏ, କଟକ ନିକଟବର୍ତ୍ତୀ 'ବରଡ଼ା' ଗାଁରେ । ମୋର ଗୋଟିଏ ଲେଖା ଯୋଖା ମାଉସୀ ପ୍ରାୟ ମୋର ସମବୟସୀ, ୭/୮ ବର୍ଷର । କେବେ କେବେ ଆମେ ସାଙ୍ଗ ହୋଇ ଖେଳୁ । ସେ ବେଳେବେଳେ ଗୋବର ଗୋଟାଇବାକୁ ଦେବୀ ନଈ ପଠାକୁ ବା ମାଛ ଗାଁ କେନାଲ ଆରପଟ ବିଲକୁ ଯାଏ । ଅଭାବୀ ଘର, କିନ୍ତୁ ସଂଭ୍ରାନ୍ତ । ସେଇ ମାଉସୀ ପ୍ରାୟ ପ୍ୟାଣ୍ଟ ଖଣ୍ଡେ ପିନ୍ଧେ, କେବେକେବେ ଫ୍ରକ୍ ପିନ୍ଧେ । ଦୁର୍ବଳିଆ । ଦିନେ ଖବର ମିଳିଲା ବିଲ ମଝି ହିଡ଼ କଡ଼ରେ ତାର ମୃତ ଦେହ, ପ୍ୟାଣ୍ଟ ଚିରା, ରକ୍ତ ବଳବଳ । ସନ୍ଧ୍ୟାବେଳେ ଘର ଲୋକେ ଖୋଜିବାରୁ ପାଇଲେ ଏହା ମଧ୍ୟାହ୍ନର ଦୁଷ୍କୃତ । ଗଣମାଧ୍ୟମର ଆଜିଭଳି ହୁଲସ୍ଥୁଲ ତ ନଥାଏ । ତଥାପି ଏ ଖବର 'ସମାଜ'ରେ ପ୍ରକାଶ ପାଇଥିଲା । ସେ କାଳରେ କାଁ ଭାଁ ଏଭଳି ଘଟଣା ବି ଘଟିଥାଏ । ଆଜି, ଶହ ଶହ, ହଜାର ହଜାର ସଂଖ୍ୟାରେ ଦୁଷ୍କର୍ମ, ଦୁଷ୍କୃତକାରୀ ଓ ପୀଡ଼ିତାଙ୍କ ଖବର ମିଳୁଛି, କେସ୍ ଚାଲିଛି । କ୍ଷମତା ଓ ବାହୁବଳରେ ଦୋଷୀ ଅଧିକାଂଶ ନିର୍ଦ୍ଦୋଷ ପାଲଟି ଯାଉଛନ୍ତି । କେସ୍ ଚାଲିଛି ଏକାଧିକ ଦଶନ୍ଧି ଧରି ।

ଆଉ ଗୋଟିଏ ଘଟଣା ୩୦/୩୫ବର୍ଷ ତଳର । ମୋର ପରିଚିତା ଝିଅଟି ଗ୍ରାମସେବିକା ଥାଏ, ଭୁବନେଶ୍ୱର ପାଖାପାଖି ଗାଆଁରେ । ଗୋଟେ ଛୋଟ ଚାଳିଘର ଭଡ଼ା ନେଇ ସେ ତାର ନିଜ ବଡ଼ ଭଉଣୀ ସହ ରହୁଥାଏ । ଥରେ ମୋତେ କହିଲା, "ଗାଁର ପ୍ରତିଷ୍ଠା ସମ୍ପନ୍ନ ବ୍ୟକ୍ତି ଜଣେ ତା ପ୍ରତି ଲୋଭ ପ୍ରକଟ କରୁଛି ଓ ସେ କଡ଼ା ଭାବରେ ପ୍ରତ୍ୟାଖ୍ୟାନ କରିଛି ।" ସେ ମୋତେ କହିବା କଥା ହେଲା, "ମ୍ୟାଡ଼ାମ୍, ଆମେ ନିଜକୁ ନିଜେ ରକ୍ଷା ତ କରିବୁ । ଗୋଟିଏ ସୀମା ଯାଏ । କିନ୍ତୁ ବଳ ପ୍ରୟୋଗ ହେଲେ କ'ଣ କରିବୁ? ଯଦି ସେଦିନ ଦ୍ରୌପଦୀଙ୍କୁ ରକ୍ଷା କରିଥିବା ଭଗବାନ ଆମ ପାଖେ ଠିଆ ନ ହେବେ, ରକ୍ଷା ନ କରିବେ?" ଯାର ଉତ୍ତର

Digitized by PPRACHIN, SOA

କ'ଣ ? ତେବେ ମୁଁ କହିଲି, "ତୁମକୁ ସୁରକ୍ଷା ଦେବାକୁ ଭଗବାନ ଯଦି ଭୟ କରିବେ, ତୁମେ ପାରୁପର୍ଯ୍ୟନ୍ତ ନିଜ ସୁରକ୍ଷା ପାଇଁ ପ୍ରଚେଷ୍ଟା ଚଳାଇବ ।" ମୋ ଉତ୍ତର ମୋତେ ଅପ୍ରସ୍ତୁତ କରିଥିଲା ଯାହା । କେଇ ବର୍ଷ ଭିତରେ ଝିଅଟି ସେହି ଭଡ଼ା ଘରେ ଦୁଷ୍କୃତ-ପୀଡ଼ିତା ହେଲା, ବୋଧେ ଦୁଇଜଣ (ନାବାଳକ ?) ଙ୍କଦ୍ୱାରା । ପରଦିନ ତା ପରିବାର ତାକୁ ତାଙ୍କ ଘରକୁ ନେଇଗଲେ । ମାତ୍ର ଦୁଇ ଦିନ ପରେ ଏକୁଟିଆ ବେଳେ ସେ କୂଅକୁ ଡେଇଁ ପଡ଼ିଲା । ପ୍ରାଣ ହାରିଦେଲା ।

ମୁଁ ଭାବୁଥିଲି, ତାକୁ କହିଥାନ୍ତି, ବଞ୍ଚିଲୁ ନାହିଁ କାହିଁକି ? ମନେକର, ତୁମେ ଏକୁଟିଆ ଯାଉଛ ବିଷାକ୍ତ ବିଛାଟିଏ କାମୁଡ଼ି ଦେଲା, ପଞ୍ଚାଏ କାମୁଡ଼ା କୁକୁର ତୁମ ଜଂଘକୁ ଗୋଡ଼କୁ ଛାତିକୁ-ଝୁଣି ଦେଇଗଲେ, ଯା ବୋଲି ତୁମେ ନିଜ ଜୀବନର ଅନ୍ତ ଘଟାଇବ ? ଏହି ଦୁଷ୍କୃତକାରୀମାନେ ଯେ ହିଂସ୍ରଜନ୍ତୁଙ୍କ ଠାରୁ ଆହୁରି ହୀନ, ସଇତାନ । ସେମାନଙ୍କ ଦୁଷ୍କୃତ ପାଇଁ ତୁମେ ଲାଜ ପାଇବ କାହିଁକି ?

ଯଦି ଏ ସମାଜ ନ ବୁଝେ, ପରିବାର ନ ବୁଝେ, ତାହା ସେମାନଙ୍କ ହୃଦୟହୀନତାର, ଅମଣିଷ ପଣିଆର ପରିଚୟ । ତୁମେ ଜୀବନକୁ ନିଜ ହାତରେ ଶେଷ କରିବା ଏହାର ପ୍ରତିକାର ନୁହେଁ । ତୁମକୁ ଲଢ଼ିବାକୁ ହେବ । ଏବେ ତ ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ତାଙ୍କ ଶ୍ୱଶୁର 'ଯେ ମୋର ଝିଅ' କହି ଆଦରରେ ଗ୍ରହଣ କରିଛନ୍ତି । ଯେଉଁମାନେ କନ୍ୟା ଭ୍ରୂଣ ହତ୍ୟା ଓ ଜନ୍ମ ପରେ ଝିଅର ବଢ଼ିବା, ପଢ଼ିବାରେ ବାଛ ବିଚାର କରୁଛନ୍ତି, ଝିଅଙ୍କ ନାମ ରଖୁଛନ୍ତି 'ନିଆଶୀ, ନିରାଶୀ, ଅଶାନ୍ତି, ଦୁଃଖୀ', ଯେଉଁ ସ୍ୱାମୀ ଘର ଭିତରେ ସ୍ତ୍ରୀକୁ ବିଭିନ୍ନ ଭାବେ ନିର୍ଯାତନା ଦେଉଛନ୍ତି, ଅପମାନିତ କରୁଛନ୍ତି, ସେମାନେ କ'ଣ ତୁମର ମହତ୍‌ପଣିଆ ବୁଝିବା ସହଜ ? ଏତେ ଅବହେଳା, ଘରେ, ବାହାରେ, ସହି, ତଥାପି ଯଦି ବଢ଼ି ଉଠିଛ ତୁମେ, ମନରେ ଭରିଛ ସଦ୍ୟତା ଓ ସାହସ, ତେବେ ତାକୁ ବଞ୍ଚାଇ ରଖିବା ତୁମ ପାଇଁ ବଡ଼ କର୍ତ୍ତବ୍ୟ ହେଉ ।

ପରିବାର, ସମାଜ ସବୁକାଳେ ସମ୍ବେଦନହୀନ । ସମୟ ବଦଳିଛି, ହୁଏତ ଆହୁରି ବଦଳିବ । କୌଣସି ଆଇନ ତୁମ ନିର୍ଯାତନାକୁ ସମୂଳେ ବିନାଶ କରି ପାରିବ ନାହିଁ । ଏଥିପାଇଁ ମଣିଷର ଅନ୍ତଃକରଣର ପରିବର୍ତ୍ତନ ଲୋଡ଼ା । ମଣିଷର ହୃଦୟ ବଦଳିବା ସହଜ, କିନ୍ତୁ ଅମଣିଷର ? ତେଣୁ ତୁମକୁ ଯେ ଘୃଣ୍ୟକର୍ମ ବିରୋଧରେ ନିଜକୁ ପ୍ରତିଷ୍ଠା ଦେବାକୁ ହେବ । ଏ ଦିଗରେ ତୁମେ ଲଜ୍ଜିତା ହେବାର କିଛି ନାହିଁ । ଲାଜ ତୁମକୁ ସ୍ପର୍ଶ ନ କରୁ, ତୁମେ ସାହସିନୀ ହୁଅ ।

●

Digitized by PPRACHIN, SOA

ଅଲିଭା ସ୍ୱାକ୍ଷର

ବିଂଶ ଶତକର ପ୍ରଥମାର୍ଦ୍ଧ କାଳ ମଧ୍ୟରେ ଓଡ଼ିଆ ସାହିତ୍ୟକୁ ଓଡ଼ିଆଣୀମାନଙ୍କ ଅବଦାନ ସଂପର୍କରେ ପ୍ରାମାଣିକ ତଥ୍ୟ ଓ ତତ୍ତ୍ୱସଂବଳିତ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କର ଏହି ପୁସ୍ତକଟି "ବିସ୍ମୃତ ପରମ୍ପରା: ଓଡ଼ିଆ ସାହିତ୍ୟରେ ନାରୀ ପ୍ରତିଭା" (୧୮୯୮-୧୯୫୦) ମୁଖ୍ୟତଃ ଗବେଷଣାଧର୍ମୀ ଓ ଏ କ୍ଷେତ୍ରରେ ପ୍ରଥମ ମଧ୍ୟ । ତଥାପି, ଗବେଷଣାର ତଥ୍ୟଭିତ୍ତିସହ ବ୍ୟକ୍ତିକ ଆବେଗ-ଭିତ୍ତିର ସମନ୍ୱୟ ସାଧିତ ହୋଇ ଏହି ପୁସ୍ତକକୁ ରସଯୁକ୍ତ କରିପାରିଛି । ରେବା ରାୟଙ୍କଠାରୁ ଆରମ୍ଭକରି ବିଶିଷ୍ଟ ଲେଖିକା 'ଅମଡ଼ାବାଟ' ଉପନ୍ୟାସର ରଚୟିତ୍ରୀ ବସନ୍ତ କୁମାରୀ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ଏହାର ଅନୁସନ୍ଧିତ୍ସା ଓ ଆବିଷ୍କାର ପଦ୍ଧତି ପରିବ୍ୟାପ୍ତ ହୋଇଛି । ଏଥିରେ ଏଭଳି କେତେକ ଲେଖିକାଙ୍କ ପରିଚିୟ ଲିପିବଦ୍ଧ, ଯାହା ଏ ଯାବତ୍ ଲୋକଲୋଚନର ଅନ୍ତରାଳରେ ରହିଥିଲା । ଏହି ସମୟ ଖଣ୍ଡ ମଧ୍ୟରେ କୁନ୍ତଳା, ସରଳା ଓ ବିଦ୍ୟୁତ୍‌ପ୍ରଭାଙ୍କୁ କେବଳ ଗ୍ରାହ୍ୟ କରାଯାଇଥିଲା । ଅନେକ ଲେଖିକାଙ୍କ ନାମ ଏପର୍ଯ୍ୟନ୍ତ ସାଧାରଣରେ ଜଣାନଥିଲା । ଏହି ପୁସ୍ତକର ରଚୟିତା କବି ବିଦ୍ୟୁତ୍‌ପ୍ରଭାଙ୍କ ସୁପୁତ୍ର ପ୍ରଫେସର ଡଃ. ସଚ୍ଚିଦାନନ୍ଦ ମହାନ୍ତି ସର୍ବମୋଟ୍ ୨୫ଜଣ କବିଲେଖିକାଙ୍କ କୃତି ସଂପର୍କରେ ଆଲୋକପାତ କରିଛନ୍ତି । ଏହି ସବୁ ରଚନାମାନଙ୍କରେ ନାରୀଜୀବନର ଯନ୍ତ୍ରଣା, କେତେକ ସ୍ଥଳରେ ବିପ୍ଳବର ସ୍ୱର ତଥା ଆବେଗାତ୍ମକ କାବ୍ୟିକ ପ୍ରକାଶ ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି । ଏହି ଲେଖିକାଗଣ ସାହିତ୍ୟର କେଉଁ ବିଭାଗକୁ ପରିସ୍ଫୁଟ କରିନାହାନ୍ତି ? ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ଭ୍ରମଣକାହାଣୀ, ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧ, ବିପ୍ଳବ, ରହସ୍ୟାନୁଭବ, ନାରୀୟ ପ୍ରତିବାଦର ସ୍ୱର ଓ ପ୍ରେମ ପ୍ରବଣତାରେ ସେମାନଙ୍କର ରଚନା ଋଦ୍ଧିମନ୍ତ । ସକଳ ସାହିତ୍ୟିକ ବିଭାଗପ୍ରତି ଏମାନଙ୍କ ଅବଦାନ ଉଲ୍ଲେଖ ଯୋଗ୍ୟ । ତେବେ, ଲେଖକ ଡଃ ମହାନ୍ତି ଏମାନଙ୍କୁ 'ଗୃହିଣୀ ସାହିତ୍ୟିକା' ରୂପେ ଅଭିହିତ କରିଛନ୍ତି । କେବଳ ସରଳାଦେବୀ ଏଥିର ବ୍ୟତିକ୍ରମ ବୋଲି ଜଣାପଡ଼ିଛନ୍ତି । କିନ୍ତୁ ମୋର କହିବା କଥା ଯେ, କୋଉ ସାହିତ୍ୟିକା ଗୃହିଣୀ ନୁହେଁ ? ଅଳ୍ପ କେତେକ ବ୍ୟତିକ୍ରମ ହୋଇପାରନ୍ତି । ନହେଲେ ସାହିତ୍ୟିକାଗଣ ଗୃହିଣୀ ଜୀବନକୁ ଏଯାବତ୍ ଆଦରି ନେଇଛନ୍ତି । ଖାଲିଯାହା ଗୃହିଣୀର ଭୂମିକା କିଛିଟା ବଦଳିଛି ଓ ବହୁଗୁଣରେ ପ୍ରସାରିତ ହୋଇଛି । ୨୦୦୧ ମସିହାର ସାହିତ୍ୟିକାଙ୍କୁ ମଧ୍ୟ ଗୃହିଣୀର ଭୂମିକା ନିର୍ବାହ କରିବାକୁ ପଡୁଛି । ତାହା

Digitized by PPRACHIN, SOA

ସହିତ ସେମାନଙ୍କ ମଧ୍ୟରୁ ଅନେକେ ବୃତ୍ତିଜୀବିନୀ । ମୋର ମନେହୁଏ, ଡଃ ମହାନ୍ତି ଉଚ୍ଚଶିକ୍ଷାଲୋକରୁ ବଞ୍ଚିତା, ଗୃହମଧ୍ୟରେ ପ୍ରାୟ ଆବଦ୍ଧ ସାହିତ୍ୟ-ସର୍ଜିକାମାନଙ୍କୁ 'ଗୃହିଣୀ ସାହିତ୍ୟିକା' ବିଶେଷଣଟି ପ୍ରଦାନ କରିଛନ୍ତି । ତତ୍କାଳର (୧୮୯୮-୧୯୫୦) ନାରୀଶିକ୍ଷା ଓ ପରିବେଶ ସଂପର୍କରେ ଏକ ବିବରଣୀ ପ୍ରଧାନ ଓ ସମାଜ ଭିତ୍ତିକ ଆଲେଖ୍ୟ ଏଥିରେ ପ୍ରଦତ୍ତ-ଯାହାଏକ ଅନ୍ଧକାରାବୃତ କାଳକୁ ସ୍ପଷ୍ଟ କରିଦେଇ ଓଡ଼ିଆ ସାହିତ୍ୟର ଇତିହାସକୁ ମହତ୍ ଅବଦାନ ଦେଇପାରିଛି । ନାରୀଶିକ୍ଷାର ଅଗ୍ରମାରମ୍ଭରେ ଖ୍ରୀଷ୍ଟିୟାନମାନଙ୍କର ସହଯୋଗ ଥିଲା । ମାତ୍ର ହିନ୍ଦୁମାନେ ରକ୍ଷଣଶୀଳ ଥିଲେ । ବ୍ରାହ୍ମ ଧର୍ମାବଲମ୍ବୀ ଶ୍ରୀମତୀ ରେବାରାୟ ଉତ୍କଳ ସାହିତ୍ୟରେ ଗଳ୍ପ ଓ କବିତା ଲେଖୁଥିଲେ । ନାରୀଶିକ୍ଷାର ପ୍ରସାର ଘଟାଇଥିଲେ । ପରବର୍ତ୍ତୀ ସମୟରେ, ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଲେଖିକା କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସମାଜ ସଂସ୍କାର, ନାରୀ ଜାଗରଣ ଆଦି କର୍ମରେ ନିଜକୁ ନିୟୋଜିତ କରିଥିଲେ । ସ୍ୱାଧୀନତା ଆନ୍ଦୋଳନର ସମୟ ଥିଲା ଏକ ଆହ୍ୱାନର ସମୟ । ସେ କାଳର ନାରୀମାନେ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ନଥିଲେ ବି, ସୃଜନକର୍ମରେ ଖୁବ୍ ପାରଦର୍ଶିତା ଦେଖାଇ ପାରିନଥିଲେବି, ସମାଜ ସଂସ୍କାର କଲ୍ପେ, ସେବା ନିମିତ୍ତ ଅନେକ କାର୍ଯ୍ୟ କରିଥିଲେ । ଜୀବନର ସକଳ ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ପାରିଥିଲେ । ଗତବର୍ଷର ଜ୍ଞାନପୀଠ ବିଜେତା, ଇଂରାଜୀ ପ୍ରଫେସର ଡଃ ଭାଲଚନ୍ଦ୍ର ନେମାଡ଼େ ଯଥାର୍ଥରେ କହିଛନ୍ତି- "ନାରୀଗଣ ପରିବାର ଓ ସନ୍ତାନପାଇଁ, ନୀତିଗତ ବିଚାର ବୋଧ ରକ୍ଷାପାଇଁ ନିଜକୁ ବ୍ୟୟ କରି ଉନ୍ନତମାନର ସାହିତ୍ୟିକା ହେଲେ ମଧ୍ୟ, ନିଜର ରଚନା-ପ୍ରତିଭାକୁ ବିଶେଷ ଉଜ୍ଜ୍ୱଳ କରିପାରି ନାହାନ୍ତି ।"

ସେତେବେଳେ ଆମ ଓଡ଼ିଶାରାଜ୍ୟ ସଂଗ୍ରାମ, ବିପ୍ଳବ ଓ ନୂତନମନ୍ତ୍ରର ଦୀକ୍ଷା ମଧ୍ୟରେ ଗତି କରୁଥିଲା ଓ ୨ଟି ଉଜ୍ଜ୍ୱଳ ତାରକା ଥିଲେ କୁନ୍ତଳାକୁମାରୀ ଓ ସରଳାଦେବୀ, ଲେଖିକା ଓ କବିଭାବେ କୁନ୍ତଳାକୁମାରୀ ପ୍ରଚୁର ମାନ୍ୟତା ପାଇଛନ୍ତି । କିନ୍ତୁ ସରଳାଙ୍କ ସଂପର୍କରେ ଆଲୋଚନା ଆଦୌ ହୋଇନାହିଁ କହିଲେ ଚଳେ । ଆମେ ତାଙ୍କ ବିଷୟରେ କେତେ କମ୍ ଜାଣୁ ! ସରଳାଦେବୀ ତତ୍କାଳର ଲେଖିକା, ରାଜନୀତିଜ୍ଞା ଓ ବିଧାନସଭା ସଦସ୍ୟା । ଆନୁଷ୍ଠାନିକ ଉଚ୍ଚ ଶିକ୍ଷାପ୍ରାପ୍ତ ହୋଇନଥିଲେ ହେଁ ସେ ଥିଲେ ସୁଶିକ୍ଷିତା, ବୁଦ୍ଧିମତୀ, ବିପ୍ଳବିଣୀ ଓ ସାହସିନୀ । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ । କାରାଗାର ମଧ୍ୟରେ ସହବନ୍ଦିନୀଙ୍କୁ ନେତୃତ୍ୱ ଦେଉଥିଲେ ଓ କାରାବାସ କାଳରେ ଇଂରାଜୀ ପଢୁଥିଲେ । ୧୯୩୦ କାଳକୁ ଆଧୁନିକ ଅର୍ଥରେ 'ବାମାବାଦ' ଭାରତୀୟ ସମାଜରେ ପ୍ରତିଷ୍ଠାପାଇ ନଥିଲେ ମଧ୍ୟ ନାରୀର ବ୍ୟକ୍ତିତ୍ୱ

Digitized by PPRACHIN, SOA

ପ୍ରତିଷ୍ଠା ଦିଗରେ ସରଳାଙ୍କ ସଂସ୍କାରମୁକ୍ତ ସ୍ୱର ବିସ୍ମୟୋଦ୍ଦୀପକ ଓ ଅଭୂତଭାବେ ଆଧୁନିକ । ୭୦/୮୦ବର୍ଷ ପରେ ଏବେ ଆମେ ଯେଉଁ ବିଷୟରେ ଖୁବ୍ ତତ୍ପର ହୋଇ ଉଠିଛେ, ୧୯୩୨/୩୪ରେ ସେ ସବୁ ପ୍ରତି ସରଳା ଧ୍ୟାନଶୀଳ ଥିଲେ । ନାରୀର ପାରିବାରିକ ସ୍ଥିତି, ପିତୃଗୃହର ଉତ୍ତରାଧିକାର, ପିତୃଗୃହର ସମ୍ମାନ, ବାଲ୍ୟ ବିବାହ ଓ ବିଧବା ବିବାହ ସଂପର୍କରେ ତାଙ୍କର ଅନୁଶୀଳନ ଅତ୍ୟନ୍ତ ମାର୍ମିକ । ମୋର ବିଶ୍ୱାସ, ଏ ଯୁଗରେ ମଧ୍ୟ ଖୁବ୍ କମ୍ ଲେଖିକା ତାଙ୍କପରି ନାରୀର ମୌଳିକ ଅଧିକାର ସଂପର୍କରେ ସାହସିକ ପ୍ରଶ୍ନ ଉତ୍‌ଥାପନ କରିପାରିଛନ୍ତି ।

ତାଙ୍କର ଉଚ୍ଚାରଣ ଚିରକାଳୀନ ନାରୀ ଆତ୍ମାର ଏକ ସଂସ୍କାର- "ମୁଁ କହୁଛି, ସ୍ତ୍ରୀ ଦେହ କେବେ ସ୍ୱାମୀର ହୋଇ ପାରେନା । ଏହା ତାହା ନିଜସ୍ୱ ସଂପତ୍ତି, ସ୍ୱାମୀର ନୁହେଁ । କିନ୍ତୁ ଇଚ୍ଛାନୁସାରେ ସେ ସ୍ୱାମୀକୁ ପରିତ୍ୟାଗ କରିପାରେ, ସେ ତାର ବ୍ୟବସାୟ ନିର୍ବାଚନ କରିପାରେ । ମନ ମୁତାବକ ରାଜନୈତିକ ଦଳରେ ଯୋଗଦାନ କରିପାରେ । ସନ୍ତାନ ପ୍ରସବ କରିବ କି ନା, ଏ ସମ୍ବନ୍ଧରେ ତାର ସଂପୂର୍ଣ୍ଣ ଅଧିକାର ଅଛି, ଏବଂ କେବେ ସନ୍ତାନ ଜନ୍ମ କରିବ, ତାହା ସ୍ଥିର କରିପାରେ । ବିବାହକୁ ମୂଳକରି କୌଣସି ଲୋକ ସ୍ତ୍ରୀଲୋକକୁ ନିଜ ଅଧୀନରେ ରଖିପାରେ ନାହିଁ । ଏହି ଦେଶର ନାରୀ ×× କ୍ରୀତଦାସୀ ନୁହେଁ । ×× ପରସ୍ପର, ଦୟା, ପରସ୍ପର ଶାଳୀନତା, ପରସ୍ପର କ୍ଷମା ଓ ତ୍ୟାଗ, ସର୍ବୋପରି ବିବାହ ପରସ୍ପରର ନୈତିକତା ଉପରେ ପୂରା ନିର୍ଭର କରେ ।" (ନାରୀର ଦାବି) । ଏହି ସମୟରେ ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥୀ ଆସନ୍ତି, ଆସନ୍ତି ବିଦ୍ୟୁତ୍ ପ୍ରଭା । ସରଳାଙ୍କ ପରି ରୋକ୍‌ଠୋକ୍ ନ ହେଲେ ମଧ୍ୟ ସେ ନମ୍ର ପ୍ରତିବାଦର ସ୍ୱର ଉଠାନ୍ତି ।

"ମୋର ଲେଖି ଦେଇଚି କି ଜୀବନଟା
ବିକି ଦେବା ପାଇଁ ନିତି ଏହି ଘରେ
ଖାଲି କାମ-କାମ-କାମ ଦିନରାତି
ଅନ୍ୟ କିଛି ନାହିଁ କ'ଣ ଜୀବନରେ ।" —(ବିଦ୍ୟୁତ୍ ପ୍ରଭା)

ଏହି କାଳ ମଧ୍ୟରେ ସୃଜନରତା ନାରୀମାନଙ୍କର ବକ୍ତବ୍ୟର ସିଦ୍ଧି ଓ ଭାଷା ପ୍ରୟୋଗର ଦକ୍ଷତାକୁ ଲକ୍ଷ୍ୟକଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସରଳାଦେବୀ ଜଣେ ଦୂରଦୃଷ୍ଟି ସଂପନ୍ନା ମହିଳା, ତାଙ୍କର ବ୍ୟକ୍ତିତ୍ୱ ବହୁମୁଖୀ । ତାଙ୍କପରି ଚିନ୍ତାଶୀଳା ପ୍ରାବନ୍ଧିକା, କୁଶଳୀ ଭାଷା ବିନ୍ଧାଣୀ ଏ ଯାବତ୍ ଓଡ଼ିଆ ସାହିତ୍ୟରେ ଅଳ୍ପ କେତେକ ବୋଧହୁଏ

Digitized by PPRACHIN, SOA

ଦେଖାଦେଇଛନ୍ତି । ଏତଦ୍‌ବ୍ୟତୀତ ମଧୁସୂଦନଙ୍କ ପାଳିତା କନ୍ୟା, ତତ୍କାଳର ସେକେଣ୍ଡକ୍ଲାସ ମାଜିଷ୍ଟ୍ରେଟ୍ ଶୈଳବାଳା ଦାସଙ୍କ ଆତ୍ମଜୀବନୀ ଓ ଭ୍ରମଣକାହାଣୀ ଉଭୟ ପ୍ରଥମ ଶ୍ରେଣୀର ରଚନା । ବିଲାତରୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ବନ୍ଧୁମାନେ ପ୍ରଶ୍ନକଲେ- "ବିଲାତ କିପରି ?" ଶୈଳବାଳା ଗୋଟିଏ ରୂପକ ଛଳରେ କହୁଛନ୍ତି- "ଯେଉଁପକ୍ଷୀ ଗୋଟିଏ ପର୍ବତ ମଧ୍ୟସ୍ଥ ଗୋଟିଏ ବୃକ୍ଷର ଗୋଟିଏ କ୍ଷୁଦ୍ର ଶାଖାରେ ତାହାର କ୍ଷୁଦ୍ର ବସାବାନ୍ଧି ବସିଥାଏ, ସେହି ପକ୍ଷୀକୁ ପର୍ବତର ଆୟତନ ବିଷୟରେ ପ୍ରଶ୍ନକଲେ, ଉତ୍ତରଦେବା ତା' ପକ୍ଷରେ ଯେପରି ଅସମ୍ଭବ ଓ କଷ୍ଟକର, ମୋ ପକ୍ଷରେ ଏ ପ୍ରଶ୍ନର ଉତ୍ତର ଦେବା ତଦ୍ରୂପ ଅସମ୍ଭବ ଓ କଷ୍ଟକର ।"

ଉଲ୍ଲେଖନୀୟା ଲେଖିକା, କବିଙ୍କ ମଧ୍ୟରେ ପୀତାମ୍ବରୀ ଦେବୀ ଓ ସୁଶୀଳା ଦେବୀଙ୍କ ରସାଳ ଓ ସାର୍ଥକ ଗଳ୍ପ, ଉପନ୍ୟାସ; କ୍ଷେତ୍ରମଣି ଦେବୀଙ୍କ କବିତା, ଓଡ଼ିଆଣୀମାନଙ୍କର ଧୀଶକ୍ତି, ମେଧା ଓ ପ୍ରତିଭାର ପରିଚୟ ଦିଏ । ଓଡ଼ିଶାଠାରୁ ବହୁଦୂରରେ ରହି, ବ୍ୟକ୍ତିଗତ ଶ୍ରଦ୍ଧା ଓ ଆଗ୍ରହ ସହିତ "କ୍ୟାରିଅର ଆୱାର୍ଡ୍" ଲେଖକ ଡଃ. ମହାନ୍ତିଙ୍କୁ ଏଭଳି ଏକ ବିରଳକୃତି ନିର୍ମିତ୍ତ ଅନୁପ୍ରାଣିତ କରିଛି । ଓଡ଼ିଶାର ଲେଖିକା, ସଂସ୍କାରପ୍ରବଣୀ, ସଂଗ୍ରାମୀ, ସେବିକା ଓ ବିପ୍ଳବିଣୀ ନାରୀଗଣଙ୍କ ଆତ୍ମା ସ୍ୱର୍ଗରେ ଥାଇ ଲେଖକଙ୍କର ଉପରେ ଆଶୀର୍ବାଦ ଧାରା ଢାଳି ଦେବେ ଓ ପୁଷ୍ପବୃଷ୍ଟି କରୁଥିବେ ବୋଲି ମୋର ବିଶ୍ୱାସ । ଆଉ ଓଡ଼ିଆମାନେ, ନାରୀ ପ୍ରତିଭାଙ୍କ ପ୍ରତି ପ୍ରାୟ ଅନବହିତ ରହିଥିଲା ବେଳେ, ଏହି ପୁସ୍ତକରୁ ବିସ୍ମୟକର ତଥ୍ୟ ପ୍ରାପ୍ତ ହୋଇ ଓ ମାର୍ମିକ ରଚନାବଳୀ ଅନୁଶୀଳନ କରି ନିଶ୍ଚୟ ଆପଣାକୁ ଗୌରାବାନ୍ୱିତ ମନେ କରିବେ । ଏହି ପୁସ୍ତକଟି ତେଣୁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଲାଇବ୍ରେରୀରେ ସାଇତା ହୋଇ ରହିବାର ଯୋଗ୍ୟ ଏ ଯୁଗର ସାହିତ୍ୟିକାମାନେ ପୁସ୍ତକଟିର ସଂପର୍କରେ ଆସି ଗଭୀର ସଂଭାବନା, ଆଶୀର୍ବାଦ ଓ ଅନୁପ୍ରେରଣା ଲାଭ କରିବେ- ଏଥିରେ ସନ୍ଦେହ ନାହିଁ ।

•

Digitized by PPRACHIN, SOA

ନାରୀ ଅସ୍ତିତ୍ୱର ବାସ୍ତବତା ଓ ନୂତନ ନାରୀତ୍ୱର ଉଦ୍‌ବର୍ତ୍ତନ

ନାରୀସ୍ଥିତି :

ବର୍ତ୍ତମାନର ପରିବର୍ତ୍ତନଶୀଳ ପୃଥିବୀରେ, ଜଗତୀକରଣର ପରିପ୍ରେକ୍ଷୀ ସମାଜ ବ୍ୟବସ୍ଥାରେ, ଶିକ୍ଷା, ସଭ୍ୟତା, ବାଣିଜ୍ୟ, ବିଜ୍ଞାନ ସବୁକିଛି ଦ୍ରୁତ ଗତିରେ ପରିବର୍ତ୍ତିତ ହୋଇ ଚାଲିଛି । କିନ୍ତୁ ଏ ପରିବର୍ତ୍ତନ ସହ ତାଳମେଳ ରଖି ନାରୀ ଅସ୍ତିତ୍ୱର ବାସ୍ତବତା ବଦଳି ନାହିଁ । ଯାହା ବା ପରିବର୍ତ୍ତିତ ହୋଇଛି ତା' ପ୍ରାୟ ବାହ୍ୟଜଗତର, ପୋଷାକ୍ ପରିଚ୍ଛେଦ, ଚାଲିଚଳଣ-ଏସବୁର ପରିବର୍ତ୍ତନ ଘଟିଛି, ପୁଣି ମୁଷ୍ଟିମେୟ ନାରୀଙ୍କ କ୍ଷେତ୍ରରେ ସମ୍ଭବ ହୋଇଛି । ଅନ୍ୟମାନେ ଯୋଉ ଅନ୍ଧାରରେ କୁ ସେହି ଅନ୍ଧାରରେ, ପୁନଶ୍ଚ ଅନ୍ତ ଜଗତରେ ପରିବର୍ତ୍ତନ ପ୍ରାୟ ଘଟିନାହିଁ । ଆଇନ୍ ଆଡୁଆଳରେ ନାରୀ ପ୍ରତି ସମସ୍ତ ନିର୍ଯାତନା, ଯୌତୁକ, ଧର୍ଷଣ ଓ ପିତୃଧନରେ ଅଧିକାରହୀନତା ତୀବ୍ର ଓ ଭୟଂକର ହୋଇଉଠିଛି । ଆଇନ କେବଳ ନଥିପତ୍ରରେ ଅଛି, ମାତ୍ର ତାହାକୁ କାର୍ଯ୍ୟକାରୀ କରିବାର ଜଟିଳ ମାର୍ଗକୁ କେହି ଯିବାକୁ ସମର୍ଥ ହେଉନାହାନ୍ତି ।

ନାରୀ ବୃତ୍ତିଜୀବିନୀ ହୋଇଛନ୍ତି, ମାତ୍ର ଆର୍ଥିକ ସ୍ୱାଧୀନତା, ଶିକ୍ଷାପ୍ରାପ୍ତି ଭିତରେ ମଧ୍ୟ ସେଇ ଗୌଣତା ଓ ଭୟ ଦୂରୀଭୂତ ହୋଇନାହିଁ, ବାହାରକୁ ଯାହା ଦୃଶ୍ୟମାନ ହୋଇଛି ସେହି ପରିବର୍ତ୍ତନ ନଗଣ୍ୟ । ପୃଥିବୀ ବଦଳି ଚାଲିଥିଲେ ବି ଆମ ସମାଜ ଓ ପରିବାର ତଦନୁସାରେ ବଦଳି ନାହାନ୍ତି । ନାରୀ ଆଜି ପ୍ରତିବାଦ କରୁଛି । ଆଜି କେବଳ ନୁହେଁ, ବିଂଶ ଶତକର ୪ର୍ଥ ଦଶକ ବେଳୁ ଏହି ପ୍ରତିବାଦର ସ୍ୱର ଶୁଣାଗଲାଣି । ସେତେବେଳେ ନାରୀ ପ୍ରତି ସମାଜ ଓ ପରିବାରର କଠୋର ଓ ଅସମ ମନୋଭାବ ହେତୁ 'ନାରୀବାଦର' ଜନ୍ମ ଘଟିଥିଲା । ଏହାକୁ କେହି କେହି feminism ର ଓଡ଼ିଆ ପ୍ରରୂପ 'ବାମାବାଦ' ବୋଲି କହିଥାନ୍ତି । କିନ୍ତୁ 'ବାମା' ଶବ୍ଦଟି ନାରୀପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏକଦା ପୁରୁଷର ବାମପାର୍ଶ୍ୱରେ ସ୍ଥିତା ନାରୀ 'ବାମା' ନାମରେ ପରିଚିତା ହେଉଥିଲା, ଏବେ ସେହି ଚିନ୍ତାଧାରା ଅମୂଳକ, ତେଣୁ ଏଠାରେ ଫେମିନିଜମ୍‌ର ଓଡ଼ିଆ ପ୍ରରୂପ 'ନାରୀବାଦ' ରୂପେ ଗୃହୀତ ହୋଇଛି । ଏହି ନାରୀବାଦର ପ୍ରଥମ ପ୍ରବକ୍ତା 'ସିମନ୍ ଡି ବୋଭାହ୍' ନାମକ ଫରାସୀ ମହିଳା ଲେଖିଲେ Second Sex ପୁସ୍ତକ, ଏହାର ବହୁପୂର୍ବରୁ, ପ୍ରାୟ ବିଂଶ ଶତକର ୩ୟ ଦଶକ ବେଳକୁ ଓଡ଼ିଶାର ବିଶିଷ୍ଟ ମହିଳା ସରଳାଦେବୀ 'ନାରୀର ଦାବୀ' ପ୍ରବନ୍ଧ ପୁସ୍ତକରେ ମଧ୍ୟ ନାରୀ ପ୍ରତି ପାତରଅନ୍ତର

Digitized by PPRACHIN, SOA

ଓ ନାରୀର ସ୍ୱାଧୀକାର ପ୍ରତିଷ୍ଠାକୁ ନେଇ ପ୍ରତିବାଦର ସ୍ୱର ଉଠାଇଥିଲେ । ତେବେ, ସେ କାଳକୁ ଓଡ଼ିଶାର ଜନ-ମାନସ ଏଥି ନିମିତ୍ତ ପ୍ରସ୍ତୁତ ନଥିଲା, ତେଣୁ ସରଳାଙ୍କ ଉକ୍ତି ଯଥାର୍ଥ ଗୁରୁତ୍ୱ ଲାଭ କରି ନଥିଲା । ମାତ୍ର ବୋଭାହ୍‌ଙ୍କ Second Sex ଏକ ଆନ୍ଦୋଳନ ରୂପେ ପରବର୍ତ୍ତୀ ସମୟରେ ୟୁରୋପରେ ଦେଖାଦେଲା । ସିମୋନ୍ ନାରୀ ଅଭ୍ୟନ୍ତରର ବେଦନାକୁ ତାର୍କିକ ସମବେଦନା ସହ ଉପସ୍ଥାପନ କରିଥିଲେ । ସେ କହିଥିଲେ "ଲିଂଗଭେଦରେ ଜନ୍ମହେଲେହେଁ, କେହି ବାଳିକା ଜନ୍ମରୁ 'ସ୍ତ୍ରୀ (ନାରୀ)' ହୋଇ ଯାଏ ନାହିଁ, ତାକୁ 'ସ୍ତ୍ରୀ' କରାଇ ଦିଆଯାଏ । ସେ କହନ୍ତି "ନାରୀ ଜନିତ, ନାର୍ଯ୍ୟୋଚିତ ଗୁଣ ବା ବିଶେଷତ୍ୱ ହେତୁ ହିଁ ନାରୀ, ନାରୀ ହୋଇଛି, ପୁରୁଷକୁ ନକଲ କରି ପୁରୁଷ ବନିଯିବାକୁ ସେ ସମର୍ଥନ କରେ ନାହିଁ, ନାରୀ ହେବାର ଗର୍ବ ତା'ର ଅଛି । ସେ କେବଳ ସମାଜରେ ପୂର୍ଣ୍ଣ ସ୍ୱାଧୀନତା ସହ ବଂଚିବାର ଅଧିକାର ପାଇବାକୁ ଚାହେଁ । ×× ନାରୀ ମୁକ୍ତି ପୁରୁଷ ବିରୋଧୀ ନୁହେଁ, ମାତ୍ର ସଂପୂର୍ଣ୍ଣ ମାନବ-ମୁକ୍ତିର ଏକ ଅନିବାର୍ଯ୍ୟ ସର୍ତ୍ତ । କିନ୍ତୁ ୟୁରୋପରେ ଜନ୍ମଲାଭ କରିଥିବା ଫେମିନିଜିମ୍‌ର ଏକ ଚୂଡ଼ାନ୍ତ ଅବସ୍ଥା କ୍ରମଶଃ ବଡ଼ ବିପଦ ସଂକୁଳ ହୋଇପଡ଼ିଲା । ଏହାଦ୍ୱାରା ପ୍ରକୃତ ଅର୍ଥରେ ନାରୀମୁକ୍ତି ବା ସମାଜର କଲ୍ୟାଣ-ସାଧନ ଘଟିଲା ନାହିଁ । ୟୁରୋପର ଖାଣ୍ଟି 'ନାରୀବାଦ' Staunch feminism ର ସ୍ୱରୂପ ଆଙ୍କି ବସିଲେ Elizabeth fox. ସେ ତାଙ୍କ ପୁସ୍ତକ "Feminism without Illusion: A Critic of Individualism" ରେ କହିଲେ- One graduate girl, she is lesbian, she burns her bra and she is against male," ଏହି ଖାଣ୍ଟି ଫେମିନିଷ୍ଟମାନେ ବିବାହ ଅନୁଷ୍ଠାନକୁ ଓ ସନ୍ତାନ ଜନ୍ମକୁ ଅସ୍ୱୀକାର କରନ୍ତି । ସେମାନଙ୍କ ମତରେ, 'କାହିଁକି ଜଣେ ଝିଅ ବିଭାହବ, ପିଲାଜନ୍ମ କରିବ, ପାଳିବ, ଯେତେବେଳେ କି ତାର ସ୍ୱାମୀ କିଛି ବି ଦାୟିତ୍ୱ ନ ନେଇ ସ୍ୱାଧୀନ ହୋଇ ଏସବୁକୁ ଖାତିର ନକରି ଜୀବନ ବିତାଇବ ?" ଏ ପ୍ରକାର ଚରମ ନାରୀବାଦରେ କିନ୍ତୁ ଭାରତୀୟ ନାରୀବାଦୀଗଣ ବିଶ୍ୱାସ କରନ୍ତି ନାହିଁ । ଏମାନଙ୍କ ଅବବୋଧ ଅନେକଟା ଭିନ୍ନ, ଏମାନେ ଅଧିକ ମାନବିକତାବାଦୀ । ବିବାହ, ପିଲାଜନ୍ମ, ସନ୍ତାନ ଲାଳନକୁ ଏମାନେ ଅସ୍ୱୀକାର କରନ୍ତି ନାହିଁ । ସେମାନେ ମତ ପ୍ରକଟ କରନ୍ତି ଯେ, ଆମ୍ଭମାନଙ୍କ ତ୍ୟାଗ, ସେବାକୁ ପରିବାର ଓ ସମାଜ ସ୍ୱୀକାର କରୁ, ଆମକୁ ଉପଯୁକ୍ତ ମର୍ଯ୍ୟାଦା ଦେଉ । ବାପ ମାଆମାନେ ପୁଅଝିଅଙ୍କୁ ସମାନ ଭାବନ୍ତୁ, ସମାନ ଅଧିକାର ଦିଅନ୍ତୁ, ସ୍ୱାମୀ ଆମକୁ ତା' ନିଜ ଭଳି 'ବ୍ୟକ୍ତିବିଶେଷ' ବୋଲି ଗ୍ରହଣ କରୁ । ଶାଶୁଘର ଲୋକେ ତାଙ୍କ ପୁଅକୁ ଓ ବୋହୂକୁ ସମାନ ଦୃଷ୍ଟିରେ ଦେଖନ୍ତୁ । ଭାରତୀୟ ନାରୀବାଦର ସ୍ୱରୂପ ଦର୍ଶାଇ Indian Literature Sept. Oct.o 2005 issue ର ସମୀକ୍ଷାରେ

Digitized by PPRACHIN, SOA

ବିଶ୍ଳେଷିକା ସଂଯୁକ୍ତା ଦାସଗୁପ୍ତ କହନ୍ତି- "Women writing in English and Bengali often fefuse to call themselves feminists" ବଙ୍ଗଳାର ଲେଖିକାମାନଙ୍କ କ୍ଷେତ୍ରରେ ଯାହା ସତ୍ୟ, ସାରାଭାରତ ତଥା ଓଡ଼ିଶାର ଲେଖିକାମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ସତ୍ୟ । ଚରମ ନାରୀବାଦ ଭାରତରେ ନାହିଁ, ନାହିଁ ମଧ୍ୟ ଓଡ଼ିଶାରେ, ତଥାପି ଆଜିଠାରୁ ୫୦ବର୍ଷ ତଳର ନାରୀ ଓ ଏକବିଂଶ ଶତାବ୍ଦୀର ନାରୀ ମଧ୍ୟରେ ଅନେକ ପ୍ରଭେଦ ରହିଛି । ନାରୀ ବ୍ୟକ୍ତିତ୍ୱରେ ନୂତନ ଚିନ୍ତା, ବିଚାର, ସାହସିକତା ଓ ସଚେତନା ବୃଦ୍ଧି ପାଇଛି ଏବଂ ଏହା ନୂତନ ନାରୀସତ୍ତାକୁ ମାନବିକତାର ଅଭିମୁଖୀ କରି ପାରିଛି ।

ସ୍ଥିତିର ବାସ୍ତବତା : ଅଶ୍ରଦ୍ଧା ଓ ହିଂସା :

ନାରୀକୁ ଆମେ କିପରି ବିଚାର କରୁ ? ନ୍ୟୂନ ଦୃଷ୍ଟିରେ ଦେଖୁ । କନ୍ୟାକୁ ପୁତ୍ରଠାରୁ ଖାଇବା ପିନ୍ଧିବାରେ ମଧ୍ୟ କମ୍ କରୁ । ସ୍ୱାମୀ ଅଧିକାଂଶ ସ୍ତ୍ରୀକୁ ଶରୀର ବା ଯୌନସଂଗିନୀ ମନେକରେ । ଲେଖିକା ଶଶି ଦେଶପାଣ୍ଡେ ତାଙ୍କ ପୁସ୍ତକ "That long Silence:A critical study"(Asia book club, New Delhi 2005)ରେ କହିଛନ୍ତି "ବହୁକାଳରୁ ପ୍ରଚଳିତ ରୀତିନୀତି ସମର୍ଥିତ ସ୍ୱାମୀ ସ୍ତ୍ରୀ ସଂପର୍କର ପାରିଭାଷିକ ଶବ୍ଦାବଳୀ ମଧ୍ୟରେ ସାଧାରଣତଃ ରହିଛି ପ୍ରେମୋଦ୍ଦ୍ୟୋତକ ଶବ୍ଦ । ପୁରୁଷର ଅନ୍ତର ଜିଣିବା ପାଇଁ ନାରୀର ଗୋଟିଏ ମାତ୍ର ଅବଲମ୍ବନ ରହିଛି- ତାହାହେଉଛି, ତା'ର ଦେହ । ସେତକର ଆଶ୍ରୟ ନନେଲେ ସେ ସ୍ୱାମୀର ରୋଷାଗ୍ନି ଦ୍ୱାରା କବଳିତ ହେବା ଅନିବାର୍ଯ୍ୟ ।" (ଉଦ୍ଧୃତିର ଓଡ଼ିଆ ପ୍ରରୂପ) "Fire on the Mountain" ରେ ଲେଖିକା ଅନୀତା ଦେଶାଇ ମଧ୍ୟ 'ନାରୀବାଦ'ର ପ୍ରତିଫଳନ ଘଟାଇଛନ୍ତି । ବିଶିଷ୍ଟ ଅର୍ଥନୀତିଜ୍ଞ ନୋବେଲ ବିଜେତା ଅମର୍ତ୍ତ୍ୟସେନ ଆର୍ଥନୀତିକ ଦିଗକୁ ବିଶ୍ଳେଷଣ କଲାବେଳେ ନାରୀର ପୁରୁଷଠାରୁ ଊଣାପଣକୁ ଲକ୍ଷ୍ୟ କରିଛନ୍ତି । "He (Dr. sen) found greater mobility for women vis-avis men...as a whole and among the slum population in particular XX Dr Sen also refers to bias in nutrition and health-care against female in India."(quoted from 'Women in Indian Society' by Neer Desai and Usha Thakkar, NBT Pub. 2001, p.87) ପାରିବାରିକ ହିଂସା, ଅତ୍ୟାଚାର, ଅପମାନ, ଯୌତୁକ, ନିର୍ଯାତନା, ସଂପତ୍ତିରେ ଅଧିକାରହୀନତା ଲାଗି ଭାରତ ତଥା ଓଡ଼ିଶାର ନାରୀ ସମାଜ୍ କିଭଳି ଅମାନୁଷିକ ବିଚାରର ଶିକାର ହୋଇଥାନ୍ତି, ତା'ର ଆଲୋଚନା ଖୁବ୍ ବ୍ୟାପକ ଓ ବିସ୍ତୃତ ହୋଇଯିବ । ପ୍ରସଂଗ କ୍ରମେ ଅଳ୍ପ କେତେକ ତଥ୍ୟ ଏଠାରେ ଉପସ୍ଥାପିତ ହେଉଛି । ଯୌତୁକ ଦାବି, ଓ ଅତ୍ୟାଚାର ବିଷୟରେ ଅନେକ ଘଟଣା

Digitized by PPRACHIN, SOA

ଉତ୍‌ଥାପନ କରାଯାଇ ପାରେ । ପାରିବାରିକ ହିଂସା ଯେଉଁ ସ୍ତୀଠାରେ ଆରମ୍ଭ ହେଲା, ସ୍ୱାମୀ ପ୍ରଥମଥର ମାରଧର୍ କଲା ଓ କ୍ଷମା ମାଗିଲା, ଏହି ଆଚରଣ ଏତିକିରେ ସରିଲା ନାହିଁ । ସାରାଜୀବନ ନାରୀଟି ଏଇ ଭଳି ସ୍ୱାମୀଠାରୁ ମାଡ଼ଖାଇ ଓ ପରେ କ୍ଷମା ପ୍ରଦାନ କରି ଚାଲିଥିବ ।

କନ୍ୟାର ସଂପତ୍ତିରେ ଅଧିକାର ଆଇନତଃ ଦିଆଗଲା । ମାତ୍ର କନ୍ୟାର ବିବାହ କାଳୀନ ଯୌତୁକକୁ ଯଦି ବିଚାରକୁ ନିଆଯାଏ ତାହେଲେ, ସେଇ ଯୌତୁକଧନ କ'ଣ ପ୍ରକୃତରେ କନ୍ୟାର ? ତା'ର ବିପଦ ଆପଦ ବେଳେ ସେହି ଧନର ସହାୟତା ସେ କ'ଣ ନେଇପାରିବ ? ଯୁଗଯୁଗରୁ ପ୍ରଚଳିତ ସାମାଜିକ ଓ ପାରିବାରିକ ବ୍ୟବସ୍ଥାର ଚକତଳେ କନ୍ୟାସନ୍ତାନର ଅଧିକାର ବସ୍ତୁତଃ କାର୍ଯ୍ୟକାରୀ ହୋଇପାରିବ ନାହିଁ ଓ ଚାପା ପଡ଼ିଯିବ । ବିବାହିତା ଝିଅଟି ଓ ଅନେକସ୍ଥଳେ ଅବିବାହିତା ଝିଅଟି ମଧ୍ୟ ପିତୃସଂପତ୍ତିରେ ଅଧିକାର ପାଇଁ ଆଇନର ଆଶ୍ରୟ ନେଇ ଜୟଯୁକ୍ତ ହେବା ସହଜ ହୋଇପାରେ ନାହିଁ । ପୁନଶ୍ଚ ଏଭଳି ଅଧିକାର ସାବ୍ୟସ୍ତ କରିବାକୁ ଗଲେ କନ୍ୟାଟି ନାନା କୁତ୍ସାର ଶିକାର ହୋଇଥାଏ । ଏକଥାଟି ଏ ଯାବତ୍ କନ୍ୟାଟି ପକ୍ଷରେ ଲଜ୍ଜାକର ବୋଲି ବିଚାର କରାଯାଏ । ପିଲାଦିନୁ ଝିଅଟିକୁ 'ପର' ବୋଲି କୁହାଯାଇ ସାରିଥାଏ । କହିକହି ତାର ମାନସିକତାକୁ ଦୁର୍ବଳ ଓ ଅସହାୟ କରିଦିଆଯାଏ । ବିଜ୍ଞାନର ଅଗ୍ରଗତି ସହିତ କନ୍ୟାଭ୍ରୂଣ ହତ୍ୟାର ସହଜ ସଂପର୍କ ଗଢ଼ିଉଠିଛି । ଆଇନ ଅନ୍ତରାଳରେ ଏହା ବଢ଼ି ଚାଲିଛି । ଆମେ ଯେତେ ସଭ୍ୟ, ଶିକ୍ଷିତ ଆଧୁନିକ ଓ ମାନବିକତାର ଅଧିକାରୀ ବୋଲି କହୁ ପଛକେ କନ୍ୟାକୁ ନେଇ ଆମ ଅନ୍ଧବିଶ୍ୱାସ ଓ ରକ୍ଷଣଶୀଳତାର ଅନ୍ତ ନାହିଁ । କନ୍ୟାଭ୍ରୂଣ ହତ୍ୟା ହେତୁ ଆମ ଦେଶର ସବୁ ରାଜ୍ୟରେ (ବିଶେଷକରି ଗୁଜୁରାଟ, ହରିଆଣା ଆଦି ରାଜ୍ୟରେ) ଏକ ହଜାର ପୁତ୍ରସନ୍ତାନ ଜନ୍ମ ହେଲାବେଳକୁ କନ୍ୟାସନ୍ତାନ ଜନ୍ମର ଅନୁପାତ ଛଅ ଶହ । ଗୁଜୁରାଟର ମେହସିନା ଓ ବିଜାପୁର ତାଲୁକ ଭଳି କେତେକାଂଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ନିର୍ଦ୍ଦିଷ୍ଟ କେତେକ ସଂପ୍ରଦାୟ କନ୍ୟାଜନ୍ମ ଅନୁପାତ (ପଟେଲ ପ୍ରଭୃତି ସଂପ୍ରଦାୟ) ବଢ଼ାଇବା ଦିଗରେ ବିଭିନ୍ନ ଯୋଜନା ଆରମ୍ଭ କରିଦେଇଛନ୍ତି । ଏହି ଯୋଜନା ମାଧ୍ୟମରେ ୨ଟି କନ୍ୟାଥିବା ଦମ୍ପତ୍ତିଙ୍କୁ Fiscal Bond ଦିଆଯାଇଛି । ସେମାନେ ପ୍ରତିବର୍ଷ ଅଢ଼େଇରୁ ପାଞ୍ଚ ହଜାର ଯାଏଁ ଟଙ୍କା ପାଇବେ ଓ ଝିଅର ପଢ଼ିବା ବାବଦକୁ ବର୍ଷକୁ ତିନି ହଜାର ଟଙ୍କା ବାପାମାଆଙ୍କୁ ମିଳିବ । ମେହସିନା ଜିଲ୍ଲା ପଞ୍ଚାୟତର ସଭାପତି ରମଣ ପଟେଲ କହନ୍ତି "The objective behind the Bonds is to encourage people to have more girls, who will not be burden on them as their education and marriage expenses would be taken care of by the

Digitized by PPRACHIN, SOA

Community" (Quoted from Times of India June 24th Issue 2006, P-II.) ଝିଅ ପାଇଁ ମୂଳରୁ ଅନାଦର ଯେତେବେଳେ ଏତେବେଶି, ସେଠାରେ ଜୀବନ ଓ ମର୍ଯ୍ୟାଦାର ପ୍ରଶ୍ନ କାହିଁ ? "ମୂଳୁ ମାଇଲେ ଯିବସରି" ର ବ୍ୟବସ୍ଥା । ପାକିସ୍ଥାନର ଏକ ସ୍କୁଲର ପ୍ରିନ୍ସିପାଲ ସୋନଲ କହନ୍ତି "ସମାଜରେ ନାରୀ ନିଶ୍ଚୟ ଉପଯୁକ୍ତ ମର୍ଯ୍ୟାଦା ଓ ସମ୍ମାନ ପାଇବା କଥା, ଆମର ପ୍ରବାଦ ଅଛି 'ବାପଠାରୁ ମାଆ ୧୧ଗୁଣ ଅଧିକ ସମ୍ମାନ ପାଇବାର ହକ୍‌ଦାର ।" (She comes to take her Rights: Indian women Property and Propriety by Shrimati Basu, Pub: Kali for women 2001, P-172) । ଆମ ଓଡ଼ିଶାରେ ବି ପ୍ରବାଦ ରହିଛି- "ଘୋଡ଼ାଚଢ଼ା ବାପ ନଥାଉ ପଛେ, ଧାନ କୁଟୁଣୀ ମାଆ ଥାଉ" । ଏସବୁ ସତ୍ତ୍ୱେ, ୧୯୫୭ ମସିହାରେ "ହିନ୍ଦୁ ଉତ୍ତରାଧିକାରୀ ବିଲ୍" (The Hindu Succession Act) ଗୃହୀତ ହେଲା ପରେ ମଧ୍ୟ ପିତୃ ସଂପତ୍ତିରେ ଅଧିକାର ପ୍ରାପ୍ତ ହେବା ଦିଗରେ ଯେଉଁ ବାସ୍ତବ ପ୍ରଚେଷ୍ଟା କୋର୍ଟ କଚେରୀକୁ ଧାଇଁବା, ଝିଅଟି ପାଇଁ ସହଜ ହୁଏ ନାହିଁ । ଏହା ପୂର୍ବରୁ କୁହାଯାଇଛି ।

ନୋବେଲ ପୁରସ୍କାର ବିଜୟିନୀ ଲେଖିକା ଆଲଫ୍ରେଡ ଜେଲିନେକ୍ ଙ୍କ ରଚନା ନାରୀ ନିର୍ଯାତନା ପ୍ରତିରୋଧଧର୍ମିତାର ଏକ ଜ୍ୱଳନ୍ତ ଉଦାହରଣ । ତାଙ୍କ ନିଜ ଜୀବନରେ ହେଉ ବା ଯୁଗ ଜୀବନରେ ହେଉ ଏସବୁ ପ୍ରତିରୋଧ ତାଙ୍କ ରଚନାରେ ସୁସ୍ପଷ୍ଟ । ସେ କହନ୍ତି "ଯଦି କୌଣସି ଲେଖିକା ନିଜ ଆତ୍ମଜୀବନୀ ଲେଖନ୍ତି, ସେ କିପରି ନିଜ ଦେହକୁ ଭୁଲିଯିବେ ? ପୁରସ୍କାର ବା ତିରସ୍କାର ଆନନ୍ଦ ବା ପୀଡ଼ା ଏସବୁ ସ୍ତ୍ରୀ ଲୋକକୁ ଦେହସ୍ତରରେ ଭୋଗିବାକୁ ପଡ଼ିଥାଏ । ଦେହ କଥା ଉଠିଲେ ମିଥ୍‌କୁ ଗ୍ରହଣ କରି ନେବା ଉପଯୁକ୍ତ । ×× ନାରୀବାଦର ସବୁଠୁଁ ବଡ଼ ଅଭିଯୋଗ ହେଉଛି, ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ହିଂସାର ନଗ୍ନବର୍ଣ୍ଣନା-ଯେଉଁ ନଗ୍ନ ହିଂସା ନାରୀମାନେ ଘରେ ଓ ବାହାରେ ଭୋଗନ୍ତି । ତା'ର ବର୍ଣ୍ଣନାରେ ସମାଜର ନୈତିକତାର ପ୍ରଚାରକମାନେ ସଂସ୍କୃତି ବା ପରିବାରର ଦ୍ୱାହି ଦିଅନ୍ତି । ଯେ ହିଂସାର ଶିକାର ହେଉଛି, ତାକୁ ସହନଶୀଳତା ଓ ଧୈର୍ଯ୍ୟର ଉପଦେଶ ଦେବାକୁ ସେମାନେ ପରମ କର୍ତ୍ତବ୍ୟ ଭାବନ୍ତି । "ନୟାଜ୍ଞାନୋଦୟ" ଡିସେମ୍ବର ୨୦୦୪ରେ ପ୍ରକାଶିତ ସମାଲୋଚନାର ଓଡ଼ିଆ ପ୍ରରୂପ) ଜେଲିନେକ୍‌ଙ୍କ ଏକ କବିତା "କ୍ୟୁଁ କି ତୁମ ମହିଲାହୋ" ଶୀର୍ଷକରେ ହିନ୍ଦୀ ଅନୁବାଦରେ ପ୍ରକାଶିତ ।

ଏକବିଂଶ ଶତକରେ ମଧ୍ୟ ଶିକ୍ଷିତା, ଉପାର୍ଜନକ୍ଷମା, ସନ୍ତାନ ଓ ଗୃହକର୍ମର ସମସ୍ତ ଦାୟିତ୍ୱ ବହନ କରୁଥିବା ପତ୍ନୀ ନିଜେ ଗୌଣତାବୋଧରେ ଆକ୍ରାନ୍ତ । ଏମିତି କି ପତିର ଆଗ୍ରହ ଅନୁଗ୍ରହକୁ ସେ ଚାହିଁ ବସିଥାଏ । ଜଣେ ଶିକ୍ଷିତା ଭଦ୍ରମହିଳା ଯେ କି ବୃତ୍ତିଜୀବନୀ ନୁହନ୍ତି, ମାତ୍ର ସଚେତନ ନାରୀ, ତାଙ୍କର ମତାମତ ଏଠାରେ ଉଲ୍ଲେଖ

Digitized by PPRACHIN, SOA

ଯୋଗ୍ୟ, କାରଣ ସେ ଜଣେ ଭୁକ୍ତ ଭୋଗୀ, ତାଙ୍କ ମତରେ ବଡ଼ ବଡ଼ ସଂହତି ସଂପନ୍ନ ପରିବାରରେ ଯେଉଁ ଦଂପତ୍ତିଗଣ ବାହାରକୁ ସୁଖୀ ମନେ ହୁଅନ୍ତି, ବାସ୍ତବରେ ସେଠାରେ ନାରୀମାନେ ନିଜର ମତାମତ ଓ ନିଜତ୍ୱକୁ ବଳି ଚଢ଼ାଇ ଦେଇଥାଆନ୍ତି । ସ୍ୱାମୀ ଯଦି 'ଶୁଆ'ଟିକୁ 'କୁଆ' ବୋଲି ଚିହ୍ନାଏ, ସେମାନେ ଏକମତ ହୁଅନ୍ତି । 'ଏହା ମିଥ୍ୟା' ବୋଲି କହିପାରନ୍ତି ନାହିଁ । ତେଣୁ ବହୁ ସ୍ତ୍ରୀଲୋକ ପରିବାରର ଶାନ୍ତି ଓ ଉପଦ୍ରବହୀନତା ପାଇଁ ନିଜକୁ, ନିଜ ବ୍ୟକ୍ତିତ୍ୱକୁ ଲୁଚେଇ ଦିଅନ୍ତି । ଭିନ୍ନ ସଂପ୍ରଦାୟର ନାରୀମାନଙ୍କ କଥା ନ କହିଲେ ଆହୁରି ଭଲ । ସେମାନେ ତ କେବଳ ପଶୁପକ୍ଷୀ ନୁହଁ, ମାଟିଗୋଡ଼ି ଭଳି ବ୍ୟବହୃତ ହୁଅନ୍ତି । ନୋବେଲ ବିଜେତା ଔପନ୍ୟାସିକ Orhan Pamuk ଙ୍କର ଉପନ୍ୟାସ 'SNOW' ଏବଂ ଖାଲେଦ ହୋସିନିଙ୍କ ଉପନ୍ୟାସ 'A Splendid Thousand Suns' ପୁସ୍ତକ ପାଠକଲେ ଭୟ ଓ ଯନ୍ତ୍ରଣାରେ ତଥା ଅମାନୁଷିକତାରେ ଦେହ ମନ ଓ ପ୍ରାଣ ଶିହରି ଉଠେ ।

ସମାଜ ଓ ପରିବାରର ଚିନ୍ତାଧାରା :

ସମାଜ ଓ ପରିବାରର ଚତୁରତାକୁ ବିଚାରକୁ ନିଆଯାଉ । ବଙ୍ଗଳାରେ ପ୍ରବାଦଟିଏ ଅଛି "ନାରୀର ଯଶ ତାହାର ଚିତାଗ୍ନିର ଧୂଆଁ ସହିତ ବ୍ୟାପିଯାଏ ।" ଅର୍ଥାତ୍ ତା'ର ମୃତ୍ୟୁ ପରେ ଯାହାକିଛି ତା'ର ପରିଚୟ । ପୁଣି ସବାରି ଚଢ଼ି ବୋହୂଟିଏ ଥରେ ଶାଶୂଘର ଆସିବ ଯେ, ପୁଣି ୨ୟ ବାର କୋକେଇ ଚଢ଼ି ଶ୍ମଶାନ ଯିବ । ରାସ୍ତାକୁ ଆସିବା ମନା । ୧୯୨୨-୨୪ ମସିହା ବେଳକୁ ଓଡ଼ିଶାରେ ମଧ୍ୟ ନାରୀମାନଙ୍କ ଅବସ୍ଥା ଶୋଚନୀୟ ଥିଲା । ଏପରିକି ବଡ଼ଘରର ଝିଅ, ବଡ଼ଘରର ବୋହୂ ସରଳାଦେବୀ ଘୋଡ଼ାଗାଡ଼ିରେ ଥୁଆ ସବାରିରେ ବସି ବାହାରକୁ କଦବା କ୍ୱଚିତ ଯାଆଆସ କରୁଥିଲେ । ସେଥିଲେ ଜଣେ ବିପ୍ଳବିଣୀ ମହିଳା । ସେ ପର୍ଯ୍ୟନ୍ତ ତାଙ୍କ ବିପ୍ଳବୀ ବ୍ୟକ୍ତିତ୍ୱ ବାହାରଜଗତରେ ପ୍ରକଟିତ ନ ହୋଇଥିଲେ ବି ତାଙ୍କ ଭିତରେ ନାରୀସ୍ଥିତିପ୍ରତି ପ୍ରତିବାଦର ସ୍ୱର ମୁଣ୍ଡଟେକି ଆସୁଥିଲା । କଟକର ନିଛାଟିଆ ରାସ୍ତାରେ ଜଣେ ନାରୀ (ଫ୍ରିଡ଼ାଦାସ) ଙ୍କ ସହ ଅଧକିଲୋମିଟରରୁ କମ୍ ବାଟ ସେ ଚାଲିକି ଯାଇଥିଲେ, କାରଣ ସେତେବେଳକୁ ମୁହଁସଞ୍ଜ ହୋଇଯାଇଥିଲା ଓ ଫ୍ରିଡ଼ା ତାଙ୍କୁ ଚାଲିବାକୁ ଡାକିଥିଲେ । ଫ୍ରିଡ଼ା (ଗଡ଼ଜାତ ଗାନ୍ଧୀ ୰ ସାରଙ୍ଗଧର ଦାସଙ୍କ ବିଦେଶୀ ପତ୍ନୀ) ଏକଥା ଲେଖିଛନ୍ତି । "ସରଳା ବହୁ ଆନନ୍ଦରେ ମୁକ୍ତିର ପୁଲକରେ ମୁଣ୍ଡରୁ ଓଢ଼ଣା କାଢ଼ି ୨ହାତ ହଲାଇ ହଲାଇ ସେତକ ପଥ ଅତିକ୍ରମକଲେ । ବାଟରେ ଜଣେ ଦି'ଜଣ ପଥଚାରୀଙ୍କୁ ଦେଖି ସଂକୁଚିତ ହୋଇପଡ଼ିବା ମୁଁ ଲକ୍ଷ୍ୟକଲି । (A Marriage to India" Writer- ଫ୍ରିଡ଼ା ହାଉସ୍ ୱିର୍ଥ ଶ୍ରୀମତୀ ସାରଙ୍ଗ

Digitized by PPRACHIN, SOA

ଧର ଦାସଙ୍କ ରଚନାର ଓଡ଼ିଆ ପ୍ରରୂପ) । ସଂଧ୍ୟାବେଳେ ବିବାହିତା ୨ନାରୀମଧ୍ୟରୁ ଜଣେ ଓଡ଼ିଆଣୀ ମୁଣ୍ଡରୁ ଲୁଗାକାଢ଼ି ୧୫ ମିନିଟ୍ ସହରୀ ରାସ୍ତାରେ ଚାଲିବା କଥା ମାତ୍ର ! ଏଥିରୁ ଜଣାଯାଏ ଏହା କିଭଳି ଗର୍ହିତ ଥିଲା ସେତେବେଳେ । ପଞ୍ଜାବରେ ଗୋଟିଏ ପ୍ରବାଦ ପ୍ରଚଳିତ ତାହା ଏହିପରି "ପୁତାର, ଔରତ୍ ଦା ଆର୍ ତନ୍ ଭରତି ବାଣ୍ଡି ଆଇ, ହମେଶା ଭାନ୍‌ଭେ ଅପନେ ହୋଁ / ଭାନ୍‌ଭେ ପରାୟେ" (My child, what of a woman? It is her lot to be used, either by her own men or by other,") ଏବେ ଦିଲ୍ଲୀରେ "ଯୌତୁକ ଜୁଇ"ର ଏକ ବାସ୍ତବତା ଦେଖାଯାଉ । ଗୋଟେ ମଧ୍ୟବିତ୍ତ ପରିବାରର ବୋହୂକୁ ବିଭାଘରର ୩/୪ ବର୍ଷପରେ ପେଟ୍ରୋଲରେ ନିଆଁ ଲଗାଯାଇ ମାରିଦିଆଗଲା । ଏହା ତାର ପଡ଼ୋଶୀ ପରିବାର ବି ଜାଣିବାକୁ ପାଇଥିଲେ । ମାତ୍ର ଘଟଣାଟା ଆତ୍ମହତ୍ୟା ରୂପନେଲା । ଏତିକିବେଳେ Women activist ମାନେ ଝିଅଟିର ବାପଘରେ ପହଞ୍ଚିଲେ । ସେମାନେ ଶୁଣିଲେ, ଝିଅଟିକୁ ମାରିଦିଆଯାଇଛି । ବିବାହବେଳେ ଦାବି ମୁତାବକ ଯୌତୁକ ଦେଇଥିଲେ ବି ଶାଶୂଘର ପ୍ରତିବର୍ଷ ଅଧିକ ଟଙ୍କା ଆଣିବାକୁ ଝିଅକୁ ବାପଘରକୁ ପଠାନ୍ତି । ପ୍ରାୟ ୩ କିସ୍ତିରେ ବାପ ୧/୨ ଲକ୍ଷ ଟଙ୍କା କରି (ସମୁଦାୟ ୫ଲକ୍ଷ) ଦେଇ ଝିଅଟିକୁ ଶାଶୂଘରେ ଛାଡ଼ିଦିଅନ୍ତି । activistମାନେ କହିଲେ, "ଥରକୁ ଥର ଏତେ ଟଙ୍କା ଦେଲେ, ସେଇଥିରେ ତ ଝିଅଟି ପାଇଁ କିଛି ବ୍ୟବସ୍ଥା କରିଥାନ୍ତେ, ସେ ଅନ୍ତତଃ ଆପଣଙ୍କ ଘରେ ରହି ନିଜ ପେଟ ପୋଷିପାରି ଥାଆନ୍ତା ।" ବାପ ମା' କହିଲେ, "ଆମେ ଭାବିଲୁ, ୨/୩ଥର ଏମିତି ହେଲାସିନା, ସବୁଦିନେ ତ ଏମିତି ହେବନାହିଁ । ଶାଶୂଘର ବୁଝିଯିବେ । ଆମେ କ'ଣ ଜାଣିଥିଲୁ ପରିଣତି-ଏମିତି ହେବ ! ତା' ପରେ ବି ବଡ଼ଝିଅକୁ ଘରକୁ ଆଣି ରଖିଦେଇଥିଲେ, ତା ବିବାହଯୋଗ୍ୟା ସାନଭଉଣୀ ପାଇଁ ବରଘର ମିଳିବାରେ ଅସୁବିଧା ହୋଇଥାଆନ୍ତା ।" ଏଥିରୁ ନାରୀମାନଙ୍କ ବାସ୍ତବ ସ୍ଥିତି କେତେ ଅସୁରକ୍ଷିତ, ତାହା ବୁଝିହୋଇଯାଏ ।

ନୂତନ ନାରୀତ୍ୱ :

ଏସବୁ ଅବିଚାର ଏଯାବତ୍ ବଳବତ୍ତର ଥିଲେ ମଧ୍ୟ ନୂତନ ନାରୀତ୍ୱର ପରିଚୟ ମିଳିଲାଣି । ବିଂଶ ଶତକର ଶେଷ ଦଶକ ଓ ଏକବିଂଶ ଶତକର ପ୍ରାରମ୍ଭ କାଳକୁ ନୂତନ ନାରୀ ମଥା ଉତ୍ତୋଳନ କଲାଣି । ନିଜର ସ୍ୱାଧିକାର ଓ ବ୍ୟକ୍ତିତ୍ୱ ସଂପର୍କରେ ସେ ସଚେତନ ହେଲାଣି । ନିଜ ପ୍ରତି ସଂଘଟିତ ନିଷ୍ଠୁରତାର ପ୍ରତିବାଦ କଲାଣି । ନିଜ ବ୍ୟକ୍ତିତ୍ୱକୁ ଗୌଣତାରୁ ମୁକ୍ତ କରିବା ଓ ପୁରୁଷ ସହ ସମାନ ଅଧିକାର ପ୍ରାପ୍ତ ହେବା ନିମିତ୍ତ ସେ ଉଦ୍ୟମରତ । ଶିକ୍ଷାମୂଳକ ଓ ବୃତ୍ତିମୂଳକ ପ୍ରତିଯୋଗିତାରେ

Digitized by PPRACHIN, SOA

ସେ ଖୁବ୍ ଆଗରେ ଏବଂ ସ୍ଥଳବିଶେଷରେ ପୁରୁଷଠାରୁ ଅଧିକ ଶ୍ରେୟତା ଲାଭ କରିପାରିଛି । ଚିରାଚରିତ ଜୀବନ ନିର୍ବାହର ରୀତିକୁ ଆଜିର ନୂତନ ନାରୀ ଯେ ମାନିନେବାକୁ ପ୍ରସ୍ତୁତ ନୁହେଁ-ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ନୀରବରେ ଭାଗ୍ୟକୁ ଆଦରି ନେବାକୁ ସେ ରାଜି ନୁହେଁ । ତା' ଅନ୍ତରର ଅଭୀପ୍‌ସାକୁ ସାକାର କରିବାକୁ ସେ କ୍ରିୟାଶୀଳ ରହୁଛି । ଏଥିରେ ସେ ପରିବାରର ଚକ୍ଷୁଶୂଳ ହେଉଛି ଓ ତାକୁ କୁହାଯାଉଛି ସେ 'ଉଚ୍ଚାକାଂକ୍ଷୀ' । କାରଣ ତାର ଉଚ୍ଚାକାଂକ୍ଷା ପରିବାର ଓ ସମାଜରେ ସ୍ୱୀକୃତ ହେଉନାହିଁ । ସମାଜ ଓ ପରିବାର ତା' ପାଇଁ ବହୁକାଳରୁ ନିର୍ଦ୍ଦିଷ୍ଟ କରିଥିବା ବାଟରେ ଅନ୍ଧଭାବେ ଚାଲିଯିବାକୁ ସେ ଚାହେଁ ନାହିଁ । ବିବାହ, ପିଲାଜନ୍ମ ଓ ମରିବାଯାଏଁ ଗଧଖଟଣି ତା' ଜୀବନର ଏକମାତ୍ର ଲକ୍ଷ୍ୟନୁହେଁ । "ଅବଳାଦୁର୍ବଳା" କଥାଟିକୁ ସେ ଅସ୍ୱୀକାର କରେ, ଘୃଣାକରେ । ତା'ର ଆବେଗ ଅଛି, ଅନୁଭବ ଅଛି, ଅଛି ନିଜସ୍ୱ ଆଦର୍ଶ ଓ ଉପଯୁକ୍ତ ନିର୍ଣ୍ଣୟ ନେବାର ସାମର୍ଥ୍ୟ । ବିଂଶ ଶତାବ୍ଦୀର ବିଷମ ତଥା ଅପ୍ରସ୍ତୁତ ସମାଜ ବ୍ୟବସ୍ଥାରେ, ତଥାପି ଯେଉଁ ମହିଳାଗଣ ଓଡ଼ିଶାରେ ନିଜର ବିଶିଷ୍ଟତା ପ୍ରତିପାଦନ କରିଥିଲେ ଯଥା ରମାଦେବୀ, ସରଳାଦେବୀ, କୁନ୍ତଳାକୁମାରୀ, ନନ୍ଦିନୀ ଶତପଥୀ, ସଂଯୁକ୍ତା ପାଣିଗ୍ରାହୀ ଓ ଭାରତୀୟ ପରିପ୍ରେକ୍ଷିରେ ଅନ୍ତତଃ ସାହିତ୍ୟ ଜଗତରେ ନିଜ ନାମକୁ ଅମ୍ଳାନ ରଖିଛନ୍ତି ସେମାନେ ନିର୍ମଳପ୍ରଭା ବର୍ଦ୍ଦୋଲାଇ, ଦିଲୀପ କୌର ଡ଼ିୱାନା, ସୁଭଦ୍ରା କୁମାରୀ ଚୌହାନ, ମହାଦେବୀ ବର୍ମା, ଅମୃତା ପ୍ରୀତିମ୍, ସୁଗତା କୁମାରୀ, ଆଶାପର୍ଣ୍ଣା ଦେବୀ, ମହାଶ୍ୱେତା ଦେବୀ, ପୂର୍ବକାଳରେ ଆକ୍କା ମହାଦେବୀ, ଥିରୁମଲାମ୍ମା, ଲଳିତାମ୍ବିକା ଅନ୍ତର୍ଜନମ, ଇତ୍ୟାଦି ଏମାନେ ବର୍ତ୍ତମାନ ସମୟର ନାରୀମାନଙ୍କ ସାରସ୍ୱତ ସୃଷ୍ଟି ଓ ସମାଜସେବାରେ ଆଦର୍ଶ ଓ ଆଲୋକ ବର୍ତ୍ତିକା ସଦୃଶ ରହିଛନ୍ତି । ସେମାନଙ୍କ ପରବର୍ତ୍ତୀ ସମୟ ନାରୀମାନଙ୍କ ପାଇଁ ନିଶ୍ଚିତ ଭାବେ କିଛିଟା ସହଜ ଓ ଉତ୍ସାହପଦ ହୋଇଅଛି, ହୁଏତ ଯାହା ଆଶା କରାଯାଇଥିଲା, ତାହା ହୋଇ ପାରିନାହିଁ । ନୂତନ ନାରୀତ୍ୱର ଏହି ବିକାଶ ପଥରେ ବିଭିନ୍ନ ବାଧା, ପ୍ରତିବନ୍ଧକର ସାମ୍ନାକରି ସମର୍ଥ ଓ କୁଶଳୀ ନାରୀଗଣ ଆଗେଇ ଚାଲିଛନ୍ତି । କିନ୍ତୁ ପରିବାର ଓ ସମାଜର ପାରମ୍ପରିକ ଅନ୍ଧବିଶ୍ୱାସ, ସଂକୀର୍ଣ୍ଣତା ଯଦି କୋହଳ ହୋଇଯାଆନ୍ତା, ସେମାନେ ମୁକ୍ତମନରେ, ଉଦାରତାର ବଶବର୍ତ୍ତୀ ହୋଇ ନାରୀ ଅସ୍ତିତ୍ୱକୁ ଯଥାଯୁକ୍ତ ଆତ୍ମୀୟତା ସହ ଗ୍ରହଣ କରନ୍ତେ, ତେବେ ନୂତନ ନାରୀତ୍ୱର ବିକାଶ ସମ୍ଭବପର ହୁଅନ୍ତା । ମନେହେଉଛି, ଏହି ସଂଭାବନା ଖୁବ୍ ଦୂରବର୍ତ୍ତୀ ହୋଇନପାରେ ।

•

Digitized by PPRACHIN, SOA

କବି ଡକ୍ଟର ପ୍ରତିଭା ଶତପଥୀଙ୍କ କୃତି ଓ କୃତିତ୍ୱ

କୃତି

କାବ୍ୟ କବିତା :

- ଅସ୍ତ ଜହ୍ନର ଏଲିଜି (୧୯୬୯)
- ଗ୍ରସ୍ତ ସମୟ (୧୯୭୪)
- ସାହାଡ଼ା ସୁନ୍ଦରୀ (୧୯୭୮)
- ନିୟତ ବସୁଧା (୧୯୮୦)
- ନିମିଷେ ଅକ୍ଷର (୧୯୮୫)- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ସଂକଳନ (୧୯୮୬) ।
- ମହାମେଘ (୧୯୮୮)
- ଶବରୀ (୧୯୯୧, ୨୦୧୫) ଇମ୍ପା ଶିଳ୍ପଗୋଷ୍ଠୀ ପ୍ରଦତ୍ତ ଶାରଳା ପୁରସ୍କାର ପ୍ରାପ୍ତ, (୧୯୯୨) ।
- ତନ୍ମୟ ଧୂଳି (୧୯୯୬)-କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, (୨୦୦୧) ।
- ଅଧା ଅଧା ନକ୍ଷତ୍ର (୨୦୦୧)-କର୍ଣ୍ଣାଟକର ଏନ୍.ଏନ୍. ଥିରୁମଲାମ୍ବା ଜାତୀୟ ପୁରସ୍କାର ପ୍ରାପ୍ତ, (୨୦୦୧) ।
- କହି ନ ହେଲେ (୨୦୦୬)
- ତୁମ ପାଇଁ ଥରେ, ସବୁଥର...(୨୦୧୧)

ନିବନ୍ଧ/ ପ୍ରବନ୍ଧ/ ରମ୍ୟଗଳ୍ପ/ ଭ୍ରମଣ କାହାଣୀ/ ଜୀବନୀ/ ଆତ୍ମ ଜୀବନୀ ସମାଲୋଚନା:

- କଳ୍ପନାର ଅଭିଷେକ (୧୯୮୦, ୧୯୯୮)
- ସ୍ପନ୍ଦନର ଭୂମି (୧୯୯୩)
- ପ୍ରତିଫଳନ (୧୯୯୩)
- ଉତ୍ତର ଆଧୁନିକ ଓଡ଼ିଆ କବିତା ଓ ଅନ୍ୟାନ୍ୟ ପ୍ରବନ୍ଧ (୧୯୯୯, ୨୦୦୬) ଭାରତୀୟ ସମାଲୋଚନା ମଣ୍ଡଳୀ ପୁରସ୍କାର ପ୍ରାପ୍ତ)
- ଭାରତ ମାତାର ଲୁହ (୨୦୦୨)
- ବର୍ଣ୍ଣିଳ ଭୋଗପୁର...(୨୦୦୪)
- ସ୍ୱର୍ଗତା ସରଳାଦେବୀଙ୍କ ଜୀବନୀ (୨୦୦୮) ଏନ୍.ବି.ଟି. ଦ୍ୱାରା ପ୍ରକାଶିତ ।
- ଶୈଶବରୁ ସଂସାର (ଆତ୍ମକଥା) (୨୦୦୮, ୨୦୧୫)
- ନାରୀ ଅସ୍ତିତ୍ୱର ବାସ୍ତବତା: ବିବର୍ତ୍ତିତ ଓଡ଼ିଆ କବିତା (୨୦୦୯)
- କବିତାର ଉଦ୍ଭାସନ ଓ ନବ୍ୟାଲୋଚନା (୨୦୧୫)

Digitized by PPRACHIN, SOA

ଅନୁବାଦ:

- ଅରଣା ସ୍ୱପ୍ନର ରାତି (ନୋବେଲ ପ୍ରାପ୍ତ ପର୍ଲବକ୍‌ଙ୍କ ଉପନ୍ୟାସ)
- ପ୍ରେମର ଗାବନୀଶ୍ରୀ ଫଲ୍‌ଗୁ (ନୋବେଲ ପ୍ରାପ୍ତ ଆଇଜାକ୍ ସିଂଗରଙ୍କ ଉପନ୍ୟାସ)
- ସାହସର ଶିଖା (ଚିଂଘିଜ୍ ଆଇତ୍‌ମାତଭଙ୍କ ଉପନ୍ୟାସ)
- ନଗର ମନ୍ଥନ (ଡ଼ୋଗ୍ରୀ ଉପନ୍ୟାସ, 'ସାରଥୀ'ଙ୍କର) କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ।
- କହ୍ଲଣ ଚରିତ (କାଶ୍ମୀର ମନୋଗ୍ରାଫ୍) କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ
- ସୁବ୍ରମଣ୍ୟ ଭାରତୀ (ଏନ୍.ବି.ଟି. ଆନୁକୂଲ୍ୟରେ)
- ଭିନ୍ନ ଦେଶୀର ମୁହଁ (କବିତା ସଂକଳନ-ଲାଟ୍ ଭିଆନ୍ କବିତା) କବି- ମରିସ୍ ଚାକ୍‌ଲୀଇ, ପ୍ରକାଶକ-ଲେଖକ ସମବାୟ ସମିତି ।
- ରୁଚିପୂର୍ଣ୍ଣ, ଅଭିନବ କବିତା ପତ୍ରିକା 'ଉଦ୍‌ଭାସ'ର ୨୦୦୩ ଠାରୁ ନିୟମିତ ସଂପାଦନା ।

କୃତିତ୍ୱ

- ପ୍ରଜାତନ୍ତ୍ର ଯୁବ କବି ପୁରସ୍କାର (୧୯୬୨)
- ବିଷୁବ କବିତା ପୁରସ୍କାର (୧୯୮୧)
- ରାଜ୍ୟ ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୮୬)
- ଇମ୍ପା ଶିଳ୍ପଗୋଷ୍ଠୀ ପ୍ରଦତ୍ତ ଶାରଳା ପୁରସ୍କାର (୧୯୯୧)
- କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର (୨୦୦୧)
- କର୍ଣ୍ଣାଟକର ଏନ୍.ଏନ୍. ଥିରୁମଲାମ୍ମା ପୁରସ୍କାର (୨୦୦୧)
- କ୍ରିଟିକ୍ ସର୍କଲ ଇଣ୍ଡିଆ ପୁରସ୍କାର (୧୯୯୬)
- S.B.I. କବିତା ପୁରସ୍କାର
- SAIL କବିତା ପୁରସ୍କାର
- J.K. Paper କବିତା ପୁରସ୍କାର
- ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର
- କବି ସୁଭଦ୍ରା କୁମାରୀ ଚୌହାନ କବିତା ସମ୍ମାନ (୨୦୦୭) (ଜାତୀୟ ହିନ୍ଦୀ, ଏକାଡ଼େମୀ, କଲିକତା ଓ H.R.D. ବିଭାଗ ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ)
- ଉତ୍କଳ ସୂର୍ଯ୍ୟ ସମ୍ମାନ-ଏ.ଆର୍.ଏଫ୍ ତରଫରୁ (୨୦୦୮)
- କବି ସଚ୍ଚି ରାଉତରାୟ କବିତା ସମ୍ମାନ ୨୦୦୮-ଖୋର୍ଦ୍ଧା ଲୋକଉତ୍ସବ ତରଫରୁ
- ସାହିତ୍ୟ ପୃଥିବୀ ପୁରସ୍କାର (୨୦୧୧)
- ଗଙ୍ଗାଧର ରଥ ଫାଉଣ୍ଡେସନ୍ ସାହିତ୍ୟ ଭାରତୀ ପୁରସ୍କାର (୨୦୧୪)
- କବି ସଚ୍ଚି ରାଉତରା କବିତା ସମ୍ମାନ, ଭୁବନେଶ୍ୱର ପୁସ୍ତକ ମେଳା (୨୦୧୫)
- ବହୁ ସାରସ୍ୱତ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ।

Digitized by PPRACHIN, SOA

ଇଂରାଜୀ ଓ ଭାରତୀୟ ଭାଷାରେ ପ୍ରକାଶିତ କବିତା ଗ୍ରନ୍ଥ :

☞ ସମୟ ନହିଁ ହେି: ଚୁନୀହୁଇ କବିତାଏଁ-ଅନୁବାଦ: ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା (୧୯୯୪) ରାଧାକୃଷ୍ଣ ପ୍ରକାଶନ, ନୂଆଦିଲ୍ଲୀ ।

☞ ଶବରୀ, ଅନୁବାଦ: ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା (୧୯୯୬) ବାଣୀ ପ୍ରକାଶନ, ନୂଆଦିଲ୍ଲୀ, (୨୦୧୫) ବିଶ୍ୱମୁକ୍ତି ପ୍ରକାଶନ ।

☞ ଅଧା ଅଧା ନକ୍ଷତ୍ର-ଅନୁବାଦ: ଡଃ. ରାଜେନ୍ଦ୍ର ପ୍ରସାଦ ମିଶ୍ର, (୨୦୦୨), ମେଧାବୁକ୍ସ, ନୂଆଦିଲ୍ଲୀ

☞ ତନ୍ମୟ ଧୂଳି-ଅନୁବାଦ: ଡଃ. ରାଜେନ୍ଦ୍ର ପ୍ରସାଦ ମିଶ୍ର, (୨୦୦୪), କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ, ପ୍ରକାଶନ ।

☞ A Time of Rising : Translation Poet Padmashri Jayanta Mohapatra, Publisher: Har-Ananda Publication, New Delhi

☞ Enchanted Dust: Translation: R.P. Samal, Central Sahitya Academy, New Delhi.

☞ If left Unsaid and other Poems-2010, Ms.C.N. Swamy. Rtd I.A.S. Grass roots publication, Bhubaneswar.

☞ Dhoor Kamni (Punjab): Translation: Dr. Vanita, Central Sahitya Academy, New Delhi.

☞ Magan Dhuli (Rajsthani) : Translation: Sri Atul Kumar Snarma, Central Sahitya Academy, New Delhi.

☞ Tanmaya Dhulee (Telugu) Tanslation : Prof. N. Gopi, Central Sahitya Academy, New Delhi.

☞ Vasikk arikkum Dhoosi (Tamil):- Tr. by Mrs. Madhumita, Central Sahitya Academy, New Delhi.

☞ Masmara Dhuli (Malayalam): 2012)-Trans. Attor R.Verma. Publication Sahitya Akademi, Chennai.

☞ Tumhareliye Harbar:Trans. Dr R.P. Mishra Publication Vani Prakashan (2015) New Delhi.

☞ ବଙ୍ଗଳା, ମରାଠି, ଗୁଜୁରାଟୀ, କୋଂକଣୀ ଭାଷାମାନଙ୍କରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ଅନୂଦିତ ହୋଇ "ତନ୍ମୟ ଧୂଳି" ପ୍ରକାଶିତ । ସମୁଦାୟ ୧୨ ଗୋଟି ଭାରତୀୟ ଭାଷାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ।

☞ ବଙ୍ଗଳା ଅନୁବାଦ 'ତନ୍ମୟଧୂଳି' ଡଃ ମୃଦୁଳା ମିଶ୍ର ଓ ଡଃ ସିପ୍ରା ରାୟଙ୍କ ଦ୍ୱାରା-ପ୍ରକାଶନ, ସା.ଏ, କଲିକତା

☞ ଗୁଜୁରାଟୀ-ଅନୁବାଦ ଡଃ ରେଣୁକା. ଏସ୍. ସୋନି, ପ୍ରକାଶକ, ବମ୍ବେ ।

☞ ମରାଠି- ଅନୁବାଦ ରାଧା ଯୋଗଲେ କର, ପ୍ରକାଶକ, ବମ୍ବେ ।

☞ କୋଂକଣୀ- ଅନୁବାଦ ନୂତନ ସବରଖଣ୍ଡେ-ପ୍ରକାଶକ, ବମ୍ବେ ।

●

Digitized by PPRACHIN, SOA

ଡକ୍ଟର ପ୍ରତିଭା ଶତପଥୀ

ଜାତୀୟସ୍ତରରେ ଯଶସ୍ୱିନୀ କବି ପ୍ରତିଭା ଶତପଥୀଙ୍କ କାବ୍ୟିକସିଦ୍ଧି ଅପରିସୀମ । କାବ୍ୟ କବିତା ବ୍ୟତୀତ ତାଙ୍କ ଗଦ୍ୟଶୈଳୀ ମଧ୍ୟ ସାବଲୀଳ ଓ ଭାବାର୍ଥବ୍ୟଞ୍ଜକ । ଜାତୀୟ, ଆନ୍ତର୍ଜାତୀୟସ୍ତରର ପୁସ୍ତକମାନଙ୍କ ଅନୁବାଦସହ, ସେ କବିତା ସଂପର୍କୀୟ କେତେକ ଉପାଦେୟ ଆଲୋଚନା ଗ୍ରନ୍ଥ ପ୍ରଣୟନ କରିଛନ୍ତି । ଏତଦ୍ ବ୍ୟତୀତ ତାଙ୍କ ରଚିତ ୩ଟି ଫିଚର ଗଳ୍ପ ପୁସ୍ତକ ପାଠକୀୟ ପ୍ରିୟତା ଲାଭ କରିଛନ୍ତି । 'ଗଦ୍ୟଂ କବିନାଂ ନିକଷଂ ବଦନ୍ତି' ଏହା ତାଙ୍କଠାରେ ପ୍ରମାଣିତ ହୋଇପାରିଛି । ନାରୀଜୀବନର ଗଭୀର ଅନ୍ତର୍ବେଦନା ତଥା ସାହସିକତାକୁ ପ୍ରକଟ କରିବାରେ ସେ ଅନନ୍ୟା । ଏହି ଗ୍ରନ୍ଥଟିରେ କିଛି ସତ୍ୟଘଟଣାକୁ ଆପଣାର ତୀବ୍ର ସଂବେଦନର ସଂଯୋଗରେ ସେ କାହାଣୀଧର୍ମୀ କରିପାରିଛନ୍ତି । ସତ୍ୟ, ଗଳ୍ପ ଓ ଆନ୍ତରିକତାର ଏକ ରାସାୟନିକ ମିଶ୍ରଣରେ ପୁସ୍ତକଟି ଅଭିବ୍ୟଞ୍ଜିତ ।

ତେଣୁ ଏହି 'ନାରୀଜନ୍ମ' ପୁସ୍ତକଟି ପାଠକ ମହଲରେ ସମାଦର ଲାଭ କରିବ ଓ ପାଠକଙ୍କ ଅନ୍ତରଂଗତା ପ୍ରାପ୍ତ ହେବ ବୋଲି ଆଶା କରାଯାଏ ।

- ପ୍ରକାଶକ

ମନୋରମା ପବ୍ଲିଶର୍ସ

Digitized by PPRACHIN, SOA